# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 5/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 130 | ମୂଲ୍ୟ ₹୭/-





**'ଖତ୍‌ରୋଁ କା ଖିଲାଡି ୧୫': ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା**

ଷ୍ଟଣ୍ଟ୍ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌ରେ ଅଭିନେତ୍ରୀ ମଲ୍ଲିକା ଶେରାୱତଙ୍କୁ ଦେଖିବାକୁ ମିଳିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। **୧୨**

**୧୪** **ପାଣ୍ଡ୍ୟାଙ୍କୁ ୫ଉଇକେଟ ସଫଳତା**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।









## ଓଡ଼ିଶାରେ ୧୧ରୁ 'ଆୟୁଷ୍ମାନ'

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**

ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଆୟୁଷ୍ମାନ୍-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ମନମୋହନ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର କହିଛନ୍ତି, ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚିବେ। ୧୧ ତାରିଖରେ ଆୟୁଷ୍ମାନ୍ ☞ପୃଷ୍ଠା-୪



କୋଲକାତାରେ ଶୁକ୍ରବାର ୱାକ୍‌ଫ ସଂଶୋଧନ ବିଲ୍ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୱାକ୍‌ଫ ବିଲ୍‌କୁ ଜୋରଦାର ବିରୋଧ

- **କୋଲକାତା, ଚେନ୍ନାଇ, ଅହମଦାବାଦରେ ବିକ୍ଷୋଭ**
- **ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ**

**କୋଲକାତା/ ଚେନ୍ନାଇ/ ନୂଆଦିଲ୍ଲୀ, ୪।୪**


ପାର୍ଲାମେଣ୍ଟରେ ବହୁଚର୍ଚ୍ଚିତ ୱାକ୍‌ଫ ବିଲ୍ ଗୃହୀତ ହେବା ପରେ ଏହାର ପ୍ରତିବାଦରେ କୋଲକାତା, ଚେନ୍ନାଇ ଏବଂ ଅହମଦାବାଦରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ମୁସଲମାନ ସମ୍ପ୍ରଦାୟର ନମାଜ ପାଠ ପରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ବହୁସଂଖ୍ୟାରେ ଲୋକେ ଜାତୀୟ ପତାକା ଧରି ସାଧାରଣ ସଭା ସ୍ଥଳରେ ଏକାଠି ହେବା ସହ ଆମେ ୱାକ୍‌ଫ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରୁଛୁ ଏବଂ ଏହି ବିଲ୍‌କୁ ବାତିଲ କରାଯାଉ ବୋଲି ଦାବି କରିଥିଲେ। ୱାକ୍‌ଫ ସୁରକ୍ଷା ମିଳିତ ଫୋରମ୍ ପକ୍ଷରୁ ଅଧିକାଂଶ ବିକ୍ଷୋଭର ଆୟୋଜନ କରାଯାଇଥିଲା। ସେହିପରି ଅହମଦାବାଦରେ ବହୁସଂଖ୍ୟାରେ ଲୋକେ ବିକ୍ଷୋଭରେ ସାମିଲ ହୋଇଥିବାବେଳେ ପୋଲିସ ବଳପୂର୍ବକ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଚେନ୍ନାଇରେ ମଧ୍ୟ ଅନୁରୂପ ☞ପୃଷ୍ଠା-୪

# ଅଭିନେତା ମନୋଜ କୁମାରଙ୍କ ପରଲୋକ

**ମୁମ୍ବାଇ, ୪।୪**

ହିନ୍ଦୀ ସିନେମା ଜଗତର ବର୍ଷିଆନ ଅଭିନେତା ମନୋଜ କୁମାରଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଶୁକ୍ରବାର ଭୋର୍ ୩ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଗତ କିଛିମାସ ଧରି ଡିକମ୍ପେନସେଟେଡ୍ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଗିଡ଼ିବାରୁ ତାଙ୍କୁ ଗତ ଫେବୃଆରୀ ୨୧ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ମୁମ୍ବାଇ ଜୁହୁସ୍ଥିତ ତାଙ୍କ ବାସଭବନକୁ ଯାଇ ମନୋଜଙ୍କ ଶେଷଦର୍ଶନ କରିଛନ୍ତି। ଶନିବାର ସକାଳେ ଜୁହୁସ୍ଥିତ ହଂସ ଶ୍ମଶାନରେ ମନୋଜଙ୍କ ଅନ୍ତିମ ସଂସ୍କାର କରାଯିବ।

୧୯୩୭ ଜୁଲାଇ ୨୪ରେ ବ୍ରିଟିଶ୍ ରାଜ୍ ଚାଲିଥିବାବେଳେ ମନୋଜ ବର୍ତ୍ତମାନର ପାକିସ୍ତାନର ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ତାଙ୍କର ମୂଳ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ଥିଲା। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମ ସେ ଦେଇଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ୧୯୬୭ରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧ ଚଳଚ୍ଚିତ୍ର 'ଉପକାର'ରେ ମନୋଜଙ୍କ ଭାରତ କୁମାର ଚରିତ୍ର ଘରେ ଘରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ମନୋଜ ଅନେକ ପ୍ରତିଷ୍ଠିତ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କ ନାମରେ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ଏବଂ ଭିନ୍ନ ଭିନ୍ନ ଶ୍ରେଣୀରେ ୭ଟି ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ରହିଛି। ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ମନୋଜଙ୍କ ଅବଦାନକୁ ଦୃଷ୍ଟିରେ ରଖି ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୫ରେ ସେ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ମନୋଜଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ସେ ପିଢ଼ି ପରେ ପିଢ଼ି ଧରି କଳାକାରମାନଙ୍କ ପାଇଁ ପ୍ରେରଣା ହୋଇ ରହିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମନୋଜଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକର ପ୍ରଭାବ ଆଜିବି ଲୋକଙ୍କ ହୃଦୟରେ ରହିଛି।



# ଜାତି ଗଲା, ପେଟ ପୂରିଲାନି

## ବିଜେଡିର ବିଭାଜିତ ଆଭିମୁଖ୍ୟ, କଂଗ୍ରେସ କହିଲା ଡିଲ୍ ହୋଇଛି

**ସଂସଦରେ ଗୁରୁବାର ବିଳମ୍ବିତ ରାତିରେ ମଞ୍ଜୁରୀ ଲାଭ କରିଥିବା କେନ୍ଦ୍ରର ୱାକ୍‌ଫ ସଂଶୋଧନ ବିଲ୍, ୨୦୨୫ ଉପରେ ବିଜେଡିର ବିଭାଜିତ ଆଭିମୁଖ୍ୟକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ରାଜ୍ୟ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଦସ୍ୟଙ୍କ ସଂଖ୍ୟା ୧୧୭ ଥିବାବେଳେ ଏହି ବିବାଦୀୟ ବିଲ୍‌କୁ ପାରିତ କରାଇବା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା। କିନ୍ତୁ ଶେଷରେ ୱାକ୍‌ଫ ବିଧେୟକ ସପକ୍ଷରେ ୧୨୮ ଓ ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିଜେଡି ଭଳି ଅଣଏନ୍‌ଡିଏ ଏବଂ ଅଣଇଣ୍ଡିଆ ଦଳଗୁଡ଼ିକର କେତେଜଣ ସଦସ୍ୟଙ୍କ ଭିତିରି ସମର୍ଥନ ଯୋଗୁ ବିଲ୍ ପାରିତ ହୋଇଥିବା ଚର୍ଚ୍ଚା ହେଉଛି। ବିଜେଡିରେ ଆହୁରି ଆଲୋଚନା ହେଉଛି ଯେ, ଉକ୍ତ ବିଲ୍ ବିରୋଧରେ ରାଜ୍ୟ ସଭାରେ ଭୋଟ ଦେବା ପାଇଁ ପୂର୍ବରୁ ଦଳର ସଭାପତି ନବୀନ ପଟ୍ଟନାୟକ ୭ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ମୁଜିବୁଲ୍ଲା (ମୁନ୍ନା) ଖାଁ ଏହା ବିରୋଧରେ ଭୋଟ ଦେଇଥିବାବେଳେ ସସ୍ମିତ ପାତ୍ର କିନ୍ତୁ ବିଲ୍ ସପକ୍ଷରେ ମତଦାନ କରିଥିଲେ। ଅନ୍ୟପକ୍ଷେ ଦଳର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ଦେବାଶିଷ ସାମନ୍ତରାୟ ମତଦାନରୁ ବିରତ ରହିଥିବା କହିଛନ୍ତି। ଦଳ ଭିତରେ ନବୀନଙ୍କ ନିର୍ଦ୍ଦେଶକୁ ଅବଜ୍ଞା ସହ ଭିନ୍ନମତ ପ୍ରକାଶ ପାଇବା ପରେ ନେତାଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଏଭଳି ସମୟରେ ନିଜ ସ୍ଥିତି ମଜଭୁତ୍ କରିବା ଲକ୍ଷ୍ୟରେ ଥିବା କଂଗ୍ରେସକୁ ମାଗଣାରେ ଆଉ ଏକ ଅସ୍ତ୍ର ମିଳିଯାଇଛି। ପୂର୍ବର ଭାଜପା ଓ ବିଜେଡି ମେଣ୍ଟ ଏବେ ମଧ୍ୟ ବଳବତ୍ତର ରହିଥିବା କହି କଂଗ୍ରେସ ୨ ପୂର୍ବତନ ମେଣ୍ଟ ସହଯୋଗୀଙ୍କୁ ସମାଲୋଚନା କରିଛି। ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ଥିବା ୱାକ୍‌ଫ ବିଲ୍‌କୁ ନେଇ ବିଜେଡିର ଅସ୍ପଷ୍ଟ ମତ ଆଗକୁ ଦଳ ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ବିଜେଡିର ଏଭଳି ଆଭିମୁଖ୍ୟକୁ ଦେଖି ରାଜନୈତିକ ବିଶ୍ଳେଷକ କହିଲେଣି, ଦଳର ଜାତି ଗଲା, ତଥାପି ପେଟ ପୂରିଲାନି।**

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**

ରାଜ୍ୟ ସଭାରେ ଗୁରୁବାର ୱାକ୍‌ଫ ବିଲ୍ ପାରିତ ହୋଇଯାଇଛି। ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଶେଷ ମୁହୂର୍ତ୍ତରେ ରଖିଥିବା ଆଭିମୁଖ୍ୟ ପାଇଁ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଗଲାଣି। ନିଜର ଘନିଷ୍ଠଙ୍କ ସ୍ୱାର୍ଥ ବଞ୍ଚାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳକୁ ଯେଉଁଭଳି ବ୍ୟବହାର କରିଦେଲେ ବୋଲି କୁହାଯାଉଛି, ତାକୁ ନେଇ ବିଜେଡି ଭିତରେ ଏକ ପ୍ରକାର କମ୍ପନ ସୃଷ୍ଟି ହୋଇଛି। ୨୦୨୪ ନିର୍ବାଚନରେ ବିଜେଡି ଶାସନରୁ ଯିବା ପରେ ଯେଉଁ କେତେଜଣ ନେତା ସବୁ କଥା ଭୁଲି ଦଳକୁ ମଜଭୁତ କରିବେ ବୋଲି ଆଗଭର ହୋଇ ବାହାରିଥିଲେ ଏହି ଦୃଶ୍ୟ ଦେଖିବା ପରେ ସେମାନଙ୍କ ଚିନ୍ତା ଚେତନା ବଦଳିଯାଇଛି। ଜଣଙ୍କ ସ୍ୱାର୍ଥରକ୍ଷା କରିବାକୁ ଯେଉଁ ପଦକ୍ଷେପ ନବୀନ ନେଇଛନ୍ତି, ସେଥିରେ ବିଜେଡିର ବ୍ୟାପକ କ୍ଷତି ହୋଇଗଲା ବୋଲି ଦଳର ନେତାମାନେ କୁହାକୁହି ହେବା ଆରମ୍ଭ କରିଦେଲେଣି। ୩ ଥର ବିଭିନ୍ନ ଜାଗାରେ ଏହି ବିଲ୍‌କୁ ବିରୋଧକରିବା ଲାଗି ମତ ରଖିଥିବା ନବୀନ କାହିଁକି ଦଳର ଆଭିମୁଖ୍ୟ ବଦଳାଇଲେ ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରିବା ବେଳକୁ ବିଜେଡି ସଭାପତି ଖ୍ରୀଷ୍ଟିଆନ-ମୁସଲମାନ ଗପ ଶୁଣାଇବା ଆରମ୍ଭ କରିଛନ୍ତି। ହେଲେ ସୂଚନା ଅନୁଯାୟୀ, ନବୀନଙ୍କ ଭିତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପାଇଁ ଏବେ ଜାତି ଗଲା ହେଲେ ପେଟ ପୂରିଲାନି ବୋଲି କେତେଜଣ ଦଳୀୟ ନେତା ମତ ଦେଲେଣି।

ସୂଚନା ମୁତାବକ, ରାଜ୍ୟ ସଭା ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ବିରୋଧରେ ଆଭିମୁଖ୍ୟ ରଖିବା ଲାଗି ନବୀନ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲେ। ଏ କଥା ଦଳର ଏମ୍‌ପି ସସ୍ମିତ ପାତ୍ର ମଧ୍ୟ କହିଥିବାର ଭିଡିଓ ସର୍ବସମ୍ମୁଖରେ ବୁଲୁଥିବା ବେଳେ ଅନ୍ୟ ଜଣେ ଏମ୍‌ପି ମୁଜିବୁଲ୍ଲା ଖାଁ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଯେତେବେଳେ ମୁସଲମାନ ମାନଙ୍କ ଇଦ୍ ପର୍ବରେ ଯୋଗଦେବା ଲାଗି ନବୀନଙ୍କୁ ସେମାନେ ନିମନ୍ତ୍ରଣ ଦେବାକୁ ନବୀନ ନିବାସ ଆସିଥିଲେ ସେତେବେଳେ ମଧ୍ୟ ଦଳର ସଭାପତି ବିଲ୍‌କୁ ବିରୋଧ କରିବା କଥା କହିଥିଲେ। ଏହାପରେ ଇଦ୍ ପର୍ବରେ ଯୋଗଦେବା ବେଳେ ମଧ୍ୟ ନବୀନ ବିଲ୍‌କୁ ବିରୋଧକରିବା କଥା କହିଥିଲେ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ନବୀନ ନିବାସକୁ ଜଣେ କେନ୍ଦ୍ରମନ୍ତ୍ରୀ ଫୋନ୍ କରିଥିଲେ। ୱାକ୍‌ଫ ବିଲ୍‌କୁ ସମର୍ଥନ ଦେବା ଲାଗି ତାଙ୍କ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେବା ନେଇ କେନ୍ଦ୍ରମନ୍ତ୍ରୀ ଜଣଙ୍କ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କୁ କହିଥିଲେ। ଏହାପରେ ନବୀନ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଯିବା କଥା ସମସ୍ତଙ୍କୁ ଜଣା। କେନ୍ଦ୍ରମନ୍ତ୍ରୀଙ୍କ କଥାକୁ କାର୍ଯ୍ୟକାରୀ କରିବା ଲାଗି ନିଜ ସ୍ୱୀର ଭିଆର୍‌ଏସ୍ କଥାକୁ କାର୍ଯ୍ୟକାରୀ କରାଇବାରେ ନବୀନଙ୍କ ସହଯୋଗୀ ମଧ୍ୟ ସଫଳ ହୋଇଗଲେ। ଏହାପରେ ହଠାତ୍ ବିଲ୍‌କୁ ନେଇ ବିଜେଡି ତା'ର ଭିନ୍ନ ମତ ଦେବା ଆରମ୍ଭ କରିଦେଲା। ସସ୍ମିତଙ୍କ ଏକ୍ସ ଆକାଉଣ୍ଟରେ ବିବେକାନୁଯାୟୀ ବିଲ୍ ଉପରେ ଭୋଟ ଦେବା ନେଇ ଦଳ ନିଷ୍ପତ୍ତି କରିଥିବା କୁହାଗଲା। ☞ପୃଷ୍ଠା-୪


No. T-

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୦୭.୦୪.୨୦୨୫ ରିଖ (ସୋମବାର)** ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା ୦୪.୦୪.୨୦୨୫ ରିଖ ଦିବା ୧୧ ଘଟିକାଠାରୁ** ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତିସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0081/2425




**ଆଜିର ସମ୍ପାଦକୀୟ**

**ବିଚିତ୍ର ନିଯୁକ୍ତି**


**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ଗୃହୀତ ହେବା ସାମାଜିକ-ଅର୍ଥନୈତିକ ନ୍ୟାୟ, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଭାରତର ସାମୂହିକ ଅଭିଯାନର ଏକ ଐତିହାସିକ ମୁହୂର୍ତ୍ତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ୱକ୍‌ଫ ବିଲ୍‌କୁ ନେଇ ଜେଡିୟୁରେ ଫାଟ

**ଇସ୍ତଫା ଦେଲେଣି ୫ ନେତା**

ନୂଆଦିଲ୍ଲୀ,୪।୪

ୱକ୍‌ଫ ସଂଶୋଧନ ବିଲ୍‌କୁ ସମର୍ଥନ ନେଇ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଫାଟ ସୃଷ୍ଟି ହୋଇଛି। ଦଳୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ଜେଡିୟୁର ୫ ନେତା ଇସ୍ତଫା ଦେଲେଣି। ଇସ୍ତଫା ଦେଇଥିବା ନେତାମାନେ ହେଲେ ରାଜୁ ନାୟାର, ତାବ୍‌ରେଜ ସିଦ୍ଦିକି ଆଲିଗ୍, ମହମ୍ମଦ ଶାହନୱାଜ ମଲିକ, ମହମ୍ମଦ କାସିମ ଅନ୍‌ସାରୀ ଏବଂ ନଦିମ୍ ଅଖତର। ଶାହନୱାଜ ଏବଂ ଅନ୍‌ସାରୀ ଗୁରୁବାର ଇସ୍ତଫା ଦେଇଥିବାବେଳେ ନଦିମ୍, ରାଜୁ ଏବଂ ତାବ୍‌ରେଜ ଶୁକ୍ରବାର ଦଳ ଛାଡ଼ିଛନ୍ତି। ମୁସଲମାନମାନେ ବିରୋଧ କରୁଥିବା ବିଲ୍ ସପକ୍ଷରେ ଜେଡିୟୁ ଭୋଟ ଦେବା ଗଭୀର ଆଘାତ ଦେଇଛି ବୋଲି ରାଜୁ ନାୟାର ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜେଡିୟୁ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପଦ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

### ଏମ୍ପୁରାନ୍ ନିର୍ମାତାଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

କୋଚି,୪।୪

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ତଦନ୍ତର ଅଂଶବିଶେଷ ସ୍ୱରୂପ ଏମ୍ପୁରାନ୍ ନିର୍ମାତା କେରଳ ବ୍ୟବସାୟୀ ଗୋକୁଲମ୍ ଗୋପାଳନଙ୍କ ଗୋକୁଲମ୍ ଗ୍ରୁପ୍‌ର ଚେନ୍ନାଇ ଏବଂ କେରଳରେ ଥିବା କାର୍ଯ୍ୟାଳୟ ଉପରେ ଶୁକ୍ରବାର ଚଢ଼ାଉ କରିଛି। କୋଚି ଏବଂ ଚେନ୍ନାଇରେ ଥିବା ଇଡି କାର୍ଯ୍ୟାଳୟର ଅଧିକାରୀମାନେ ମୋଟ ୨୧ଟି ସ୍ଥାନରେ ରେଡ୍ କରିଥିଲେ। କେତେଜଣ ପ୍ରବାସୀ ଭାରତୀୟଙ୍କ ସହ ହୋଇଥିବା ବେଆଇନ କାରବାରରେ ୧,୦୦୦ କୋଟି ଟଙ୍କାର ଫେମା ଉଲ୍ଲଂଘନ ଅଭିଯୋଗ ହୋଇଥିଲା।


ଗୋକୁଲମ୍ ଗୋପାଳନ

### ନେପାଳରେ ଭୂକମ୍ପ, ଉତ୍ତର ଭାରତରେ ଝଟ୍‌କା

କାଠମାଣ୍ଡୁ/ନୂଆଦିଲ୍ଲୀ,୪।୪

ନେପାଳରେ ଶୁକ୍ରବାର ରାତି ୭ଟା ୫୨ ମିନିଟ୍ ସମୟରେ ୫.୦ ତୀବ୍ରତାର ଭୂକମ୍ପ ହୋଇଛି। ଏହାର କମ୍ପନ ଉତ୍ତର ଭାରତର ବିଭିନ୍ନ ଭାଗରେ ଅନୁଭୂତ ହୋଇଛି। ୨୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ ଥିବା ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଗତମାସ ୨୮ରେ ମ୍ୟାନ୍‌ମାରରେ ଭୟାବହ ଭୂକମ୍ପରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪,୫୦୦ ଆହତ ହୋଇଥିଲେ।

# ଭାରତର ଜିଡିପି ୫୦ ବେସିସ୍ ପଏଣ୍ଟ ଖସିବ




### ଆମେରିକା ଟାରିଫ୍‌ର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଆକଳନ

ନୂଆଦିଲ୍ଲୀ,୪।୪

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟ୍ରମ୍ପ୍ ପ୍ରଶାସନ ୨୬ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଦେଶର ଜିଡିପି ଅଭିବୃଦ୍ଧି ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୬ ପ୍ରତିଶତରେ ରହିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏଥିସହିତ ଆମେରିକା ସହ ଭାରତର ରପ୍ତାନି ମଧ୍ୟ ୨ରୁ ୩ ପ୍ରତିଶତ କମିଯିବ ବୋଲି ସେମାନେ ମତ ଦେଇଛନ୍ତି। ତେବେ ଭାରତ ଆମେରିକାରୁ ଶକ୍ତି ଏବଂ ଉଚ୍ଚ ପ୍ରଯୁକ୍ତି ଉପାଦାନ ଆମଦାନୀ ବଢ଼ାଇ ଏହି ପ୍ରଭାବକୁ କମ୍ କରିପାରିବ ବୋଲି ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଛନ୍ତି। ଇଓ୍ୱାଇ ଇଣ୍ଡିଆର ମୁଖ୍ୟ ନୀତି ଉପଦେଷ୍ଟା ଡି.କେ. ଶ୍ରୀବାସ୍ତବ କହିଛନ୍ତି, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ସର୍ବାଧିକ ପ୍ରତିକୂଳ ପ୍ରଭାବ ୫୦ ବେସିସ୍ ପଏଣ୍ଟଠାରୁ ଅଧିକ ହେବନାହିଁ। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହା ୬ ପ୍ରତିଶତକୁ ଖସିଆସିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। (ବାଦ୍ ପଡ଼ିଥିବା ସାମଗ୍ରୀକୁ ବିଚାରକୁ ନେବା ପରେ) ଆମେରିକା ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ଯଦି ଟାରିଫ୍ ୨୦% ବଢ଼େ, ତେବେ ଜିଡିପି ୩୫ରୁ ୪୦ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଭାରତ ମୁଖ୍ୟ ଅର୍ଥନୀତି ଗବେଷକ ଅନୁଭୂତି ସହାୟ କହିଛନ୍ତି। ତେବେ ଚୂଡ଼ାନ୍ତ ପ୍ରଭାବ ଭାରତ ଏବଂ ଆମେରିକା ଉପରେ ବାଣିଜ୍ୟ କାରବାର ଚୁକ୍ତିନାମା ଉପରେ ନିର୍ଭର କରୁଛି। ତେବେ ଭାରତ ତୁଳନାରେ ଅନ୍ୟ ଏସୀୟ ଦେଶଗୁଡ଼ିକ ଟାରିଫ ଯୋଗୁ ଅଧିକ ପ୍ରଭାବିତ ହେବେ। କାରଣ ସେହି ଦେଶଗୁଡ଼ିକ ଉପରେ ଆମେରିକା ଅଧିକ ଟାରିଫ୍ ଲଗାଇଛି। ଆମେରିକାର ଶୁଳ୍କ ବୃଦ୍ଧି ଦେଶର ବିନିମୟ ହାର ଉପରେ ଅନୁକୂଳ ପ୍ରଭାବ ପକାଇପାରେ। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଆମେରିକାରେ ଡଲାର ଚାପରେ ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

### ଆମେରିକା ସାମଗ୍ରୀ ଉପରେ ୩୪% ଶୁଳ୍କ ଲଗାଇଲା ଚାଇନା

ବେଜିଂ,୪।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ୩୪ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିବାର ଦିନକ ପରେ ବେଜିଂ ମଧ୍ୟ ଯେସାକୁ ତେସା ନୀତି ଗ୍ରହଣ କରିଛି। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଚାଇନା ମଧ୍ୟ ୧୦ ତାରିଖରୁ ୩୪ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଶୁକ୍ରବାର କହିଛି। ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ଭାବେ ୩୪% ଟାରିଫ ଲାଗୁ ହେବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବେଜିଂର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ଗାଡୋଲିନିୟମ ଭଳି ୭ଟି ରେଆର୍ ଆର୍ଥ ଉପାଦାନ ଉପରେ ବାଣିଜ୍ୟ କଟକଣା ଲଗାଇଛି। ଏହା ବ୍ୟତୀତ ଟ୍ରମ୍ପ୍‌ଙ୍କ ରେସିପ୍ରୋକାଲ ଟାରିଫ୍‌କୁ ବିରୋଧ କରି ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ମାମଲା ଦାଏର କରିଛି। ଟ୍ରମ୍ପ୍ ବୁଧବାର ଭାରତ ସମେତ ବାଣିଜ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ ଲାଗୁ କରି ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧକୁ ଇନ୍ଧନ ଯୋଗାଇଛନ୍ତି।

# ଶେଷ ହେଲା ବଜେଟ ଅଧିବେଶନ

### ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୪।୪

ଜାନୁଆରୀ ୩୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଗୃହରେ ହଟ୍ଟଗୋଳ ହେବା ସହ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଗଲା ବୋଲି ଘୋଷଣା କରିଥିଲେ। ବଜେଟ ଅଧିବେଶନରେ ଲୋକ ସଭାରେ ୧୬ଟି ବିଲ୍ ଗୃହୀତ ହୋଇଥିବାବେଳେ ଗୃହ ୧୧୮ ପ୍ରତିଶତ ଫଳପ୍ରଦ ହୋଇଥିବା ବିର୍ଲା କହିଛନ୍ତି। ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବି ସମେତ ଅର୍ଥ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବା ମଣିପୁର ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଗୃହର ଅନୁମୋଦନ ଲାଭ କରିଥିଲା। ଅଧିବେଶନର ଶେଷ ଭାଗରେ ୱକ୍‌ଫ ସଂଶୋଧନ ବିଲ୍ ଉପରେ ଉଭୟ ଗୃହରେ ଦୀର୍ଘ ୨୭ ଘଣ୍ଟାର ବିତର୍କ ପରେ ଏହା ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଏବଂ ବିରୋଧରେ ୨୩୨ ଭୋଟ ଯାଇଥିବାବେଳେ ରାଜ୍ୟ ସଭାରେ ସପକ୍ଷରେ ୧୨୮ ଏବଂ ବିରୋଧରେ ୯୫ ଭୋଟ ପଡ଼ିଥିଲା।



ତେବେ ବିନା ଆଲୋଚନାରେ ୱକ୍‌ଫ ବିଧେୟକ ପାରିତ ହେବା ଦୁର୍ଭାଗ୍ୟଜନକ ଏବଂ ଗୃହ ମର୍ଯ୍ୟାଦା ବିରୋଧୀ ବୋଲି କଂଗ୍ରେସ ନେତ୍ରୀ ସୋନିଆ କହିବାରୁ ବାଚସ୍ପତି ଏନେଇ ଦେଇଥିବା ମନ୍ତବ୍ୟକୁ ବିରୋଧକରି ବିପକ୍ଷ ଦଳର ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ।

ପଶ୍ଚିମବଙ୍ଗର ୨୫,୭୦୦ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିବାକୁ ନେଇ ରାଜ୍ୟ ସଭାରେ ଶୁକ୍ରବାର ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।


ୱକ୍‌ଫ ସଂଶୋଧନ ବିଲ୍‌କୁ ବିରୋଧ କରି ଶୁକ୍ରବାର ଅହମଦାବାଦରେ ବିକ୍ଷୋଭ କରୁଥିବା ଲୋକଙ୍କୁ ପୋଲିସ ଉଠାଇ ନେଉଛି।

# କୂଅରେ ଖସିଲା ଟ୍ରାକ୍ଟର-ଟ୍ରଲି, ୮ ମହିଳା ମୃତ

ଛତ୍ରପତି ସମ୍ଭାଜିନଗର, ୪।୪ (ପି.ଟି.)


ମହାରାଷ୍ଟ୍ରର ନାନ୍ଦେଡ଼ ଜିଲାସ୍ଥିତ ଲିମ୍ବଗାଁଓ ଥାନା ଅନ୍ତର୍ଗତ ଓଲେଗାଁଓ ଗ୍ରାମରେ ଏକ ଟ୍ରାକ୍ଟର-ଟ୍ରଲି ନିୟନ୍ତ୍ରଣ ହରାଇ କୂଅରେ ପଡ଼ିଯିବାରୁ କ୍ଷେତରେ କାମ କରୁଥିବା ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ସେହିପରି ଘଟଣାସ୍ଥଳରୁ ୮ ମୃତଦେହକୁ ମଧ୍ୟ ଜବତ କରାଯାଇଥିଲା। ଉକ୍ତ ଟ୍ରାକ୍ଟର-ଟ୍ରଲିରେ ୧୦ ମହିଳା କ୍ଷେତକୁ କାମ କରିବାକୁ ଯାଉଥିଲେ ବୋଲି ଜିଲା ସୂଚନା ଅଧିକାରୀ (ଡିଆଇଓ) ପ୍ରବୀଣ ତାକେ କହିଛନ୍ତି। ଉକ୍ତ କୂଅ ପାଣିରେ ଭରପୂର ଥିବା ସେ କହିଛନ୍ତି।

# ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଲେ ମୋଦି

### ବ୍ୟାଙ୍କକ୍‌ରେ ୟୁନୁସ୍‌ଙ୍କ ସହ ବୈଠକ

ବ୍ୟାଙ୍କକ୍,୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ସୁରକ୍ଷାକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ୟୁନୁସ୍‌ଙ୍କୁ ଜଣାଇଥିଲେ। ବାଂଲାଦେଶ ସରକାର ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ମାମଲାଗୁଡ଼ିକର ଉପଯୁକ୍ତ ତଦନ୍ତ କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର୍ ମଲ୍ଟିସେକ୍ଟରାଲ ଆଣ୍ଡ ଟେକ୍‌ନିକାଲ କୋ-ଅପରେଶନ) ରାଷ୍ଟ୍ରଗୋଷ୍ଠୀ ବୈଠକରେ ଯୋଗଦେବା ପାଇଁ ଉଭୟ ନେତା ଥାଇଲାଣ୍ଡ ଆସିଛନ୍ତି।


ବ୍ୟାଙ୍କକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ଉପଦେଷ୍ଟା ମହମ୍ମଦ ୟୁନୁସ୍।

ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନା କ୍ଷମତାଚ୍ୟୁତ ହେବା ପରେ ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ହୋଇଛନ୍ତି। ୟୁନୁସ୍‌ଙ୍କ ସହ ମୋଦିଙ୍କର ଏହା ପ୍ରଥମ ବୈଠକ। ପରିବେଶକୁ ଖରାପ କଲା ଭଳି ବାକ୍‌ପଟୁତାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ୟୁନୁସ୍‌ଙ୍କୁ କହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ବାଂଲାଦେଶ ପ୍ରତି ଭାରତର ସମର୍ଥନ ଜାରି ରହିବ ବୋଲି ମୋଦି ଦୋହରାଇଛନ୍ତି।

# ତାମିଲନାଡୁର ଏନ୍‌ଇଇଟି ବିରୋଧୀ ବିଲ୍‌କୁ ସ୍ୱୀକୃତି ଦେଲାନି କେନ୍ଦ୍ର

ଚେନ୍ନାଇ,୪।୪(ପି.ଟି.)

ତାମିଲନାଡୁକୁ ଏନ୍‌ଇଇଟି (ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା)ରୁ ବାଦ୍ ଦେବା ପାଇଁ ରାଜ୍ୟ ବିଧାନସଭାରେ ଗୃହୀତ ପ୍ରସ୍ତାବକୁ ସ୍ୱୀକୃତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ଏହି ପ୍ରସ୍ତାବ ଖାରଜ ହେବା ସଂଘବାଦରେ ଏକ କଳା ଅଧ୍ୟାୟ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ତେବେ ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଉଚ୍ଛେଦ ଲାଗି ରାଜ୍ୟ ସଂଘର୍ଷ ଜାରି ରଖିବ ବୋଲି ଷ୍ଟାଲିନ୍ କହିବା ସହ ଏନେଇ ୯ ତାରିଖରେ ବିଧାୟକ ଦଳ ନେତାମାନଙ୍କ ବୈଠକ ଡାକିଛନ୍ତି। ଏନ୍‌ଇଇଟି ବଦଳରେ ରାଜ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ଦେବା ନିମନ୍ତେ ବିଲ୍‌ରେ ପ୍ରସ୍ତାବ ରଖାଯାଇଥିଲା। ୨୦୨୧ରେ ବିଲ୍ ତାମିଲନାଡୁ ବିଧାନସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟପାଳ ଆର୍.ଏନ୍. ରବି ପ୍ରତିବାଦ ଜଣାଇବାରୁ ତା’ ପରବର୍ଷ ପୁନର୍ବାର ପାରିତ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ସ୍ତରର ପରୀକ୍ଷା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ ରାଜନୀତି କରୁଥିବା ଏଆଇଏଡିଏମ୍‌କେ ମୁଖ୍ୟ ତଥା ବିରୋଧୀ ଦଳ ନେତା ଏଡାପାଡି କେ. ପାଲାନିସ୍ୱାମୀ ଅଭିଯୋଗ କରିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ସେମାନେ ୨୦୨୬ ବିଧାନସଭା ନିର୍ବାଚନରେ ଡିଏମ୍‌କୁ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ଘୋଷ୍ଟ ରାଇଟରରୁ ‘ଭାରତ କୁମାର’

ମୁମ୍ବାଇ

ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ସେ କେବଳ ଅଭିନେତା ନ ଥିଲେ ବରଂ ଜଣେ ସଫଳ ନିର୍ଦ୍ଦେଶକ, ସ୍କ୍ରିନ୍ ରାଇଟର, ଲିରିଷ୍ଟ ଏବଂ ଏଡିଟର ମଧ୍ୟ ଥିଲେ। ୧୯୩୭ ଜୁଲାଇ ୨୪ରେ ମନୋଜ ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ସେତେବେଳେ ତାଙ୍କ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ରଖାଯାଇଥିଲା। ତେବେ ଦେଶ ବିଭାଜନ ବେଳେ ୧୦ ବର୍ଷ ବୟସରେ ସେ ପରିବାର ସହ ଦିଲ୍ଲୀ ଚାଲିଆସିଥିଲେ। ୧୯୪୯ରେ ରିଲିଜ୍ ହୋଇଥିବା ‘ଶବ୍‌ନମ୍’ ଫିଲ୍ମରେ ଦିଲୀପ ‘ମନୋଜ କୁମାର’ ଭାବେ ଏକ ଚରିତ୍ର କରିଥିଲେ, ଯାହା ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ତେଣୁ ସେତେବେଳେ ମନୋଜ ତାଙ୍କ ସ୍କୁଲ୍ ନାମକୁ ବଦଳାଇ ହରିକୃଷ୍ଣ ଗିରି ଗୋସ୍ୱାମୀରୁ ‘ମନୋଜ କୁମାର’ କରିଥିଲେ।

ମନୋଜ ଦିଲ୍ଲୀର ହିନ୍ଦୁ କଲେଜରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ମୁମ୍ବାଇ ଆସି ତାଙ୍କୁ ପ୍ରଥମେ କିଛି ମାସ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ବିଭିନ୍ନ ଷ୍ଟୁଡିଓ ପାଇଁ ଘୋଷ୍ଟ ରାଇଟର ଭାବେ କାମ କରୁଥିଲେ। ସେତେବେଳେ ତାଙ୍କୁ ପ୍ରତି ଦୃଶ୍ୟ ପିଛା ୧୧ ଟଙ୍କା ମିଳୁଥିଲା। ୧୯୫୭ରେ ରିଲିଜ୍ ହୋଇଥିବା ‘ଫେଶନ ବ୍ରାଣ୍ଡ’ ଫିଲ୍ମ ସହ ସେ ତାଙ୍କ ଅଭିନୟ କ୍ୟାରିୟରର ଡେବ୍ୟୁ କରିଥିଲେ। ତେବେ ଏହାପରେ ମନୋଜ ଆଉ ପଛକୁ ଫେରି ନ ଥିଲେ। ‘ଉପକାର’, ‘ପୂର୍ବ ଔର ପଶ୍ଚିମ’, ‘ରୋଟି କପଡ଼ା ଔର ମକାନ’, ‘କ୍ରାନ୍ତି’, ‘ଦୋ ବଦନ’, ‘ହରିୟାଲୀ ଔର ରାସ୍ତା’, ‘ଗୁମନାମ’ ଆଦି ଅନେକ ହିଟ୍ ଫିଲ୍ମରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ବିମୋହିତ କରି ପାରିଥିଲେ।

**ମନୋଜ କୁମାର**
**ଜନ୍ମ: ୨୪ ଜୁଲାଇ ୧୯୩୭**
**ତିରୋଧାନ: ୪ ଏପ୍ରିଲ ୨୦୨୫**



### ଦେଶାତ୍ମବୋଧ ଚଳଚ୍ଚିତ୍ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା

ମନୋଜ ତାଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ର ପାଇଁ ଘରେ ଘରେ ଲୋକପ୍ରିୟତା ହାସଲ କରିଥିଲେ। ‘ଉପକାର’, ‘ପୂର୍ବ ଔର ପଶ୍ଚିମ’, ‘କ୍ରାନ୍ତି’ ପରି ଦେଶାତ୍ମବୋଧ ଫିଲ୍ମରେ ମନୋଜଙ୍କ ଅଭିନୟ ତାଙ୍କୁ ୭୦ ଓ ୮୦ ଦଶକରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା। ୧୯୬୫ ଭାରତ, ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ‘ଜୟ ଯବାନ, ଜୟ କିଷାନ’ର ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନକୁ ଆଧାର କରି ଏବଂ ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ଲାଲ୍ ବାହାଦୁର ମନୋଜଙ୍କୁ ଅନୁରୋଧ କରିଥିଲେ। ୧୯୬୭ରେ ମନୋଜ ନିର୍ଦ୍ଦେଶନାରେ ଡେବ୍ୟୁ କରିବା ସହ ୧୯୬୫ରେ ହୋଇଥିବା ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ ‘ଉପକାର’ ଫିଲ୍ମ ଆଣିଥିଲେ। ଫିଲ୍ମରେ ଭାରତ କୁମାର ଚରିତ୍ରରେ ସେ ଅଭିନୟ କରିଥିଲେ, ଯେଉଁ ନାମରେ ସେ ଘରେ ଘରେ ପରିଚୟ ପାଇଥିଲେ।

### ଥିଲେ ସଫଳ ନିର୍ଦ୍ଦେଶକ

୧୯୬୭ରେ ‘ଉପକାର’ ଫିଲ୍ମରେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଦେବା ପରେ ମନୋଜ ଜଣେ ସଫଳ ନିର୍ଦ୍ଦେଶକ ଭାବେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ପରିଚୟ ପାଇଥିଲେ। ‘ଉପକାର’ ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୧୯୬୮ରେ ଫିଲ୍ମ ଫେୟାର ଆୱାର୍ଡ ଜିତିଥିଲେ। ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ସଂଳାପ ଓ ଶ୍ରେଷ୍ଠ କାହାଣୀ ଶ୍ରେଣୀରେ ‘ଉପକାର’କୁ ଫିଲ୍ମ ଫେୟାର ଆୱାର୍ଡ ମିଳିଥିଲା। ସେହିପରି ତାଙ୍କ ନିର୍ଦ୍ଦେଶିତ ‘କଳିଯୁଗ ଔର ରାମାୟଣ (୧୯୮୭)’, କ୍ଲର୍କ (୧୯୮୯), ମଇଦାନ ଏ ଜଙ୍ଗ୍ (୧୯୯୫), ଜୟ ହିନ୍ଦ୍ (୧୯୯୯) ମଧ୍ୟ ହିଟ୍ ହୋଇଥିଲା।

### ଶାହରୁଖଙ୍କ ସହ ରହିଥିଲା ବିବାଦ


୨୦୦୭ରେ ରିଲିଜ୍ ହୋଇଥିବା ‘ଓମ୍ ଶାନ୍ତି ଓମ୍’ ଫିଲ୍ମକୁ ନେଇ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସହ ମନୋଜ କୁମାରଙ୍କ ବିବାଦ ଦେଖାଦେଇଥିଲା। ଫରାହ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ଦୃଶ୍ୟରେ ଶାହରୁଖ ମନୋଜଙ୍କ ଶୈଳୀକୁ ନକଲ କରିଥିଲେ, ଯାହାକୁ ନେଇ ମନୋଜ ଆପତ୍ତି ଉଠାଇଥିଲେ। ତେଣୁ ସେ ଫରାହ ଓ ଶାହରୁଖ୍‌ଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ରୁଜୁ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଫରାହ ଓ ଶାହରୁଖ୍ ମନୋଜଙ୍କୁ କ୍ଷମା ମାଗିଥିଲେ।

### ଶେଷ ଦର୍ଶନକଲେ ସେଲିବ୍ରିଟି

ଅଭିନେତା ମନୋଜ କୁମାରଙ୍କ ଜୁହୁସ୍ଥିତ ବାସଭବନରେ ଶୁକ୍ରବାର ବହୁ ସେଲିବ୍ରିଟି ତାଙ୍କ ଶେଷ ଦର୍ଶନ କରିଛନ୍ତି। ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର, ଅଭିନେତା ଚଙ୍କି ପାଣ୍ଡେ, ଅଭିନେତ୍ରୀ ଭାଗ୍ୟଶ୍ରୀ ପ୍ରମୁଖ ମନୋଜଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।


୨୦୧୨ରେ ଇଶା ଦେଓଲଙ୍କ ବିବାହ ଉତ୍ସବରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କ ସହ ମନୋଜ।


୨୦୧୦ରେ ଫାଲ୍‌କେ ରତ୍ନ ଆୱାର୍ଡ ଇଭେଣ୍ଟରେ ଭେଟେରାନ ଅଭିନେତା ଦେବାନନ୍ଦ ଓ ପ୍ରାନ୍‌ଙ୍କ ସହ ମନୋଜ।




# ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ବର୍ତ୍ତମାନ ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ସେଥିରୁ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ତାଙ୍କ ଏକ୍ସରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବେ ଓଡ଼ିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ମଞ୍ଜୁର କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ସେ ମତ ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ୨ ପ୍ରକଳ୍ପ ହେଉଛି ସମ୍ବଲପୁର–ଜରପଡ଼ା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡ଼ା–ଶାସନ(ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍। ସମ୍ବଲପୁର–ଜରପଡ଼ା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡ଼ା–ଶାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ। ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପଗୁଡିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡ଼ା ଜିଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ। ଏହି ପ୍ରକଳ୍ପଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହ ଭିଡ଼ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ମଲ୍ଟି ମୋଡାଲ ସଂଯୋଗ ପାଇଁ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯିବ।

# ଆଜି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

**ଅପରାହ୍ନ ୩ଟା ୩୦ରେ ରଥଟଣା**



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ରଥଖଳାରେ ଥିବା ରୁକୁଣା ରଥ ପ୍ରତିଷ୍ଠା କାର୍ଯ୍ୟ ମଧ୍ୟ ବିଧି ମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ଠାକୁରାଣୀ ସନ୍ଧ୍ୟା ଧୂପ, ନବପତ୍ରିକା ପୂଜା ସରିବା ପରେ ପତ୍ରୀ ସେବକ ଘଣ୍ଟ, କାହାଳି ଓ ମଶାଲ ସହିତ ମୁକ୍ତେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ୨ଘଡ଼ା(ମାଠିଆ) ପାଣି ଆଣାଯାଇ ରଥଖଳା ନିକଟରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ରଖାଯାଇଥିଲା। ଏହାପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶ ଏବଂ ପୁରୀ ରାଜଗୁରୁଙ୍କ ସହ କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିଲେ। ରାଜଗୁରୁ କର୍ତ୍ତାଭାବେ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ରଥରେ ପତାକା ଓ ରଥ ବସ୍ତ୍ର ତଥା କପଡ଼ା ଲଗାଯାଇଥିଲା। ପାଳିଆ ପୂଜାପଣ୍ଡା ସେବକ ଦକ୍ଷିଣିଘରୁ ଶ୍ରୀଲିଙ୍ଗରାଜଙ୍କ ପ୍ରତିନିଧି ପଞ୍ଚବକ୍ତ୍ରଙ୍କୁ ଧରି ରଥ ଉପରେ ପହଞ୍ଚିଥିଲେ। ଏହାପରେ ପତ୍ରୀ ସେବକ ଠା' କରିସାରିବା ପରେ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରାଯାଇ ଆଳତି କରାଯାଇଥିଲା। ସୂଚନାଥାଉ କି, ରଥ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ପଞ୍ଚବକ୍ତ୍ର ରଥକୁ ଯାଇଥିଲେ। ଏହାପରେ ପଞ୍ଚବକ୍ତ୍ର ମନ୍ଦିରକୁ ବିଜେ କରିଥିଲେ। ପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

# ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ, ବୃଦ୍ଧା ଗୁରୁତର

**ପ୍ରସୂତି ମହିଳାଙ୍କ ସହ ଯାଆଁଳା ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଲେ**

ଟିଟିଲାଗଡ଼,୪।୪(ଶରତ ମିଶ୍ର)

ଶୁକ୍ରବାର ମଧ୍ୟାହ୍ନରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ପିପିଲପଦରଠାରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଏକ ଅଘଟଣ ଘଟିଛି। ଏକ ୧୦୮ ଆମ୍ବୁଲାନ୍ସରେ ହଠାତ୍ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ଦୁତୀୟା ଯାନୀ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏକ ଦମ୍ପତିଙ୍କ ନବଜାତ ଯାଆଁଳା ଶିଶୁ କନ୍ୟାକୁ ମାତୃ ଓ ଶିଶୁ ଚିକିତ୍ସାଳୟରୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ଆହତ ମହିଳା ଜଣକ ନବଜାତକଙ୍କ ଜେଜେମା' ବୋଲି ଜଣାଯାଇଛି। ତାଙ୍କ ଦୁଇ ଗୋଡ଼ ନିଆଁରେ ପୋଡ଼ିଯିବା ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତେବେ ୨ ଶିଶୁ କନ୍ୟା ଓ ପ୍ରସୂତି ମହିଳା ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଅପରପକ୍ଷରେ ଶିଶୁକନ୍ୟାଙ୍କୁ ବଞ୍ଚାଇବାକୁ ଯାଇ ପିତା ଋଷବ ଯାନୀ ସାମାନ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଋଷବଙ୍କ ଘର ମୁରିବାହାଲ ବ୍ଲକ୍ ଚିକିନିବାହାଲୀ ଗାଁରେ। ତାଙ୍କ ସ୍ତ୍ରୀ ରାଧାଙ୍କ ପ୍ରସବ ଯନ୍ତ୍ରଣା ହେବା ଯୋଗୁ ସେ ଗୁରୁବାର ମଧ୍ୟରାତ୍ରିରେ ତାଙ୍କୁ ଆଣି


ଚିକିତ୍ସାଧୀନ ଦୁତୀୟା ଯାନୀ।

ଉକ୍ତ ମାତୃ ଓ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭୋର ସମୟରେ ରାଧା ଯାଆଁଳା ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ଓଜନ କମ୍ ଥିବା ତଥା ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ନେବାକୁ କହିଥିଲେ। ଫଳରେ ଆମ୍ବୁଲାନ୍ସ ଯୋଗାଡ଼ ପରେ ଋଷବ ଦୁଇ ଶିଶୁ , ସ୍ତ୍ରୀ ଓ ମା' ଦୁତୀୟାଙ୍କ ସହ ଚଢ଼ିଯାଇଥିଲେ। ହେଲେ ଗାଡ଼ି ଷ୍ଟାର୍ଟ ହେବାର କିଛି ସମୟ ପରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଏଥିରେ ଗୁରୁତର ହୋଇ ପଡ଼ିଥିବା ଦୁତୀୟାଙ୍କୁ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ ନବଜାତ ଶିଶୁ ଓ ପ୍ରସୂତି ମହିଳାଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଖବରପାଇ ଟିଟିଲାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# କଳାପଥର ଖାଦାନରେ ଟେଣ୍ଡର ଫିକ୍ସିଂ

**ଯାଜପୁର ଜିଲାରେ କଳାପଥର, ବାଲି ଭଳି ଲଘୁ ଖଣିଜ ଖାଦାନ ଲିଜ୍ ନିମନ୍ତେ ବଡ଼ଧରଣର ଟେଣ୍ଡର ଫିକ୍ସିଂ ହୋଇଛି। ଅନେକ ଆବେଦନକାରୀ ସମ୍ପର୍କୀୟ ବିଡରଙ୍କୁ ଢାଲ କରି ଶାଗମାଛ ଦରରେ ଖାଦାନ ଅକ୍ତିଆର କରିଥିବାବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସହଯୋଗୀ ସାଜିଛନ୍ତି। ଏଭଳି ଉପାୟରେ ଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ଧର୍ମଶାଳା ତହସିଲ ଅଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇ ବିଡର ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଗତ ବୁଧବାର ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।**

**ଯାଜପୁର ଜିଲା**

**ସମ୍ପର୍କୀୟ ବିଡରଙ୍କୁ ଢାଲ କରି ରାଜସ୍ୱ ଲୁଟ**



ଯାଜପୁର,୪।୪
(ହର୍ଷବର୍ଦ୍ଧନ ବେହେରା)

ଲଘୁ ଖଣିଜ ଖାଦାନ ଲିଜ୍ ପାଇଁ ଓଡ଼ିଶା ମାଇନର ମିନେରାଲ କନସେସନ୍ (ଓଏମ୍ଏମ୍ସି) ଅଧିନିୟମ–୨୦୧୬ର ନିୟମ ୨୭(୨) ଅନୁଯାୟୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଟେଣ୍ଡର ବିଜ୍ଞପ୍ତି ଜାରି ହୋଇଥାଏ। ଏଥିପାଇଁ ଇଚ୍ଛୁକ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରି ଏକ ବନ୍ଦ ଲଫାପାରେ ଆବେଦନ କରିପାରିବେ। ଏହି କ୍ରମରେ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯାଇଥାଏ। ହେଲେ ଯାଜପୁର ଜିଲାରେ ଖାଦାନ ଲିଜ୍ ପାଇଁ ଯେଉଁଭଳି ଟେଣ୍ଡର ଫିକ୍ସିଂ ହୋଇଛି, ସେଥିରୁ ସରକାରୀ ଆଇନ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡ଼ିଛି।

ସିଏଜି ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, କେତେକ ସ୍ଥଳେ ପ୍ରଥମ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡରମାନେ ପରସ୍ପର ସମ୍ପର୍କୀୟ ଥିଲେ। ସେମାନଙ୍କ ବ୍ୟକ୍ତିଗତ ବିବରଣୀ ଏବଂ ଆବାସିକ ଠିକଣାରୁ ଏହା ଜଣାପଡ଼ିଥିଲା। ସମସ୍ତ ମାମଲାରେ ତହସିଲଦାର ସର୍ବୋଚ୍ଚ ବିଡରଙ୍କୁ ଚୟନକରି ୧୫ ଦିନ ମଧ୍ୟରେ ସେମାନଙ୍କ ସମ୍ମତି ଜଣାଇବା ପାଇଁ ସେମାନଙ୍କୁ ଚିଠି ପ୍ରଦାନ କରିଥିଲେ। ହେଲେ ନିଜ ସମ୍ପର୍କୀୟ ତଥା ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦେବାକୁ ଯାଇ ସର୍ବୋଚ୍ଚ ବିଡରମାନେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିଲେ। ଫଳସ୍ୱରୂପ ତହସିଲଦାର ସର୍ବୋଚ୍ଚ ବିଡ୍ ପରିବର୍ତ୍ତେ ଦ୍ୱିତୀୟ ବିଡ୍‌କୁ ଚୟନ କରିଥିଲେ। ଏଥିଯୋଗୁ ସରକାର ଘନମିଟରର ପିଛା ପ୍ରାୟ ୧୪୦ରୁ ୧୦୪୫ ଟଙ୍କା ଯାଏ କମ୍ ପାଇଥିଲେ। ଏଭଳି ଅନିୟମିତତା କାରଣରୁ ଲିଜ୍ ହୋଇଥିବା ଖାଦାନଗୁଡ଼ିକରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇବାରୁ ସରକାର ବିଫଳ ହୋଇଥିଲେ। ଅନ୍ୟପକ୍ଷେ ସର୍ବୋଚ୍ଚ ବିଡର ଭାବେ ମନୋନୀତ ହେବା ପରେ ଟେଣ୍ଡର ପ୍ରକ୍ରିୟାରୁ ଓହରିଯିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି ଦପ୍ତର ବ୍ୟବସ୍ଥା ନ କରିବା ଯୋଗୁ ସରକାର ରାଜସ୍ୱ ହରାଇଥିଲେ। ଏହାଦ୍ୱାରା ୩ଟି ବାଲି ଓ କଳାପଥର ଖାଦାନରେ ୫ ବର୍ଷର ଲିଜ୍ ଅବଧି ମଧ୍ୟରେ ୭୨,୭୫୩ ଘନମିଟର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ୧.୧୮ କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ୩ଟି ଖାଦାନ କେବଳ ଉଦାହରଣ ମାତ୍ର, ଏକାଧିକ ଖାଦାନରେ ଏଭଳି ଟେଣ୍ଡର ଅନିୟମିତତା କରି ଲିଜ୍‌ଧାରୀମାନେ ମାଲାମାଲ ହୋଇଥିବା ସନ୍ଦେହ କରାଯାଇଛି। ତଥାପି ସମ୍ପୃକ୍ତ ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣି ନ ଥିଲେ।

ଟେଣ୍ଡର ଜାଲିଆତିକୁ ନେଇ ସିଏଜି ଉଲ୍ଲେଖ କରିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନ ୧ ପାଇଁ ୨୦୧୭–୧୮ ନିମନ୍ତେ ସର୍ବୋଚ୍ଚ ବିଡ୍ ଘନମିଟର ପିଛା ୨୨୦ ଟଙ୍କା ରହିଥିଲା। ଏହାର ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୮୦ ଟଙ୍କା ହୋଇଥିବାରୁ ଘନମିଟର ପିଛା ୧୪୦ ଟଙ୍କାର ପାର୍ଥକ୍ୟ ହୋଇଥିଲା। ଏଥିଯୋଗୁ ୯୫ ଲକ୍ଷ ୪୯ ହଜାର ୬୮୦ ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୧୮–୨୦୧୯ରୁ ୨୦୨୨–୨୩ ଯାଏ ବରଦା କଳାପଥର ଖାଦାନ ୧ ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୧୧,୯୫ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମାତ୍ର ୧୫୦ ଟଙ୍କା ରହିଥଲା। ଏଥିରେ ସର୍ବୋଚ୍ଚ ବିଡର ଓହରିଯିବା ପରେ ଦ୍ୱିତୀୟ ବିଡରଙ୍କୁ ଲିଜ୍ ସୁଯୋଗ ମିଳିଥିଲା। ଫଳରେ ସରକାର ୭୬ ଲକ୍ଷ ୭୪ ହଜାର ୪୮୦ ଟଙ୍କା କ୍ଷତି ସହିଥିଲେ। ଏହାସହ ବୁଦ୍ଧ ବାଲୁକା ନଦୀ ଭାଗବତପୁର ବାଲି ଖାଦାନ ପାଇଁ (୨୦୧୮–୧୯ରୁ ୨୦୨୨–୨୩ ପର୍ଯ୍ୟନ୍ତ) ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୨,୧୦୧ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୧,୫୭୫ ଟଙ୍କା ଥିଲା। ଏଥିଯୋଗୁ ସରକାର ୨୭ ଲକ୍ଷ ୬୫ ହଜାର ୭୦୮ ଟଙ୍କା କ୍ଷତିରେ ପଡ଼ିଥିଲେ। ଏହାବାଦ୍ ଜିଲାର ରାହାଡ଼ପୁର କଳାପଥର ଖାଦାନ ଲିଜ୍ ପାଇଁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷ ଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୪ ଜଣ ବିଡରଙ୍କ ମଧ୍ୟରୁ ସର୍ବାଧିକ ବିଡର ମୂଳ ବ୍ୟାଙ୍କ ଗ୍ୟାରେଣ୍ଟି ପରିବର୍ତ୍ତେ ତାହାର ଏକ ଫଟୋ କପି ଦାଖଲ କରିଥିଲେ। ଏହି କାରଣରୁ ଉକ୍ତ ବିଡରଙ୍କ ଆବେଦନ ପ୍ରତ୍ୟାଖ୍ୟାନ କରାଯିବା ବଦଳରେ ତହସିଲଦାର ତାଙ୍କ ସପକ୍ଷରେ ଲିଜ୍ ଚୂଡ଼ାନ୍ତ କରିଥିଲେ। ଏହାପରେ ୨୦୧୭–୧୮ ବର୍ଷ ପାଇଁ ୧.୧୩ କୋଟି ସରକାରୀ ଦେୟ ଜମା କରିବାକୁ ବିଡରଙ୍କୁ ବାରମ୍ବାର ଚିଠି କରାଯାଇଥିଲା। କିନ୍ତୁ ବିଡର ମାତ୍ର ୪୩.୯୭ ଲକ୍ଷ ଟଙ୍କା ଜମା କରି କଳାପଥର ଖନନ କରିଥିଲେ। ଯେହେତୁ ଉପଯୁକ୍ତ ଭାବେ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ହୋଇ ନ ଥିଲା, ତହସିଲଦାର ଧାର୍ଯ୍ୟ ଦେୟ ଜମା କରିବାକୁ ଚାପ ପ୍ରୟୋଗ କରି ନ ପାରିବାରୁ ୬୯.୨୭ ଲକ୍ଷ ଟଙ୍କା ଅନାଦାୟ ରହିଥିଲା। ପରବର୍ତ୍ତୀ ସମୟରେ ସୁଧ ଟଙ୍କାକୁ ମିଶାଇ ୧.୪୯ କୋଟି ଟଙ୍କା ଲିଜ୍‌ଧାରୀ ଜମା କରି ନ ଥିଲେ ବି ତହସିଲଦାର ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଭଳି ଭାବେ ଏକାଧିକ ଖାଦାନ ଖନନରେ ଅଯୋଗ୍ୟ ବିଡର ଚୟନ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ମହିଳାଙ୍କ ଆନ୍ଦୋଳନ




**ଦୋକାନ ସମ୍ମୁଖରେ ବସି ରହିଛନ୍ତି ଶତାଧିକ ମହିଳା**

ରାଜନଗର, ୪।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି। ଏହି ମଦ ଦୋକାନ ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ଉଚ୍ଛେଦ ଲାଗି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲା ପରେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଶୁକ୍ରବାର ଶତାଧିକ ମହିଳା ଠିପିଖୋଲା ମଦ ଦୋକାନ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ପୂର୍ବାହ୍ନ ୧୧ଟାରୁ ବସି ରହିଛନ୍ତି। ମଦ ପାଇଁ ସଂସାର ଉଜୁଡୁଛି, ମଦ ପିଇ ପିଲା ବାପା, ମାଆଙ୍କ ଉପରକୁ ହାତ ଉଠାଉଛନ୍ତି। ଆମର ଦାବି ମୁଖ୍ୟମନ୍ତ୍ରୀ ପୂରଣ କର, ଏହି ଠିପିଖୋଲା ମଦ ଦୋକାନ ଉଠାଇ ଦିଅ ବୋଲି ମହିଳାମାନେ ଦାବି କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ଯାଏ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବସି ରହିଛନ୍ତି।

ମାର୍ଚ୍ଚ ୨୮ ତାରିଖରେ ମହିଳାମାନେ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ। ୭ଦିନ ଭିତରେ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଏହି ଠିପିଖୋଲା ମଦ ଦୋକାନ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି। ଅସାମାଜିକ ବ୍ୟକ୍ତିମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ପିଲାମାନେ ଯିବାବେଳେ ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ସେମାନେ ବିଦ୍ୟାଳୟକୁ ଯିବାକୁ ଅମଙ୍ଗ ହେଉଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାୟ ରାମାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ସଙ୍ଗୀତ ଆସର ଓ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ଖାରବେଳ ନଗର, ସମୟ: ସକାଳ ୯ଟା ୩୦।
- ଗ୍ରାଜୁଏଶନ ଡେ, ସ୍ଥାନ: ଏନ୍‌ଏମ୍‌ଆଇଇଟି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ତୃତୀୟ ବାର୍ଷିକ ନୃତ୍ୟ ଉତ୍ସବ ଏବଂ ସୌରପ୍ରଭା ସମ୍ମାନ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନାବିକ ସଂଘ ଓଡ଼ିଶା ପକ୍ଷରୁ ଜାତୀୟ ସାମୁଦ୍ରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦ ଏଆର୍‌ସି, ଆଇବିଏଲ୍ ହାଉସ୍, ସାଇ ମନ୍ଦିର ଅପରପାର୍ଶ୍ୱ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୭ଟା।

## କଟକ

- ୫୪ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ଷ୍ଟଡି ସର୍କଲ ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ମାତୃଭବନ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶଙ୍କ ନିର୍ଦ୍ଦେଶିତ ନାଟକ ପରିବେଷଣର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- .ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ରାଜମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା, ସ୍ଥାନ: ଧୋବାପଲ୍ଲୀ, ଆସିକା ବ୍ଲକ, ସମୟ: ସକାଳ ୭ଟା।
- ପଞ୍ଚୁଦଣ୍ଡ ମହାମିଳନ, ସ୍ଥାନ: ବାଲୁଙ୍କେଶ୍ୱର ବିହାର, କଲେଜ ଛକ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ଆଶୁ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ ମୋହନା, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ

- ଓଡିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ବଳରାମ ମନ୍ଦିର ସମ୍ମୁଖ, ସମୟ: ସକାଳ ସାଢେ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ମେରାଇନ ବର୍ଥ, ବନ୍ଦର ନିଷିଦ୍ଧାଞ୍ଚଳ,ପାରାଦୀପ, ସମୟ: ପୂବାହ୍ନ ୧୦ଟା।
- ରେଲୱେ ବିଭାଗ କର୍ମଚାରୀ ୟୁନିୟନ ପକ୍ଷରୁ ଆର୍ଥିକ ବର୍ଷ ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ଉଦ୍ୟମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଶାନ୍ତି ବଜାର ନିକଟ ମିଡୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।
- ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ସଂଘ ଯାଜପୁରର ସ୍ୱାଗତ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା୩୦ ମିନିଟ୍।

## ନୟାଗଡ଼

- ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୬ଟା ୧୫।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ନବମ ଦିବସରେ ମହାଷ୍ଟମୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ: ସକାଳ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ଟା।
- ବାସନ୍ତୀକ ଦୁର୍ଗାପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦର ଦରଦା ଗାଁ, ସମୟ: ସକାଳ ୯ଟା।
- ବୀର ବଜରଙ୍ଗବାଲୀଙ୍କ ଅଶୋକାଷ୍ଟମୀ ଯାତ୍ରା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ ହନୁମାନ ମନ୍ଦିର, ସମୟ: ସକାଳ ୧୦ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଅଙ୍ଗଦ ଚିଟାଉ ଓ ରାବଣ ବଦ୍ଧ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: କାଳି ମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ରାୟଗଡା, ସମୟ: ସକାଳ ୫ଟା ୩୦ ।
- ରାମ ନବମୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଜାମଗୁଡାସ୍ଥିତ ତ୍ରିନାଥ ମନ୍ଦିର, ଟିକିରି, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ନବରଙ୍ଗପୁର ସଦାଶିବ ତ୍ରୀପାଠୀ ପାର୍କରୁ ପୋଲିସ ପଡ଼ିଆ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା।

## କୋରାପୁଟ

- ଓଡ଼ିଶା ପକ୍ଷ ନେଇ ଗଣ ଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୬ଟା।
- ଶାବର ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କ ମହାଗୌରୀ ବେଶ, ସ୍ଥାନ:ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପକ୍ଷ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଓ ବାର୍ଷିକ ଉତ୍ସବ, ସ୍ଥାନ: ଏଇଏଫ୍ କଲୋନୀ,ସୁନାବେଡ଼ା, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଚୈତ୍ର ନବରାତ୍ରୀ ଅଷ୍ଟମୀ ପୂଜା, ସ୍ଥାନ: ଭୂତାପଡା ସ୍ଥିତ ମାଁ ମଙ୍ଗଳା ମନ୍ଦିର, ସମୟ: ସକାଳ ୮ଟା
- ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଦେବୀଙ୍କ ମହାସ୍ନାନ, ପ୍ରାଣପ୍ରତିଷ୍ଠା, ସ୍ଥାନ:ଭତରା ସ୍ଥିତ ଶଙ୍କରମଠ ପରିସର, ସ୍ଥାନ:ପୂର୍ବାହ୍ନ ୧୦ ଟା।
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗୀଙ୍କ ସମଲେଇ ମନ୍ଦିର ପରିଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗିତା ଆରମ୍ଭ, ସ୍ଥାନ:ପିଏଚଡି ପଡିଆ, ସମୟ:ଅପରାହ୍ନ ୫ଟା।

## ବଲାଙ୍ଗୀର

- ବଲାଙ୍ଗୀର ଚାମ୍ପିୟନ୍ସ ଲିଗ୍ ୨୦୨୫, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା ।
- ଲୋଇସିଂହାରେ ବାସନ୍ତିକ ଦୁର୍ଗାପୂଜା ଉପଲକ୍ଷେ ଝାମୁଯାତ୍ରା, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ମିନିଟ ।

## ରାଉରକେଲା

- ଅଶୋକାଷ୍ଟମୀ ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଅଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତୀ ପୂଜନୋତ୍ସବ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତିକ ପରିଷଦ ପକ୍ଷରୁ ପାଲା ମହୋତ୍ସବ, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲା, ସ୍ଥାନ: ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଇନଭେଷ୍ଟିଚ୍ୟୁର ସେରିମୋନି, ସ୍ଥାନ:କୁଆଁରମୁଣ୍ଡା ଡନବସ୍କୋ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ସମୟ: ସକାଳ ୮ଟା।
- ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବ ବିବିଧ ଉଦ୍ୟାନର ଉଦ୍‌ଘାଟନ ସମାରୋହ, ସ୍ଥାନ: ବନଦୁର୍ଗା ବିହାର ନିକଟ, ସମୟ: ସକାଳ ୮ଟା ୩୦।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା,ସମୟ: ସକାଳ ୭ଟା।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରୁ ଘୋଡାଘାଟ ଛକ, ସମୟ: ସକାଳ ୬ଟା ୩୦।
- ସମାଜବାଦୀ ପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ର ଘଣ୍ଟ ଯାତ୍ରା ପଞ୍ଚମ ଦିନରେ ଦୁର୍ଗା ପରିବାର ପକ୍ଷରୁ ସ୍ୱତନ୍ତ୍ର ପୂଜା, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର ଜାମଖୋଲା ପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ବାସନ୍ତୀକ ନବରାତ୍ର ପୂଜା ଅନ୍ତିମ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ଅନ୍ତିମ ଦିବସ ଓ ପୂର୍ଣ୍ଣାହୁତି, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟାରୁ ଆରମ୍ଭ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ୟୁଏସ୍ ପୋର୍ଟାଲ୍ ତାଲିମ୍ ଶିବିର ଉଦ୍‌ଯାପିତ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକଳ୍ପସ୍ତରୀୟ ମାଷ୍ଟର ପ୍ରଶିକ୍ଷଣ ତାଲିମ୍ ଶିବିର ଉଦ୍‌ଯାପିତ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ, ସ୍ଥାନ: ବୀରମହାରାଜପୁର ବରିଷ୍ଠ ନାଗରିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ:ସୋନପୁର ସୁରେଶ୍ୱରୀ ମନ୍ଦିର ପରିସର, ସମୟ:ସକାଳ ୬ଟା।
- ସୋନପୁର ପିଏମ୍ ଶ୍ରୀ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ହାଇସ୍କୁଲ ସମ୍ମିଳନୀ କକ୍ଷ, ସମୟ:ସକାଳ ୭ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ଶନି ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।
- ତରଭା ବ୍ଲକ ନକଟିକନା ଗ୍ରାମରେ ନ ଦିନ ଧରି ରାମଲୀଳା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ:ନକଟିକନା ରାମଲୀଳା ମଣ୍ଡପ, ସମୟ:ସନ୍ଧ୍ୟା ୫ଟା।

## ନୂଆପଡ଼ା

- ମାରାଗୁଡା ଲୋକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପ୍ରାତଃ ୫ଟା।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡା ମହୋତ୍ସବ ଅବସରରେ ଅସୀମା ପଣ୍ଡାଙ୍କ ଦ୍ୱାରା ଷ୍ଟାର୍ ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତ୍ର ୯ଟା ୩୦।
- କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ଜିଲାପାଳ କାର୍ଯ୍ୟାଳୟଠାରୁ ଏକତା ଛକ, ସମୟ: ସକାଳ ୭ଟା।

## ଝାରସୁଗୁଡ଼ା

- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: କୁରେମାଲ ନାମ ଯଜ୍ଞମଣ୍ଡପ, ସମୟ: ସକାଳ ୮ଟା। ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଧୁଲୁଣ୍ଡା ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୁଃସ୍ଥାନରେ ଗ୍ରହଯୁଦ୍ଧ ଯୋଗୁ ଯାତ୍ରା, ଅର୍ଥ ସମ୍ପର୍କ, ପାରିବାରିକ ବ୍ୟତିକ୍ରମ ଦେଖାଦେଇପାରେ।କୋଣାଧିପ ରବି ଅଷ୍ଟମସ୍ଥ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସହିତ ଭୁଲ୍ ବୁଝାମଣାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଚନ୍ଦ୍ରଙ୍କ ଦୃଷ୍ଟି ସାହାଯ୍ୟ କରିବ। ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ମୁଖଭାବରେ ଚନ୍ଦ୍ର ଥିବାରୁ ହସି ହସି କଥା କହିବେ ଏବଂ କର୍ମାରମ୍ଭ ପାଇଁ ଅନୁକୂଳତା ପ୍ରାପ୍ତ ହେବ। ଘର ତିଆରି, ଯାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତି କ୍ଷେତ୍ରରୁ ଉପକୃତ ହେବେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ନିଜ ସହ ଭଲ ସମ୍ପର୍କ ରଖୁନଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ବୁଧଙ୍କ ବଳହୀନତା କାରଣରୁ ସତର୍କତା କିମ୍ବା ଅନ୍ୟମନସ୍କତା ହେତୁ ଟଙ୍କା, ପଇସା, ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ସହକର୍ମୀ, ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି,ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କର୍କଟ** ଆଜି ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ କାମରେ ଅବହେଳା କରିବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାରୁ ପ୍ରତ୍ୟେକ କ୍ଷେତ୍ରରେ ପଛେଇ ରହିବେ। ସମ୍ମୁଖରେ ନ କହି ପଛରେ କେହି ସମାଲୋଚନା କରିବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ପାଇବେ। ଶନିଙ୍କ ଦୁଷ୍ପ୍ରଭାବରୁ କଚେରି ମାମଲା ମନ୍ଥର ହୋଇପାରେ।

**ସିଂହ** କର୍ମସ୍ଥାନରେ ବୃହସ୍ପତି ଆପଣଙ୍କ ଗୃହନିର୍ମାଣ, ଯାନବାହନ, ପାରିବାରିକ ଶାନ୍ତି କ୍ଷେତ୍ରରେ ସହାୟକ ହେବେ। ବୁଧଙ୍କ ପ୍ରଭାବରେ ବନ୍ଧୁ ବିରୋଧୀ ହେବେ ଏବଂ ଅର୍ଥ ସଂକଟ ଲାଗି ରହିପାରେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ବିବାଦରୁ ଦୂରେଇ ରହିବା ଭଲ ହେବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ କିନ୍ତୁ ବ୍ୟୟଭାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ହାତରେ ଧନ ନଥିଲେ ମଧ୍ୟ କୌଣସି ଆବଶ୍ୟକତା ଅପୂରଣୀୟ ରହିବନାହିଁ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କ୍ଷେତ୍ରରେ ଶୁଭଫଳ ପାଇବାର ଆଶା ରହିଛି।

**ତୁଳା** ଗୁରୁଙ୍କ କୃପାଦୃଷ୍ଟିରୁ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ସମସ୍ତ କାର୍ଯ୍ୟ ସାଧନ କରିବେ। ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଂଶସିତ ହେବେ। ଚିତ୍ରା ନକ୍ଷତ୍ରର ସବୁ ସୁବିଧା ଥିଲେ ମଧ୍ୟ ଅବହେଳା କାରଣରୁ ସୁଯୋଗ ହରାଇବେ।

**ବିଛା** ଦେହ କିମ୍ବା ମନ କମ୍‌ଜୋର୍ ରହିଥିଲେ ମଧ୍ୟ କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। କୌଣସି ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବିଭିନ୍ନ ସମସ୍ୟା ହେତୁକ ମାନସିକ ସ୍ଥିତି ବିପନ୍ନଜନିତ ଟେନ୍ସନ ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ ଅବଶ୍ୟ ଖର୍ଚ୍ଚର ମାତ୍ରା ବୃଦ୍ଧି ପାଇପାରେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହୋଇପାରେ। ପରିବାରରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ଦିନଟି ଭଲରେ ଅତିବାହିତ ହେବ। ଅର୍ଥଲାଭ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଓ ମିତ୍ରମାନଙ୍କ ସମାଗମରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବୈବାହିକ ସମ୍ପର୍କ ପରିପ୍ରେକ୍ଷୀରେ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା କାରଣରୁ ଖୁସି ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଥବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ ଓ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ଅବଶ୍ୟମ୍ଭାବୀ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ ଅନ୍ୟଥା ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।

**ମୀନ** ମନ ଯେମିତି ଉଚ୍ଚ ଆପଣଙ୍କ ଆଜିର କାମ ମଧ୍ୟ ତଦନୁରୂପ ହେବାରୁ ସବୁଠି ପ୍ରଶଂସାର ପାତ୍ର ହେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଚାପର ସମ୍ମୁଖୀନ ହେବେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ।

ଆଜି ଏପ୍ରିଲ୍ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଜଗଜ୍ଜୀବନରାମଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ, ଶନିବାର। ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ପିଠେ ବାସନ୍ତିକ ମହାନବମୀ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା ।ସକାଳଘ.୦୮।୪୫ ଗତେଘ.୧୦।୧୭ ମଧ୍ୟେ ରାହୁକାଳ।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦକ୍ଷିଣ ଦୁଆରିଆ ଘର**
**ଯେ ନ ପଶିଲା ସେ ପଶିଲା**
**କାହାକୁ କରିବି ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥିଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦ୍‌ଭାବ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୋଳ ଯାଏ ଭାତ**
**ବିଭା ଯାଏ ପାଠ।**

କୃଷିଧାନ ଦୋଳ ପରେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି କରେ। ସେମିତି ବିଭାଘର ପରେ ପାଠର ଆଉ ସେତେଟା ଆବଶ୍ୟକତା ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଜାତି ଗଲା, ପେଟ ....

ଏକଥା ସତ ଯେ, ସସ୍ମିତଙ୍କର ଏତେ ସାହସ ନାହିଁ ଦଳର ନିଷ୍ପତ୍ତି ନିଜ ଇଚ୍ଛାରେ କହିଦେବେ। ହେଲେ ସସ୍ମିତ ଏହି ପୋଷ୍ଟ କରିବା ପୂର୍ବରୁ ରେଳମନ୍ତ୍ରୀ ବିଜେଡିର ସବୁ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟି ବିଲ୍‌କୁ ସମର୍ଥନ ଦେବା ଲାଗି କହିଥିଲେ। ଏକଥା ମଧ୍ୟ ବହୁ ରାଜ୍ୟ ସଭା ସଦସ୍ୟ ସ୍ୱୀକାର କରିଛନ୍ତି। ହେଲେ ବିଜେଡିର ଭିନ୍ନମତକୁ ସବୁ ଏମ୍‌ପି ଗ୍ରହଣ କରିପାରି ନାହାନ୍ତି। ଜଣେ ଏମ୍‌ପି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସସ୍ମିତ ଏବଂ ସୁଲତା ଦେଓ ବିଲ୍ ସପକ୍ଷରେ ଭୋଟ ଦେଇଥିବା ବେଳେ ମୁନ୍ନା ଖାଁ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ ଏବଂ ନିରଞ୍ଜନ ବିଶି ବିପକ୍ଷରେ ଭୋଟ୍ ଦେଇଛନ୍ତି। ଅନ୍ୟପଟେ ଦେବାଶିଷ ସାମନ୍ତରାୟ ଭୋଟ ବର୍ଜନ କରିଥିବା କହିଛନ୍ତି। ହେଲେ ଏଭଳି କରିବା ଦ୍ୱାରା କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାର ନା ଇଣ୍ଡିଆ ମେଣ୍ଟ କାହାକୁ ମଧ୍ୟ ଖୁସି କରିବାରେ ନବୀନଙ୍କ ସହଯୋଗୀ ସଫଳ ହୋଇପାରିନାହାନ୍ତି, କେବଳ ନିଜ କାର୍ଯ୍ୟ ହାସଲ କରିପାରିଛନ୍ତି।

ବିଲ୍‌ବାବଦରେ ଏଭଳି ଆଭିମୁଖ୍ୟ ପରେ ଦଳର ବରିଷ୍ଠ ନେତାମାନେ ବିରକ୍ତିଭାବ ପ୍ରକାଶକରି ଶଙ୍ଖ ଭବନଠାରେ ଏକାଠି ହୋଇଛନ୍ତି। ସେଠାରେ ଦଳର ଆଭିମୁଖ୍ୟ କାହିଁକି ଏପରି ରହିଲା ବୋଲି ଦଳର ସଭାପତିଙ୍କୁ ପଚାରିବେ ବୋଲି ସମସ୍ତଙ୍କ ଭିତରେ ମତ ପ୍ରକାଶ ପାଇଛି। ଏପରିକି କେତେଜଣ ନେତା ଦରକାର ପଡ଼ିଲେ କିଛି ବଡ ପଦକ୍ଷେପ ନେବା ଭଳି କଥା ସେହି ସମୟରେ ଉଠାଇଥିବା ଜଣାଇଛନ୍ତି। ଏହାପରେ ଯେତେବେଳେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଶଶିଭୂଷଣ ବେହେରା, ରଘୁନାଥ ସାହୁ, ପଦ୍ମନାଭ ବେହେରା, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସ ଯାଇଛନ୍ତି। ସେମାନଙ୍କୁ ଖ୍ରୀଷ୍ଟିଆନ-ମୁସଲମାନ ପାଠ ପଢ଼ାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନବୀନ ବରିଷ୍ଠ ନେତାମାନଙ୍କୁ ଏହି ଅବସରରେ କହିଥିଲେ, ସେ କେବେହେଲେ ଏହି ବିଲ୍‌କୁ ବିରୋଧ କରିବା କଥା ନିଜ ମୁହଁରେ କହିନାହାନ୍ତି। ରାଜ୍ୟରେ ୨.୧୭ ପ୍ରତିଶତ ଖ୍ରୀଷ୍ଟିଆନ ଏବଂ ୧.୭ ପ୍ରତିଶତ ମୁସଲମାନ ଅଛନ୍ତି। ତେଣୁ ବିଲ୍‌କୁ ସମର୍ଥନ କଲେ ଖ୍ରୀଷ୍ଟିଆନମାନଙ୍କ କ୍ଷତି ହେବ ବୋଲି କହିଛନ୍ତି। ଏହାସହ ବର୍ତ୍ତମାନ ସମୟରେ ଏହି ବିଷୟକୁ ନେଇ ଦଳକୁ ବଞ୍ଚାଅ ବୋଲି କୁଆଡ଼େ ନବୀନ କହିଥିବା ଜଣାପଡ଼ିଛି। ନବୀନଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ବରିଷ୍ଠ ନେତାମାନେ ବାହାରେ ଆସି ଭିନ୍ନ ଗପ ଆରମ୍ଭ କରିଦେଇଛନ୍ତି। ଦଳ ସଭାପତିଙ୍କ ଘନିଷ୍ଠ ସହଯୋଗୀ ନିଜକୁ ବଞ୍ଚାଇବା ଲାଗି ଏଭଳି କଥା ନବୀନଙ୍କ ମୁହଁରୁ କୁହାଇ ଯେଉଁ ପାଠ ପଢ଼ାଇବାକୁ ଚେଷ୍ଟା କରୁଛି ଦଳ ଉପରୁ ତୃଣମୂଳସ୍ତରରୁ ଲୋକଙ୍କ ବିଶ୍ୱାସ ଉଠିଯିବ ବୋଲି ମତ ପ୍ରକାଶ ପାଇବା ଆରମ୍ଭ ହେଲାଣି।

## ୱାକ୍‌ଫ ବିଲ୍‌କୁ ଜୋରଦାର ...

ଦୃଶ୍ୟ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଘୋଷଣା କରାଯାଇଥିଲା। ଟିଭିକେ କର୍ମୀମାନେ ଚେନ୍ନାଇ ସମେତ କୋଏମ୍ବାଟୁର, ତିରୁଚିରାପଲ୍ଲୀ ଆଦି ବିଭିନ୍ନ ସହରରେ ଏକାଠି ହୋଇ ୱାକ୍‌ଫ ବିଲ୍ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଧେୟକ ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ। ସେହିପରି ଗୁରୁବାର ପାଖାପାଖି ୧୪ ଘଣ୍ଟାର ଆଲୋଚନା ପରେ ବିଳମ୍ବିତ ରାତିରେ ବିଲ୍‌କୁ ମଞ୍ଜୁରୀ ମିଳିଥିଲା। ଉଚ୍ଚ ସଦନରେ ବିଲ୍‌କୁ ୧୨୮ ଭୋଟ ମିଳିଥିବାବେଳେ ଏହା ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିସାରିଥିବାରୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହେବ। ତେବେ ଏହାର ପ୍ରତିବାଦରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ କୋଲକାତାର ପାର୍କ ସର୍କସ କ୍ରସିଂଠାରେ ଶୁକ୍ରବାର ବିକ୍ଷୋଭ କରିବା ସହ ତୁରନ୍ତ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଦେଶକୁ ବିଭାଜନ କରିବା ପାଇଁ ଏହି ବିଲ୍ ଭାଜପାର ଏକ ଚାଲ୍ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଆମେ ରାଜ୍ୟର ମୁସଲମାନମାନଙ୍କୁ ସେମାନଙ୍କ ସମ୍ପତ୍ତି ହରାଇବାକୁ ଦେବୁ ନାହିଁ। କେନ୍ଦ୍ରରେ ନୂଆ ସରକାର ଆସିଲେ ଏହି ବିଲ୍‌କୁ ଅକାମୀ କରିବା ନିମନ୍ତେ ସଂଶୋଧନ ଅଣାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ବିଲ୍ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ବିଲ୍‌କୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। କଂଗ୍ରେସ ଏମ୍‌ପି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ବିଲ୍ ୱାକ୍‌ଫ ସମ୍ପତ୍ତି ଏବଂ ସେଗୁଡ଼ିକର ପରିଚାଳନା ଉପରେ ମନମାନି କଟକଣା ଲଦିଦେଇଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଧର୍ମୀୟ ସ୍ୱାଧୀନତାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଅନସ ତନ୍‌ୱିରଙ୍କ ଜରିଆରେ ଦାଏର ହୋଇଥିବା ଏହି ବିଲ୍‌ରେ ମୁସଲମାନ ସମ୍ପ୍ରଦାୟ ପ୍ରତି ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓୱାଇସି ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫ରେ ରହିଥିବା ବ୍ୟବସ୍ଥା ମୁସଲମାନ ତଥା ମୁସ୍‌ଲିମ୍ ସମ୍ପ୍ରଦାୟର ମୌଳିକ ଅଧିକାରର ଉଲ୍ଲଂଘନ। ୱାକ୍‌ଫ ବିଲ୍ ବିରୋଧରେ ଡିଏମ୍‌କେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘୋଷଣା କରିଥିଲେ। କଂଗ୍ରେସ ମଧ୍ୟ ଖୁବ୍‌ଶୀଘ୍ର ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଥିଲେ।

## ଓଡ଼ିଶାରେ ୧୧ରୁ ...

ଭାରତ ଯୋଜନାର ଶୁଭାରମ୍ଭ କରିବେ। ସେ ସିପେଟ୍ ଏବଂ ଏମ୍‌ସ ଯିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୨ ତାରିଖରେ ସେ ଫେରିଯିବେ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସତ୍ୟଭମାପୁର କାର୍ଯ୍ୟକ୍ରମରେ ଯୋଗଦେଇ ୨ ସପ୍ତାହ ଭିତରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ସ୍ୱାସ୍ଥ୍ୟବୀମାର ସୁଫଳ ପାଇବେ। ଏହି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ୨୯ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ପୂର୍ବ ସରକାର ସମୟରେ ୯ ଶହ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିବା ବେଳେ ଆୟୁଷ୍ମାନ୍ ଯୋଜନାକୁ ରାଜନୈତିକ ଉଦ୍ଦେଶ୍ୟରେ ଲାଗୁ କରାଉ ନ ଥିଲେ। ଗତ ମାର୍ଚ୍ଚ ୨୧ରେ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁହେବ। ଏହି ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବା ଆଶା କରାଯାଉଛି। ଏହାସହ ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ୍ ବୟୋବନ୍ଦନ ଯୋଜନା ଲାଗୁ କରାଯିବ।

# ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଓଡ଼ିଆରେ ଲେଖିବାକୁ ଆହ୍ୱାନ

## ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପଦଯାତ୍ରାକୁ ଉଦ୍‌ଘାଟନ କରି ରାଜ୍ୟର ବ୍ୟବସାୟୀ ଭଉଣୀଭାଇମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ସ୍ପଷ୍ଟ ଭାବେ ଲେଖିବାକୁ ଆହ୍ୱାନ ଦେଇଥିଲେ। ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ତିତ୍ୱ ଓ ଭବିଷ୍ୟତ। ତେଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ପ୍ରଚାର ପ୍ରସାର ଓ ଠିକ୍ ବ୍ୟବହାର ଉପରେ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ହେଉଛି।



ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ରଥ ଓ ଶୋଭାଯାତ୍ରା।

ଏହି ଅବସରରେ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଥିବା ମନ୍ତ୍ରୀ କହିଥିଲେ। ସେହିପରି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ (୧୯୫୬) ଅନୁଯାୟୀ ସ୍ପଷ୍ଟ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ଡିଭିଜନାଲ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ ଓ ମଦନମୋହନ ପାଇକ, ଖୋର୍ଦ୍ଧା ଉପଜିଲାପାଳ ମନୋରଞ୍ଜନ ସାହୁ ସାମିଲ ହୋଇଥିଲେ। ମହିଳା ଓ ପୁରୁଷମାନେ ପ୍ଲାକାର୍ଡ ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ଓ ରାମମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଓଡ଼ିଆରେ ନାମଫଳକ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରାରେ ସଚେତନତା ରଥ ସାମିଲ ହୋଇଥିଲା। ନୟାପଲ୍ଲୀ ଦୁର୍ଗାମଣ୍ଡପ, ଲିଙ୍ଗରାଜ ଷ୍ଟେଶନ ଓ କଳ୍ପନା ଛକଠାରେ ମଧ୍ୟ ଓଡ଼ିଆ ନାମଫଳକ ଅଭିଯାନ ସମ୍ବନ୍ଧୀୟ ବ୍ୟାପକ ସଚେତନତା କରାଯାଇଥିଲା।

# ଫଳକରେ ଓଡ଼ିଆ ବନାନ ତ୍ରୁଟି

ସୁନାବେଡ଼ା/ସେମିଳିଗୁଡା,୪।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ଏହାର ସୁଫଳ ମିଳୁ ନ ଥିବା କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫଳକରୁ ଜଣାପଡୁଛି। ଏହି ଫଳକଗୁଡ଼ିକରେ ଓଡ଼ିଆ ବନାନରେ ତ୍ରୁଟି ରହିଛି।

କେନ୍ଦ୍ର ସରକାରଙ୍କ ଭାରତ ମାଳା ଯୋଜନାରେ ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ୬ ଲେନ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ ଚିହ୍ନଟ ପାଇଁ ସ୍ଥାନ ଗୁଡିକର ନାମ ଫଳକ ଲଗାଯାଇଛି। ଫଳକ ଗୁଡ଼ିକ ଓଡ଼ିଆ ଓ ଇଂଲିଶରେ ଲେଖା ରହିଛି। କିନ୍ତୁ ଅନେକ ଫଳକରେ ଓଡ଼ିଆ ନାଁ ଗୁଡିକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳକରେ କୁନ୍ଦୁଲି ବଦଳରେ କୁଣ୍ଡୁଲି ଓ ପଟ୍ଟାଙ୍ଗି ବଦଳରେ ପୋଟାଙ୍ଗି ରହିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ଇଂଲିଶ ନାମ ଫଳକ ହଟାଇବାରେ ସରକାର ବିଫଳ ହୋଇଥିବା ବୁଦ୍ଧିଜୀବି ପ୍ରକାଶ କରିଛନ୍ତି। ପୂର୍ବ ସରକାର ଏଥିପାଇଁ ନିୟମ ସହ ଦଣ୍ଡ ବିଧାନ ବ୍ୟବସ୍ଥା କରିଥିଲେ। କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଓଡ଼ିଆରେ ନାମ ଫଳକ ଲଗାଇବାକୁ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ହୋଇଥିବା ତ୍ରୁଟି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ସେଥିରେ ସୁଧାର କରାଯିବ ବୋଲି ସେ କହିଛନ୍ତି।




# ଘୋଷଣାରେ ସୀମିତ ନଦୀଭିତ୍ତିକ ବନ୍ଦର




ପାରାଦୀପ,୪।୪(ଶରତ ରାଉତ)

ଆଜି ହେଉଛି ବିଶ୍ୱ ନୌବାଣିଜ୍ୟ ଦିବସ। ନୌବାଣିଜ୍ୟ ଓଡ଼ିଶାର ପ୍ରାଚୀନ ପରମ୍ପରା ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ପଣ୍ୟ କାରବାରରେ ବୃହତ୍ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ଦେଶର ୧ ନଂ. ବନ୍ଦର ଭାବେ ସ୍ଥାନ ପାଇଛି। ଏହାସତ୍ତ୍ୱେ ନୌବାଣିଜ୍ୟର ବିକାଶ ପାଇଁ ରାଜ୍ୟରେ ଅନେକ କାର୍ଯ୍ୟ ଏବେ ବି ବାକି ରହିଛି। ନଦୀଭିତ୍ତିକ ବନ୍ଦର ଘୋଷଣାରେ ସୀମିତ ଥିଲାବେଳେ ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ହୋଇପାରିନାହିଁ।

## ଆଜି ଜାତୀୟ ନୌବାଣିଜ୍ୟ ଦିବସ

ଜଳପଥରେ ପଣ୍ୟ କାରବାରକୁ ନୌବାଣିଜ୍ୟ କୁହାଯାଏ। ଏପିଲ୍ ୫ରେ ସରକାରୀଭାବେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଏ। ଶନିବାର ୬୧ତମ ନୌବାଣିଜ୍ୟ ଦିବସ ଦେଶର ସମସ୍ତ ବନ୍ଦରରେ ପାଳନ କରାଯାଉଛି। ଏହି ଦିବସ ପାଳନ କରିବା ସମ୍ପର୍କରେ ଅବସରପ୍ରାପ୍ତ କ୍ୟାପଟେନ ପ୍ରେମାନନ୍ଦ ରାଉତ କୁହନ୍ତି, ୧୯୧୯ରେ ଭାରତର ସିଣ୍ଡିଆ ସିଷ୍ଟମ ନାଭିଗେଶନ କମ୍ପାନୀ ପକ୍ଷରୁ ପ୍ରଥମ କରି ଏକ ପଣ୍ୟବାହୀ ଜାହାଜ ଏସ୍‌ଏସ୍ ଲୟାଲିଟି ବମ୍ବେରୁ ଲଣ୍ଡନ ସଫଳତାର ସହ ଯାତ୍ରା କରିଥିଲା। ସେହି ସ୍ମୃତିରେ ଏପ୍ରିଲ ୫କୁ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ଜାହାଜର ନାବିକମାନଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ। ଚଳିତ ଥର ରାଜ୍ୟର ପାରାଦୀପ ବନ୍ଦର ମଧ୍ୟରେ କାମ କରୁଥିବା ବିଭିନ୍ନ କମ୍ପାନୀ ଯଥା ଷ୍ଟିଭେଡର୍ସ ସଂସ୍ଥା, ଏଜେଣ୍ଟ, ସାମୁଦ୍ରିକ କମ୍ପାନୀଗୁଡ଼ିକରେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ।

ଦେଶର ସର୍ବାଧିକ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି। ସେହି ଖଣିଜ ପଦାର୍ଥ ଲୁହାପଥର, କୋଇଲା, ଚୂନପଥର, ବକ୍ସାଇଟ, ଫେରୋକ୍ରୋମ, ଚାର୍ଜକ୍ରୋମ ଆଦି ବିଦେଶକୁ ରପ୍ତାନି ଓ ଆମଦାନୀ ହେଉଛି। ସେଥିରେ ପାରାଦୀପ ବନ୍ଦରର ପ୍ରମୁଖ ଭୂମିକା ରହିଛି। ଦେଶର ୧୨ଟି ବୃହତ୍ ବନ୍ଦର ମଧ୍ୟରେ ଏବେ ଏହି ବନ୍ଦର ୧ନମ୍ବର ସ୍ଥାନରେ ରହିଛି। ରାଜ୍ୟର ୪୮୨ କିମି ଉପକୂଳରେ ଏକଦା ୧୨ରୁ ଅଧିକ ବନ୍ଦର ଥିଲା ବୋଲି ନୌବାଣିଜ୍ୟ ପରମ୍ପରା କିମ୍ବଦନ୍ତୀରୁ ଜଣାଯାଏ। ମାତ୍ର ସମୟାନୁକ୍ରମେ ସେଗୁଡ଼ିକ ବନ୍ଦ ହୋଇଯାଇଛି।

୧୯୬୨ରେ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିଲା। ଏଠାରେ କାରବାର ବୃଦ୍ଧି ପାଇବା ପରେ ରାଜ୍ୟରେ ଅଧିକ ବନ୍ଦର କରିବା ପାଇଁ ପୂର୍ବତନ ସରକାର ଘୋଷଣା କରିଥିଲେ।

ସେଗୁଡ଼ିକ ହେଲା ଗଞ୍ଜାମ ଜିଲାର ଗୋପାଳପୁର, ସୁଭଦ୍ରାପୁର, ପାଲୁର, ପୁରୀ ଜିଲାର ଅସ୍ତରଙ୍ଗ, ଭଦ୍ରକ ଜିଲାର ଧାମରା, କେନ୍ଦ୍ରାପଡା ଜିଲାର ହୁକିତୋଳା। ସେଥିରୁ ଗୋପାଳପୁର ଓ ଧାମରା ବନ୍ଦର ଏବେ ସୁଦ୍ଧା ହୋଇଛି। ଅନ୍ୟ ବନ୍ଦର ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାବାଦ୍ ୧୨ଟି ନଦୀଭିତ୍ତିକ ବନ୍ଦର ହେବ ବୋଲି କୁହାଯାଇଥିଲା। ସେଥିମଧ୍ୟରୁ କେବଳ ଗୋଟିଏ ପାରାଦୀପର ଇଫ୍‌କୋ କାରଖାନା ପଛପଟ ମହାନଦୀରେ ହୋଇଛି। ଏହାମଧ୍ୟ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା ମୁହାଣ ନିକଟରେ ବନ୍ଦର ହେବାର ଭଲ ଭିତ୍ତିଭୂମି ଅଛି ବୋଲି ପୂର୍ବତନ ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ ମହାପାତ୍ର କହିଛନ୍ତି। ତାହା ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ରାଜ୍ୟରେ ନୂତନ ସରକାର ଆସିଲା ପରଠାରୁ ଆଉ ବନ୍ଦର ସମ୍ପର୍କରେ ଚର୍ଚ୍ଚା ହେଉନାହିଁ।

ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ (ଓଡ଼ିଶା ମେରିଟାଇମ ଏକାଡେମୀ) ପାରାଦୀପରେ ଅଛି। ସେଠାରେ ଝିଅମାନଙ୍କ ପଢ଼ିବା ପାଇଁ ଏପର୍ଯ୍ୟନ୍ତ ସୁବିଧା ହୋଇନାହିଁ। ୧୯୯୨ରୁ ଉକ୍ତ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତା'ର ବିକାଶ ହୋଇନାହିଁ। ସରକାର ଶିଳ୍ପ ସଂସ୍ଥାର ବିକାଶ ପାଇଁ ଘୋଷଣା କରୁଛନ୍ତି। କିନ୍ତୁ ବନ୍ଦର ବିକାଶ ଉପରେ ନୀରବତା ଅବଲମ୍ବନ କରୁଛନ୍ତି। ଏଭଳି ସ୍ଥିତିରେ ଅର୍ଥନୀତିରେ ସୁଧାର କିପରି ହେବ ସେନେଇ ଆଲୋଚନା ହେଉଛି।

# ତରଭୁଜ ଚାଷକରି ଶିକ୍ଷକ ଲକ୍ଷପତି

## ପେସା ଶିକ୍ଷକତା, ନିଶା ଚାଷ

କେନ୍ଦୁଝର,୪।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପେସାରେ ଶିକ୍ଷକ, ନିଶା ତାଙ୍କର ଚାଷ। ଶିକ୍ଷକ ଚାକିରି ପରେ ବି କୁଳ ବେଉସାକୁ ଭୁଲି ପାରିନାହାନ୍ତି। ଚାକିରି ସହ ତରଭୁଜ ଚାଷକରି ଅନେକ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ମୁଣ୍ଡାସାହିର ଶିକ୍ଷକ ସତ୍ୟଜିତ ଲାଗୁରୀ। ପ୍ରାୟ ୧୧ ଏକର ଜମିରେ ତରଭୁଜ ଚାଷ କରି ଲକ୍ଷପତି ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ପ୍ରକାଶ ଯେ, ସତ୍ୟଜିତ୍ ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କ ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷକତା କରୁଛନ୍ତି। ଚାଷୀ ପରିବାରର ହୋଇଥିବାରୁ ପୂର୍ବରୁ କେବଳ ଧାନ ଚାଷ କରୁଥିଲେ। ଏବେ ୩ ବର୍ଷ ଧରି ତରଭୁଜ ଚାଷ କରି ଭଲ ରୋଜଗାର କରୁଛନ୍ତି। ସେ ଗୋଲ, ଲମ୍ବା କିରଣ ଆଦି ୨ ପ୍ରକାରର ତରଭୁଜ ଚାଷ ପାଇଁ ଡିସେମ୍ବରରେ ମଞ୍ଜି ଆଣିଥିଲେ। ଏଥିପାଇଁ ନୂଆ ମୋଲଚିଂ ପଦ୍ଧତିରେ ଚାଷ କରିବାକୁ ପ୍ରଥମେ ଟ୍ରେ ଯୋଗେ ଭଲ ତରଭୁଜ ବିହନ ଚାରା ପକାଇଥିଲେ। ଏହା ଦ୍ୱାରା ରୋଗପୋକ କମ ହୋଇଥାଏ ବୋଲି ସେ କୁହନ୍ତି। ପରେ ଶ୍ରମିକଙ୍କୁ ଲଗାଇ କ୍ଷେତରେ ଚାରାରୋପଣ କରିଥିଲେ। ଏ ନେଇ ସେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ସରକାରଙ୍କ ଯୋଜନାରେ ଗଭୀର ନଳକୂପ ଖୋଳିଥିବା ବୋରୱେଲରୁ କ୍ଷେତରେ ଜଳସେଚନ କରୁଛନ୍ତି। ଏବେ କ୍ଷେତରେ କଳାରଙ୍ଗର ଗୋଲ ତରଭୁଜ ଫଳିଛି। ଭଲ କିସମର ତରଭୁଜ ଚାଷ ହୋଇଥିବାରୁ ଜିଲା ସମେତ ରାଜ୍ୟ ବାହାର ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦିର ବ୍ୟବସାୟୀ ଗାଡ଼ି ଯୋଗେ କ୍ଷେତରୁ ତରଭୁଜ କିଣି ନେଉଛନ୍ତି। ଗତ ଏକ ମାସ ମଧ୍ୟରେ ସେ ପ୍ରାୟ ୭ ଲକ୍ଷ ଟଙ୍କାର ତରଭୁଜ ବିକ୍ରି କରିଥିବା କହିଛନ୍ତି। କ୍ଷେତରେ ଥିବା ବଳକା ତରଭୁଜ ଆଉ ୪ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ସ୍କୁଲରୁ ଫେରିବା ପରେ ବଳକା ସମୟରେ ନିଜକୁ ଚାଷ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଧାନ ଅମଳ ପରେ ତରଭୁଜ ଚାଷ କରିବା ଲାଭଦାୟକ ହୋଇଛି ବୋଲି ପ୍ରକାଶ କରିଛନ୍ତି। ଏହା ପରେ ମିଠାମକା ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜିଲା କୃଷି ବିଭାଗ ପକ୍ଷରୁ ଅଧିକ ଜ୍ଞାନକୌଶଳ ଏବଂ ସହାୟତା ଯୋଗାଇ ଦିଆଗଲେ, ଆଗକୁ ବିଭିନ୍ନ ଚାଷ କରିପାରିବେ ବୋଲି କହିଛନ୍ତି।




ତରଭୁଜ କ୍ଷେତରେ ସତ୍ୟଜିତ ଲାଗୁରୀ।







ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ ବାଧ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ

-ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଶ୍ରୀ ବାସନ୍ତିଦୁର୍ଗା ଦେବ୍ୟାଃ ମହାନବମୀ ପୂଜା



# ବିଚିତ୍ର ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଦେଖିବାକୁ ଗଲେ ଜଣେ ତଦନ୍ତକାରୀ ଏବେ ଆର୍ଥିକ ନୀତି ଉପରେ ପରାମର୍ଶ ଦେଉଛନ୍ତି। ଆମେ ଅର୍ଥନୀତିଜ୍ଞମାନଙ୍କୁ ଛାଡ଼ି ଦେଉଛନ୍ତି ନା ଅର୍ଥ ବ୍ୟବସ୍ଥା ଫୋରେନ୍ସିକ ଆନାଲିସିସ୍ ବିଷୟ ପାଲଟିଗଲାଣି ? ଇଡିରେ ଥିବା ସମୟରେ ମିଶ୍ର ହାଇ ପ୍ରୋଫାଇଲ ତଦନ୍ତଗୁଡ଼ିକରେ ଉଲ୍ଲେଖନୀୟ କାମ କରିଥିଲେ ଏବଂ ଆର୍ଥିକ ହେରଫେର ପ୍ରତି ଏକ ଗମ୍ଭୀର ଦୃଷ୍ଟିକୋଣ ଆପଣାଇଥିଲେ। ଜଟିଳ ଆର୍ଥିକ ଅପରାଧଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କର ଅଭିଜ୍ଞତା ଇଏସି-ପିଏମ୍ ପାଇଁ ନୂତନ ଦୃଷ୍ଟିକୋଣ ଆଣିପାରେ। ଆର୍ଥିକ ଅପରାଧଗୁଡ଼ିକର ଦୁର୍ବଳ ଭାଗକୁ ବୁଝିବାରେ ସେ ଦକ୍ଷ ଥିଲେ, ଯାହା ଆମ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଥିବା ଛିଦ୍ରକୁ ଠାବ କରିବାରେ ତାଙ୍କୁ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିବ। କିନ୍ତୁ ପରାମର୍ଶଦାତା ଭୂମିକାରେ ରହିବା ଲାଗି ଚାହୁଁଥିବା ଅର୍ଥନୀତିଜ୍ଞଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାର ଏକ ପ୍ରମାଣ କି ? ଇଏସି-ପିଏମ୍‌ର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରୟଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ଏହି ପଦବୀ ପୂରଣ କରିବାର ଆବଶ୍ୟକତା ପଡ଼ିଲା। ଦେବରୟ ଜଣେ ଅର୍ଥନୀତିଜ୍ଞ ଭାବେ ବ୍ୟାପକ ଜ୍ଞାନର ଅଧିକାରୀ ଥିଲେ। ଏଭଳି ଜଣେ ଦକ୍ଷତାସମ୍ପନ୍ନ ବିଶାଳ ବ୍ୟକ୍ତିଙ୍କ ସ୍ଥାନ ନେବା କିଛି କମ୍ କଥା ନୁହେଁ। ତେବେ ନୀତି ପରାମର୍ଶର ଦୌଡ଼ରେ ପ୍ରବେଶ କରିବାକୁ ଅଭିଜ୍ଞ ଅର୍ଥନୀତିଜ୍ଞମାନଙ୍କ ଅନିଚ୍ଛା ସ୍ପଷ୍ଟ ହୋଇଛି। ନୂତନ ଦୃଷ୍ଟିକୋଣ ଅପରିହାର୍ଯ୍ୟ ଥିବାବେଳେ ଅଭିଜ୍ଞ ଅର୍ଥନୀତିଜ୍ଞଙ୍କ ଅନୁପସ୍ଥିତି ପରିଷଦରେ ଗଭୀର ଆର୍ଥିକ ଆଲୋଚନା ଉପରେ ପ୍ରଶ୍ନ ଉଠାଇଛି। ଏଣୁ ମିଶ୍ରଙ୍କ ନିଯୁକ୍ତି ସଙ୍କେତ ଦେଉଛି ଯେ, ଆମ ଅର୍ଥ ବ୍ୟବସ୍ଥାରେ ରହିଥିବା ବିତ୍ତୀୟ ଦୁର୍ବଳତା ବା ଛିଦ୍ରକୁ ଠାବ କରି ତାହାକୁ ଦୂରକରିବା ପାଇଁ ଏକ ଯାଞ୍ଚର ଆବଶ୍ୟକତା ଅଛି।

### ପରିବର୍ତ୍ତନକୁ ଗୁରୁତ୍ୱ

୨୦୧୪ ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ତଥା କୂଟନୀତିଜ୍ଞ ନିଧି ତିୱାରୀଙ୍କୁ ପ୍ରଧାନମନ୍ତ୍ରଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତି ଦିଆଯାଇଛି। ସାଧାରଣତଃ ଏହି ପଦବୀରେ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟ ରହିଥାଏ। କିନ୍ତୁ ଦେଖାଯାଉଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ତା' କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ପରିବର୍ତ୍ତନ କରୁଛି। ମାତ୍ର ୨୪ ବର୍ଷ ବୟସରେ ତିୱାରୀ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତାର ସହ ୯୬ତମ ସ୍ଥାନ ହାସଲ କରିଥିଲେ। ପରେ ଭାରତର କୂଟନୈତିକ ପଦବୀଗୁଡ଼ିକରେ ତାଙ୍କ କ୍ୟାରିୟରର ଯାତ୍ରା ଭିନ୍ନ ଥିଲା। ବର୍ତ୍ତମାନ ପିଏମ୍‌ଓରେ ଉପ ସଚିବ ଭାବେ ତାଙ୍କ ନିଯୁକ୍ତି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ପ୍ରସ୍ତୁତ କରିଛି। କିନ୍ତୁ ଏହି ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି। ପାରମ୍ପରିକ ଭାବେ ଏହି ପଦବୀରେ ଆଇଏଏସ୍ ଅଧିକାରୀମାନେ ରୁହନ୍ତି, ଯେଉଁମାନେ ବିଶାଳ ଶାସନ ପ୍ରକ୍ରିୟାକୁ ସଞ୍ଚାଳନ କରିଥାନ୍ତି। ଅନ୍ୟପଟେ ଆଇଏଫ୍ଏସ୍ ହେଉଛି ଡିପ୍ଲୋମାଟ୍ କ୍ୟାଡର। ଏହି ନିଯୁକ୍ତି ପିଏମ୍‌ଓ ଗତିଶୀଳତାରେ ଏକ ସୂକ୍ଷ୍ମ ତଥା ରହସ୍ୟମୟ ପରିବର୍ତ୍ତନକୁ ସୂଚିତ କରୁଛି। ଜଣେ ଆଇଏଫ୍ଏସ୍ ଅଧିକାରୀ ଏହି ପଦବୀରେ ରହିବା ଏକ ରଣନୀତିକ କରିସ୍ମା ହୋଇପାରେ। ଏକଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ବିଶ୍ୱସ୍ତରରେ ମୋଦିଙ୍କ ଅଗ୍ରଗତି ତାଙ୍କ ନେତୃତ୍ୱ ଶୈଳୀର ଏକ ପ୍ରମୁଖ୍ୟ ଅଂଶ ହୋଇଯାଇଛି। ପିଏମ୍‌ଓରେ ଏହା କେବଳ ଏକ ଅନିୟମିତ ନିଯୁକ୍ତି ନୁହେଁ। ଆଇଏଏସ୍‌ଙ୍କ ପ୍ରାଧାନ୍ୟ ଥିବା ଏହି ପଦବୀରେ ବାହାରୁ ବିଶେଷଜ୍ଞଙ୍କୁ ଅଣାଯାଇ ନିଯୁକ୍ତ କରାଯିବା ଧାରା ଆମେ ଦେଖିଛୁ। ଯଦି ଏହି ଧାରା ଜାରି ରହେ, ତେବେ ଆମେ ଭାରତର ସର୍ବୋଚ୍ଚ କାର୍ଯ୍ୟାଳୟର କାର୍ଯ୍ୟଧାରାରେ ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିପାରିବା।

### ସାରଦାଙ୍କ ପ୍ରତିକ୍ରିୟା

ଗୋରାଙ୍କ ପ୍ରତି ଭାରତର ଆସକ୍ତି ଅଧିକ ହେବାରେ ଲାଗିଛି। ଆମ ଚଳଚ୍ଚିତ୍ର, ବିବାହ ବିଜ୍ଞାପନ ଏବଂ ଏପରିକି ଅନୌପଚାରିକ ପ୍ରଶଂସାରେ ଏହା ରହିଛି। କିନ୍ତୁ କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲିଧରନ ଏକ ବର୍ଣ୍ଣଗତ ଟିପ୍ପଣୀର ଶିକାର ହୋଇଥିଲେ। ସେ କେବଳ ଏଭଳି ମନ୍ତବ୍ୟକୁ ଏଡ଼ାଇଯାଇ ନ ଥିଲେ, ବରଂ ଏହାକୁ ଆତ୍ମବିଶ୍ୱାସ ଓ ଗରିମାର ଏକ ବିଷୟକୁ ବଦଳାଇ ଦେଇଥିଲେ। ଏହି ପଦବୀରେ ସାରଦାଙ୍କ ପୂର୍ବରୁ ତାଙ୍କ ସ୍ୱାମୀ ଥିଲେ। ସୋସିଆଲ ମିଡିଆରେ ସାରଦାଙ୍କ ନେତୃତ୍ୱ ଓ ତାଙ୍କ ସ୍ୱାମୀଙ୍କ ନେତୃତ୍ୱ ମଧ୍ୟରେ ତୁଳନାକରି 'କଳା ବନାମ ଗୋରା' କ୍ୟାମ୍ପେନର ପ୍ରତିକ୍ରିୟାରେ ସେ ନିଜକୁ ନିରୀହ ବୋଲି ପ୍ରତିପାଦିତ କରି ନ ଥିଲେ। ଏହା ବଦଳରେ ସେ କଳା ବର୍ଣ୍ଣ ସପକ୍ଷରେ ଦୃଢ ମତ ରଖିଥିଲେ। ସେ କଳା ବର୍ଣ୍ଣକୁ ଶକ୍ତିଶାଳୀ କହିଥିଲେ। କଳା ହିଁ ସର୍ବ ବିଦ୍ୟମାନ ଏବଂ ବ୍ରହ୍ମାଣ୍ଡର ସତ୍ୟ। ଏହି ପଦ୍ୟାତ୍ମକ ମନ୍ତବ୍ୟ ଜଣକୁ ଆଶ୍ଚର୍ଯ୍ୟ କରିଦେବ ଯେ, ସମାଜ ଆରମ୍ଭରୁ କାହିଁକି କଳାକୁ ବଦନାମ କରି ଆସିଛି। ଆଇଏଏସ ସଂଘ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶରୀରର ବର୍ଣ୍ଣରୁ ଜଣେ ଅଧିକାରୀଙ୍କ ଦକ୍ଷତା ମାପ କରାଯାଏନି ବୋଲି କହିଥିଲେ। କିନ୍ତୁ ବାସ୍ତବତା ହେଉଛି, ୨୦୨୫ରେ ଏଭଳି ସମର୍ଥନ ଦରକାର। ଏଭଳି କଳା ଲୋକଙ୍କ ପ୍ରତି ଭେଦଭାବ କେବଳ ଅତୀତରୁ ରହିଆସିଛି ତାହା ନୁହେଁ, ଏବେ ବି ଏହା ବଳବତ୍ତର ରହିଛି। ଏହା ଲିଙ୍ଗଗତ, ଜାତିଗତ ଓ ସାମାଜିକ ସ୍ଥିତିଗୁଡ଼ିକରେ ଗମ୍ଭୀର ଭାବେ ରହିଛି। ମୁରଲିଧରନଙ୍କ ପ୍ରତିକ୍ରିୟା କେବଳ ଏକ ଖରାପ ମନ୍ତବ୍ୟକୁ ଟାଳିଦେବା ପାଇଁ ନ ଥିଲା, ବରଂ ଏହା ବିଷୟକୁ ସମ୍ପୂର୍ଣ୍ଣ ବଦଳାଇଦେଇଥିଲା।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | 4 | | | 8 | 3 |
| | | | | 8 | | | | |
| 6 | | | | 5 | | 2 | 9 | 4 |
| 4 | | | 3 | | | 5 | | |
| | 6 | 5 | | | | | 7 | |
| | 7 | | | | | | | |
| | | | | 7 | | | 2 | |
| | 9 | | | | 8 | | | |
| 7 | 4 | | | | 2 | 3 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 7 | 1 |
| 3 | 8 | 1 | 7 | 5 | 6 | 9 | 4 | 2 |
| 7 | 9 | 4 | 1 | 8 | 2 | 5 | 6 | 3 |
| 5 | 3 | 7 | 6 | 9 | 1 | 4 | 2 | 8 |
| 6 | 2 | 9 | 4 | 3 | 8 | 1 | 5 | 7 |
| 4 | 1 | 8 | 5 | 2 | 7 | 6 | 3 | 9 |
| 8 | 5 | 3 | 2 | 1 | 4 | 7 | 9 | 6 |
| 9 | 4 | 6 | 8 | 7 | 3 | 2 | 1 | 5 |
| 1 | 7 | 2 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

# ଶିଶୁ ବାଟିକାରେ ଶିଶୁ ହସିବେ



ଅକ୍ଷୟ କୁମାର ମିଶ୍ର

ଦଳ ମତ ନିର୍ବିଶେଷରେ ସଭିଏ ଏ କଥା କୁହନ୍ତି- ଶିଶୁ ହସିଲେ ଦୁନିଆ ହସେ। କିନ୍ତୁ ସତରେ କ'ଣ ସମସ୍ତ ଶିଶୁ ଏଠାରେ ହସନ୍ତି ନା ସେମାନଙ୍କର ହସ ଦେଖିବା ପାଇଁ କାର୍ଯ୍ୟକ୍ରମ ନିଆଯାଏ ? ହଁ, ଏହା ତ ନିଶ୍ଚୟ ଶିଶୁ ହାତରେ ଖେଳନାଟିଏ ଧରାଇଦେଲେ, ଚକୋଲେଟ୍‌ଟିଏ ଦେଲେ ସେ ହସିବ। କିନ୍ତୁ ସେ ହସ କ୍ଷଣସ୍ଥାୟୀ। ସେ କେମିତି ଚିରଦିନ ପାଇଁ ହସିବ ଅର୍ଥାତ୍ ସେ ବଡ଼ ହେବ, ଆଗକୁ ବଢ଼ିବ, ତା'ର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଘଟିବ, ତା' ଭିତରେ ଜିଜ୍ଞାସା ବଢ଼ିବ, ସେ କେମିତି ପ୍ରଶ୍ନ ପଚାରିବ, ସର୍ବୋପରି ସେ ଜଣେ ଭଲ ମଣିଷ ଭାବରେ ଦୁନିଆ ଦାଣ୍ଡରେ ଉଭା ହେବ ଏଥିପାଇଁ ଯେଉଁ ଆନ୍ତରିକତା ଆବଶ୍ୟକ ତାହା ସମସ୍ତଙ୍କ ଠି ଅଛି ନା ସବୁକିଛି ପ୍ରଚାରସର୍ବସ୍ୱ ଏହା ହିଁ ବଡ଼ ପ୍ରଶ୍ନ।

ସମ୍ପ୍ରତି ସରକାରଙ୍କର ଏକ ନିଷ୍ପତ୍ତି ଦ୍ୱନ୍ଦ୍ୱରେ ପକାଉଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଏପ୍ରିଲ ୨ ତାରିଖ ଦିନ ଆମ ରାଜ୍ୟ ତମାମ୍ ପ୍ରବେଶ ଉତ୍ସବ ସାଙ୍ଗକୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଗଲା। ଖଡ଼ିଛୁଆଁ କାର୍ଯ୍ୟକ୍ରମଟି ନୂତନ ଭାବେ ହାତକୁ ନିଆଯାଇଥିବା ବେଳେ ପ୍ରବେଶ ଉତ୍ସବ ବେଶ୍ କିଛି ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟରେ ପାଳନ ହୋଇ ଆସୁଛି। ଆମ ରାଜ୍ୟର ନୂଆ ସରକାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦କୁ ବିଧିବଦ୍ଧ ଭାବେ ଲାଗୁ କରିଛନ୍ତି। ମୁଁ ତଥା ଅନ୍ୟାନ୍ୟ ଲେଖକମାନେ ଏହି ଜାତୀୟ ଶିକ୍ଷାନୀତି ଉପରେ ବିଶ୍ଳେଷଣାତ୍ମକ ଲେଖା ଲେଖିବା ବେଳେ ଏଥିରେ ଥିବା ବିଦ୍ୟାଳୟ ଶିକ୍ଷାଟି କେମିତି ଚାରୋଟି ସ୍ତରରେ ବିଭକ୍ତୀକରଣ ହୋଇଛି ସେ ସମ୍ପର୍କରେ ଉଲ୍ଲେଖ କରିଛୁ। ଏହି ସ୍ତରର ପ୍ରଥମ ସୋପାନଟି ହେଲା ପ୍ରାରମ୍ଭିକ ସ୍ତର, ଯାହା ପାଞ୍ଚଟି ଶ୍ରେଣୀକୁ ନେଇ ଗଠିତ। ତିନି ବର୍ଷ ପ୍ରାକ୍ ପ୍ରାଥମିକ ଯାହାକୁ ଶିଶୁ-୧, ଶିଶୁ-୨, ଶିଶୁ-୩ ଏବଂ ପ୍ରାଥମିକ ବିଦ୍ୟାଳୟର ଥିବା ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ଏଥିରେ ଅନ୍ତର୍ଭୁକ୍ତ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରଥମ ତିନୋଟି ଶ୍ରେଣୀ ଅଙ୍ଗନୱାଡିରେ ଖୋଲାଯିବ କିମ୍ବା ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା ଗ୍ରହଣ କରିପାରିବେ। ନୀତିରେ ଥିବା ପ୍ରାବଧାନ ଅନୁଯାୟୀ ଶିଶୁଟି ତିନି ବର୍ଷ ହେଲେ ସେ ଭର୍ତ୍ତିହେବ ଶିଶୁ-୧ରେ ଏବଂ ଛଅ ବର୍ଷ ହେଲେ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଥମ ଶ୍ରେଣୀରେ। ମାତ୍ର ଆମ ରାଜ୍ୟରେ ପାଞ୍ଚ ବର୍ଷ ହେଲେ ଶିଶୁମାନେ ଭର୍ତ୍ତି ହେବେ ଶିଶୁ ବାଟିକାରେ, ଯାହା ସଦ୍ୟତମ ନିଷ୍ପତ୍ତି ଅନୁଯାୟୀ ୨୦୨୫-୨୬ ଶିକ୍ଷା ବର୍ଷଠାରୁ ପ୍ରଥମକରି ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ



ଖୋଲିବ। ତେବେ ଖଡ଼ିଛୁଆଁ କେଉଁଠି ହେବ ? ଶିଶୁ-୧ରେ ନା ଶିଶୁ-୩ରେ ଭର୍ତ୍ତିହେବା ପରେ ? ଯଦି ଶିଶୁ-୩ରେ ଅକ୍ଷର ଶିକ୍ଷା ଆରମ୍ଭ ହେବ ତେବେ ଶିଶୁ-୧ ଓ ୨ ରେ କ'ଣ ହେବ ?

ଅଙ୍ଗନୱାଡିର ଅବସ୍ଥାକୁ ବୋଧହୁଏ ସରକାର ହୃଦୟଙ୍ଗମ କରିଛନ୍ତି। ଏଇଥିପାଇଁ ଶିଶୁ ବାଟିକା ନାମରେ ଆଉ ଏକ ନୂତନ ସୋପାନ ପ୍ରାଥମିକ ବିଦ୍ୟାଳୟ ସହିତ ସଂଯୁକ୍ତ କରି ଶିକ୍ଷାକୁ ଆଗେଇ ନେବାପାଇଁ ପରିକଳ୍ପନା କରିଛନ୍ତି। ହେଲେ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ତଦ୍ରୁପ। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି। ଆଉ ଯଦି ପ୍ରତି ଶ୍ରେଣୀକୁ ଜଣେ ଶିକ୍ଷକ ହିସାବ କରାଯାଏ ତେବେ ଲକ୍ଷାଧିକ ଶିକ୍ଷକ ଆବଶ୍ୟକ। ଏଥିପ୍ରତି ଧ୍ୟାନ ନ ଦେଇ ସରକାର କାମ ଚଳେଇ ନେବା ମତଲବରେ ଅଛନ୍ତି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ଆଠଟି ଶ୍ରେଣୀ ; ମାତ୍ର ଶିକ୍ଷକ ଅଛନ୍ତି ଦୁଇ କିମ୍ବା ତିନି ଜଣ। ଶିକ୍ଷକ ଅଭାବ ଯୋଗୁ ପ୍ରାଥମିକ ଶିକ୍ଷା ଯେତେବେଳେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଗୁଣାତ୍ମକ ଶିକ୍ଷା କଥା ଦୂରେ ଥାଉ ଛାତ୍ରୀଛାତ୍ରଙ୍କର ଶ୍ରେଣୀଗତ ଦକ୍ଷତା ନାହିଁ ବୋଲି ଯେତେବେଳେ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି ସେତିକି ବେଳେ ଆଉ ୪୫ହଜାର ଶ୍ରେଣୀ ଏଥିରେ ଯୋଡ଼ି ହୋଇଛି। ଶିଶୁ ବାଟିକା ଖୋଲିବା ନିଷ୍ପତ୍ତି ଅଗ୍ରହଣୀୟ ନୁହେଁ। କିନ୍ତୁ ଶିକ୍ଷକ ନିଯୁକ୍ତି ନ ଦେଇ ଏଭଳି ନିଷ୍ପତ୍ତି ନେବା ଶିଶୁର ବୌଦ୍ଧିକ ବିକାଶର ପରିପନ୍ଥୀ। କିଏ ଏମାନଙ୍କୁ ପଢ଼ାଇବେ ? କୌଣସି ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଏମାନଙ୍କର ଯତ୍ନ ନେବ କିଏ ? ଏମିତି ସ୍ଥିତିରେ ଶିଶୁମାନେ ହସିବେ ତ ?

ଅର୍ଦ୍ଧାଧିକ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନିମ୍ନମାନର। ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ କୋଠରିରେ ଏକାଧିକ ଶ୍ରେଣୀ ଚାଲୁଛି। ପାନୀୟ ଜଳର ସୁବନ୍ଦୋବସ୍ତ ଏପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ହୋଇପାରି ନାହିଁ। ବହୁ ବିଦ୍ୟାଳୟରେ ଶୌଚାଳୟ ନାହିଁ। ନିଜସ୍ୱ ଖେଳପଡ଼ିଆ ନାହିଁ। ଇନ୍‌ଡୋର ଷ୍ଟାଡିୟମ୍ କଥା ସ୍ୱପ୍ନ। ଏଭଳି ପରିବେଶରେ କୋମଳମତି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କେତେ ତ୍ୱରାନ୍ୱିତ ହେବ ତାହା ହିଁ ବିଚାର୍ଯ୍ୟ। ଯଦି ଶୈଶବ ଅବସ୍ଥାରେ ଶିଶୁ ପାଇଁ ଯାହା ଲୋଡ଼ା ତାହା ସେ ନ ପାଏ, ତେବେ ଭବିଷ୍ୟତ ହସିବ କେମିତି ?

ପ୍ରବେଶ ଓ ଖଡ଼ିଛୁଆଁ ନିଶ୍ଚୟ ଖୁସିର ଖବର। ପ୍ରେରଣା ଯୋଗାଇବ। କିନ୍ତୁ ଶିଶୁ ବାଟିକାରେ କ'ଣ ପଢ଼ାଯିବ, ତା'ର ପାଠ୍ୟଖସଡ଼ା କ'ଣ ହେବ, ସେଥିପାଇଁ ଯେଉଁ ପୁସ୍ତକ ଆବଶ୍ୟକ ତାହା ଛପା ହେଲାଣି କି ନାହିଁ ଏ ସମ୍ପର୍କରେ ଶିକ୍ଷା ଅଧିକାରୀମାନେ ନିରୁତ୍ତର। ସରକାର ମଧ୍ୟ ନୀରବ। ତେବେ କ'ଣ ଏମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ଘଟିବ, ଯାହା ଏଯାବତ୍ ଘଟି ଚାଲିଛି। ଅର୍ଥାତ୍ ଶିକ୍ଷା ବର୍ଷ ଅଧାଅଧି ହେଲେ ଯାଇ ପାଠ୍ୟ ପୁସ୍ତକ ଆସିବ ? ପ୍ରବେଶ ଖଡ଼ିଛୁଆଁ ଉତ୍ସବ ସରିଗଲେ ଯେ ଯାହା ବାଟରେ। ଆଉ ଯାହା ହେବ କାଗଜ କଲମରେ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଶିଶୁର ବସ୍ତାନି ଖାଲି, ପାଠ ଘର ଶୂନ।

ସବୁଠାରୁ ବଡ଼ କଥା ହେଲା ଶିଶୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କର ମନକଥା ବୁଝିବା। ସାମାନ୍ୟ ମାନସିକ ବୋଝ ଏମାନଙ୍କର ନିରୀହ ମନରେ ଗଭୀର କ୍ଷତ ସୃଷ୍ଟି କରିବାର ସମ୍ଭାବନା ଥାଏ। ଆମ ଦେଶରେ ହେଉ ବା ରାଜ୍ୟରେ ହେଉ ଏହି ଅକାଟ୍ୟ ସତ୍ୟଟିକୁ ସରକାରମାନେ ବୁଝିବାକୁ ନାରାଜ। ଏଠାରେ କଥାରେ ସଭିଏ କହନ୍ତି ଶିଶୁ ଦେଶର ଭବିଷ୍ୟତ। କିନ୍ତୁ କାର୍ଯ୍ୟରେ ତାହା ପ୍ରତିଫଳନ ହୁଏ ନାହିଁ। ସମସ୍ତେ କଥାରେ କହନ୍ତି ଶିଶୁର ଅଭାବ ଅସୁବିଧାକୁ ଆଜି ହିଁ ପୂରଣ କରିବା ବାଞ୍ଛନୀୟ। କିନ୍ତୁ ଏହା ନ କରି ସୁବିଧା ହେଲେ ବୁଝିବା, ଭବିଷ୍ୟତରେ ପୂରଣ ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେବା ଚିରାଚରିତ ଅଭ୍ୟାସରେ ପରିଣତ ହୋଇଗଲାଣି। ଏହା କେବଳ ଭୁଲ୍ ନୁହେଁ, ଅପରାଧ। କାରଣ ବହୁ ବିଶେଷଜ୍ଞଙ୍କ ମତ ଛଅ ବର୍ଷ ଭିତରେ ଶିଶୁ ମସ୍ତିଷ୍କର ୮୫ ଶତକଡ଼ା ବିକାଶ ଘଟିଥାଏ। ଅର୍ଥାତ୍ ଶାରୀରିକ, ମାନସିକ ତଥା ବୌଦ୍ଧିକତାର ତଡ଼ିତ ଅଭିବୃଦ୍ଧିର ସମୟ ହେଉଛି ଶୈଶବ। ଏହି ସମୟରେ ସାମାନ୍ୟତମ ତ୍ରୁଟି, ଅବହେଳା, ଅଣଦେଖା ଶିଶୁର ଭବିଷ୍ୟତକୁ ନଷ୍ଟ କରିଦେବା ସହିତ ଏକ ଭିନ୍ନ ଦୁନିଆ ଭିତରକୁ ଠେଲି ଦେଇପାରେ। ଏଣୁ ଯାହା ତାଙ୍କର ଲୋଡ଼ା ତାହା ଆଜି ଦିଆଯାଉ କାଲିକୁ ନୁହେଁ। ଅପେକ୍ଷା ପାଇଁ ବେଳ କାହିଁ ? ଏହାକୁ ଗମ୍ଭୀରତାର ସହିତ ଚିନ୍ତନ ନ କଲେ ଅପେକ୍ଷା ଉପେକ୍ଷାରେ ପରିଣତ ହେବ।

ସଭାପତି, ଓଷ୍ଟା
ମୋ :୯୯୩୮୭୬୩୨୩୭


# ପେଟ୍ରୋଲ ଟାଙ୍କିର ମନିବ୍ୟାଗ



ଶୁଭନାରାୟଣ ଶତପଥୀ

ମନିବ୍ୟାଗ ହେଉଛି ଅର୍ଥ ରଖିବାର ମୁଣା। ମନିବ୍ୟାଗ୍‌ର ରଙ୍ଗ, ଦିଗ, ସାଙ୍କେତିକ ଚିହ୍ନ, ସ୍ୱଚ୍ଛତା ଆଦିକୁ ବାସ୍ତୁବିଦ୍ୟାରେ ବର୍ଣ୍ଣନା କରାଯାଇଛି। ବିଶେଷ କରି ବ୍ୟବସ୍ଥିତ ଓ ସଫା, ସୁନ୍ଦର ମନିବ୍ୟାଗ ହେଉଛି ସମ୍ମାନ, ଧନଧାନ୍ୟ ଓ ସକାରାତ୍ମକ ଶକ୍ତିର ନିଦର୍ଶନ। ପେଟ୍ରୋଲ ଟାଙ୍କି କର୍ମଚାରୀଙ୍କ କାନ୍ଧରେ ଝୁଲୁଥିବା ମନିବ୍ୟାଗ ଏହି ଆଲେଖ୍ୟର ପ୍ରସଙ୍ଗ। ଯେଉଁମାନେ ପେଟ୍ରୋଲ ଟାଙ୍କିକୁ ଯାଇ ଗାଡ଼ିରେ ପେଟ୍ରୋଲ ପକାଇଛନ୍ତି ସେମାନେ ଉଭୟ କର୍ମଚାରୀ ଓ ମନିବ୍ୟାଗ ସହିତ ପରିଚିତ। ଏହି ମନିବ୍ୟାଗ ଗାଡ଼ିରେ ପେଟ୍ରୋଲ ଭରୁଥିବା କର୍ମଚାରୀଙ୍କ କାନ୍ଧରେ ଝୁଲୁଥାଏ ଓ ଏହା ତାଙ୍କ ହାତ ପାହାନ୍ତାରେ ରହିଥାଏ। ସେଥିରେ ଟଙ୍କା ରଖିବା ଓ ଗ୍ରାହକଙ୍କୁ ଦେବା ସହଜ ହୋଇଥାଏ। ଅଧିକାଂଶ ସମୟରେ ଦେଖାଯାଏ ସେହି ବ୍ୟାଗ୍‌ର ଚେନ୍ କାମ କରୁ କି ନ କରୁ ଖୋଲା ରହିଥାଏ ଓ କର୍ମଚାରୀମାନେ ଗ୍ରାହକଙ୍କ ସାମ୍ନାରେ ଟଙ୍କା ଦେଣନେଣ କରନ୍ତି।

ଥରେ ରମେଶବାବୁ ନିଜ ସ୍କୁଟିଟି ନେଇ ପେଟ୍ରୋଲ ପକାଇବାକୁ ପେଟ୍ରୋଲ ଟାଙ୍କିକୁ ଗଲେ। କଥା ପ୍ରସଙ୍ଗରେ ପେଟ୍ରୋଲ ପକାଇବାକୁ ଆମେ ତେଲ ପକାଇବା କହୁ। ତେବେ ରମେଶବାବୁ ଗାଡ଼ିରେ ତେଲ ପକାଇସାରିବା ପରେ ଦୁଇଟି ଖଡ଼ଖଡ଼ିଆ ଦୁଇଶହ ଟଙ୍କିଆ ନୋଟ ବଢ଼ାଇଦେଲେ ପେଟ୍ରୋଲ ପକାଇଥିବା କର୍ମଚାରୀଙ୍କୁ। ଯୁବ କର୍ମଚାରୀ ଜଣକ ଦେଖିବାକୁ ବେଶ୍ ହ୍ୟାଣ୍ଡସମ। ନିଜର ଶାର୍ଟ ପ୍ୟାଣ୍ଟ ଜୋତା ଟୋପି ମଧ୍ୟ ବେଶ୍ ପରିଷ୍କାର ରଖିଛନ୍ତି। ତେବେ ରମେଶବାବୁଙ୍କଠାରୁ ଉକ୍ତ ନୋଟ୍‌କୁ ହସହସ ମୁହଁରେ ସେ ଗ୍ରହଣ କରି ନିଜର କାନ୍ଧରେ ପଡ଼ିଥିବା ମନିବ୍ୟାଗରେ ରଖିଲେ। ମନିବ୍ୟାଗଟି ନୋଟ୍ ଓ କଏନରେ ଭାରାକ୍ରାନ୍ତ ହୋଇ ରହିଥାଏ। ରମେଶବାବୁ ନିରେଖି ଦେଖିଲେ ସେହି ମନିବ୍ୟାଗଟିକୁ। ବ୍ୟାଗଟି ପୂରାପୂରି କୋତରା ବା ମଇଳାପୂର୍ଣ୍ଣ। ପ୍ରତିଦିନର ବ୍ୟବହାରରେ ଧୂସର ବ୍ୟାଗଟି କଳା ପଡ଼ିଗଲାଣି। ଆଉ ସେହି ବ୍ୟାଗର ଚାରୋଟି ପକେଟ୍‌ର କୌଣସି ଚେନ୍ କାମ କରୁନାହିଁ। ଅର୍ଥାତ୍ ଚାରିମୁଣାଯାକ ଖୋଲା ପଡ଼ିଛି। ସବୁଦିନ ଓ ପ୍ରତି ମୁହୂର୍ତ୍ତରେ ବ୍ୟବହାର ଓ ହାତବାଜି ମୁଣାର ପ୍ରତିଟି ଧାର ଓ ଚାରିପାଖ କଳା ପଡ଼ିଯାଇଛି। କେଉଁଠି କେଉଁଠି ମୁଣା ସିଲେଇ ହୋଇଥିବା ଦେଖିବାକୁ ମିଳେ। ରମେଶବାବୁ ବ୍ୟାଗ ଆଡ଼କୁ ଲକ୍ଷ୍ୟକରି ଯୁବକଙ୍କୁ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଲେ, ଭାଇ ଇଏ ତୁମ ବ୍ୟାଗ ତୁମ ସହ ଜମାରୁ ମ୍ୟାଚ କରୁନି। ଯୁବକ ଜଣକ ମୁରୁକି ହସିଦେଲେ। ରମେଶବାବୁ ସେଠାରୁ ଚାଲିଗଲେ। ଯୁବକଜଣକ ରମେଶବାବୁଙ୍କ କଥାକୁ ଠଉରେଇ ପାରିଥିଲେ କି ନାହିଁ କହିହେବ ନାହିଁ। ଠିକ୍ ସାତଦିନ ପରେ ରମେଶବାବୁ ସହରର ଆର ମୁଣ୍ଡରେ ଥିବା ଅନ୍ୟ ଏକ ଟାଙ୍କିକୁ ତେଲ ପକାଇବାକୁ ଗଲେ। ସେଠାରେ ମଧ୍ୟ ସମାନ ଅବସ୍ଥା। ଗାଡ଼ିରେ ତେଲ ପକାଉଥିବା ଯୁବତୀଜଣକ ନିଜର ବେଶପୋଷାକକୁ ଯେତିକି ପରିଷ୍କାର ପରିଚ୍ଛନ୍ନ ଓ ସୁନ୍ଦର ରଖିଛନ୍ତି, ତାଙ୍କ କାନ୍ଧରେ ପଡ଼ିଥିବା ମନିବ୍ୟାଗ୍‌ର ଅବସ୍ଥା ସେତିକି ଅପରିଷ୍କାର ଓ ଚେନ୍ ଛିଡ଼ା। ବାସ୍ତବରେ ଏହି ମନିବ୍ୟାଗରେ ଦିନକୁ ଲକ୍ଷାଧିକ ଟଙ୍କା କାରବାର



ହୁଏ। ଏ ଦୃଷ୍ଟିରୁ ବ୍ୟାଗର ଗୁରୁତ୍ୱ ଢେର ବେଶି। କିନ୍ତୁ ସେହି ବ୍ୟାଗର ଅବସ୍ଥା କହିଲେ ନ ସରେ।

ପୁନର୍ବାର ରମେଶବାବୁ ଯେତେବେଳେ ଦୁଇମାସ ପରେ ଗାଡ଼ିରେ ତେଲ ପକାଇବାକୁ ପ୍ରଥମ ପେଟ୍ରୋଲ ଟାଙ୍କିକୁ ଗଲେ ରମେଶବାବୁ ଦେଖିବାକୁ ପାଇଲେ ଯେ ସେହି ଯୁବ କର୍ମଚାରୀଜଣକ ଚାକିରି ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବଦଳରେ ସେଠାରେ ଆଉ ଜଣେ ଯୁବକ କାମ କରୁଛନ୍ତି। ତେଲ ପକାଇସାରି ଟଙ୍କା ଦେଲାବେଳେ ରମେଶବାବୁ ପୁଣି ସେହି ବ୍ୟାଗଟିକୁ ନିରୀକ୍ଷଣ କଲେ। ପଚାରିଲେ ଆଛା ବାବୁ, ଏହି ବ୍ୟାଗ ବୋଧହୁଏ ତୁମ ପୂର୍ବରୁ କାମ କରୁଥିବା ଯୁବକ ଜଣକ ବ୍ୟବହାର କରୁଥିଲେ ? ଯୁବକଟି ହଁ କହିଲା। ରମେଶବାବୁ ନିଶ୍ଚିତ ହୋଇଗଲେ ଯେ ଯେତେ କର୍ମଚାରୀ ଆସନ୍ତୁ ବା ଯାଆନ୍ତୁ ପଛକେ ମନିବ୍ୟାଗ ବଦଳେ ନାହିଁ। ତେବେ ତାଙ୍କ ମତରେ ଅନ୍ତତଃ ପକ୍ଷେ ମନିବ୍ୟାଗର ମହତ୍ତ୍ୱ ଓ ଇଜତକୁ ସମ୍ମାନ ଦେବା କଥା। କାରଣ ଯେଉଁବ୍ୟାଗ ଦ୍ୱାରା ପେଟ୍ରୋଲ ଟାଙ୍କିର ଆର୍ଥିକ ଦେଣ ନେଣ ହୁଏ ଯଦି ସେ ବ୍ୟାଗର ଏମିତି ଅବସ୍ଥା ରହିବ ତେବେ ସେଠାରେ ରହୁଥିବା ସମସ୍ତ ବ୍ୟକ୍ତିଙ୍କ ମାନସିକତା କିପରି ହୋଇଥିବ? ଏପ୍ରଶ୍ନ ରମେଶବାବୁଙ୍କ ମନକୁ ଆନ୍ଦୋଳିତ କରୁଥାଏ। ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ କଥା। କାରଣ ସ୍ୱଚ୍ଛତାର ପାରମ୍ପରିକ ରୂଢ଼ି ପରି ଆଧୁନିକତାର ସ୍ପର୍ଶରେ କୁହାଯାଇପାରେ 'ଟାଙ୍କି ପରିମଳ ମନିବ୍ୟାଗରୁ'। ଏହି କଥା ରମେଶବାବୁ ସେହି ଟାଙ୍କିର ମାଲିକଙ୍କୁ କହିବାରୁ ମାଲିକ ଜଣକ କହିଲେ ଆପଣ ଡିଜିଟାଲ ପେମେଣ୍ଟ କାହିଁକି କରୁ ନାହାନ୍ତି ? ଏକଥା ଶୁଣି ରମେଶବାବୁ ଟିକେ ରହିଗଲେ ଆଉ ତାଙ୍କ ମନ ପରିବର୍ତ୍ତନ ହୋଇଗଲା। ମନିବ୍ୟାଗ ଅସ୍ୱଚ୍ଛ ହୋଇପାରେ କିନ୍ତୁ ମାଲିକଙ୍କ ଏହି ବାର୍ତ୍ତା ଆର୍ଥିକ ସ୍ୱଚ୍ଛତାର ବାର୍ତ୍ତା ବହନ କରେ। ରମେଶବାବୁ ନିଷ୍ପତ୍ତି କଲେ ଯେ ପରବର୍ତ୍ତୀ ସମୟରେ ଟାଙ୍କିରେ ତେଲପକାଇବା ବେଳେ ଏଥର ଡିଜିଟାଲ ପେମେଣ୍ଟ କରିବେ। ଆଉ ମନିବ୍ୟାଗକୁ ତାଙ୍କ ଟଙ୍କା ଯିବନି କି ସେଠାରୁ ଆସିବନି। ତଥାପି କୋଭିଡ୍ ଭଳି ଭୟଙ୍କର ସଂକ୍ରମଣର ବାହାକ ଏହି ମନିବ୍ୟାଗ ନ ହେବ ତା'ର ଗ୍ୟାରେଣ୍ଟି କିଏ ଦେବ ? ସେ ଯାହାହେଉନା କାହିଁକି ରମେଶବାବୁଙ୍କ ଏପରି ଚିନ୍ତା ବାସ୍ତବିକ ଚିନ୍ତାର ବିଷୟ। ସେ ପେଟ୍ରୋଲଟାଙ୍କିର ମନିବ୍ୟାଗ ହେଉ ବା ପିଲାଙ୍କ ସ୍କୁଲ ବ୍ୟାଗ, ବ୍ୟକ୍ତିଗତ ମନିପର୍ସ ହେଉ ବା ମହିଳାଙ୍କ ଭ୍ୟାନିଟି ବ୍ୟାଗ ଏ ସବୁର ଏକ ବ୍ୟବହାରିକ ସୀମା ବା ଭାଲିଡିଟି ବା ଏକ୍ସପାଏରି ରହିବା ଉଚିତ। ନଚେତ୍ ଏହି ବ୍ୟାଗ କେତେ ପୁରୁଷ ଯାଏ ଏହାର ବ୍ୟବହାର ହେଉଥିବ ତାହା କହିହେବ ନାହିଁ। ପ୍ରତିଦିନ ଶହଶହ ଗ୍ରାହକ ତେଲ ପକାଇବାକୁ ଟାଙ୍କିକୁ ଯାଆନ୍ତି। ଆଜି ମଧ୍ୟ ଅର୍ଦ୍ଧାଧିକ ଗ୍ରାହକ ନୋଟ, କଏନର ନଗଦ ବ୍ୟବହାର କରି ଗାଡ଼ିରେ ତେଲ ପକାନ୍ତି। ସେଥିପାଇଁ ତ ଏ ମନିବ୍ୟାଗ ଅଛି। ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଯେ ଅଧିକ ବ୍ୟବହାର ହେଉଥିବା, ବିଭିନ୍ନ ସ୍ଥାନ ଓ ନିରନ୍ତର ହାତ ସଂସ୍ପର୍ଶରେ ଆସୁଥିବାରୁ ଏହି ବ୍ୟାଗ କୀଟାଣୁମୟ ହୋଇଥାଏ। ଏପରି ହ୍ୟାଣ୍ଡବ୍ୟାଗଗୁଡ଼ିକ ଖୁବ୍ କମ୍ ସଫା ବା ପରିଷ୍କାରପରିଚ୍ଛନ୍ନ କରାଯାଉଥିବାରୁ ସେଥିରେ ଏକ ଟଏଲେଟ ସିଟ୍‌ରେ ଥିବା ବ୍ୟାକ୍ଟେରିଆର ପରିମାଣଠାରୁ ୨୦ ଶତକଡ଼ା ଅଧିକ ରହିଥାନ୍ତି। ଯେପର୍ଯ୍ୟନ୍ତ ଅର୍ଥ ଦେଣନେଣ ସମ୍ପୂର୍ଣ୍ଣ ଡିଜିଟାଇଜେଶନ ନ ହୋଇଛି ସେ ପର୍ଯ୍ୟନ୍ତ ଏହି ମନିବ୍ୟାଗ ରହିବ। ତେବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କ କାନ୍ଧରେ ଏକ ସୁସ୍ଥ ମନିବ୍ୟାଗଟିଏ ଥିଲେ ଏହା କାମ କରିବାର ସ୍ପୃହାକୁ ଦ୍ୱିଗୁଣିତ କରିବ ଓ ଗ୍ରାହକ ନାକ ଟେକିବେ ନାହିଁ। ତେବେ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ କହିବାକୁ ଗଲେ ମନିବ୍ୟାଗ୍‌ର ଅବସ୍ଥା ଦେଖି ରମେଶବାବୁଙ୍କ ଭଳି ଅନେକ ବ୍ୟକ୍ତି ମନି ଡିଜିଟାଇଜେଶନ ପଦ୍ଧତିକୁ ଆପଣେଉ ନ ଥିବେ ବୋଲି କହିହେବ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ସଫଳତା କଥା ଯେତିକି ଜୋର କୁହାଯାଉଛି ତାହାର ବାସ୍ତବତା ସେତିକି ନୁହେଁ। ଦେଶରେ ଏମିତି ଅଞ୍ଚଳ ରହିଛି ଯେଉଁଠି ଏବେ ବି ପାନୀୟ ଜଳର ଅଭାବ ରହିଛି। ପିଲାମାନେ ସ୍କୁଲରେ ମଧ୍ୟ ତାହା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଡ. ଅନିଲ ରାଜବଂଶୀଙ୍କ ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତି ଏହି ସମସ୍ୟାର ଅନେକାଂଶରେ ସମାଧାନ କରିପାରିବ। ରାଜବଂଶୀ ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ଏହି ପଦ୍ଧତିରେ ପିଲାମାନଙ୍କଠାରେ ଦେଖାଯାଉଥିବା ସଂକ୍ରମଣ ହ୍ରାସ କରିବା ସହ ସେମାନଙ୍କୁ ସୁସ୍ଥ ରଖିବ ବୋଲି କହନ୍ତି ରାଜବଂଶୀ। ସେ ଏହି ପଦ୍ଧତିକୁ ବ୍ୟବହାର କରି ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ବଡ଼ କଥା ହେଉଛି, ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଇ ତାହାକୁ ସାଧାରଣ ଶାଢ଼ି ମାଧ୍ୟମରେ ଫିଲଟର ବ୍ୟବସ୍ଥା କରାଯାଇଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍‌ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୭୬

- ଭୁବନେଶ୍ୱର ଓ ରାଉରକେଲାରେ କଲୋନୀ ତିଆରି ପାଇଁ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ କର୍ପୋରେସନ ପକ୍ଷରୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ୨୭ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର।
- ବେରୁଟ ଓ ସହରତଳି ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ସୈନ୍ୟମାନଙ୍କ ମଧ୍ୟରେ ପ୍ରବଳ ଗୁଳିଗୋଳା ଘଟି ୩୦ ନିହତ।
- ରାଷ୍ଟ୍ରପତି ଫ୍ରାନ୍‌ସିସୋ ଡା କୋଷ୍ଟା ଗୋମ୍ସ ପର୍ତ୍ତୁଗାଲର ନୂତନ ସମ୍ବିଧାନ ଜାରୀ କରିଛନ୍ତି।

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
ନିଦାଘ ବନ ଭୂଇଁ।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବିଧାନସଭା ଆସନ ବୃଦ୍ଧି ହେଉ

ମହାଶୟ,
ରାଜ୍ୟ ବିଧାନସଭାର ଆସନ ସଂଖ୍ୟାକୁ ବୃଦ୍ଧି କରାଯାଉ, ଯାହା ଦୀର୍ଘ ବର୍ଷରୁ ଯେତିକି ସେତିକି ଅଛି। ଲୋକସଂଖ୍ୟା ଦୃଷ୍ଟିରୁ ପ୍ରଶାସନର ସୁପରିଚାଳନା ପାଇଁ ଏହା ୧୭୦ରୁ ୧୮୦ ମଧ୍ୟରେ ବୃଦ୍ଧି କରାଗଲେ ଭଲ ହୁଅନ୍ତା। ଆମ ରାଜ୍ୟରେ ଲୋକସଭା ନିର୍ବାଚନ ମଣ୍ଡଳୀ ସଂଖ୍ୟା କମ୍ ଥିବାରୁ ଅନ୍ୟ ରାଜ୍ୟ ତୁଳନାରେ ସଦସ୍ୟ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ସେହିପରି ରାଜ୍ୟ ସଭା ଆସନ ସଂଖ୍ୟା ବି ଯଥେଷ୍ଟ କମ୍। ଏଣୁ ଉଭୟ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଉ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରେନ୍‌ରୁ ୪ ବେଆଇନ ଭେଣ୍ଡର ଗିରଫ

**ରାଉରକେଲା,୪।୪(ସଙ୍ଗୀତା ଜେନା):** ରେଳବାଇ ସୁରକ୍ଷା ବଳ ଓ ରାଉରକେଲା ରେଳବାଇ ଷ୍ଟେଶନ ବାଣିଜ୍ୟିକ ବିଭାଗ ପକ୍ଷରୁ ଶୁକ୍ରବାର ଅପରାହ୍ନ ୪ଟାରେ ଟ୍ରେନ ଗୁଡ଼ିକରେ ମିଳିତ ଚଢ଼ାଉ କରାଯାଇଥିଲା। ଏଥିରେ ଯାତ୍ରୀବାହୀ ଟ୍ରେନ୍ (ନଂ.୧୩୩୫୧)ରୁ ବେଆଇନ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ୪ ଭେଣ୍ଡରଙ୍କୁ ଗିରଫ କରି ମାମଲା ରୁଜୁ ହୋଇଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଲହୁଣୀପଡ଼ା,୪।୪(ଦାଶରଥି ପଣ୍ଡା):** ଲହୁଣୀପଡ଼ା ବ୍ଲକ ଦର୍ଜୀଂ ପଞ୍ଚାୟତ ୧୪୩ନମ୍ବର ଜାତୀୟ ରାଜପଥର ଦେଓଧର ଛକଠାରେ ଗତ ୨୧ ତାରିଖରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ବିଦେଶୀ ଖାଆଁ (୫୩)। ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଟିଙ୍କିବିରି ଗ୍ରାମର ବିଦେଶୀ ଓ ଆକାଶ ଖାଆଁ(୧୯) ବାଇକ୍‌ରେ ରାଉରକେଲା ପଟେ ଯାଉଥିବା ବେଳେ ଦେଓଧର ଛକଠାରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିଲେ। ଚାନ୍ଦିପୋଷ ପୋଲିସ ପହଞ୍ଚି ସେମାନଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ବିଦେଶୀଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ବାସନ୍ତିକ ଦୁର୍ଗାପୂଜା ଅବସରରେ ଶୁକ୍ରବାର ରାଉରକେଲାର ଛେଣ୍ଡ, ସେକ୍ଟର-୩ ଏବଂ ସେକ୍ଟର-୧୪ ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା ହୋଇଛି।

# ବ୍ଲାଷ୍ଟିଂରେ କ୍ଷତିଗ୍ରସ୍ତ ହେଉଛି ବାସଗୃହ

**ରାଉରକେଲା,୪।୪(ସଙ୍ଗୀତା ଜେନା)**

ଲାଠିକଟା ବ୍ଲକ ଅନ୍ତର୍ଗତ ଦକ୍ଷିଣ ରାଉରକେଲାରେ ବହୁସଂଖ୍ୟାରେ ଦିନମଜୁରିଆ, ଚାଷୀ ଓ ଖଟିଖିଆ ଲୋକ ବାସ କରୁଛନ୍ତି। ସୀମିତ ରୋଜଗାରରେ ସେମାନେ ଆଜବେଷ୍ଟସ, ଖପର ଓ କଚ୍ଚା ଘରମାନ ତିଆରି କରି ରହୁଛନ୍ତି। ତେବେ ଉକ୍ତ ଅଞ୍ଚଳରେ ବିସ୍ଫୋରକ ତିଆରି କରୁଥିବା ଏକ ଘରୋଇ କମ୍ପାନୀ ରହିଥିବାରୁ ଅଧିକାଂଶ ସମୟରେ ବ୍ଲାଷ୍ଟିଂ ଯୋଗୁ ଲୋକମାନଙ୍କ ଘର କ୍ଷତିଗ୍ରସ୍ତ ହେଉଛି। ଆଜବେଷ୍ଟସ ଓ କାନ୍ଥ ଫାଟିବା ସହ ଦୁର୍ବଳ ହୋଇପଡୁଛି। ଅତି କମ୍ ଦିନରେ ମରାମତି ଦରକାର ପଡୁଛି। ଏ ନେଇ ପ୍ରଶାସନ ଏବଂ କମ୍ପାନୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅପରପକ୍ଷେ ସରକାରୀ ନିୟମ ଭିତରେ ରହି କାର୍ଯ୍ୟ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଲାଠିକଟା ବ୍ଲକର ସିଉଡ଼ି ଗ୍ରାମପଞ୍ଚାୟତରେ ୧୦୯୭ ଏକର ଜମିରେ ଏକ ଘରୋଇ ବିସ୍ଫୋରକ କମ୍ପାନୀ ରହିଛି। ୧୯୬୮ରୁ ଆରମ୍ଭ ହୋଇଥିବା ଉକ୍ତ କମ୍ପାନୀ ଡେଟୋନେଟର ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ତିଆରି କରିଥାଏ। ଉକ୍ତ କାରଖାନା ନିକଟରେ ଥିବା ଖରୁଆଟୋଲା, ଅସୁରଛାପଲ, ବଡ଼ ସୋନାପର୍ବତ, ନବକୃଷ୍ଣନଗର, ଗୋପବନ୍ଧୁନଗର, ଭଞ୍ଜ କଲୋନି ଆଦିରେ ବସବାସ କରୁଛନ୍ତି। ତେବେ କମ୍ପାନୀରେ ଉଚ୍ଚ ସମ୍ପନ୍ନ ବ୍ଲାଷ୍ଟିଂ ଯୋଗୁ ହଜାର ହଜାର ଲୋକ ପ୍ରଭାବିତ ହେଉଥିବା ସୋନାପର୍ବତ ଗ୍ରାମର ଲକ୍ଷ୍ମଣ ମହାକୁଡ଼, ରାଜେନ୍ଦ୍ର ମହାକୁଡ଼, ବିଜୟ ମହାକୁଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲାଷ୍ଟିଂ ସହ ଶବ୍ଦ ପ୍ରଦୂଷଣ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ସ୍ଥାନୀୟ ବାସିନ୍ଦା ଡମ୍ବୁରୁ ସିଂଙ୍କ କୁହନ୍ତି, ବହୁକଷ୍ଟରେ ଘର ନିର୍ମାଣ କରିଥିଲି। ହେଲେ ବ୍ଲାଷ୍ଟିଂ ଯୋଗୁ ଆଜବେଷ୍ଟସ ଓ କାନ୍ଥ ଫାଟି ଆଁ କରିଛି। ସେଥିରେ ରହିବା ବିପଜ୍ଜନକ ମନେ ହେଉଛି। ପୁଣି ମରାମତି ପାଇଁ ଅର୍ଥ ଆବଶ୍ୟକତା ପଡୁଛି ବୋଲି ସେ କହିଥିଲେ। ସେହିପରି ବାରମ୍ବାର କମ୍ପାନୀକୁ ଅଭିଯୋଗପତ୍ର ପ୍ରଦାନ ଓ ବୈଠକ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ ବୋଲି ସିଉଡ଼ି ସରପଞ୍ଚ ଅରୁଣା ଇରାନୀ କିଷାନ କହିଛନ୍ତି। ଏ ନେଇ ଉକ୍ତ ବିସ୍ଫୋରକ କମ୍ପାନୀର ଅଧିକାରୀ ରଞ୍ଜନ ମହାନ୍ତିଙ୍କୁ ପଚରାଯିବାରୁ ସେ କହିଲେ, ଜିଲାରେ ଏହି କମ୍ପାନୀ ସମସ୍ତ ସରକାରୀ ନିୟମକୁ ଅନୁସରଣ କରୁଛି। ବ୍ଲାଷ୍ଟିଂର ପରିମାପକ ରହିଛି। ନିୟମ ଭିତରେ ରହି ସମସ୍ତ କାର୍ଯ୍ୟ କରୁଛୁ ବୋଲି ମହାନ୍ତି କହିଛନ୍ତି। ସେହିପରି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆର୍‌ଓ ଅନୁପ ମଲ୍ଲିକଙ୍କୁ ପଚରାଯିବାରୁ ଏହି ସମସ୍ୟା ଏକ୍ସପ୍ଲୋସିଭ୍ ବିଭାଗ ଅନ୍ତର୍ଭୁକ୍ତ ରହିଛି। ଯାହାକି ଭୁବନେଶ୍ୱରରୁ ପରିଚାଳିତ ହେଉଛି ବୋଲି ସେ କହିଥିଲେ।



ବ୍ଲାଷ୍ଟିଂ ଯୋଗୁ ଏକ ଘର ଫାଟି ଯାଇଛି।

# ବାସନ୍ତିକ ଦୁର୍ଗାପୂଜାରେ ଇସ୍ପାତ ସହର ଉତ୍ସବମୁଖର

**ରାଉରକେଲା,୪।୪ (ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)**

ବାସନ୍ତିକ ଦୁର୍ଗାପୂଜା ପାଇଁ ଇସ୍ପାତ ସହର ଉତ୍ସବମୁଖର ହୋଇପଡିଛି। ରାଉରକେଲାର ସେକ୍ଟର-୩, ସେକ୍ଟର-୧୪, ଛେଣ୍ଡ କଲୋନି ସମେତ ୬ରୁ ଊର୍ଦ୍ଧ୍ୱ ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏହି କ୍ରମରେ ସେକ୍ଟର-୩ ବାସନ୍ତିକ ପରିଷଦ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ୫୦ବର୍ଷରେ ପଦାର୍ପଣ କରିଛି। ଏହାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶୁକ୍ରବାର ମହାସପ୍ତମୀ ପୂଜା ହୋଇଛି। ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମୂର୍ତ୍ତିକାର ହରେକୃଷ୍ଣ ପାଢ଼ୀ ଦ୍ୱାରା ମା'ଙ୍କ ପ୍ରାୟ ୧୨ ଫୁଟ୍‌ର କ୍ଲାସିକାଲ ମୂର୍ତ୍ତି ପେଣ୍ଡାଲରେ ଶୋଭା ପାଉଛି। ଗୁରୁବାର ସନ୍ଧ୍ୟାରେ ବିଲ୍ୱବରଣ ନୀତି ପରେ ଶୁକ୍ରବାର ମହାସପ୍ତମୀ ପୂଜା ହୋଇଥିଲା। ନବପତ୍ରିକା ସହ ଘଟ ପ୍ରବେଶ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ନ୍ୟାସ ଉପଚାର, ଚଣ୍ଡୀପାଠ, ହୋମ, ବଳିଦାନ, ଅପରାହ୍ନ ସାଢ଼େ ୩ଟାରେ ଆରତୀ, ପୁଷ୍ପାଞ୍ଜଳି ଓ ସନ୍ଧ୍ୟା ନୀତି କରାଯାଇଥିଲା। ଆଚାର୍ଯ୍ୟ ପରମେଶ୍ୱର ପତିଶର୍ମା, ପୁସ୍ତକ ଆଚାର୍ଯ୍ୟ ପରମାନନ୍ଦ ମିଶ୍ର, ଚଣ୍ଡୀପାଠକ ମାନସ ରଞ୍ଜନ ପଣ୍ଡା, ନୀଳମଣି ପଣ୍ଡା ପ୍ରମୁଖ ମା'ଙ୍କ ପୂଜାବିଧି କରିଥିଲେ। ସୁପ୍ରକାଶ ତ୍ରିପାଠୀ କର୍ତ୍ତା ଦାୟିତ୍ୱରେ ଥିଲେ। ଉପଦେଷ୍ଟା ଯଦୁମଣି ସ୍ୱାଇଁ, ଭାସ୍କର ପ୍ରଧାନ, ବି. ସି. ନାୟକ, ନିରଞ୍ଜନ ଖଣ୍ଡାୟତରାୟ, ସଭାପତି ଶଶଧର ପାତ୍ର, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ଗୌଡ଼, ଉପସଭାପତି ରବିନ୍ଦ୍ର ବାରିକ, ଉଗ୍ରସେନ ବିଶ୍ୱାଳ, ଆଇସି ଟୁଡୁ, ପ୍ରହଲ୍ଲାଦ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସତ୍ୟବାନ ରାଉତ, କୋଷାଧ୍ୟକ୍ଷ ଏଚ୍. କେ. ପରିଡ଼ା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ସେହିପରି ସେକ୍ଟର-୧୪, ଛେଣ୍ଡ, ଦକ୍ଷିଣ ରାଉରକେଲାରେ ମା'ଙ୍କ ପୂଜା କରାଯାଉଛି। ଅନୁରୂପ ଭାବେ ଶକ୍ତିପୀଠ ଗୁଡ଼ିକରେ ମହାସପ୍ତମୀ ପୂଜା ଆୟୋଜିତ ହୋଇଯାଇଛି।

# ବଢୁଛି ନିର୍ମାଣ, ଖାଦ୍ୟ ସାମଗ୍ରୀ ଦର

**ରାଉରକେଲା,୪।୪ (ବିପ୍ଳବ ରଞ୍ଜନ ଦାଶ)**



ବୀରେନ ସେନାପତି



ରୀତାରାଣୀ ସାହୁ

### ଘର ତୋଳିବା, ପରିବାର ଚଳାଇବା କଷ୍ଟକର

ରାଉରକେଲା ସହରରେ ନିର୍ମାଣ ଓ ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ଦର ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସହରବାସୀଙ୍କ ପାଇଁ ଘର ତୋଳିବା ଏବଂ ପରିବାର ଚଳାଇବା କଷ୍ଟକର ହେଉଛି। ପକ୍କା ଘର ନିର୍ମାଣ ପାଇଁ ବିଶେଷ ଆବଶ୍ୟକ ଥିବା ଲୁହାଛଡ ଓ ସିମେଣ୍ଟ ଦର ଆକାଶ ଛୁଆଁ ହୋଇଗଲାଣି। ଲୁହାଛଡ ଟନ୍ ପିଛା ୫୫ରୁ ୬୫ହଜାର ଟଙ୍କା ପଡୁଛି। ଏଥିସହ ଏପ୍ରିଲ ମାସରୁ ସହରରେ ସିମେଣ୍ଟ ଦର ମଧ୍ୟ ବୃଦ୍ଧି ପାଇଛି। ଫଳରେ ସହରର ସାଧାରଣ ଜନତା ପକ୍କା ଘର ନିର୍ମାଣ କରିବା କଷ୍ଟକର ହୋଇ ପଡିଲାଣି।

ଅନ୍ୟପକ୍ଷେ ସହରରେ ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ଦରଦାମ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଟମାଟୋ, ପତ୍ରକୋବି ଏବଂ କଞ୍ଚାଲଙ୍କାକୁ ଛାଡିଦେଲେ ପୋଟଳ କିଲୋ ୮୦, କଲରା ୮୦, ଭେଣ୍ଡି ୪୦, ଗାଜର ୧୦୦, ବିଟ୍ ୭୦, ଧନିଆଁପତ୍ର ୮୦, କଖାରୁ ୨୦ ଓ ସାରୁ କିଲୋ ପ୍ରତି ୬୦ଟଙ୍କାରେ ବିକ୍ରି ହେଉଛି। ଆଳୁ ୨୫ ଏବଂ ପିଆଜ କିଲୋ ପ୍ରତି ୩୦ ଟଙ୍କା ରହିଛି। ଡାଲି ଜାତୀୟ ସାମଗ୍ରୀରେ ହରଡ ଡାଲି ୧୮୦, ମୁଗଡାଲି ୧୪୦ ଟଙ୍କା ରହିଛି। ସେହିଭଳି ସୋରିଷ ତେଲ ଲିଟର ପିଛା ୧୪୦ରୁ ୧୬୦ଟଙ୍କାରେ ବିକ୍ରି ହେଉଛି। ତେବେ ସହରରେ ବୃଦ୍ଧି ପାଉଥିବା ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ପଛରେ ବ୍ୟାପକ କଳାବଜାର ଦାୟୀ ବୋଲି କୁହାଯାଉଛି। ଏଣୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଇଛି। ଏ ନେଇ ପାନପୋଷର ଜଣେ ଗୃହିଣୀ ରୀତାରାଣୀ ସାହୁ କୁହନ୍ତି, ସପ୍ତାହେ ହୋଇଗଲା ରାଉରକେଲା ସହରରେ ଲୁଣ, ତେଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ଆକାଶଛୁଆଁ ହୋଇଛି। ଏଣୁ ଦୈନିକ ୪ଶହ ଟଙ୍କା ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇଗଲାଣି ବୋଲି ସେ କହିଥିଲେ। ସେହିପରି ବରିଷ୍ଠ ରାଜନେତା ବିରେନ ସେନାପତି କୁହନ୍ତି, ପକ୍କାଘର ତୋଳିବା ପାଇଁ ହେଲେ ୩୦ପ୍ରତିଶତ ଲୁହାଛଡ ଓ ସିମେଣ୍ଟ ନିତାନ୍ତ ଆବଶ୍ୟକ। ଏମିତିରେ ସହରରେ ଯେଉଁଭଳି ଭାବେ ଲୁହାଛଡ ଓ ସିମେଣ୍ଟ ଦର ଚଳିତ ମାସରୁ ବୃଦ୍ଧି ପାଇଲାଣି, ସାଧାରଣ ଲୋକେ ନିଜ ପରିବାର ପାଇଁ ପକ୍କାଘରଟିଏ ତୋଳିବା କଷ୍ଟକର। ଏଣୁ ଏ ଦିଗରେ ସରକାର ଓ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି ସେନାପତି କହିଛନ୍ତି।

# ଆର୍‌ଏସ୍‌ପିର ବାର୍ଷିକ ନିଷ୍ପାଦନ ସମୀକ୍ଷା, ପୁରସ୍କାର ବିତରଣ

**ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରସ୍ଥିତ ଗୋପବନ୍ଧୁ ପ୍ରେକ୍ଷାଳୟରେ ଗତ ୧ତାରିଖରେ ବାର୍ଷିକ ନିଷ୍ପାଦନ ସମୀକ୍ଷା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ ଉତ୍କୃଷ୍ଟ ନେତୃତ୍ୱ, ସୁରକ୍ଷା ଚାମ୍ପିୟନ ଓ ଶ୍ରେଷ୍ଠ ସିଫ୍ଟ ପ୍ରଭାରୀ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଶଂସନୀୟ ନେତୃତ୍ୱ, ସମର୍ପଣଭାବ, ସୃଜନଶୀଳତା ଏବଂ ନିଷ୍ଠାପରତାର ସ୍ୱୀକୃତି ସ୍ୱରୂପ ନୂତନ ପ୍ଲେଟ ମିଲ୍ ବିଭାଗ ସିଜିଏମ ରବୀନ୍ଦ୍ର କୁମାର ବିଶୋଏଙ୍କୁ ଆର୍‌ଏସ୍‌ପିର ଶ୍ରେଷ୍ଠ ନେତୃତ୍ୱ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରଚଳିତ ହୋଇଥିବା ସେଫ୍ଟି ଚାମ୍ପିୟନ ଅଫ ଦି ଇୟର ପୁରସ୍କାର ବୋଲାଣି ଲୌହ ଖଣି ମ୍ୟାନେଜର ପ୍ରଦୀପ କୁମାର ପାଇଥିଲେ। ଏହା ଏକ ଦୃଢ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବ ଓ ଏକ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବାରେ ନେତୃତ୍ୱ ଗୁଣବତ୍ତା ଦେଖାଇଥିବା ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ପାଇଁ ଡିଆଇସିଙ୍କ ଏକ ନୂତନ ପ୍ରୟାସ। ସେହିପରି ୮ଜଣ ଅଧିକାରୀ ଏବଂ ୬ଜଣ କର୍ମଚାରୀଙ୍କୁ ସେମାନଙ୍କ ଆଦର୍ଶ ନେତୃତ୍ୱ ଏବଂ ଉତ୍ପାଦନ, ରକ୍ଷଣାବେକ୍ଷଣ, ସେବା, ମୂଲ୍ୟ, ଗୁଣବତ୍ତା, ଶିଳ୍ପ ସମ୍ପର୍କ ଏବଂ ନିରାପତ୍ତାରେ ଉନ୍ନତି ଆଣିବା ଦିଗରେ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ସିଫ୍ଟ ଇନ୍‌ଚାର୍ଜ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। କର୍ମଚାରୀଙ୍କ ମଧ୍ୟରେ ଏହି ବିଜେତାମାନେ ହେଲେ କୋକ ଓଭେନ ବିଭାଗର ସିନିୟର ଟେକ୍ନିସିଆନ ପ୍ରଦୀପ କୁମାର ନାୟକ, ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ମାଷ୍ଟର ଅପରେଟିଭ ଖଡିୟା କେର୍କେଟା, ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗର ଏମ୍‌ଓଏମ୍‌ଟି ରାମକୃଷ୍ଣ ପଣ୍ଡା, ରିଫ୍ରାକ୍ଟୋରିଜ ବିଭାଗର ମାଷ୍ଟର ଟେକ୍ନିସିଆନ ଧର୍ମୁ କିଷାନ, ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ଏମ୍‌ଓଏମ୍‌ଟି ଅନାଦି ଚରଣ ସାହୁ ଓ ଇନଷ୍ଟ୍ରୁମେଣ୍ଟେଶନ ଓ ଅଟୋମେଶନ ବିଭାଗର ମାଷ୍ଟର ଟେକ୍ନିସିଆନ ସୁଶ୍ରୀ ପ୍ରଭା କେ.ଜି ଟପ୍ପୋ। ଅଧିକାରୀଙ୍କ ମଧ୍ୟରେ ଶ୍ରେଷ୍ଠ ସିଫ୍ଟ ଇନ୍‌ଚାର୍ଜ ପୁରସ୍କାର ଲାଭ କରିଥିବା ବିଜେତାମାନେ ହେଲେ କୋଲ କେମିକାଲ ବିଭାଗ ସିନିୟର ମ୍ୟାନେଜର ଅନିରୁଦ୍ଧ ହିକୋକା, ଆର୍‌ଏମ୍‌ଏଚ୍‌ପି ବିଭାଗର ସିନିୟର ମ୍ୟାନେଜର ରାକେଶ କୁମାର ମୀନା, ବ୍ଲାଷ୍ଟ ଫର୍ନେଶ ବିଭାଗର ସିନିୟର ମ୍ୟାନେଜର ଆଲେନ ଜ୍ୟାକୋବ ଜନ, ନୂତନ ପ୍ଲେଟ ମିଲ୍ ବିଭାଗ ମ୍ୟାନେଜର ସାକେତ ସୌରଭ, ସହର ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଚିତ୍ରସେନ ଜେନା, ପ୍ରକଳ୍ପ ବିଭାଗର ଏଜିଏମ ଅଶୋକ ଚନ୍ଦ୍ର ସାହୁ, ମେଡିକାଲ ବିଭାଗର ଡେପୁଟି ସିଏମ୍‌ଓ ଡାକ୍ତର ଅରୁଣା ମୁକ୍ତି ମିଞ୍ଜ ଏବଂ ବୋଲାଣି ଲୌହଖଣିର ଏଜିଏମ୍ ଅଭିଜିତ ପ୍ରତାପ ସିଂହ ରାଠୋର।



ଜଣେ ଆର୍‌ଏସ୍‌ପି ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

# କୋଏଲ ନଗରରେ ହେବ ଏସ୍‌ଟିପି



ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଉଛନ୍ତି।

**ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)**

କୋଏଲ ନଦୀରେ ପ୍ରଦୂଷଣ ମାତ୍ରା ହ୍ରାସ କରିବା ପାଇଁ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆରଏମ୍‌ସି) ଏବଂ ସ୍ୱେରେଜ ବିଭାଗ ପକ୍ଷରୁ ଉଦ୍ୟମ ହୋଇଛି। କୋଏଲ ନଗରରେ ଚଳିତ ମାସରେ ହେବାକୁ ଥିବା ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ହେବାର ବୃତାନ୍ତ ହୋଇଛି। ଏହାମଧ୍ୟରେ କୋଏଲ ନଗରରେ ୮ଏମ୍‌ଏଲ୍‌ଡି ବିଶିଷ୍ଟ ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ପାଇଁ ରାଜସ୍ଥାନର ଜୁଭେରୀ ଇଞ୍ଜିନିୟରିଂ ସଂସ୍ଥା ସହିତ ଚୁକ୍ତିନାମା ମଧ୍ୟ ହୋଇସାରିଛି। ଏସ୍‌ଟିପି ପ୍ଲାଣ୍ଟ ସହିତ ୫ଟି ନୂତନ ଡ୍ରେନ ନିର୍ମାଣ ପାଇଁ ୩୩କୋଟି ଟଙ୍କା ବ୍ୟୟବରାଦ ହୋଇଛି। କୋଏଲ ନଗର ଡି ବ୍ଲକ ଟିପିଡବ୍ଲ୍ୟୁଓଡିଏଲ ସବ୍‌ଷ୍ଟେଶନ ମଧ୍ୟବର୍ତ୍ତୀ ଝିରପାଣି ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ୨ଏକର ଜମିରେ ଏହା ନିର୍ମାଣ ହେବ। ପୂର୍ବ ସରକାର ଅମଳରେ ଆଦିବାସୀମାନଙ୍କ ଦୃଢ ବିରୋଧ ସତ୍ତ୍ୱେ ଏହି ସ୍ଥାନକୁ ଏସ୍‌ଟିପି ପ୍ଲାଣ୍ଟ ସ୍ଥାପନ ପାଇଁ ନିର୍ଦ୍ଧାରିତ କରାଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ହୋଇପାରିଲାନାହିଁ। ଏ ନେଇ ଗତ ଗୁରୁବାର ରାଉରକେଲା ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି, କୋଏଲ ନଗରଠାରେ ପୂର୍ବରୁ ନିର୍ଦ୍ଧାରିତ ୨ଏକର ଜମିରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ମନୋରଞ୍ଜନ ପାର୍କ ନିକଟରେ ଏସ୍‌ଟିପି ସ୍ଥାପନ ହେଲେ ପାର୍କର ଆକର୍ଷଣ ଓ ବାତାବରଣ ଉପରେ ଏହାର ପ୍ରଭାବ ପଡିବ। ଏଣୁ ପୂର୍ବ ନିର୍ଦ୍ଧାରିତସ୍ଥଳରେ ହିଁ ଏସ୍‌ଟିପି ସ୍ଥାପନ ହେବ ବୋଲି କୁଲକର୍ଣ୍ଣୀ କହିଛନ୍ତି।

# ରାଉରକେଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ରାଉରକେଲା,୪।୪(ସଙ୍ଗୀତା ଜେନା)**

ରାଉରକେଲା ଓକିଲ ସଂଘର ୨୦୨୫-୨୬ ବର୍ଷ ପାଇଁ ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଯାମୁନ ନବୀ ଶପଥ ପାଠ କରାଇଛନ୍ତି। ସଭାପତି ଭାବେ ସଦାନନ୍ଦ ସାହୁ ଶପଥ ଗ୍ରହଣ କରିଥିବାବେଳେ ଉପ ସଭାପତି ଭାବେ ରାଜ କିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନୁସୁର ହରି ଦୋରା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ (ଏଏସ୍‌ଏମ୍ ଫଣ୍ଡ) ତାପସ ପରିଡ଼ା, ସହ ସମ୍ପାଦକ (ପାଠାଗାର) ଭାବେ ରାଜଶ୍ରୀ ମିଶ୍ର ଶପଥ ଗ୍ରହଣ କରିଥିଲେ। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ।



ଶପଥ ଗ୍ରହଣ କରିଥିବା ଓକିଲ ସଂଘର କର୍ମକର୍ତ୍ତାଗଣ।

# ରାଉରକେଲାରେ ଏବେ କମିଶନରେଟ୍ ପୋଲିସ ବ୍ୟବସ୍ଥା ହେବନି

**ରାଉରକେଲା,୪।୪(ସଙ୍ଗୀତା ଜେନା)**

### ପୋଲିସ ଡିଜିଙ୍କ ରାଉରକେଲା ଗସ୍ତ

ଡିଜିପି ୟୋଗେଶ ବାହାଦୁର ଖୁରାନିଆ ରାଉରକେଲା ଗସ୍ତ କରି ସେକ୍ଟର-୧୯ ସିଭିକ୍ ସେଣ୍ଟରରେ ଶୁକ୍ରବାର ସକାଳ ସାଢ଼େ ୯ଟାରେ ଆୟୋଜିତ ଡିଜିପି ଡିସ୍କ (ଶହୀଦ ଓ କୃତୀ ମହିଳା ଓ ପୁରୁଷ ପୋଲିସ) କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ଅତିରିକ୍ତ ଡିଜିପି ସଞ୍ଜୟ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝରର ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ବର୍ତ୍ତମାନ ଭୁବନେଶ୍ୱର କମିଶନରେଟ୍ ଏସିପି ଏସ୍‌ଡ଼ିପିଓ ଉପାସନା ପାଢ଼ୀ, ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ, ଏସ୍‌ଆଇ ସୁବ୍ରତ ପଣ୍ଡା, ସୁନ୍ଦରଗଡ଼ ପୋଲିସ ଜିଲାର ଏପିଆର୍ ହାବିଲଦାର ରିଙ୍କୁ ପଟେଲ, କେନ୍ଦୁଝରର କନଷ୍ଟେବଳ ରାହାସ ବିହାରୀ କେରାଇଙ୍କୁ ଡିଜିପି ଖୁରାନିଆ ଆୱାର୍ଡ ପ୍ରଦାନ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି, ଜୋନାଲ ଡିଏସ୍‌ପି, ବରିଷ୍ଠ ଅଧିକାରୀ, ବିଭିନ୍ନ ଥାନାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡିଜିପି ଖୁରାନିଆ ପଶ୍ଚିମାଞ୍ଚଳ ଗସ୍ତରେ ଆସିବା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ, ରାଉରକେଲା ଏବଂ ଆଖପାଖ ଅଞ୍ଚଳରେ ଶହୀଦମାନଙ୍କ ପରିବାର ବର୍ଗଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇଛି। ସେମାନଙ୍କ ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହେବି। ପଶ୍ଚିମାଞ୍ଚଳର କେନ୍ଦୁଝର, ସୁନ୍ଦରଗଡ଼, ରାଉରକେଲା ଭଳି ପୋଲିସ ଜିଲାରେ ଅପରାଧ ନିୟନ୍ତ୍ରଣ ସାଙ୍ଗକୁ ଆଇନକାନୁନ କଡ଼ାକଡି ଲାଗୁ କରିବା ସମ୍ପର୍କରେ ସମୀକ୍ଷା କରାଯିବ। ଆଗାମୀ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟରେ ମାଓବାଦୀଙ୍କୁ ନିପାତ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାକୁ ସୁପରିଚାଳନା ଓ ସଫଳ କରିବା ପାଇଁ କାର୍ଯ୍ୟପନ୍ଥା ଆପଣା ଯାଉଛି। ସେହିପରି ରାଉରକେଲା ପୋଲିସ ଜିଲାକୁ କମିଶନରେଟ୍ ଅଫ୍ ପୋଲିସ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଡିଜିପି କହିଥିଲେ, ବର୍ତ୍ତମାନ ସେପରି ହେବା ସମ୍ଭାବନା କମ୍ ରହିଛି। ରାଜ୍ୟରେ ପ୍ରାୟ ୧୬ହଜାର ୫ଶହ ପୋଲିସ ପଦବୀ ଖାଲି ରହିଛି। ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ମାନବ ସମ୍ବଳ ବିନା କମିଶନରେଟ୍ ପରିକଳ୍ପନା କଷ୍ଟକର ବୋଲି ଡିଜିପି ଖୁରାନିଆ କହିଥିଲେ। ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପୋଲିସ ଜିଲାରେ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଏସ୍‌ପି, କେନ୍ଦୁଝର ଏସ୍‌ପି କୁଶଳ ନୀତିନ୍ ଦୁଗୁଡ୍ଡ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ଓଏସ୍‌ଏପି ୪ର୍ଥ ବାଟାଲିୟନ୍ କମାଣ୍ଡାଣ୍ଟ ପ୍ରମୋଦ ଜେନା, ଜିଆର୍‌ପି ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା ଉପସ୍ଥିତ ଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ରାୟ କହିଥିଲେ, କେନ୍ଦୁଝର, ସୁନ୍ଦରଗଡ଼, ରାଜଗାଙ୍ଗପୁର, ରାଉରକେଲାରେ ଶାନ୍ତିଶୃଙ୍ଖଳାରେ ରାମନବମୀ ପାଳନ ଉପରେ ଗୁରୁତ୍ୱ ଦିଆଯିବ। ସାଇବର, ନିଖୋଜ, ସେମାନଙ୍କୁ ଠାବ ତଥା ଉଦ୍ଧାର କରିବା, ସାଧାରଣ ଲୋକଙ୍କ ଅଭିଯୋଗକୁ ଶୀଘ୍ର ସମାଧାନ, ମହିଳା ଉତ୍ପୀଡ଼ନ ମାମଲାକୁ ଫାଷ୍ଟ ଟ୍ରାକ୍ କୋର୍ଟରେ ନ୍ୟାୟ ସୁନିଶ୍ଚିତ କରିବା, ବେଆଇନ ବନ୍ଧୁକ ବେପାର ତଥା ସୀମାନ୍ତ ସରଣ୍ଡା ଅଞ୍ଚଳରେ ମାଓବାଦୀ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଥିଲେ। ତେବେ ମାଓବାଦୀମାନଙ୍କୁ ରାଜ୍ୟରେ ଅନୁପ୍ରବେଶ କରିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ରାୟ କହିଥିଲେ।





ସିଭିକ୍ ସେଣ୍ଟରରେ ଡିଜିପି ଡିସ୍କ ଆୱାର୍ଡ ପ୍ରଦାନ କରାଯାଉଛି।

# ଦୁର୍ଘଟଣାରୁ ବର୍ତ୍ତିଲା ମାଲବାହୀ ଟ୍ରେନ୍

**କେସିଙ୍ଗା,୪।୪(ତୁମେଶର ସାହୁ):**

ସମ୍ବଲପୁର ଡିଭିଜନ ଅନ୍ତର୍ଗତ କାଣ୍ଟେଲ ରୋଡ୍ ରେଳ ଷ୍ଟେଶନ ନିକଟ ରେଳ ବ୍ରିଜ୍ ନିକଟରେ ଶୁକ୍ରବାର ବିଶାଖାପାଟଣାରୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ସୂଚନାକ୍ରମେ ଭୋର ୪ଟା ସମୟରେ ସାର ବୋଝେଇ ଟ୍ରେନ୍‌ର ୫ନଂ. ବଗି ସଂଯୋଗସ୍ଥଳୀରୁ ପୃଥକ୍ ହୋଇ ପ୍ରାୟ ୧୫୦ଫୁଟ ଦୂରରେ ରହିଯାଇଥିଲା। ଏହି ସମୟରେ ଜୋର ଶବ୍ଦ ହେବାରୁ ଲୋକୋ ପାଇଲଟ କାଣ୍ଟେଲ ରୋଡ୍ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେଶନ ମାଷ୍ଟର ଟିଟିଲାଗଡ଼ ମୁଖ୍ୟ ଅଫିସକୁ ଖବରଦେବାରୁ ସକାଳ ୮ଟାରେ ମେକାନିକ ଦଳ ଆସି ଯୁଦ୍ଧକାଳୀନ ଭିତ୍ତିରେ ଟ୍ରେନ୍‌ର ପୃଥକ୍ ବଗିକୁ ସଂଯୋଗ କରିଥିଲେ। ଟ୍ରେନ୍‌ର ଗତି ମନ୍ଥର ଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଲୋକୋ ପାଇଲଟ ଓ ମେକାନିକ ଦଳ ପରୀକ୍ଷାନିରୀକ୍ଷା କଲା ପରେ ୪ ଘଣ୍ଟା ବିଳମ୍ବରେ ଟ୍ରେନ୍ ଟିଟିଲାଗଡ଼ ଅଭିମୁଖେ ଯାଇଥିଲା।

# ନୂଆପଡ଼ା ଉପାନ୍ତ ନୁହେଁ, ସମୃଦ୍ଧ ଜିଲା

## ମାରାଗୁଡ଼ା ମହୋତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ନୂଆପଡ଼ା,୪।୪ (ମକାରୁ ବେମାଲ)**




ସଭାମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ମାରାଗୁଡା ଲୋକ ମହୋତ୍ସବରେ ଯୋଗ ଦେଇଥିଲେ। ଭୁବନେଶ୍ୱରରୁ ସେ ବିମାନ ଯୋଗେ ଗୋତମା ଉଡାଜାହାଜ ପଡିଆରେ ଅବତରଣ କରି ସଡକ ପଥରେ ନୂଆପଡା ଆସିଥିଲେ। ନୂଆପଡା ଗାୟତ୍ରୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ମିନି ଷ୍ଟାଡିୟମ ମାରାଗୁଡା ମଞ୍ଚ ପର୍ଯ୍ୟନ୍ତ ଯାଇଥିଲେ। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମାଝୀ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଲେଖକ ଓ ପ୍ରବକ୍ତା ଦାଶ ବେନହୁର ଯୋଗ ଦେଇ ୧୨ ବର୍ଷରେ ଥରେ ଜଗନ୍ନାଥଙ୍କ ନବକଳେବର ହୋଇଥାଏ । ସେହିପରି ମାରାଗୁଡା ଲୋକ ମହୋତ୍ସବ ମଧ ୧୨ ବର୍ଷ ପରେ ପୁଣି ଆରମ୍ଭ ହୋଇଛି ବୋଲି କହିଥିଲେ। ମାରାଗୁଡା ମଞ୍ଚରେ ମୁଖ୍ୟମନ୍ତ୍ରୀ ୨୧୮.୮୯ କୋଟିର ଟଙ୍କା ବିନିମୟରେ ୩୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ୧୦୩.୪୯ କୋଟି ଟଙ୍କା ବିନିମୟରେ ୨୬ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ନୂଆପଡା ଏକ ଉପାନ୍ତ ଜିଲା ନୁହେଁ, ଏହା ସମୃଦ୍ଧ ଜିଲାରେ ପରିଣତ ହୋଇଗଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଛତିଶଗଡ ସୀମାନ୍ତରେ ଥାଇ ମଧ ନୂଆପଡାର ବହୁତ ବିକାଶ ହୋଇଛି ଓ ଆଗକୁ ହେବ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନାପାଲି ଚଳନାର ଢୋଲ ମହୁରୀ ବଜାଶାଳ, ସରକାରୀ ଉଚ୍ଚ ବିଦ୍ୟାଳୟ ଆମାନାରା, ସିନାପାଲି ଗମ୍ଭାରିଗୁଡାର ମା' ଭଣ୍ଡାର ଘରଣୀ ଘୁମୁରା ବାଜା, ସୋନପୁର ଜିଲାର ଶାଶ୍ୱତ ତ୍ରିପାଠୀଙ୍କ ରୁମକୁଝୁମାନା ସାଂସ୍କୃତିକ ଦଳ, ପଦ୍ମପୁର ସଙ୍ଗିତ ସମିତିର ବଜାଶାଳ ସମ୍ବଲପୁରି ନୃତ୍ୟ ପରିବେଷଣ କରିଥିଲେ। ଏହା ପରେ ଦୀପ୍ତିରେଖା ପାଢୀଙ୍କ ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଓଡ଼ିଆରେ ନାମଫଳକ ଲେଖା ପାଇଁ ସଚେତନତା



ସଚେତନତା ପଦଯାତ୍ରାରେ ଜିଲାପାଳ ଓ ଅନ୍ୟମାନେ।

**ଭବାନୀପାଟଣା,୪।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି। ଏହାସହ ଏକ ସଚେତନତା ରଥକୁ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରାରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲା ଶ୍ରମ ଅଧିକାରୀଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମୀ ଓ ବିଭିନ୍ନ ସମାଜସେବୀ ସଂଗଠନ ଓ ଶ୍ରମିକସଂଘର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଭବାନୀପାଟଣା ସହରର ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଏହି ପଦଯାତ୍ରା କରାଯାଇଥିଲା।

# ବୃନ୍ଦାବାହାଲଠାରେ ଶହୀଦ ଦିବସ ପାଳିତ

**ଗୋଲାମୁଣ୍ଡା, ୪।୪ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲସ୍ଥିତ ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି, ବିଡ଼ିଓ ଶ୍ରୀଧର ପଣ୍ଡା, ଅତିରିକ୍ତ ତହସିଲଦାର ଜୟସେନ ଧରୁଆ, ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ସ୍ଥାନୀୟ ସରପଞ୍ଚ ଇଂ. ଦିନେଶ କୁମାର ରାଉତ, ସମିତି ସଭ୍ୟ ଗୋରେଖ ବିଶି, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ ସେନା ଅଧିକାରୀ ଗଣେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବରତ୍ନ ରାଉତ, ଶହୀଦଙ୍କ ବାପା ପତିତ କୁମାର ରାଉତ, ଭଉଣୀ ମାଣିକ୍ୟ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ଶହୀଦ ଯବାନ ବିଜେନ୍ଦ୍ରନାଥ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ। ସୂଚନାଯୋଗ୍ୟ ୨୦୧୦ ଏପ୍ରିଲ ୪ରେ ମାଲକାନଗିରିରୁ କୋମ୍ବିଂ ଅପରେଶନ ସାରି ଫେରୁଥିବା ସମୟରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ବିଜେନ୍ଦ୍ର ଶହୀଦ ହୋଇଥିଲେ।



ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

# ଓଡ଼ିଆ ଭାଷାରେ ନାମଫଳକ ପାଇଁ ସଚେତନତା




ଖଡ଼ିଆଳଠାରେ ସଚେତନତା ରାଲି।

**ନୂଆପଡ଼ା/ ଖଡ଼ିଆଳ,୪।୪ (ମକାରୁ ବେମାଲ/ ସୁଜିତ କୁମାର ପ୍ରଧାନ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର ଖରିଆର ରୋଡ୍ ଏନ୍‌ଏସି ଓ ଜିଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ଏନ୍‌ଏସି ନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ଜିଲା ଶ୍ରମ ବିଭାଗ କର୍ମଚାରୀ, ଏନ୍‌ଏସି କର୍ମଚାରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ଓଡ଼ିଆରେ ନାମଫଳକ ଲଗାଇବା ପାଇଁ ବାର୍ତ୍ତା ଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଖରିଆର ରୋଡ୍ ଛତିଶଗଡ଼ ସୀମାନ୍ତରେ ଥିବାରୁ ପ୍ରତ୍ୟେକ ଦୋକାନ ତଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ହିନ୍ଦୀ ଭାଷାରେ ନାମ ଫଳକ ଲେଖାହୋଇଛି । ତେଣୁ ପ୍ରତ୍ୟେକ ଦୋକାନ ଓ ପଡ଼ାକୁ ଯାଇ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ପାଇଁ ସଚେତନ କରାଯାଇଥିଲା । ଏନ୍‌ଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗା ଓ ଅସିତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସେହିପରି ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଶୁକ୍ରବାର ଖଡ଼ିଆଳ ସଭାଗୃହରୁ ଏକ ସଚେତନତା ରଥ ବାହାରିଛି। ଏହି ରଥ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କୁ ବାର୍ତ୍ତା ଦେବ। ଏହାସହ ପ୍ରତ୍ୟେକ କାର୍ଯ୍ୟାଳୟ, ହୋଟେଲ, ଦୋକାନ ଆଦିର ନାମ ଫଳକ ଓଡ଼ିଆରେ ଲେଖିବା ପାଇଁ ସଚେତନ କରିବ। ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଏହି ରଥକୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ସମସ୍ତେ ସମସ୍ତ କାମରେ ଓଡ଼ିଆରେ ଲେଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଅଧିକାରୀ, ଶ୍ରମିକ ସଂଘ, ବଣିକ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଆନ୍ଧ୍ରପ୍ରଦେଶର ବାଳକ ଖଡ଼ିଆଳରୁ ଉଦ୍ଧାର

**ଖଡ଼ିଆଳ,୪।୪ (ସୁଜିତ କୁମାର ପ୍ରଧାନ):** ଆନ୍ଧ୍ରପ୍ରଦେଶର ଜଣେ ବାଳକଙ୍କୁ ଶୁକ୍ରବାର ନୂଆପଡ଼ା ଜିଲା ଖଡିଆଳରୁ ଚାଇଲ୍ଡ ଲାଇନ ପକ୍ଷରୁ ଉଦ୍ଧାର କରାଯାଇଛି। ବାଳକର ନାମ ଶ୍ରୀ ମାଣ୍ଡଲ ବୋଲି ଜଣାପଡିଥିବା ବେଳେ ତାକୁ ଖଡିଆଳ ମୁକ୍ତ ଆଶ୍ରୟ ସ୍ଥଳୀରେ ରଖାଯାଇଥିଲା। ନୂଆପଡ଼ା ଶିଶୁ କଲ୍ୟାଣ ସମିତି ଯୋଗାଯୋଗ କରି ବାଳକର ଘର ଆନ୍ଧ୍ରପ୍ରଦେଶର କାକିନଡ଼ା ଅଞ୍ଚଳରେ ବୋଲି ଜାଣିବାକୁ ପାଇଥିଲା। ପରିବାର ଲୋକଙ୍କୁ ଯୋଗାଯୋଗ ପରେ ବାଳକର ଜେଜେମା' ମିନ୍ଦ୍ୟାଳ କଣ୍ଡାମା ନାତିକୁ ନେବା ପାଇଁ ଖଡିଆଳ ଆସିଥିଲେ। ଶୁକ୍ରବାର ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ଼. ଫାନିନ୍ଦମ ଦେଓଙ୍କ ଉପସ୍ଥିତିରେ ବାଳକଙ୍କୁ ତାଙ୍କ ଜେଜେମା'ଙ୍କୁ ହସ୍ତାନ୍ତର କରାଯାଇଛି। କଣ୍ଡାମା ଏଥିପାଇଁ ମୁକ୍ତ ଆଶ୍ରୟ କେନ୍ଦ୍ର ଓ ନୂଆପଡ଼ା ଶିଶୁ କଲ୍ୟାଣ ସମିତିକୁ କୃତଜ୍ଞତା ଜଣାଇଛନ୍ତି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଲାଞ୍ଜିଗଡ଼, ୪।୪(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ରୋଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବରୁଣି ବରରୁଚି ପଧାନଙ୍କ ସଭାପତିତ୍ୱରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ମୁଖ୍ୟ ଅତିଥି, ଲାଞ୍ଜିଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଟଙ୍କଧର ମାଝୀ ମୁଖ୍ୟବକ୍ତା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ସମାଜସେବୀ ଚନ୍ଦ୍ର ଶେଖର ମହାପାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରୁଣ କୁମାର ସାହୁ, ଲାଞ୍ଜିଗଡ ରୋଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ପଟ୍ଟନାୟକ, ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାନେତ୍ରୀ ଅର୍ଚ୍ଚନା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶ୍ରୀଗଣେଶଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହ ଶିକ୍ଷକ ଥବିର ଦୋରା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଶିକ୍ଷକ ରତିକାନ୍ତ ଓଝା ସଭା ପରିଚାଳନା କରିଥିଲେ।

# କାଳବୈଶାଖୀ ପ୍ରଭାବରେ ଫସଲ ନଷ୍ଟ

**ନୂଆପଡ଼ା,୪।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଗୁରୁବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଖରାଟିଆ ଫସଲ ନଷ୍ଟହୋଇଛି। ଅପରାହ୍ଣ ଗୋଟାଏ ସମୟରେ ପବନ ବହିବା ସହ ଝିପିଝିପି ବର୍ଷା ଓ କୁଆପଥର ମାଡ଼ ହୋଇଥିଲା । ଏଥିରେ ଅଧିକାଂଶ ଚାଷୀଙ୍କ ଆମ୍ବ, ଚାର ଓ ମହୁଲ ଫୁଲ ଝଡ଼ିଯାଇଥିବା ବେଳେ ପନିପରିବା ଚାଷ ନଷ୍ଟ ହୋଇଛି। ଫଳରେ ଏହା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ଚିନ୍ତାରେ ପରିବା ଫସଲରେ କୀଟ ଲାଗିବା ସମ୍ଭାବନା ରହିଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

**ଥୁଆମୂଳ ରାମପୁର,୪।୪ (ଦୁର୍ଗା କୀର୍ତ୍ତି)**




ସମୀକ୍ଷା ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହଠାରେ ଶୁକ୍ରବାର ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଡିଓ ଧ୍ରୁବଚରଣ ମୁଦୁଲି, ଅତିରିକ୍ତ ତହସିଲଦାର ବିଶ୍ୱଜିତ କରକରା, ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଜିଲା ପରିଷଦ ସଭ୍ୟା ଟୁନି ଖୋସ୍ଲା, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବିଧାୟକ ଦିଶାରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ବିଶେଷ କରି କୌଣସି ଅଞ୍ଚଳର ଲୋକେ ଯେଭଳି ଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା କ୍ଷେତ୍ରରେ ଯେମିତି ଲୋକେ ହଇରାଣ ନ ହେବେ, ରାଶନ କାର୍ଡରେ ଇ-କେୱାଇସି କରିବାରେ କୌଣସି ଅସୁବିଧା ଥିଲେ ବିଭାଗୀୟ କର୍ମଚାରୀ ଏହାର ସମାଧାନ କରିବାକୁ ବିଧାୟକ କହିଥିଲେ। ଉକ୍ତ ସମୀକ୍ଷା ବୈଠକକୁ ଜିପିବିଓ ତ୍ରିଲୋଚନ ନାଏକ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବେଦାନ୍ତ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୪।୪ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ଼ ସିଏସ୍‌ଆର୍ ବିଭାଗ ପକ୍ଷରୁ ବେଦାନ୍ତ ହସ୍ପିଟାଲ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏସ୍‌ଆର୍ ବିଭାଗ ମୁଖ୍ୟ ଶିଶିର ତରଫଦାର ଶିବିର ଉଦ୍‌ଘାଟନ କରିଥିବାବେଳେ ବିଭାଗର ଅଭିନବ ପ୍ରତାପ, ବର୍ଷିରାଣୀ ପାଟଗିରି, ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବେଦାନ୍ତ ହସ୍ପିଟାଲର ଡା. ପ୍ରଶାନ୍ତ ପରମାଣିକ, ସହ ପରିଚାଳକ ଅଶୋକ ଖୋରାଙ୍କ ତତ୍ତ୍ୱାବଧାନରେ ଭେଷଜ ବିଶେଷଜ୍ଞ ଡା. ବୁଦ୍ଧଦେବ ଗମାଙ୍ଗ, ମହିଳା ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଭବାନୀ ଶଙ୍କର ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ପାଣିଗ୍ରାହୀ, ଦନ୍ତରୋଗ ବିଶେଷଜ୍ଞ ଡା. ପୂଜା ନାୟକ ପ୍ରମୁଖ ଉପସ୍ଥିତ ରହି ଶତାଧିକ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗର ବନ୍ଧୁ ମିଳନ

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା,୪।୪(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଣୀ ବିଜ୍ଞାନ ବିଭାଗରୁ ଉତ୍ତୀର୍ଣ୍ଣ ହୋଇଥିବା ୨୦୨୩ ଓ ୨୦୨୪ ବର୍ଷର ସ୍ନାତକୋତ୍ତର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ଡ଼ ନିବେଦିତା ନାଥ, ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ମେଜର ଡ଼. ଜୟଦେବ ସାହୁ, ସେମିନାର ସମ୍ପାଦକ ବାସୁଦେବ ବାଗ ଓ ସହ ସମ୍ପାଦକ ସ୍ୱାତି ପ୍ରଜ୍ଞା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପରୋକ୍ତ ୨ ବର୍ଷରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଭାରପ୍ରାପ୍ତ କୁଳପତି ଡ଼. ନାଥ ସ୍ୱର୍ଣ୍ଣ ପଦକ, ରୌପ୍ୟ ପଦକ ଓ ବ୍ରୋଞ୍ଜ ପଦକ ସହ ମାନପତ୍ର ପ୍ରଦାନ କରିଥିଲେ। ମୋନାଲିସା ପାଣି, ସୁସ୍ମିତା ପଣ୍ଡା ଓ ଆରାଧନା ମହାନ୍ତିଙ୍କୁ ସ୍ୱର୍ଣ୍ଣ, ନିକିତା ନାୟକ ଓ ସ୍ମୃତି ରଞ୍ଜନ ପରିଡାଙ୍କୁ ରୌପ୍ୟ ଏବଂ ଧରିତ୍ରୀ ସାହୁ ଓ ସରସ୍ୱତୀ ମହାନନ୍ଦଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଶୀତଲ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।




ଭାରପ୍ରାପ୍ତ କୁଳପତି ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

# ଶ୍ରୀରାମ ନବମୀ ମହୋତ୍ସବ ନେଇ ତୁଟିଲାନି ବିବାଦ

**କୋକସରା,୪।୪ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ଧର୍ମଗଡ ରେଞ୍ଜ ଅଫିସରଙ୍କ ସହ ଇକୋ ଟୁରିଜମ ଗ୍ରୁପ ସଦସ୍ୟଙ୍କ ଆଲୋଚନା।

କଳାହାଣ୍ଡି ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରାଠାରେ ଥିବା ମଧୁମାଧବ ତୀର୍ଥକ୍ଷେତ୍ରରେ ୧୯୭୨ ମସିହାରୁ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ଗଠନ ହୋଇଥିଲା। ଏଥିରେ କୋକସରା, ଜୟପାଟଣା ଓ ଜୁନାଗଡ ବ୍ଲକର ୩୦ରୁ ଊର୍ଦ୍ଧ୍ୱ ଗାଁର ଶତାଧିକ ସଦସ୍ୟ ରହି ପ୍ରତିବର୍ଷ ଶ୍ରୀରାମ ନବମୀ ମହୋତ୍ସବ ସହିତ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଆସୁଛନ୍ତି। ଧର୍ମଗଡ ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ସାହାଜଖୋଲ ଜଙ୍ଗଲ ମଧ୍ୟରେ ଏହି ପର୍ଯ୍ୟଟନ ସ୍ଥଳୀ ରହିଥିବାରୁ ଜଙ୍ଗଲ ବିଭାଗ ଏହାର ଉନ୍ନୟନ କାର୍ଯ୍ୟ ସମ୍ପାଦନ କରୁଛି। ହେଲେ ଜଙ୍ଗଲ ବିଭାଗୀୟ ଅଧିକାରୀ ଉନ୍ନୟନ ସମିତିର ବିନା ପରାମର୍ଶରେ ମନଇଚ୍ଛା କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଜଙ୍ଗଲ ବିଭାଗ ଓ ଉନ୍ନୟନ ସମିତି ମଧ୍ୟରେ ଏହାକୁ ନେଇ ବିବାଦ ଲାଗି ରହିଛି। ଡୋକରୀଚଞ୍ଚରା ପରିଚାଳନା ଦାୟିତ୍ୱରେ ଥିବା ଉନ୍ନୟନ ସମିତି ଓ ଡୁଡୁକାଠେଙ୍ଗା ପଞ୍ଚାୟତବାସୀଙ୍କ ମଧ୍ୟରେ ପରିଚାଳନାକୁ ନେଇ ବିଗତ ଦୁଇବର୍ଷ ହେଲା ବିବାଦ ଉପୁଜିଥିଲା। କ୍ରମାଗତ ଭାବେ ଅସନ୍ତୋଷ ବୃଦ୍ଧି ପାଇବା ସହ ଦୁଇ ପକ୍ଷ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଥିଲା। ତେବେ ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବ ପାଳନ ପୂର୍ବରୁ ଉନ୍ନୟନ ସମିତିକୁ ବହିଷ୍କାର ଦାବିରେ ଡୁଡୁକାଠେଙ୍ଗା ପଞ୍ଚାୟତବାସୀ ବୁଧବାର ଡୋକରିଚଞ୍ଚରାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ହୋହଲ୍ଲା କରି ପୁରାତନ କମିଟିକୁ ବହିଷ୍କାର ଦାବି କରିଥିଲେ। ଏ ନେଇ ଉନ୍ନୟନ କମିଟି ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ ପରେ ଥାନା ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଗୁରୁବାର ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମାଙ୍କ ନେତୃତ୍ୱରେ ଆମପାଣି ଥାନାରେ ଦୁଇପକ୍ଷର କର୍ମକର୍ତ୍ତାଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ନେଇ ଆଲୋଚନା ହୋଇଥିଲା। ହେଲେ ଇକୋ ଟୁରିଜମ ଗ୍ରୁପ ସଦସ୍ୟମାନେ କୌଣସି ମତେ ରାଜି ହୋଇ ନ ଥିଲେ। ଆଲୋଚନା ବିଫଳ ହେବାରୁ ପ୍ରଶାସନିକ ଅଧିକାରୀମାନେ ବିଳମ୍ବିତ ରାତିରେ ଫେରି ଯାଇଥିଲେ। ତେବେ ଶ୍ରୀରାମ ନବମୀ ମହୋତ୍ସବକୁ ମାତ୍ର ୨ ଦିନ ରହିଥିବା ବେଳେ ପୁରାତନ କମିଟି ପକ୍ଷରୁ ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୁକ୍ରବାର ଉପଜିଲାପାଳ ଧିମାନ ଚକମାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବକୁ ପ୍ରଶାସନର ଦାୟିତ୍ୱରେ ନିର୍ବାହ କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଇକୋ ଟୁରିଜମ ଗ୍ରୁପ ପକ୍ଷରୁ ଶ୍ରୀରାମ ନବମୀ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ମିଳିଛି। ଆଗକୁ ପ୍ରଶାସନ କି ପଦକ୍ଷେପ ଗ୍ରହଣ କରି ଏହାର ସମାଧାନ କରୁଛି ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ଉଚ୍ଛେଦ ଅଭିଯାନ ଶିଥିଳ, ପୁଣି ତାତିଲେ ନାଗରିକ

**ଲେଙ୍ଗୁ ମିଶ୍ର ଛକ -ଜୀରାବ୍ରିଜ ରାସ୍ତା ଜବରଦଖଲ**

- ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଘେରିଲେ
- ଉପ ଜିଲାପାଳଙ୍କୁ ଭେଟି ଉଚ୍ଛେଦ ଦାବି କଲେ
- ଉଚ୍ଛେଦ ତ୍ୱରାନ୍ୱିତ ନ ହେଲେ ବରଗଡ଼ ବନ୍ଦ



ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଉଚ୍ଛେଦ ଦାବି କରୁଛନ୍ତି।

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଅଭିଯାନ ଶିଥିଳ ହୋଇପଡ଼ିଛି। ଏଥିରେ ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରାଯାଇଛି। ବରଗଡ଼ ନାଗରିକ ମଞ୍ଚ ଏବଂ ସମଲେଶ୍ୱରୀ ସଂଘ ନେତୃତ୍ୱରେ ସହରର ସଚେତନ ନାଗରିକ ଶୁକ୍ରବାର ବରଗଡ଼ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ଉଚ୍ଛେଦ ଅଭିଯାନରେ ପ୍ରଶାସନିକ ଶିଥିଳତାର ପ୍ରତିବାଦ କରିଥିଲେ। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କୁ ଘେରି ଉଚ୍ଛେଦ ଦାବିରେ ନାରାବାଜି କରି ବିଭିନ୍ନ ପ୍ରଶ୍ନ ପଚାରି ତାଙ୍କ ସ୍ୱଷ୍ଟୀକରଣ ଲୋଡ଼ିଥିଲେ। ପ୍ରଥମ ପର୍ଯ୍ୟାୟରେ ୯ପ୍ଲଟରେ ଉଚ୍ଛେଦ ହୋଇଛି ଏବଂ ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଜବରଦଖଲରେ ରହିଥିବା ବାକି ପ୍ଲଟରେ ଉଚ୍ଛେଦ କରାଯିବ। ଆସନ୍ତା ୧୦, ୧୧ ଏବଂ ୧୫ତାରିଖରେ ଏଭଳି ୩୦କେସ୍‌ର ଶୁଣାଣି ରହିଛି। ଶୁଣାଣି ପରେ ଉଚ୍ଛେଦ ଅଭିଯାନ ପୁଣି ଚାଲିବ। ସେହିପରି ଗତମାସ ୩୦ତାରିଖରେ ଯେଉଁ ୩ପ୍ଲଟ ବିଭିନ୍ନ କାରଣରୁ ଉଚ୍ଛେଦ ହୋଇ ପାରି ନ ଥିଲା, ସେଗୁଡ଼ିକର ମଧ୍ୟ ବିଚାର ହୋଇ ଉଚ୍ଛେଦ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି। ସେହିପରି ପୌର ପରିଷଦ କାର୍ଯ୍ୟାଳୟରୁ ଉଚ୍ଛେଦ ଦାବି ନେଇ ସମସ୍ତ ନାଗରିକ ବରଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେମାନେ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କଠାରେ ଦାବି କରିଥିଲେ। ଉଚ୍ଛେଦ ନେଇ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଫଳରେ ପ୍ରଶାସନ ଉପରେ ଆସ୍ଥା ରଖିବା ପାଇଁ ଉପଜିଲାପାଳ ପାଣ୍ଡେ କହିଥିଲେ। ଅନ୍ୟପକ୍ଷରେ ଯେତେଦିନ ପର୍ଯ୍ୟନ୍ତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ସହରର ଅନ୍ୟ କୌଣସି ସ୍ଥାନରେ ଉଚ୍ଛେଦ କରି ଦିଆଯିବ ନାହିଁ ବୋଲି ନାଗରିକ ମଞ୍ଚ ପୌର ପ୍ରଶାସନକୁ ରୋକଠୋକ ଶୁଣାଇ ଦେଇଛି। ଏହା ସହିତ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ସହିତ ଏହି ରାସ୍ତାକୁ ପ୍ରଶସ୍ତୀକରଣ କରା ନ ଗଲେ ପୌର ପ୍ରଶାସନକୁ ଅଚଳ କରିଦେବା ସହିତ ବରଗଡ଼ ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ଆଡଭୋକେଟ ଅନୁପ ଶତପଥୀ, ବରଗଡ଼ ନାଗରିକ ମଞ୍ଚର ଭବାନୀ ପ୍ରସାଦ ସାହୁ, କିଶୋର ସାହୁ, ଶିବାନନ୍ଦ ମଟାରୀ, ବୀରେନ୍ଦ୍ରେ ପ୍ରଧାନ, ମନୋହର ପ୍ରଧାନ, ଶୟନ ପଣ୍ଡା, ପ୍ରୀତମ ସିଂ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରକାଶଥାଉ କି, ୨୦୨୩ରୁ ଏଠାରେ ଜବରଦଖଲ ଉଚ୍ଛେଦ ଦାବି ଜୋର୍ ଧରି ଆସିଛି। ଜିଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ସେତେବେଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ହଟାଇ ପାରି ନ ଥିବା ଯୋଗୁ ଅସନ୍ତୋଷ ତେଜି ଉଠିଥିଲା। ଏ ନେଇ ସମଲେଶ୍ୱରୀ ସଂଘ ଜିଲାପାଳ ଏବଂ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଚେତାବନୀ ଦେଇଥିଲା। ଏହାପରେ ଗତମାସ ୩୦ତାରିଖ ପୌର ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ଆଂଶିକ ଉଚ୍ଛେଦ କରି ଏହି ଅଭିଯାନ ଶିଥିଳ ପଡିଥିବା ଯୋଗୁ ସହରରେ ଚାପା ଅସନ୍ତୋଷ ଲାଗି ରହିଛି।

# ପର୍ଯ୍ୟଟନ ହବ୍ ହେଉ ସୁବର୍ଣ୍ଣପୁର



ପାତାଳି ସେନାର କର୍ମକର୍ତ୍ତା ଭାଜପା ରାଜ୍ୟ ସଭାପତିଙ୍କ ସହ ଆଲୋଚନା କରୁଛନ୍ତି।

**ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)**

ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସୁବର୍ଣ୍ଣପୁର ଜିଲାରେ ସୁଯୋଗ ରହିଛି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ସହିତ ଜିଲାର ବିକାଶ ହୋଇପାରିବ। ତେଣୁ ଶିଳ୍ପ ବିହୀନ ସୁବର୍ଣ୍ଣପୁର ଜିଲାକୁ ପର୍ଯ୍ୟଟନର ହବ କରିବା ପାଇଁ ପାତାଳି ସେନା ପକ୍ଷରୁ ଦାବି ହେଇଛି। ସର୍କିଟ ହାଉସଠାରେ ପାତାଳି ସେନାର ଏକ ପ୍ରତିନିଧି ମଣ୍ଡଳୀ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଗୁରୁବାର ଭେଟି ଏହି ଦାବି କରିଛନ୍ତି। ପାତାଳି ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଭାଜପା ସରକାର ହାତକୁ ନେଇଥିବାରୁ ସେମାନେ ଧନ୍ୟବାଦ ଦେଇଥିଲେ। କିନ୍ତୁ କାର୍ଯ୍ୟ ଆରମ୍ଭରୁ ଏହାର ଯୋଜନା ପ୍ରଣୟନ ଠିକ ହିସାବରେ ହୋଇ ନଥିବା ସେମାନେ ସାମଲଙ୍କୁ ଜଣାଇଥିଲେ। ଜଗନ୍ନାଥଙ୍କ ଆଦି ପୀଠରେ ତରବରିଆ ଭାବରେ ମନ୍ଦିର ନିର୍ମାଣ ନ କରିବାକୁ ସେନା ପକ୍ଷରୁ ଅନୁରୋଧ କରଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଏମପି, ବୀରମହାରାଜପୁର ବିଧାୟକ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମନ୍ତ୍ରୀ, ସଚିବ, ପାତାଳି କ୍ଷେତ୍ର ଟ୍ରଷ୍ଟ, ପାତାଳୀ ସେନା, ଜିଲା ପ୍ରଶାସନ ଓ ଅଞ୍ଚଳର ଜଗନ୍ନାଥ ପ୍ରେମୀଙ୍କ ସହ ଏକ ପ୍ରତ୍ୟକ୍ଷ ଆଲୋଚନା କରିବା ପାଇଁ ସେନା ପକ୍ଷରୁ ଭାଜପା ରାଜ୍ୟ ସଭାପତିଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ କରଯାଇଥିଲା। ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ବିକାଶ ହେଲେ ଜିଲାର ଉତ୍କଟ ଦାଦନ ସମସ୍ୟା ରୋକା ଯାଇପାରିବ। ନୂଆ ସରକାର ଏହି ଜିଲାକୁ ଏକ ପର୍ଯ୍ୟଟନ ହବ ଭାବେ ଗଢି ତୋଳନ୍ତୁ। ଜଗନ୍ନାଥଙ୍କ ଆଦିପୀଠରେ ଉତ୍ତମ ଯୋଜନା ମୁତାବକ ଶାସ୍ତ୍ରୀୟ ମନ୍ଦିର ନିର୍ମାଣ ପାଇଁ ଯତ୍ନବାନ ହେଲେ ସରକାରଙ୍କ ଯଶ ବଢିବ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ଏକ ଅବହେଳିତ, ଜଙ୍ଗଲ ଘେରା ଅପହଞ୍ଚ ଅଞ୍ଚଳରେ ଥିବା ପାତାଳି ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ଓ ପୀଠର ପ୍ରଚାର ପ୍ରସାର ପାଇଁ ଅନୁରୋଧ କରଯାଇଛି। ସାମଲ ଏ ନେଇ ସରକାରଙ୍କ ବିଭିନ୍ନ ବିଭାଗ ସହ ଆଲୋଚନା କରି ଶୀଘ୍ର ଏକ ବୈଠକ ଡାକିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଭାଜପା ନେତା ପ୍ରମୋଦ ମହାପାତ୍ରଙ୍କ ସହ ପାତାଳି ସେନାର ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ମଣ୍ଟୁ ମନ୍ତ୍ରୀ ଓ ବ୍ରଜ ବିହାରୀ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ମହୁଲ ଫସଲରେ ଚାଷୀ ଶୋଷିତ

**ପଦ୍ମପୁର ୩।୪ (ପ୍ରଦୀପ୍ତ ଦାଶ)**

ମହୁଲ ଗରିବ, ଭୂମିହୀନ ଓ ମଧ୍ୟବିତ୍ତ ଚାଷୀଙ୍କ ପାଇଁ ଏକ ଲାଭଜନକ ଫସଲ। ସକାଳରୁ ସଞ୍ଜ ପର୍ଯ୍ୟନ୍ତ ମହୁଲ ସଂଗ୍ରହ କରିବାକୁ ପଡ଼ିଥାଏ। ଏହାକୁ ବଜାରରେ ବିକି ଗୋଟାଳି ଖୁସିରେ ଦୁଇ ପଇସା ରୋଜଗାର କରିଥାଏ। କିନ୍ତୁ ଚଳିତ ବର୍ଷ କମ୍ ମହୁଲ ହୋଇଥିବାରୁ ଗୋଟାଳିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୂର୍ବ ବର୍ଷଗୁଡ଼ିକରେ ଗୋଟାଳିମାନେ ମହୁଲ ବଜାରରେ ବିକ୍ରି କରି ପ୍ରାୟ ତିନି ମାସର ପରିବାରର ଖର୍ଚ୍ଚ ଭରଣ କରୁଥିଲେ। ହେଲେ ଚଳିତ ଥର କମ୍ ମହୁଲ ହେଉଥିବାରୁ ବ୍ୟବସାୟରେ ବହୁତ ଅସୁବିଧା ହେଉଛି। ପୂର୍ବରୁ ଗୋଟିଏ ଗାଁରୁ ଶହ ଶହ ବସ୍ତା ମହୁଲ ସଂଗ୍ରହ ହେଉଥିବା ବେଳେ ଚଳିତ ବର୍ଷ ତାହା ହେଉନାହିଁ। ବର୍ତ୍ତମାନ କେଜି ପ୍ରତି ୩୦ରୁ ୪୫ଟଙ୍କା ମଧ୍ୟରେ କିଣା ବିକା ହେଉଛି। ସେଥିରେ ଚାଷୀ କ୍ଷତି ସହୁଛି। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ରହିଛି। କିଛି ବର୍ଷ ପୂର୍ବରୁ ଲଘୁ ବନ ଜାତ ଦ୍ରବ୍ୟ ସଂଗ୍ରହରେ ଗ୍ରାମ ପଞ୍ଚାୟତ ସରପଞ୍ଚଗୁଡ଼ିକ ହାତରେ କ୍ଷମତା ନ୍ୟସ୍ତ ଥିବାରୁ ଗାଁ ଗୁଡ଼ିକରେ ଘୁରି ବୁଲୁଥିବା ଦଲାଲ ବ୍ୟବସାୟୀ ଭୟଭୀତ ହେଉଥିଲେ। ଚାଷୀ ଉପଯୁକ୍ତ ପ୍ରାପ୍ୟ ପାଉଥିଲା। କିନ୍ତୁ ନିୟମ କୋହଲ ହେଲା ପରେ ବ୍ୟବସାୟୀ ନିଜ ଇଚ୍ଛାରେ ମୂଲ୍ୟ ନିର୍ଦ୍ଧାରଣ କରୁଛି। ଏଥିରେ ଅବକାରୀ ଏବଂ ବନ ବିଭାଗ ନୀରବ ରହିଛନ୍ତି। ତେଣୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ମହୁଲ ଠିକ ଭାବରେ ଆସିଲେ ତାକୁ ସଂଗ୍ରହ କରି ଲାଭ୍ୟାନ୍ୱିତ ହୋଇଥାନ୍ତେ। ତାହା ମଧ୍ୟ ସମ୍ଭବ ହେଉନାହିଁ।



ମହିଳା ମହୁଲ ସଂଗ୍ରହ କରୁଛନ୍ତି।



ଓଡ଼ିଆରେ ନାମଫଳକ ଲେଖିବା ପାଇଁ ବରଗଡ଼ରେ ସଚେତନତା ପଦଯାତ୍ରା ।

# ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା ପଦଯାତ୍ରା

**ବରଗଡ, ୪।୪(ପ୍ରେମାନନ୍ଦ ଖମାରୀ)**

**ଶ୍ରମିକଙ୍କୁ ମିଠା ବାଣ୍ଟିଲେ ପ୍ରଶାସନିକ ଅଧିକାରୀ**

ଓଡ଼ିଆ ଆମ ଭାଷା, ଆମ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ, ଓଡ଼ିଆ ଭାଷାକୁ ନେଇ ଆମ ପରିଚୟ। ହେଲେ ସଚେତନତା ଅଭାବ ଓ ନିଜ ଭାଷା ପ୍ରତି ଆଗ୍ରହ ନ ଥିବାରୁ ଆଜି ବି ଅଧିକାଂଶ ଦୋକାନ ବଜାରରେ ଲାଗିଥିବା ନାମ ଫଳକରେ ଓଡ଼ିଆ ଭାଷାର ବ୍ୟବହାର ହେଉ ନାହିଁ। ତେବେ ଆମ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ-୨୦୨୫ର ଚତୁର୍ଥ ଦିବସ ଶୁକ୍ରବାର ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି। ଏହି କ୍ରମରେ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ଏବଂ କାର୍ଯ୍ୟସ୍ଥଳରେ ଶ୍ରମିକଙ୍କୁ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ କରି ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି। ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ଜିଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଉତ୍ସାହିତ କରାଯାଇଛି। ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ।

# ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ପାଳିତ



ଶିକ୍ଷା ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ବରପାଲି,୪।୪(ଚିତ୍ତରଞ୍ଜନ ସାହୁ)**

ବରପାଲି ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ସହ ଶିକ୍ଷା ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରାଙ୍କ ସଭାପତିତ୍ୱରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଏବିଡିଓ ଭବାନୀ ମେହେର ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦାନ କରିଥିଲେ। ଉତ୍ସବରେ ୫ବର୍ଷରୁ ୬ବର୍ଷ ବୟସର ଶିଶୁମାନଙ୍କୁ ଖଡ଼ି ଧରା ପର୍ବ ପାଳିତ ହେବା ସହ ଅତିଥିମାନେ ବିଦ୍ୟାଳୟରେ ନାମ ଲେଖାର ଶୁଭାରମ୍ଭ କରିଥିଲେ। ସାକ୍ଷରତା ଷ୍ଟଲ, ସଂଖ୍ୟାଜ୍ଞାନ ଷ୍ଟଲ ତଥା ସୃଜନାତ୍ମକ ଷ୍ଟଲ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ବ୍ଲକର ତିନୋଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ଶିକ୍ଷା ସଚେତନତା ରଥ ପରିକ୍ରମାରେ ବାହାରିଥିଲା।

# ବୌଦ୍ଧରେ ଅଷ୍ଟଶମ୍ଭୁ ମହାମିଳନ

**ବୌଦ୍ଧ,୪।୪(ଅଜିତ କୁମାର ବାରିକ)**

ବୌଦ୍ଧ ସହରରେ ଶୁକ୍ରବାର ଅଷ୍ଟଶମ୍ଭୁ ପରିଚାଳନା କମିଟି ପକ୍ଷରୁ ଅଷ୍ଟଶମ୍ଭୁ ଦଣ୍ଡ ମିଳନ କରାଯାଇଥିଲା। ଏହି ମିଳନରେ ମର୍ଜାକୁଦର ବାବା ଗୁପ୍ତେଶ୍ୱର, ସିଦ୍ଧପୁରର ବାବା ସିଦ୍ଧେଶ୍ୱର, ଘୁଟୁସିଙ୍ଗାର ବାବା ସପ୍ତେଶ୍ୱର, ପଲାସର ବାବା ଧବଳେଶ୍ୱର, ସରସରାରା ବାବା ବୈଦ୍ୟନାଥ, ଗମ୍ଭାରିପଦର ବାବା କପିଳେଶ୍ୱର, ବୀରନରସିଂହପୁରର ବାବା ସୁବର୍ଣ୍ଣେଶ୍ୱର ଓ ବୌଦ୍ଧ ସହରର ବଟୁକ ଭୈରବ ଦଣ୍ଡ ଦଳ ଭାଗ ନେଇଥିଲେ। ୮ଟି ଦଣ୍ଡ ଦଳ ସହରର ବିଭିନ୍ନ ଛକ ସାହି ମାନଙ୍କରେ ଏକା ସଙ୍ଗେ ଦଣ୍ଡନାଚ କରିଥିଲେ। ସନ୍ଧ୍ୟାରେ ସମସ୍ତ ଦଣ୍ଡ ଦଳ ବୌଦ୍ଧ ମହାନଦୀର ଆଳତି ଘାଟରେ ଏକତ୍ର ହୋଇ ପୂଜାର୍ଚ୍ଚନା କରିଥିଲେ। ରାତି ସାରା ଦଣ୍ଡ ନାଚ ହୋଇଥିଲା। ଅଷ୍ଟଶମ୍ଭୁ ମିଳନ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଅଷ୍ଟଶମ୍ଭୁ ପରିଚାଳନା କମିଟି ସଭାପତି ବିକାଶ କାନୁନଗୋ, ସମ୍ପାଦକ ଦେବାଶିଷ ପୁରୋହିତ, ମୁଖ୍ୟ ଆୟୋଜକ ଶ୍ରୀନିବାସ ମିଶ୍ର, ଅଜୟ କୁମାର ପଣ୍ଡା, କୁନା ବାଘ, ସୁନିଲ ବଡମାଳି, ଦେବାଶିଷ ପଟ୍ଟନାୟକ ସହଯୋଗ କରିଥିଲେ।



ମହାନଦୀ ଆଳତି ଘାଟରେ ଅଷ୍ଟଶମ୍ଭୁ ମିଳନ ଚାଲିଛି ।

# ଓଡ଼ିଆ ବିଭାଗର ବିଦାୟ ସମ୍ବର୍ଦ୍ଧନା

**ପାଇକମାଲ,୫।୪(ବଡ଼ ଶତପଥୀ)**

ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁରଙ୍କ ସଭାପତିତ୍ୱରେ ଯୁକ୍ତ ତିନି ଶେଷ ବର୍ଷର ଓଡ଼ିଆ ବିଭାଗର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ମୁଖ୍ୟଅତିଥି ଭାବରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଅଧ୍ୟାପକ ଅମରେଶ ଠାକୁର ଅତିଥି ପରିଚୟ ଦେଇଥିଲେ। ଏଥିରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଛାତ୍ରୀ ଝରଣା ସାନବର୍ଷା, କୁନି ସାହୁ, ହାସିନା ବନିଆ, ଗୀତାରାଣୀ ପ୍ରଧାନ, କୁମୁଦିନୀ ମାଝୀ, ଶୁଭେନ୍ଦୁ ପାଣ୍ଡେ, ସୀମା ଭୋଇ ପ୍ରମୁଖ ନିଜ ଛାତ୍ର ଜୀବନର ଅନୁଭୂତି କହିଥିଲେ। ଏହି କାର୍ଯ୍ୟକ୍ରମରେ ବୁଲୁ ଦାସ, ମୋହନ ମାଝୀ, କାର୍ତ୍ତିକ ବରିହା, ସୁଶାନ୍ତ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଅମରେଶଠାକୁର ଧନ୍ୟବାଦ ଦେଇଥିଲେ ।




ଛାତ୍ରୀଛାତ୍ରଙ୍କ ଗହଣରେ ଶିକ୍ଷକମାନେ।

# ଆଇନ ଆଖିରେ ଧୂଳି, ଏକା ନମ୍ବରରେ ଚାଲୁଛି ୨ ଗାଡ଼ି

- ଖଇର କାଠ ବୋଝେଇ ମିନି ଟ୍ରକ୍ ଜବତ
- ଚୋରା କାରବାରରେ ମାଫିଆ ସକ୍ରିୟ

**ସୋହେଲା,୩।୪ (ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଟାଲ ଗ୍ରାମରେ ଘେଁସ ବନ ବିଭାଗ ପକ୍ଷରୁ ଖଇର ଗଛ ଗଣ୍ଡି ବୋଝେଇ ହୋଇଥିବା ଏକ ମିନିଟ୍ରକ୍‌କୁ ଜବତ କରାଯାଇଛି। ଧରାପଡ଼ିଥିବା ଉକ୍ତ ମିନି ଟ୍ରକ୍‌ରେ ଲକ୍ଷାଧିକ ଟଙ୍କାର ପ୍ରାୟ ୨ଟନ୍ ଓଜନର ଖଇର କାଠ ବୋଝେଇ ହୋଇଥିବା ବେଳେ ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଛନ୍ତି। ବନ ବିଭାଗ କର୍ମଚାରୀମାନେ ଧରିଥିବା ଉକ୍ତ ମିନିଟ୍ରକ୍‌ର ନମ୍ବର ଓଆର୧୭ଏଫ୍-୮୨୧୧ ଉଲ୍ଲେଖ ଥିବାବେଳେ ସେଇ ଏକା ନମ୍ବର ଓଆର୧୭ଏଫ୍-୮୨୧୧ ଲେଖାଥିବା ଏକ ମହିନ୍ଦ୍ରା ପିକ୍‌ଅପ୍ ଗାଡ଼ି ଗତବର୍ଷ ଖଇରକାଠ ଚୋରା କାରବାରରେ ଧରା ପଡି ଘେଁସ ବନ ବିଭାଗ କାର୍ଯ୍ୟାଳୟରେ ପୂର୍ବରୁ ଛିଡା ହୋଇଥିବା ଦେଖିବାକୁ ମିଳିଛି। ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି, ଏହି ଖଇରକାଠ ଚୋରା କାରବାରରେ ସମ୍ପୃକ୍ତ ଥିବା ଲୋକେ ନିଜର ପରିଚୟ ଗୋପନ ରଖିବା ପାଇଁ ଏହିପରି ବେନାମୀ ଗାଡି ସହିତ ନକଲି ନମ୍ବର ବ୍ୟବହାର କରୁଛନ୍ତି । ଏପରି ବେନାମୀ ଓ ନକଲି ନମ୍ବର ଥିବା ଗାଡି ଧରା ପଡିଲେ ମଧ୍ୟ ପ୍ରକୃତ ଗାଡି ମାଲିକ କିମ୍ବା ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତି ସମ୍ପର୍କରେ କିଛି ତଥ୍ୟ ଜଣାପଡୁନାହିଁ। ଫଳରେ ଏହି କାରବାରର ମାଷ୍ଟର ମାଇଣ୍ଡ ସାଜିଥିବା ଲୋକେ ଆଇନ ଆଖିରେ ଧୂଳିଦେଇ ଆରାମରେ ଖସି ଯାଉଛନ୍ତି । ଏ ସମ୍ପର୍କରେ ଘେଁସ ରେଞ୍ଜର ବିଜୟାଲକ୍ଷ୍ମୀ ପଟେଲଙ୍କୁ ପଚରା ଯିବାରୁ ବୁଧବାର ରାତି ପ୍ରାୟ ୨ଟା୪୦ ମିନିଟରେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଦୋରା ଏବଂ ବନ ବିଭାଗ କର୍ମଚାରୀମାନେ ମେଲଛାମୁଣ୍ଡା ଥାନା ଟାଲ ଗ୍ରାମ ନିକଟରେ ଖଇରକାଠ ବୋଝେଇ ହୋଇଥିବା ଏକ ମିନିଟ୍ରକ୍ (ନଂଓଆର-୧୭ଏଫ-୮୨୧୧)କୁ ଧରିଥିଲେ। ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ବେଳେ ଗାଡ଼ିରେ ବିପୁଳ ମାତ୍ରାରେ ଖଇର ଗଛ ବୋଝେଇ ହୋଇଥିବା ଦେଖିବାକୁ ପାଇ ଗଛ ଏବଂ ମିନିଟ୍ରକ୍‌କୁ ଜବତ କରି ଘେଁସ ସ୍ଥିତ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଘେଁସ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୟୁଡି କେସ୍ ନମ୍ବର ୧ ଅନୁସାରେ ଏକ ମାମଲା ରୁଜୁ ହୋଇଛି। ଏକା ନମ୍ବର ଥିବା ଅନ୍ୟ ଏକ ଗାଡ଼ି ଜବତ ହୋଇଥିବା ନେଇ ପଚରା ଯିବାରୁ ଉକ୍ତ ପିକ୍‌ଅପ ଖଇରକାଠ ଚୋରା କାରବାରରେ ଗତବର୍ଷ ଜାନୁଆରୀ ୧୫ତାରିଖରେ ଧରାପଡ଼ିଥିଲା। ପାନ ମସଲା ପାଇଁ ବ୍ୟବହାର ହେଉଥିବା ଏହି ଖଇର ଗଛ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଲ, ଝାରବନ୍ଧ, ପଦ୍ମପୁର, ଗାଇସିଲେଟ, ମେଲଛାମୁଣ୍ଡା ଏବଂ ସୋହେଲା ଥାନା ଅଞ୍ଚଳରେ ଥିବା ଜଙ୍ଗଲରେ ବ୍ୟାପକ ମାତ୍ରାରେ ମିଳୁଥିଲା । କିନ୍ତୁ ବିଗତ କିଛିବର୍ଷ ହେବ ମାଫିଆମାନେ ଖଇରଗଛ କାଟି ଅନ୍ୟ ରାଜ୍ୟକୁ ଚାଲାଣ କରିବା କାରଣରୁ ବର୍ତ୍ତମାନ ଜଙ୍ଗଲରେ ଖଇରଗଛ ଦେଖିବାକୁ ମିଳୁନାହିଁ। ଫଳରେ ମାଫିଆମାନେ ବର୍ତ୍ତମାନ ଏଜେଣ୍ଟଙ୍କ ମାଧ୍ୟମରେ ଚାଷଜମିଗୁଡ଼ିକରେ ରହିଥିବା ଖଇର ଗଛ କାଟିବାରେ ଲାଗିଛନ୍ତି । ଏହି ଏଜେଣ୍ଟମାନେ ଲୋକଙ୍କ ନିକଟରୁ କିଲୋପ୍ରତି ୨୦ଟଙ୍କା ଦରରେ ଖଇର ଗଛ କିଣୁଥିବା ଜଣାପଡିଛି। ଏହି କାରବାର ପଛରେ ଲୁହୁରାଟଟିର ଜଣେ ବ୍ୟକ୍ତି ସଂପୃକ୍ତ ରହିଥିବା ଏବଂ ଏଥିରେ ତାଙ୍କୁ କିଛି ପ୍ରଭାବଶାଳୀ ରାଜନେତା ସହଯୋଗ କରୁଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏହି କାରବାର ପୂର୍ବରୁ ଉକ୍ତ ବ୍ୟକ୍ତି କେନ୍ଦୁପତ୍ର, ବିଦେଶୀ ମଦ, ଗଞ୍ଜେଇ, ଗୋରୁ ଚୋରାଚାଲାଣ କାରବାର ସହିତ ଅନେକ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।




ଜବତ ହୋଇଥିବା ଏକା ନମ୍ବରର ୨ଟି ଗାଡ଼ି।

# ସ୍କୁଲ ପାଖରେ ବିପଦ ଶଙ୍କୁଳ ଟ୍ରାନ୍ସଫର୍ମର



ବିପଦ ଶଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର।

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ପଥର୍ଲା ପଞ୍ଚାୟତ ଅନ୍ତର୍ଗତ ମହିମା ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିପଦ ଶଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏପରିକି ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ମଧ୍ୟ ଦିଆ ଯାଇନାହିଁ । ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଜୀବନ ବିପଦରେ ରହିଛି। ଏହା ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଆଖିରେ ପଡୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଟ୍ରାନ୍ସଫର୍ମରକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଏଠାରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ସଂକ୍ଷେପରେ

### ଖଣ୍ଡା ବୁଲାଉଥିବା ୮ ଯୁବକଙ୍କ ନାମରେ ମାମଲା ରୁଜୁ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଜଣେ ପୋଲିସ ଅଧିକାରୀଙ୍କୁ ଗାଳି ଗୁଲଜ କରିବା ନେଇ ଥାନାରେ ମାମଲା ରୁଜୁ ହୋଇଥିବା ସହରରେ ଚର୍ଚ୍ଚା ଜୋର ଧରିଛି। ମାତ୍ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାମରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ଦେଇଛନ୍ତି। ଅପରପକ୍ଷରେ ହନୁମାନ ଜୟନ୍ତୀ ପୂର୍ବରୁ ଝଣ୍ଡା ଶୋଭାଯାତ୍ରା ସମୟରେ ଗୋଲବଜାର ଛକରେ ଗତ ଗୁରୁବାର ରାତିରେ କେତେଜଣ ଯୁବକ ଅଖଡ଼ା ଖେଳ ସଦୃଶ ଖଣ୍ଡା ବୁଲାଇଥିଲେ। ଏହି ଘଟଣାରେ ବିଧାୟକଙ୍କ ନାମରେ ନୁହେଁ ଖଣ୍ଡା ବୁଲାଉଥିବା ୮ ଜଣକ ଯୁବକଙ୍କ ବିରୋଧରେ ଟାଉନ ଥାନାରେ କେସ୍ ନଂ. ୯୫/୨୦୨୫ରେ ଦଫା ୨୫।୨୭ ଅସ୍ତ୍ରଶସ୍ତ୍ର ନେଷେଧ ଆଇନ୍‌ରେ ମାମଲା ରୁଜୁ ହୋଇଛି ବୋଲି ଟାଉନଥାନା ଆଇଆଇସି ସୁବ୍ରତ କୁମାର ମେହେର କହିଛନ୍ତି।

### ସହରରେ ପୋଲିସର ଫ୍ଲାଗମାର୍ଚ୍ଚ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ରାମ ନବମୀକୁ ଦୃଷ୍ଟିରେ ରଖି ଶୁକ୍ରବାର ରାତିରେ ସମ୍ବଲପୁର ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ମୁଦିପଡା ଛକରୁ ପୋଲିସ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇ କୁଞ୍ଜେଲପଡ଼ା, ପୁରୁଣା ପୌରପରିଷଦ ଛକ, ପୀରବାବା ଛକ, ଗେଇଟିଂକିଜ ରୋଡ଼, ଲକ୍ଷ୍ମୀଟକିଜ ଛକ୍, କୁମ୍ଭାରପଡ଼ା, ପେନସନପଡ଼ା, ଜିଲାସ୍କୁଲ ଛକ, ଭୁତାପଡ଼ା ଛକ, ମୋତିଝରଣ, ସୁନାପାଲି, ଗେଙ୍ଗୁଟିପାଲି, ଧନକଉଡ଼ା ଆଦି ଅଞ୍ଚଳ ସହିତ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ଦେଇ ସମଗ୍ର ସହର ପରିକ୍ରମା କରିଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସଦର ଏସଡିପିଓ, ବିଭିନ୍ନ ଥାନାର ଆଇଆଇସିଙ୍କ ସମେତ ୨ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ଓ ପୋଲିସ ସୁରକ୍ଷାକର୍ମୀମାନେ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ।

### ୫୦ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ

ସମ୍ବଲପୁର,୪।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର କଚେରୀ ଛକ ନିକଟସ୍ଥ ଏସବିଆଇ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପାରିପାର୍ଶ୍ୱିକ ପାଣ୍ଠିରୁ ଶୁକ୍ରବାର ୫୦ଜଣ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଛି। ମହିଳାଙ୍କୁ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଏସବିଆଇର ବୁର୍ଲା ସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶୁକ୍ରବାର ଏହି ମହିଳାଙ୍କୁ ସ୍ଥାନୀୟ ଏସବିଆଇର ଆରବିଓ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଉତ୍ସବରେ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ଜୟନାରାୟଣ ମିଶ୍ର, ସମ୍ମାନୀତ ଅତିଥି ଏସବିଆଇର ଡିଜିଏମ ସଞ୍ଜୟ କୁମାର ଝା ଓ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

### ସିରିଜ ଚୋରି ଘଟଣା: ଆଉଜଣଙ୍କୁ ବାନ୍ଧିଲା ପୋଲିସ

ରେଢ଼ାଖୋଲ,୪।୪(ଅଚ୍ୟୁତାନନ୍ଦ ପୁରୋହିତ)

ସେପ୍ଟେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ରେଢ଼ାଖୋଲ ବ୍ଲକର ପ୍ରାୟ ୧୧ରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରୁ ନିୟମିତ ବ୍ୟବଧାନରେ ଏଲଇଡି ଟିଭି ଓ ଅନ୍ୟ ଉପକରଣ ଚୋରି ହେବା ଘଟଣାରେ ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ନଙ୍ଗେର ଗ୍ରାମର ସୁଗମ ଚରଣ ବେହେରା ଓରଫ ଲିଟୁ(୩୭)। ତାଙ୍କ ନିକଟରୁ ପୋଲିସ ୭ଟି ଏଲଇଡି ଟିଭି ଓ ଅନ୍ୟ ଉପକରଣ ଜବତ କରିଥିବା ରେଢ଼ାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ବରଗଡ ଜିଲା ତୋରା ଥାନା ଅଧିନ ଗୋଲପଡାର ମହେଶ କୁମାର ଶର୍ମା ଓରଫ ଗୁଡୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ନାମରେ ରେଢ଼ାଖୋଲ ଥାନାରେ ୧୧ ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଜୁମୁରା ଥାନାରେ ୩ଟି ଓ ନାକଟିଦେଉଳ ଥାନାରେ ଗୋଟିଏ ମାମଲା ରୁଜୁ ହୋଇଛି।

# ବାଜ୍ୟାପ୍ତ ହେଲାନି ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ପତ୍ତି

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)



ବୁର୍ଲାସ୍ଥିତ ଜଳ ସମ୍ପଦ ବିଭାଗ ଅଧୀନ ମହାନଦୀ ବେସିନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସଂସ୍ଥାର ଓକିଲ ଓ କୋର୍ଟ କର୍ମଚାରୀ।

ଏକ ଠିକା ସଂସ୍ଥାର ବକେୟା ବିଲ୍ ବାବଦ ଅର୍ଥ ପୈଠ ନ କରିବାରୁ ସମ୍ବଲପୁର ଜଳ ସମ୍ପଦ ବିଭାଗର ୩ଟି କାର୍ଯ୍ୟାଳୟର ଆସବାବପତ୍ର ବାଜ୍ୟାପ୍ତି ପାଇଁ ଜାରି ହୋଇଥିବା ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ବୁର୍ଲାସ୍ଥିତ ଅପର ମହାନଦୀ ବେସିନ ପ୍ରବନ୍ଧକ ତଥା ମୁଖ୍ୟଯନ୍ତ୍ରୀ, ହୀରାକୁଦ ଡ୍ୟାମ୍ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ଓ ସମ୍ବଲପୁର ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟର ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତି ପାଇଁ ସମ୍ବଲପୁର ସିନିୟର ଡିଭିଜନ ସିଭିଲ ଜଜ୍ କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଉକ୍ତ ନିର୍ଦ୍ଦେଶ ବଳରେ କୋର୍ଟଙ୍କ ପ୍ରୋସେସର ସର୍ଭର(କର୍ମଚାରୀ)ମାନେ ଏହି ଠିକାସଂସ୍ଥାର ଓକିଲଙ୍କ ସହ ଉକ୍ତ ଅଫିସରେ ଶୁକ୍ରବାର ପହଞ୍ଚିଥିଲେ। ମାତ୍ର ଉକ୍ତ ନିର୍ଦ୍ଦେଶନାମା ଅପର ମହାନଦୀ ବେସିନ ନାମରେ ଜାରି ହୋଇଥିବା ବେଳେ ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟର ନାମ ପରିବର୍ତ୍ତନ ହୋଇ କେବଳ ମହାନଦୀ ବେସିନ ହୋଇଯାଇଛି। ତେଣୁ କୋର୍ଟ କର୍ମଚାରୀ ଏବଂ ଓକିଲ ଉକ୍ତ ୩ କାର୍ଯ୍ୟାଳୟର କୌଣସି ଆସବାବପତ୍ର ବାଜ୍ୟାପ୍ତି କରି ନ ପାରି ଖାଲିହାତରେ ଫେରିବାକୁ ବାଧ ହୋଇଥିଲେ।

ମିଳିଥିବା ସୂଚନା ଅନୁସାରେ, ୨୦୦୦ ମସିହାରେ ସମ୍ବଲପୁର ରିଂରୋଡ଼ର ନିର୍ମାଣ ହାତକୁ ନେଇଥିବା ଓରିଏଣ୍ଟ କନ୍‌ଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ ନାମକ ଠିକା ସଂସ୍ଥାକୁ ରାସ୍ତା ନିର୍ମାଣ ବାବଦକୁ ବକେୟା ଥିବା ୫୨ ଲକ୍ଷ ଟଙ୍କା ମିଳି ନ ଥିଲା। ଫଳରେ ସମ୍ପୃକ୍ତ ଠିକାସଂସ୍ଥା ଏନେଇ ୨୦୦୯ରେ ସମ୍ବଲପୁର ସିନିୟର ସିଭିଲ ଜଜ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତରେ ଏହାର ଶୁଣାଣି ହୋଇଥିଲା। ଏହି ସମୟରେ ବକେୟା ଥିବା ଅର୍ଥ ସୁଧ ମୂଳ ମିଶି ୧କୋଟି ୩୬ ଲକ୍ଷ ଟଙ୍କା ହୋଇଥିଲା। ତେବେ ଟଙ୍କା ପୈଠ ନ ହେବାରୁ ବାର୍ଷିକ ୬ ପ୍ରତିଶତ ସୁଧ ହାରରେ ଉକ୍ତ ଠିକା ସଂସ୍ଥାକୁ ବକେୟା ଅର୍ଥ ପୈଠ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତଥାପି ଠିକା ସଂସ୍ଥାକୁ ବକେୟା ଅର୍ଥ ପ୍ରଦାନ କରାଯାଇ ନ ଥିଲା। ବକେୟା ଅର୍ଥ ପୈଠ ନ ହେବାରୁ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ବକେୟା ଥିବା ଅର୍ଥକୁ ସୁଧ ମୂଳ ମିଶି ୧କୋଟି ୮୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ବାରମ୍ବାର ନୋଟିସ ସତ୍ତ୍ୱେ ବକେୟା ଅର୍ଥ ପୈଠ ନ ଦେବାରୁ

**ଖାଲି ହାତରେ ଫେରିଲେ କୋର୍ଟ କର୍ମଚାରୀ**

ଜଳ ସମ୍ପଦ ବିଭାଗ ସମ୍ବଲପୁରର ଉକ୍ତ ୩ଟି କାର୍ଯ୍ୟାଳୟର ସମସ୍ତ ପ୍ରକାର ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ରକୁ ବାଜ୍ୟାପ୍ତି କରିବାକୁ ଅଦାଲତ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

ଏହାକୁ ନେଇ ଠିକା ସଂସ୍ଥାର ମାମଲାକୁ କୋର୍ଟରେ ପରିଚାଳନା କରୁଥିବା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ଜଳ ସମ୍ପଦ ବିଭାଗ ଅଧୀନ ଅପର ମହାନଦୀ ବେସିନ ନାମ ପରିବର୍ତ୍ତନ ହୋଇଛି ସତ, ମାତ୍ର ଏହି ବିଭାଗ ପୂର୍ବନାମରେ ଅଦାଲତରେ ହେଉଥିବା ଶୁଣାଣିରେ ହାଜର ହେଉଥିଲେ। ତେବେ ଆଗାମୀ ଦିନରେ ଅଦାଲତରେ ଏହି ନାମକୁ ସଂଶୋଧନ କରାଯାଇ ନୂତନ ନାମରେ ନୋଟିସ ଜାରି କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏନେଇ ମହାନଦୀ ବେସିନର ମୁଖ୍ୟ ଯନ୍ତ୍ରୀ ଇଂ. ସୁଶୀଳ କୁମାର ବେହେରାଙ୍କୁ ତାଙ୍କ ଫୋନ ନଂ. ୮୦୧୮୪୬୩୯୦୪ରେ ଯୋଗଯୋଗ କରାଯାଇଥିଲେ ସେ ଫୋନ ଉଠାଇ ନଥିଲେ।

# ଓଡ଼ିଆରେ ନାମଫଳକ ଅଭିଯାନ



ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୪।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିବସରେ ଶୁକ୍ରବାର ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ଉଦ୍ଦେଶ୍ୟରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା କଚେରିଛକ, ସମ୍ବଲପୁରରୁ ପୁରାତନ ମ୍ୟୁନିସିପାଲଟି ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସମସ୍ତ ବାଣିଜ୍ୟ ପ୍ରତିଷ୍ଠାନ ଓ ଦୋକାନ ଗୁଡିକୁ ନିଜ ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭୋଇ କହିଥିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇ ସାରିଛି। ତେଣୁ ଏହି ଭାଷାର ଅଧିକରୁ ଅଧିକ ବ୍ୟବହାର କରାଯିବା ଆବଶ୍ୟକ। ଏହି ଅବସରରେ ସମ୍ବଲପୁର ଜିଲା ଶ୍ରମ ଅଧିକାରୀ, ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନେ ଅଂଶ ଗ୍ରହଣ କରି ସହର ପରିକ୍ରମା କରିଥିଲେ। ଶେଷରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧିଭାବେ ଶୁଭଶ୍ରୀ ମିଶ୍ର ଉପସ୍ଥିତ ରହି ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

# କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ପରିଷଦ ବୈଠକ




ତପସ୍ୱିନୀ ପ୍ରେକ୍ଷାଳୟରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ପରିଷଦ ବୈଠକରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ବଜେଟ୍ ମଞ୍ଜୁରୀର ୫୦ କୋଟି ଟଙ୍କା କାଟିବା, ତ୍ରୁଟିପୂର୍ଣ୍ଣ କେନ୍ଦୁପତ୍ର ଉନ୍ନୟନ ପରିଷଦ(କେଏଲ୍‌ଡିବି) ତାଲିକା, କନ୍ୟା ବିବାହ ସହାୟତା ରାଶି ପ୍ରଦାନରେ ବିଳମ୍ବ, କେନ୍ଦୁପତ୍ର ଦର ଧାର୍ଯ୍ୟରେ ବିଳମ୍ବ ଓ ଋତୁକାଳୀନ(ସିଜନାଲ) କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି କରା ନ ଯିବାର ପ୍ରତିବାଦ କରିଛି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁକ୍ରବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକରେ ସରକାରଙ୍କ ଏତାଦୃଶ ନିଷ୍କ୍ରିୟତାକୁ ତୀବ୍ର ବିରୋଧ କରାଯାଇଥିଲା। ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦୁପତ୍ର ବହୁଳ ରାଜ୍ୟର ୨୧ ଜିଲାରୁ ଶତାଧିକ ସଂଖ୍ୟକ ତୋଳାଳୀ ଓ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରାକରଙ୍କୁ ସମୟ ଦିଆଯାଇଛି। ଯଦି ୧୫ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ସମସ୍ତ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜ୍ୟ ପରିଷଦ ବୈଠକରେ ଉପସଭାପତି ଗୋକୁଳ ମେହେର, ବିନୋଦ ପ୍ରଧାନ, ସଙ୍ଗଠନ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଶିବାନନ୍ଦ ପରିଛା, ପଦ୍ମାବତୀ କିସାନ, ମନୋଜ ସାହୁ, କୋଷାଧ୍ୟକ୍ଷ କ୍ଷେତ୍ରଚନ୍ଦ୍ର ବାରିକ, ମଣ୍ଡଳ ସମ୍ପାଦକ କୀର୍ତ୍ତନ ସେନାପତି, ରତ୍ନାକର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବୌଦ୍ଧିକ ଆଲୋଚନାଚକ୍ର

ସମ୍ବଲପୁର,୪।୪(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ ଶୁକ୍ରବାର ଜାତୀୟ ଶିକ୍ଷା ନୀତି ଉପରେ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ଲକ୍ଷ୍ମୌ ଆଇ.ଟି ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ.ସୁଦୀପ୍ ଚୌଧୁରୀ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରି ଜାତୀୟ ଶିକ୍ଷାନୀତି -୨୦୨୦ ଉପରେ ଆଲୋଚନା କରିଥିଲେ। ଏହା କିପରିଭାବେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ହେଉଥିବା ମାନସିକ ଚାପକୁ କମେଇବା ପାଇଁ ଉପଯୋଗୀ ହୋଇପାରିବ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମନୋବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ବହୁସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ. ସଞ୍ଜୁକ୍ତା ପାଢ଼ୀ ପରିଚାଳନା କରିଥିବାବେଳେ ଅନ୍ୟ ଅଧାପିକା ଅଧାପକ ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ୍, ଡ. ମନୋରଞ୍ଜନ ତ୍ରିପାଠୀ, ଡ. ସ୍ନେହପ୍ରଭା ସାହୁ, ଶଶି ଭୂଷଣ ଦୋରା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ ବୈଷୟିକ ସହାୟତା କରିଥିଲେ ଏବଂ ସଙ୍ଗୀତା ବେହେରା ସହଯୋଗ କରିଥିଲେ।

# ବ୍ରାଉନ୍ ସୁଗାର ବେପାରୀଙ୍କୁ ୪ ବର୍ଷ ଜେଲ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିଠାରେ ବେଆଇନ ବ୍ରାଉନ ସୁଗାର ବେପାରରେ ଲିପ୍ତ ଅଭିଯୁକ୍ତ ମହମ୍ମଦ ଚାନ୍ଦ(୨୬)ଙ୍କୁ ଶୁକ୍ରବାର ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ସମ୍ବଲପୁର ଅତିରିକ୍ତ ସେସନ୍ସ ଜଜ (ସ୍ୱତନ୍ତ୍ର ଅଦାଲତ) ମୋହନ ରାଓ ଦୋରା। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ବିବରଣୀ ଅନୁସାରେ, ୨୦୨୩ ଜୁଲାଇ ୭ ତରିଖ ପୂର୍ବାହ୍ନ ସାଢ଼େ ୯ଟାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସୁନାପାଲି ଗୌନ୍ତିଆପଡ଼ାର ମହମ୍ମଦ ଚାନ୍ଦଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୩ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା। ଏହାକୁ ନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ. ୭୮/୨୦୨୩ ରେ ୨୧(ବି)ରେ ଏକ ଅବକାରୀ ମାମଲା ରୁଜୁ କରି ଅଭିଯୁକ୍ତ ଚାନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ବିଚାର ପୂର୍ବକ ୩ ଜଣ ସାକ୍ଷୀ ଓ ୧୫ଟି ବିଭିନ୍ନ ତଥ୍ୟ ସମ୍ବଳିତ ଦସ୍ତାବିଜ ଅନୁଧ୍ୟାନ କରି ବିଚାରପତି ରାଓ ଅଭିଯୁକ୍ତ ଚାନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ନିଶାମୁକ୍ତି ସଚେତନତା ସମାବେଶ



ମହିଳାମାନେ ଶପଥ ପାଠ କରୁଛନ୍ତି।

କୁଚିଣ୍ଡା,୪।୪(ବିରଞ୍ଚି ଦର୍ଣ୍ଣା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ନିବାରଣ ଅଭିଯାନ ପକ୍ଷରୁ ଶୁକ୍ରବାର ଏକ ନିଶାମୁକ୍ତି ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତି ଅଭିଯାନ ସମ୍ବଲପୁର ଜିଲା ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ୱେସ୍କୋର ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପଟେଲ, ପୂର୍ବତନ ଜିଲାପରିଷଦ ସଭ୍ୟା ତଥା ନିଶାମୁକ୍ତି ଅଭିଯାନ ଜିଲା ସମ୍ପାଦିକା ଉତ୍ପଳା ଧୁରୁଆ, ଉପଖଣ୍ଡ ସଭାପତି କରୁଣାକର କିଷାନ, ପଞ୍ଚାୟତ ମହାସଂଘ ସଭାପତି ମୀନା ମହାନନ୍ଦିଆ, ସମ୍ପାଦିକା ପଙ୍କଜିନି ଚାର୍ଡିଆ, ଏମବିକେ ପୁଷ୍ପାଞ୍ଜଳି ମାଝି, ସିଆରପି କିରଣପ୍ରିୟା ପୋଢ, ସରପଞ୍ଚ ନଳିନୀ କିଷାନ, ନାଏବ ସରପଞ୍ଚ ଲମ୍ବୋଦର କୁମୁରା, ସମିତି ସଭ୍ୟା କୁନି କିଷାନ, ଗ୍ରାମ ମଙ୍ଗଳ କମିଟି ସଭାପତି ସୁଦେଶ ପଟେଲ ପ୍ରମୁଖ ଯୋଗଦେଇଥିଲେ। କୁଲେଇଗଡ ପଞ୍ଚାୟତକୁ ନିଶାମୁକ୍ତ କରିବା ସହ ଏକ ସୁସ୍ଥ ବାତାବରଣ ଆଣିବାକୁ ଆହ୍ୱାନ ଦେଇଥିଲେ। ପରେ ପୁରୁଣାପାଣି ଓ ଡୁମାମୁଣ୍ଡା ଗ୍ରାମରେ ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ନିଶାଠାରୁ ଦୂରେଇ ରହିବାକୁ ସଚେତନ କରାଇଥିଲେ। ପରେ ଉଭୟ ଗ୍ରାମରେ ହୋଇଥିବା ସଚେତନତା ସମାବେଶରେ ସମବେତ ମହିଳାଙ୍କୁ ନିଶାମୁକ୍ତି ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଝୁନୁ ପଟେଲ, ଜନନୀ କିଷାନ, ଗିତା ଭଞ୍ଜ, ଅନିତା ପଟେଲ, ଜ୍ୟୋତିମଞ୍ଜରୀ ପଟେଲ, ଦିପାଞ୍ଜଳୀ ନାଏକ, ଝରଣା ବାଘ, କାମିନୀ ବାଗ, କିଶୋରୀ ଜାଲ, ମାଳତୀ କିଷାନ, ଶକୁନ୍ତଳା କିଷାନ, ସବିତା କିଷାନ, ରୋହିଣୀ କିଷାନ, ଜୟମଙ୍ଗଳ ମାଝି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରୋହିଣୀ କରାଲି ଧନ୍ୟବାଦ ଅର୍ପଣ କରିଥିଲେ।

# ୬ରେ ଜାତୀୟ ମିଷ୍ଟର, ମିସ୍ ଇଣ୍ଡିଆ ପ୍ରତିଯୋଗିତା

**ଯୋଗଦେବେ ୨୨ ରାଜ୍ୟର ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ**

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ଏପ୍ରିଲ ୬ ତାରିଖରେ ୧୮ତମ ଜାତୀୟ ବଡି ବିଲ୍ଡିଂ ଓ ଫିଟ୍‌ନେସ୍ ଚାମ୍ପିୟନଶିନ ମିଷ୍ଟର ଓ ମିସ୍ ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦେଶର ୨୨ଟି ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ପ୍ରତିଯୋଗିତାର ଆୟୋଜକ ସମ୍ବଲପୁର ଜିଲା ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ୍ ଆସୋସିଏଶନର ସଭାପତି ସତୀଶ ବିଶି ଓ କଳିଙ୍ଗ ବଡ଼ି ବିଲ୍ଡିଂ ଆସୋସିଶନର ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେମାନେ ସୂଚନା ଦେଇ କହିଛନ୍ତି, କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ପୁରସ୍କାର ସ୍ୱରୂପ ଟ୍ରଫି ଓ ରାଶି ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ମୋଟ ପ୍ରତିଯୋଗିତା ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରତିଯୋଗିତାରେ ୧୦ଟି ବର୍ଗରେ ମୋଟ ୧୯ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶନିବାର ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଗ୍ରହଣ କରିବେ। ସନ୍ଧ୍ୟାରେ ପ୍ରତିଯୋଗୀଙ୍କ ପ୍ରାଥମିକ ଚୟନ ପ୍ରକ୍ରିୟା ଆରମ୍ଭ ହେବ । ତେବେ ଚଳିତବର୍ଷ ଏହି ପ୍ରତିଯୋଗିତା ଆୟୋଜନ ଓ ପୁରସ୍କାର କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ପ୍ରୋତ୍ସାହନ ସ୍ୱରୂପ କନିଷ୍ଠ ଓ ଭିନ୍ନକ୍ଷମ ବର୍ଗରେ ଗୋଟିଏ ଲେଖାଏଁ ବିଭାଗରେ ପ୍ରତିଯୋଗିତା ଆୟୋଜନ ହେବ। ସ୍ଥାନୀୟ ବିର୍ସା ମୁଣ୍ଡା (ପିଏଚ୍‌ଡି) ପଡ଼ିଆରେ ସନ୍ଧ୍ୟା ୫ଟାରୁ ପ୍ରତିଯୋଗିତା ଆରମ୍ଭ ହେବ ବୋଲି ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି। ଶେଷରେ ସଙ୍ଗଠନର କାର୍ଯ୍ୟକାରିଣୀ ଉପଦେଷ୍ଟା ଭୋଳା ମୋହନ୍ତମ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ୍ ଆସୋସିଏଶନର ସାଧାରଣ ସମ୍ପାଦକ ଅମିତାଭ ପରିଡ଼ା, ଉପ ସଭାପତି ଜି. ଜି. ଯଶୋଭ, ସହ-ସମ୍ପାଦକ ନିଶାନ୍ତ ବହିଦାର, ରାଜ୍ୟ କୋଷାଧ୍ୟକ୍ଷ ନିରାକଷ୍ଟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ ମାନହାନି ନେଇ ଥାନାରେ ଅଭିଯୋଗ

ନାକଟିଦେଉଳ, ୪।୪(ବୈକୁଣ୍ଠନାଥ ସାହୁ)

ଷଡ଼ ବଂଶୀୟ ଗଣ୍ଡ ସମାଜର ସାମାଜିକ ରୀତିନୀତି ଏବଂ ପରମ୍ପରାକୁ ଆଘାତ ଦେବା ପରି ସାମାଜିକ ଗଣମାଧ୍ୟମରେ ବିବୃତି ଦିଆଯିବା ଯୋଗୁ ଗଣ୍ଡ ସମାଜର ସାମାଜିକ ମାନହାନି ଘଟୁଛି ବୋଲି କିସିଣ୍ଡା ଗଣ୍ଡ ସମାଜ ଜଂଘା ଲିଙ୍ଗା ଗୁଡ଼ି ପକ୍ଷରୁ ବୁଧବାର କିସିଣ୍ଡା ଥାନାରେ ଅଭିଯୋଗ ହୋଇଛି। ମାର୍ଚ୍ଚ ୫ରେ କୁଚିଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତି ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଲୋଇସିଂ ଗ୍ରାମ ନିକଟ ଶଙ୍ଖ ନଦୀ ପାଖରେ ଷଡ଼ ବଂଶୀୟ ଗଣ୍ଡ ସମାଜ ବିରୋଧରେ ଏକ ଗୁପ୍ତ ବୈଠକ କରି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଯୋଗୁ ଯୁଯୁମୁରା ଥାନା ଅଞ୍ଚଳରେ ଗତ ୧ତାରିଖରେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଯିବ ସହ ଏକ ମାମଲା ରୁଜୁ ହୋଇ ପରେ ଏହାର ଆପୋସ ସମାଧାନ ହୋଇଥିଲା। ପରେ ଉକ୍ତ ବ୍ୟକ୍ତି ଜଣକ ଷଡ଼ ବଂଶୀୟ ଗଣ୍ଡ ସମାଜର ସଭ୍ୟାସଭ୍ୟଙ୍କ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ଏବଂ ଉତ୍ତେଜନାମୂଳକ ତଥ୍ୟ ଦେଇଛନ୍ତି, ଯାହା ଫଳରେ ଗଣ୍ଡ ସମାଜର ସାମାଜିକ ସ୍ଥିତି ଏବଂ ସଭ୍ୟାସଭ୍ୟଙ୍କ ବ୍ୟକ୍ତିଗତ ସମ୍ମାନ ହାନି ହୋଇଛି ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ କିସିଣ୍ଡା ଗୁଡ଼ି ପକ୍ଷରୁ ଦାବି କରାଯାଇଛି। କିସିଣ୍ଡା ଗଣ୍ଡ ସମାଜ ଜଂଘା ଲିଙ୍ଗାଗୁଡିର ସଭାପତି ମହେନ୍ଦ୍ର କୁଅଁରଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ହରିହର ବରିହା, ପୂର୍ବତନ ସଭାପତି ବିଶ୍ୱାମିତ୍ର ଭୋଇ, ଷଡ଼ ବଂଶୀୟ ଗଣ୍ଡ ସମାଜର ଜିଲା ଉପସଭାପତି ସନତ ନାଏକ କିସିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି ।

# ରୋଜଗାର ଦେଉଛି, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ

ସମ୍ବଲପୁର,୪।୪(ଭବାନୀ ଶଙ୍କର ଭୋଇ)

**ଗତ ବର୍ଷରେ ୮୫ ହଜାର ଜାତୀୟ, ଅନ୍ତର୍ଜାତୀୟ ପର୍ଯ୍ୟଟକ**

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ମାର୍ଚ୍ଚ ୩୧ ସୁଦ୍ଧା ୮୫ ହଜାର ପର୍ଯ୍ୟଟକ ପରିଦର୍ଶନ କରିଥିବା ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ ଶୁକ୍ରବାର ସୂଚନା ଦେଇଛନ୍ତି। ଏହାସହିତ ରେକର୍ଡ ପରିମାଣର ୫ କୋଟି ୧୧ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ୮୫ଟି ପରିବାର ସିଧାସଳଖ ନିଯୁକ୍ତି ପାଇଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟର ଆଖପାଖରେ ଥିବା ପର୍ଯ୍ୟଟନ ଯାତ୍ରା ଏବଂ ଆତିଥ୍ୟ ସଂସ୍ଥା ହସ୍ତତନ୍ତ ଏବଂ ହସ୍ତଶିଳ୍ପ, ସଂରକ୍ଷଣ ବୃତ୍ତିଗତ, ପରାମର୍ଶଦାତା, ଗବେଷକ ଆଦି ମଧ୍ୟ ଏହି ପ୍ରତିଷ୍ଠାନରୁ ପରୋକ୍ଷ ଲାଭ ପାଉଛନ୍ତି। ଡେବ୍ରିଗଡ଼ର ସ୍ଥାନୀୟ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକ ଇକୋ-ଗାଇଡ୍, ସଫାରି ଡ୍ରାଇଭର, ରାତ୍ରି ରହଣି ସୁବିଧା, କ୍ରୁଜ୍ ଡ୍ରାଇଭର, ଟ୍ରେକିଂ ଗାଇଡ୍, ଚା-ଦୋକାନ, ସ୍ମାରକୀ ଦୋକାନ, ଅଭ୍ୟାଗତ ୟୁନିଟ୍ ଆଦି ପରିଚାଳନା ପାଇଁ ସୁଯୋଗ ପାଇଛନ୍ତି। ଡେବ୍ରିଗଡ଼ ଗତବର୍ଷ ମଧ୍ୟରେ ପ୍ରଥମ ମହିଳା ସଫାରି ଡ୍ରାଇଭର ମାର୍ଗାରେଟ ବାରୁ ଏବଂ ପ୍ରଥମ ମହିଳା ଇକୋଗାଇଡ୍ ସଙ୍ଗୀତା ସିକ୍ରାଙ୍କୁ ନିୟୋଜିତ କରି ଅଭୟାରଣ୍ୟ ନିକଟସ୍ଥ ଗ୍ରାମଗୁଡ଼ିକର ମହିଳାମାନଙ୍କୁ ସଶକ୍ତ କରିପାରିଛି। ଡେବ୍ରିଗଡ଼ ଏବଂ ହୀରାକୁଦ ପରିଦର୍ଶନ କରିଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୫୦ ପ୍ରତିଶତ ଓଡ଼ିଶାରୁ, ୪୮ ପ୍ରତିଶତ ଭାରତର ବିଭିନ୍ନ ରାଜ୍ୟ ଏବଂ ୨ ପ୍ରତିଶତ ବିଦେଶୀ ପର୍ଯ୍ୟଟକ ରହିଛନ୍ତି। ଗତବର୍ଷ ମଧ୍ୟରେ ୯ ହଜାର ପର୍ଯ୍ୟଟକ ଡେବ୍ରିଗଡ଼ ପ୍ରକୃତି ଶିବିରରେ ରାତ୍ରି ରହଣି କରିଛନ୍ତି, ପ୍ରାୟ ୨୭ ହଜାର ପର୍ଯ୍ୟଟକ ଜଙ୍ଗଲ ସଫାରିର ସୁବିଧା ନେଇଛନ୍ତି, ୧୨ ହଜାରରୁ ଅଧିକ ପର୍ଯ୍ୟଟକ ହୀରାକୁଦ କ୍ରୁଜ ସୁବିଧା ନେଇଛନ୍ତି, ୫ହଜାର ପର୍ଯ୍ୟଟକ ଆଇଲ୍ୟାଣ୍ଡ କାଫେ ପରିଦର୍ଶନ କରିଛନ୍ତି। ଜଙ୍ଗଲ ସଫାରି, କ୍ରୁଜ୍ ଏବଂ ରାତ୍ରି ରହଣିରେ ଗତବର୍ଷ ତୁଳନାରେ ୪୦ ପ୍ରତିଶତ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଡେବ୍ରିଗଡ଼ରେ ୩୨୦ ରୁ ଅଧିକ ପ୍ରଜାତିର ପକ୍ଷୀ ଅଛନ୍ତି। ଚଳିତ ଶୀତ ଋତୁରେ ୧୨୨ ପ୍ରକାରର ୩.୭୭ ଲକ୍ଷ ପ୍ରବାସୀ ପକ୍ଷୀ ହୀରାକୁଦ ଆର୍ଦ୍ରଭୂମିକୁ ସେମାନଙ୍କର ଶୀତକାଳୀନ ଭୂମିକୁ ଆସିଥିଲେ। ଯାହା ହୀରାକୁଦକୁ ଚିଲିକା ପରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଶୀତକାଳୀନ ପକ୍ଷୀଭୂମି କରିଛି ବୋଲି ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

**କଂଗ୍ରେସ ଗଠନ କଲା ମାଇନିଂ କମିଟି**

ଭୁବନେଶ୍ୱର,(ରବିନାରାୟଣ ଜେନା): ସୁନ୍ଦରଗଡ଼ ଜିଲାରେ ହୋଇଥିବା ଖଣି ଅନିୟମିତତା ଓ ଖଣି ଅଞ୍ଚଳର ଅଧିବାସୀମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏକ ମାଇନିଂ କମିଟି ଗଠନ କରିଛନ୍ତି । ଏହି କମିଟିରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ସିଏସ୍ ରାଜନ ଏକ୍କା, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ ଏବଂ ସାଗର ଚରଣ ଦାସ ସଭ୍ୟ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।

**ଭାଜପା ମୁଖ୍ୟଙ୍କ ଖାତାକୁ ରାଜା ଚକ୍ର ଟଙ୍କା ଦେବା ପ୍ରସଙ୍ଗ ତେଜିଲା**

# ନ୍ୟାୟିକ ତଦନ୍ତ ଦାବିକଲେ ତାରା

ଭୁବନେଶ୍ୱର,୪।୪
(ରବିନାରାୟଣ ଜେନା)

ଭାଜପା ରାଜ୍ୟ ମୁଖ୍ୟଙ୍କ ଖାତାକୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜା ଚକ୍ର ଦେଇଥିବା ନେଇ ତାଙ୍କ ଓକିଲ ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେବା ପରେ ରାଜନୀତି ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜା ଚକ୍ରଙ୍କଠାରୁ ୧କୋଟି ୩୩ ଲକ୍ଷ ଟଙ୍କା ଭାଜପା ନେଇଛି। ରାଜାଙ୍କଠାରୁ କେବଳ ଭାଜପା ଏବେ ଟଙ୍କା ନେଇଛି ତାହା ନୁହେଁ, ପୂର୍ବରୁ ବିଜେଡି ସରକାର ବିପୁଳ ପରିମାଣର ଚାନ୍ଦା ନେଇଛନ୍ତି।

ତାରା କହିଛନ୍ତି, କେବଳ ରାଜା ଚକ୍ର ନୁହନ୍ତି, ବିଶିଷ୍ଟ ଖଣି ବ୍ୟବସାୟୀ ପ୍ରଭାକରନ୍ଙ୍କଠାରୁ ଭାଜପା କେତେ ଟଙ୍କା ନେଇଛି ତାହା ସ୍ପଷ୍ଟ କରୁ। ପ୍ରଭାକରନ୍ କିଭଳି ଅନାୟାସରେ ତାଙ୍କ ସାମ୍ରାଜ୍ୟ ରାଜ୍ୟରେ ଚଳାଉଛନ୍ତି ଏବଂ ଏହାପଛରେ କାହାର ହାତ ରହିଛି ତାହା ଲୋକଲୋଚନକୁ ଆସିବା ଦରକାର। ପ୍ରଭାକରନ୍ କେତେ ଖଣି ଲିଜ୍ ନେଇଛନ୍ତି, କେତେ ରାଜସ୍ୱ ସରକାରଙ୍କୁ ଦେଇଛନ୍ତି, କେତେ ଠକିଛନ୍ତି ତା'ର ତଦନ୍ତ ହେବାର ଆବଶ୍ୟକତା ରହିଛି। ପ୍ରଭାକରନ୍ ପୂର୍ବରୁ ବିଜେଡିର ଡାହାଣ ହାତ ଥିଲେ, ଏବେ ସେ ଭାଜପାର ଡାହାଣ ହାତ ହୋଇଛନ୍ତି। ତେଣୁ ବିଜେଡି-ଭାଜପା ସଲାସୁତରାରେ ଖଣି ଲୁଟ୍ ହେଉଛି, ସିଏଜିଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଏହି ପ୍ରସଙ୍ଗ ବିଧାନସଭାରେ ବହୁ ଥର ଉଠିଥିଲା। ସେତେବେଳେ ମୁଁ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱର ଉଠାଇଥିଲୁ। ବର୍ତ୍ତମାନ ସେ ସରକାରରେ ଥାଇ ପ୍ରମାଣ କରିଛନ୍ତି ଯେ, କୋଟି କୋଟି ଟଙ୍କା ନେଉଛନ୍ତି। ଓଡ଼ିଶାରେ ଯେତେ ଖଣି ଖାଦାନ ଅଛି ତାକୁ ପ୍ରଭାକରନ୍ଙ୍କ ପାଖରେ ବିକି ଦେଇଛନ୍ତି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ। ସେ ପୁଣି କହିଛନ୍ତି, ସିବିଆଇ ହେଉଛି ଭାଜପାର ଚାଟୁକର। ତେଣୁ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଯଦି ସରକାର ଏହା ନ କରିବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ତାରା କହିଛନ୍ତି।



କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପିସିସି ପୂର୍ବତନ ସଭାପତି ପ୍ରସଦ ହରିଚନ୍ଦନ ଓ ବିଧାୟକ ତାରାପ୍ରସାଦ ବାହିନୀପତି।

**ସ୍ପଷ୍ଟୀକରଣ ରଖିଲେ ମନମୋହନ**

ଏହାର ଜବାବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆମ ଦଳ ହେଉଛି ଖୋଲା ବହି। ଆମ ନେତା ମଧ୍ୟ ଖୋଲା। ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇ ଯାଞ୍ଚ କରନ୍ତୁ। ସବୁ ସତ ଜାଣିପାରିବେ। ଦଳର ଭାବମୂର୍ତ୍ତି ବହୁ ତ୍ୟାଗ ଓ ତପସ୍ୟାରେ ତିଆରି ହୋଇଛି। ମନ୍ତବ୍ୟ ଦେବା ପୂର୍ବରୁ ଏସବୁ ଦେଖିବାର ରହିଛି। ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖୁ ବୋଲି ମନମୋହନ କହିଛନ୍ତି।

# ତଦନ୍ତକୁ ବାଟବଣା ପାଇଁ ଉଦ୍ୟମ: ଅଞ୍ଜନ ବେଜ୍

କେନ୍ଦୁଝର,୪।୪(ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତା ଘଟଣା**

କେନ୍ଦୁଝର ଜିଲା ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଅନିୟମିତତା ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ରାଜା ହାଜର ସମୟରେ ତାଙ୍କ ଓକିଲ ଗଣମାଧ୍ୟମ ଆଗରେ ବିସ୍ଫୋରକ ବୟାନ ଦେଇ ଅନିୟମିତତା ଘଟଣାରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ମତ ଦେଇଥିଲେ, ଯାହା ଜିଲା ସମେତ ରାଜ୍ୟ ରାଜନୀତିକୁ ହଲ୍‌ଚଲ୍ କରିଦେଇଛି। ଏଭଳି ବୟାନକୁ ନେଇ ଭାଜପା ନେତା ଅଞ୍ଜନ ବେଜ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସ୍ପଷ୍ଟୀକରଣ ରଖି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କେବଳ ତଦନ୍ତକୁ ବାଟବଣା କରିବାକୁ ଏଭଳି ଉଦ୍ୟମ କରାଯାଉଛି। ଇଓଡବ୍ଲ୍ୟୁ ପାଖରେ ସବୁ ତଥ୍ୟ ଅଛି। ସତ କ'ଣ ତଦନ୍ତକାରୀ ସଂସ୍ଥା ଜାଣିଛି। ମିଥ୍ୟା କାହାଣୀ କହି ସାଧାରଣ ଲୋକଙ୍କୁ ଓ ତଦନ୍ତକାରୀ ସଂସ୍ଥାକୁ ଭ୍ରମିତ କରାଯାଉଛି। ସେ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ଏଜେନ୍ସିର ସମ୍ପାଦକ ଥିଲେ। ପରବର୍ତ୍ତୀ ସମୟରେ ଏଜେନ୍ସି ଅନ୍ୟମାନଙ୍କ ହାତକୁ ଚାଲିଯାଇଥିଲା। ରାଜା ଚକ୍ର କ୍ଷମତା ଉପଭୋଗ କରୁଥିଲେ, ଯାହାକି ତଦନ୍ତକାରୀ ସଂସ୍ଥା ମଧ୍ୟ ଆଗରୁ ଗଣମାଧ୍ୟମକୁ କହିସାରିଛି। ସେଠାରେ ମିଥ୍ୟା ଦସ୍ତଖତରେ ସମସ୍ତ ରିଜୋଲ୍ୟୁଶନ ପାସ୍ ହୋଇଥାଏ ବୋଲି ଗୁରୁତର ତଥ୍ୟ ଖୁଲାସା କରିବା ସହ କୁହାଯାଉଥିବା ଟଙ୍କା ଦେଣନେଣ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ।

ଉଲ୍ଲେଖଯୋଗ୍ୟ ଯେ, ରାଜାଙ୍କ ଓକିଲ କହିଥିଲେ ଯେ, ଭାଜପା ସରକାର ୨୦୨୪ ଜୁନ୍‌ରେ ଶପଥ ନେବା ବେଳେ ସୋସାଇଟିକୁ ୧୪ ଲକ୍ଷ ଟଙ୍କା ମଗାଯାଇଥିଲା। ଏହା ପରେ ସୋସାଇଟି କର୍ତ୍ତୃପକ୍ଷ ୧୪ ଲକ୍ଷ ଟଙ୍କା ଦେଇଥିଲେ। ଏହା ସହ ଶପଥଗ୍ରହଣ ଉତ୍ସବ ପରେ ଭାଜପା ନେତା ଅଞ୍ଜନ ବେଜ୍ ଓ ସୁଶାନ୍ତ ବାରିକ୍ ସୋସାଇଟି କର୍ତ୍ତୃପକ୍ଷଙ୍କୁ ପୁଣି ଥରେ ଭାଜପା ରାଜ୍ୟ ମୁଖ୍ୟଙ୍କୁ ଟଙ୍କା ଦେବାକୁ ଦାବି କରିଥିଲେ। ପରେ ଭାଜପା ରାଜ୍ୟ ମୁଖ୍ୟଙ୍କ ନାମରେ ସୋସାଇଟି ପକ୍ଷରୁ ୧ କୋଟି ୩ ଲକ୍ଷ ଟଙ୍କା ପଠାଯାଇଥିବା ରାଜାଙ୍କ ଓକିଲ କହିଛନ୍ତି।।

# ପୋଲିସ କାର୍ଯ୍ୟଶୈଳୀ ତଦନ୍ତସାପେକ୍ଷ: କଂଗ୍ରେସ

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

**ବିଜେଡି-ଭାଜପା ମିଳିମିଶି ଖଣି ଲୁଟୁଛନ୍ତି**

ରାଜ୍ୟରେ ପୋଲିସ ଡିଜି ରାଜନୈତିକ କର୍ମୀଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଆଇନ ଶୃଙ୍ଖଳାର ଦ୍ୱାହି ଦେଇ ପୋଲିସ ରାଜନୀତି କରୁଛି ବୋଲି ପୂର୍ବତନ ପିସିସିସଭାପତିପ୍ରସାଦହରିଚନ୍ଦନ କହିଛନ୍ତି।

ଶୁକ୍ରବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଥିଲେ, ନାରୀ ସୁରକ୍ଷା ପାଇଁ ସ୍ୱର ଉଠାଇବାରୁ ୧୪ କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଗଲା। ବିଧାନସଭା ୨୧୬ ନିୟମାବଳୀ କହୁଛି, ବିଧାନସଭା ଅଧିବେଶନ ନ ଥିବାବେଳେ ବାଚସ୍ପତିଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଯଦି କଂଗ୍ରେସ ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କଲେ ତେବେ ତାଙ୍କୁ ପୋଲିସ ଲଗେଇ ବିଧାନସଭା ଗୃହରୁ କାଢ଼ିବା କେତେଦୂର ଯୁକ୍ତିଯୁକ୍ତ। ବାଚସ୍ପତି ଯଦି ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇନାହାନ୍ତି ତେବେ ପୋଲିସ କେମିତି ଗୃହ ଭିତରକୁ ପ୍ରବେଶ କଲା ତା'ର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସିଏଜିଙ୍କ ପକ୍ଷରୁ ଯେଉଁ ଖଣିଜ ସମ୍ପଦ ଲୁଟ୍ କଥା ଅବତାରଣା କରାଯାଇଛି ସେଥିରୁ ପୂର୍ବ ସରକାରଙ୍କ ଖଣି ଚୋରି ସ୍ପଷ୍ଟ ଜଣାପଡୁଛି। ଏବେ ବି ବହୁ ଖଣି ମାଫିଆ ସରକାରଙ୍କୁ ଅନେକ ହଜାର କୋଟି ଟଙ୍କାର ରାଜସ୍ୱ ଦେଇ ନାହାନ୍ତି। ଶାହା କମିଶନ ଖଣି ମାଲିକଙ୍କଠାରୁ ଯେଉଁ ଦେଢ଼ଲକ୍ଷ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ରିପୋର୍ଟ ଦେଇଥିଲେ ତାହା କୁଆଡ଼େ ଗଲା ? ବିଜେଡି ଓ ଭାଜପା ଦୁହେଁ ମିଳିମିଶି ଖଣି ଓ ରାଜ୍ୟବାସୀଙ୍କୁ ଲୁଟୁଛନ୍ତି ବୋଲି ସେ କହିଥିଲେ।

# କଂଗ୍ରେସର ୩୫ ସାଙ୍ଗଠନିକ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୪।୪
(ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲା ନିମନ୍ତେ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ନିମନ୍ତେ ଲଲାଟେନ୍ଦୁ ଦାସ ଓ ଅନିମା ମିଞ୍ଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର ପାଇଁ ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼ ଲାଗି ଘାସିରାମ ମାଝୀ ଓ ଫାରୁକ୍ ମହମ୍ମଦ, ଭଦ୍ରକ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୂରଭଞ୍ଜ) ରହିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ପାଇଁ ଡ. ଦେବାଶିଷ ପଟ୍ଟନାୟକ, ବଲାଙ୍ଗୀର- ନୀଳମାଧବ ହିକ୍କା ଓ ମନୋଜ ବିଶ୍ୱାଳ, ବୌଦ୍ଧ-ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିମାଂଶୁ ଲେଙ୍କା, ଦେଓଗଡ଼-ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତ୍‌ସିଂହପୁର-ରାଜକିଶୋର ବାରିକ ଓ ସିଦ୍ଧାର୍ଥ ମହାନ୍ତି, ଯାଜପୁର- ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି-ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ-ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା-ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗ, ମୟୂରଭଞ୍ଜ (ପୂର୍ବ)- ଯଶୋବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୂରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି-ବିଧାୟକ ପବିତ୍ର ସାଉଁତା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର- ବଳଭଦ୍ର ମାଝୀ ଓ ପୁରୁଷୋତ୍ତମ ଗୁପ୍ତା, ନୂଆପଡ଼ା-ମୁରଲୀଧର ନାୟକ, ନୟାଗଡ଼- ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ-ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା- ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର- ରତିକାନ୍ତ କାନୁନ୍‌ଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼-ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ

ମହାକାଳପଡ଼ା, ୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଶାସକ ଦଳର ୪୧ ପଞ୍ଚାୟତ ପ୍ରତିନିଧିମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଅଭିଯୋଗକୁ ଭିତ୍ତିକରି ଆଇନଗତ ତର୍ଜମା ଓ ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକ ସଭା ଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ପାଇଁ ସ୍ଥିରୀକୃତ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା। ହେଲେ ବ୍ଲକର ୯ ଜଣ ପଞ୍ଚାୟତ ପ୍ରତିନିଧି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶନିବାର ଅନାସ୍ଥା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଉପଜିଲାପାଳ ଏମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ଶନିବାର ସ୍ଥିରୀକୃତ ହୋଇଥିବା ଅନାସ୍ଥା ପ୍ରସ୍ତାବ ବୈଠକକୁ ଚିଠି ନଂ. ୪୨୭୬/ ୪।୪।୨୫ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଉଲ୍ଲେଖ କରିଛନ୍ତି। ଏହାର ଏକ କିତା ନକଲ ବିଡିଓଙ୍କୁ ଚିଠି ନଂ. ୪୨୭୭ ପ୍ରକାଶ ପାଇଥିଲା। ଏ ନେଇ ଚିଠି ନଂ. ୪୨୭୮ ତହସିଲଦାର ମହାକାଳପଡ଼ାଙ୍କୁ ପ୍ରେରଣ କରାଗଲା ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ଅପରାଧ

# ଶଳା ଆଗରେ ଭିଣୋଇଙ୍କୁ ହତ୍ୟା

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/
ଭୁବନେଶ୍ୱର(ସୂର୍ଯ୍ୟକାନ୍ତ ବେହେରା), ୪।୪

- ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ସନ୍ଦେହ
- ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ ଗଠନ : ଡିସିପି

ଶଳା ଆଗରେ ଭିଣୋଇଙ୍କୁ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ହତ୍ୟାର ଶିକାର ବ୍ୟକ୍ତି ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ନଟିମଙ୍ଗଳା ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ (୪୧)। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମାନସଙ୍କ ମୃତଦେହକୁ ଏମ୍‌ସରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ହତ୍ୟା ମାମଲା (ନଂ.୧୫୦/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ଗୋଟିଏ ମୋବାଇଲ, ଗାଡି ଚାବି ପେନ୍ଥା, ଦୁଇ ହଳ ଚପଲ, ଗୋଟିଏ କାର ଏବଂ ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟିକୁ ଜବତ କରିଛି। ତେବେ ମୃତ ମାନସଙ୍କ ନାମରେ ଏନ୍‌ଡିପିଏସ୍, ବଟି ଆଦାୟ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି।

ସୂଚନାନୁସାରେ, ମୃତ ମାନସଙ୍କ ସହ ଜଟଣୀ ଅଞ୍ଚଳର ଏକ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମାନସଙ୍କୁ ବାରମ୍ବାର ଧମକ ଦେଉଥିଲା। ଗୁରୁବାର ମଧ୍ୟ ଉକ୍ତ ଗୋଷ୍ଠୀର ସଦସ୍ୟଙ୍କ ସହ ମାନସଙ୍କର ଫୋନରେ ବଚସା ହୋଇଥିଲା। ଏହି ସମୟରେ ସେମାନେ ମାନସଙ୍କୁ ଉତ୍ତେଜିତ କରିବା ସହ ଜଟଣୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଷଣ୍ଢପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟକୁ ଆସିବାକୁ ଡାକିଥିଲେ। ରାତି ୧୨ଟା ୩୦ ପରେ ମାନସ ନିଜ କାରରେ ସେଠାକୁ ଯାଇଥିଲେ। ସେଠାରେ ଉକ୍ତ ଗୋଷ୍ଠୀର ଏକାଧିକ ବ୍ୟକ୍ତି ପୂର୍ବରୁ ଉପସ୍ଥିତ ଥିଲେ। ସେଠାରେ କୌଣସି କାରଣକୁ ନେଇ ମାନସଙ୍କର ଉକ୍ତ ଗୋଷ୍ଠୀଙ୍କ ସହ ଝଗଡା ହୋଇଥିଲା। ମାନସ ଏକୁଟିଆ ଥିବାରୁ ଭୟଭୀତ ହୋଇଯାଇଥିଲେ। ତେଣୁ ମାନସ ତୁରନ୍ତ ତାଙ୍କ ଶଳାଙ୍କୁ ଫୋନ୍ କରି ସେଠାକୁ ଡକାଇଥିଲେ। ଏହାପରେ ମାନସଙ୍କ ଶଳା ମଧ୍ୟ ଏକ ସ୍କୁଟି ଯୋଗେ ସେଠାକୁ ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ମାନସଙ୍କୁ ମାଡ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତମାନେ ମାନସଙ୍କ କାନମୁଣ୍ଡା ସହ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଚାଲିଥିଲେ। ଏଥିରେ ଭୟଭୀତ ହୋଇ ମାନସଙ୍କ ଶଳା ଘଟଣାସ୍ଥଳରୁ ପଳାଇଆସି କିଛି ସମୟ ପରେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ମାନସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଥିଲେ। ସେଠାରେ ମାନସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ବଟି ଆଦାୟକୁ ନେଇ ବୋମାମାଡ଼ ଓ ଖଣ୍ଡାରେ ଆକ୍ରମଣ ଘଟଣା ଘଟିଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରାତିରେ ଏହି ହତ୍ୟା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।



ରାକେଶ ଦଳେଇ

# ଲୋଭ, ଭୟରୁ ସାଇବର ଜାଲରେ ଫସୁଛନ୍ତି

ବ୍ରହ୍ମପୁର,୪।୪(ସୁବାସ ଚନ୍ଦ୍ର ପାଢ଼ୀ)

**ବ୍ରହ୍ମପୁରରେ ୨ ମାସରେ ଅଢ଼େଇ କୋଟି ଲୁଟ**

ମୋବାଇଲରେ କାହାକୁ ଫୋନ କଲେ ରିଂ ହେବା ବଦଳରେ ଶୁଣାଯାଉଛି ସାଇବର୍ ସଚେତନତା ବାର୍ତ୍ତା। କୌଣସି ବ୍ୟକ୍ତି ଯଦି ଫୋନ କରି କିମ୍ବା କୌଣସି ସୋସିଆଲ ମିଡିଆରେ ଲଟେରି ଜିତିବା, ଋଣ ମଞ୍ଜୁର ହେବା, କମ୍ ସମୟରେ ଟଙ୍କା ଉପାର୍ଜନ କରିବା ଭଳି ଲୋଭନୀୟ ଅଫର୍ ଦିଅନ୍ତି, ତୁରନ୍ତ ଅଭିଯୋଗ କରିବାକୁ ସଚେତନତା ବାର୍ତ୍ତା ଶୁଣିବାକୁ ମିଳୁଛି। ତଥାପି ଲୋକେ ଚେତୁନାହାନ୍ତି। ଏହାର ଫାଇଦା ନେଉଛନ୍ତି ସାଇବର୍ ଠକ। ବିଭିନ୍ନ ମାଧ୍ୟମରେ ସେମାନେ ଜାଲ ବିଛାଇ ଲୋକଙ୍କୁ ଫସାଇ ବହୁ କୋଟି ଟଙ୍କା ନେଇ ଯାଉଛନ୍ତି। ବ୍ରହ୍ମପୁର ସହରରୁ ଗତ ଦୁଇମାସ ମଧ୍ୟରେ ସାଇବର୍ ଅପରାଧୀ ପ୍ରାୟ ୨ କୋଟି ୬୭ ଲକ୍ଷ ଟଙ୍କା ନେଇ ସାରିଲେଣି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଶିକ୍ଷିତ ବର୍ଗର ଲୋକଙ୍କଠାରୁ ଅଧିକ ପରିମାଣର ଠକେଇ ହୋଇଛି। ଏପରିକି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କଠାରୁ ମଧ୍ୟ ସାବବର ଠକ ଲକ୍ଷାଧିକ ଟଙ୍କା ନେଇଯିବାରେ ସକ୍ଷମ ହୋଇଛନ୍ତି। ସହରରେ ସାଇବର୍ ଅପରାଧ ବଢ଼ିବାରେ ଲାଗିଛି। ପୂର୍ବରୁ ସାଇବର୍ ଠକମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବା, ଏଟିଏମ୍ କାର୍ଡ ବ୍ଲକ୍ ହୋଇଯିବା, ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯିବା, କେୱାଇସି ଅପଡେଟ ସହିତ ବିଭିନ୍ନ ବ୍ୟାଙ୍କର ଅନଲାଇନ ସେବାକୁ ଜାରି ରଖିବା ନାଁରେ ଟଙ୍କା ଠକେଇ କରୁଥିଲେ। କିନ୍ତୁ ବର୍ତ୍ତମାନ ଅଧିକାଂଶ ଠକେଇ ଅନ୍‌ଲାଇନ ଟ୍ରେଡିଂ ଜରିଆରେ ହେଉଛି। ସେହିପରି 'ଡିଜିଟାଲ ଆରେଷ୍ଟ' ନାମରେ ଏକ ଭିନ୍ନ ଧରଣର ଠକେଇର ଜାଲ ତିଆରି କରିଛନ୍ତି ସାଇବର୍ ଠକ। ଏହି ଠକେଇର ଜାଲରେ ପଡି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦାଶ ୧୪ଲକ୍ଷ ହରାଇଛନ୍ତି। ସେହିପରି କମ୍ ସୁଧରେ ଋଣ କରାଇ ଦେବା ଓ ଗିଫ୍ଟ ପାର୍ସଲ ମିଳିବା ନାଁରେ ମଧ୍ୟ ଏକାଧିକ ଠକେଇ ହୋଇଥିବା ନଜରକୁ ଆସିଛି। ଚଳିତବର୍ଷ ମାତ୍ର ୨ ମାସରେ ସାଇବର୍ ଠକ ଅଢ଼େଇ କୋଟିରୁ ଅଧିକ ଟଙ୍କା ଠକେଇ କରି ସାରିଲେଣି। ଏନେଇ ସାଇବର୍ ଥାନାରେ ୧୪ଟି ମାମଲା ରୁଜୁ ହୋଇଛି। ଗତବର୍ଷ ୨୯ଟି ମାମଲା ରୁଜୁ ହୋଇଥିବାବେଳେ ୨ କୋଟି ୪୬ ଲକ୍ଷ ଟଙ୍କା ସାଇବର ଲୁଟ ହୋଇଥିଲା। ଅବଶ୍ୟ ବିଭିନ୍ନ ସମୟରେ ପୋଲିସ ସାଇବର୍ ଠକଙ୍କ ଆକାଉଣ୍ଟ ଫ୍ରିଜ କରି କିଛି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି। ଅଧିକ ଲୋଭ ଓ ଭୟ ଯୋଗୁ ଲୋକେ ଠକେଇର ଶିକାର ହେଉଛନ୍ତି। କମ ସମୟରେ ଅଧିକ ଉପାର୍ଜନ ହିଁ ଏହାର ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ଦିଗରେ ସଚେତନ ହେଲେ ଏଭଳି ଠକେଇକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଅନ୍‌ଲାଇନ ଟ୍ରେଡିଂ ନାଁରେ ସ୍ୱରୂପ କୁମାର ଦାଶ ୭୪ ଲକ୍ଷ ୮୦ ହଜାର ଟଙ୍କା, ଦୁର୍ଯ୍ୟୋଧନ ବେହେରା ୫୮ ଲକ୍ଷ ୨୪ହଜାର ୯୨୦ଟଙ୍କା ହରାଇଛନ୍ତି। ସେହିପରି ସାଇବର ଠକ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ଗୀତାଞ୍ଜଳି ସାହୁଙ୍କଠାରୁ ୩୪ ଲକ୍ଷ ୫୦ ହଜାର ଓ କୁଳପତି ଗୀତାଞ୍ଜଳି ଦାଶଙ୍କଠାରୁ ୧୪ ଲକ୍ଷ ଠକି ନେଇଥିବା ସାଇବର ଥାନା ପକ୍ଷରୁ ସୂଚନା ମିଳିଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଶୁକ୍ରବାର ଜଗତ୍‌ସିଂହପୁର ଜିଲା ନାବାଳିକା ବଳାତ୍କାର ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଅବିନାଶ ପ୍ରଧାନ(୨୭)ଙ୍କୁ ଦଫା ୩୭୬ ଓ ୬ ପୋକ୍‌ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଅଭିଯୁକ୍ତଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାରୁ ପ୍ରକାଶ ଯେ, ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ପଟ୍ଟନାୟକପଡ଼ାରେ ଭଡ଼ା ସୂତ୍ରରେ ପରିବାର ସହିତ ରହୁଥିବା ଅଭିଯୁକ୍ତ ଅବିନାଶଙ୍କ ସହିତ ଜଗତ୍‌ସିଂହପୁର ଜିଲା ବିଶନପୁର ଗ୍ରାମର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୯ ଡିସେମ୍ବର ୧୬ ତାରିଖରେ ଅବିନାଶ ଜଗତ୍‌ସିଂହପୁର ଯାଇ ପୀଡ଼ିତାଙ୍କୁ ସାକ୍ଷାତ ପାଇଁ ଡାକିଥିଲେ। ପରେ ଉଭୟେ ବସରେ ସମ୍ବଲପୁର ଚାଲି ଆସିଥିଲେ। ଅଭିଯୁକ୍ତ ପୀଡ଼ିତାଙ୍କୁ ଟାଉନଥାନା ଅନ୍ତର୍ଗତ ପାଟଣେଶ୍ୱରୀ ମନ୍ଦିର ନିକଟରେ ଏକ ଘରେ ତାଲା ପକାଇ ରଖିବା ସହ ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ତାଙ୍କୁ ଏଠାରେ ରଖିବା ପରେ ୨୦୧୯ ଡିସେମ୍ବର ୨୧ ତାରିଖରେ ଉଭୟେ ତାମିଲନାଡୁ ଯିବାକୁ ଏକ ଟ୍ରେନ୍‌ରେ ଯାଇ ପୁରୀ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ପୀଡ଼ିତାଙ୍କୁ ଏକାକୀ ଛାଡ଼ି ଦେଇ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଅଭିଯୁକ୍ତ ନ ଆସିବାରୁ ପୀଡ଼ିତା ରେଳ ଷ୍ଟେଶନରେ କାନ୍ଦିବାକୁ ଲାଗିଲେ। ଏହାଦେଖି ରେଳବାଇ ପୋଲିସ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପୁରୀରେ ପହଞ୍ଚି ପୀଡ଼ିତାଙ୍କୁ ଘରକୁ ନେଇଥିଲେ। ପୀଡ଼ିତା ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରିବାର ଲୋକେ ଡିସେମ୍ବର ୨୮ ତାରିଖରେ ଟାଉନଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୫୪୨/୨୦୧୯ରେ ଦଫା ୩୭୬ ଓ ୬ ପୋକ୍‌ସୋ ଆଇନରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୀଡ଼ିତାଙ୍କ ବୟାନ ରେକର୍ଡ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସର ଚାର୍ଜଶିଟ୍ ଦାଖଲ ପରେ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଖଣ୍ଡଗିରି ଅଞ୍ଚଳରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୪।୪
(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱରର ସଂକଳ୍ପ ମହାନ୍ତି (୨୪)। ଛାତରୁ ତଳକୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଓଟିଭି ଡିଜିଟାଲ ସେଲ୍‌ସ ବିଭାଗରେ କାମ କରୁଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସଂକଳ୍ପଙ୍କ ସହ ଉକ୍ତ ଘରେ ରହୁଥିବା ସାଙ୍ଗମାନଙ୍କୁ ପୋଲିସ ପଚରାଉଚରା କରୁଛି । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାଙ୍ଗ ଗୁଳିରେ ସାଙ୍ଗ ମୃତ

**ଶିକାର ପାଇଁ ଏକାଠି ଜଙ୍ଗଲକୁ ଯାଇଥିବା ବେଳେ ଅଘଟଣ**

ରାସୋଳ,୪।୪ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା କଦଳୀପାଳ ଗ୍ରାମର ମାନପୁର ଗ୍ରାମ ନିକଟରେ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ୫ଜଣ ସାଙ୍ଗ ଏକାଠି ପାଖ ଜଙ୍ଗଲକୁ ଶିକାର ପାଇଁ ଯାଇଥିବା ବେଳେ ସାଙ୍ଗକୁ ଜନ୍ତୁ ଭାବି ଜଣେ ସାଙ୍ଗ ଗୁଳି କରିଥିଲେ। ଫଳରେ ଘଟଣା ସ୍ଥଳରେ ବାବୁଲି ନାୟକ ଓରଫ କାଳିଆ (୪୦)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଛି। କଦଳୀପାଳ ଗ୍ରାମର ସନ୍ତୋଷ ନାୟକ, ବାବୁଲି ନାୟକ, ପ୍ରଶାନ୍ତ ନାୟକ ଓ ସଦର ଥାନା ଅନ୍ତର୍ଗତ କୋତମ ଗ୍ରାମର ନରେଶ ସ୍ୱାଇଁ, ଦଣ୍ଡୁଆ ଦେହୁରୀ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ପ୍ରଶାନ୍ତ ନାୟକ ଜନ୍ତୁ ଭାବି ଗୁଳି ଚଳାଇଥିବା ବେଳେ ସାଙ୍ଗ ବାବୁଲି ନାୟକଙ୍କ ଦେହରେ ବାଜିଥିଲା। ରାତିରେ ବାବୁଲିଙ୍କ ଘରକୁ ଯାଇ କେହି ଜଣେ ତାଙ୍କ ସ୍ତ୍ରୀ ଝିଲି ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି ସୂତ୍ରରୁ ଗାଁ ଲୋକେ ମଧ୍ୟ ଖବରପାଇ ରାସୋଳ ଥାନାକୁ ଖବର ଦେଇଥିଲେ। ରାସୋଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅନ୍ୟ ୪ଜଣଙ୍କୁ ଗିରଫ କରିଛି। ଏଥିସହିତ କୋତମ ଗ୍ରାମର ପରମାନନ୍ଦ ଛତାର ବନ୍ଧୁକ ଯୋଗାଇଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପ୍ରଶାନ୍ତ ନାୟକଙ୍କୁ ଦଫା-୩୦୨ରେ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ୱାଇଲ୍ଡ ଆନିମଲ ପ୍ରୋଟେକ୍ସନ ଆକ୍ଟରେ ଗିରଫ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ କହିଛନ୍ତି, ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଗୁଳିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଗିରଫ ଅଭିଯୁକ୍ତମାନେ।

## ସଂକ୍ଷେପରେ

### ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ

**ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ମାରିବା ଅଭିଯୋଗ**

ଲାଠୋର,୪।୪(ଭୁବନେଶ୍ୱର ବାରିକ)

ଲାଠୋର ଥାନା ଅଧୀନ ରେଙ୍ଗାଲି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଶ୍ୱଜିତ ସାହୁଙ୍କୁ ଭରୁଆମୁଣ୍ଡା ଗ୍ରାମର ଜିତୁ କୁମାର ବେହେରା ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଅଭିଯୁକ୍ତ ଜିତୁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର ପାଟଣାଗଡ କୋର୍ଟ ଚାଲାଣ କରିଛି। ଗୁରବାର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜଣେ ଘରୋଇ ଷ୍ଟାଫ୍‌ଙ୍କ ସହ ଭରୁଆମୁଣ୍ଡା ଗ୍ରାମକୁ ଏକ ମ୍ୟୁଟେସନ କେସ ପାଇଁ ଯାଇଥିଲେ। ଏହି ସମୟରେ ଉକ୍ତ ଗ୍ରାମର ରାମ ବେହେରା ଏକ ଟ୍ରାକ୍ଟର ଯୋଗେ ଇଟା ଆଣୁଥିବା ଦେଖି ପଚରାଉଚରା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କ ପୁଅ ଜିତୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଏବଂ ଷ୍ଟାଫ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବିଶ୍ୱଜିତ ଲାଠୋର ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ ୬୨/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନାଅଧିକାରୀ ରାକେଶ ବେହେରା କହିଛନ୍ତି।

### ଭୀମପାହାଡ଼ରେ କ୍ରେତା ବିକ୍ରେତା ସମ୍ମିଳନୀ

ଦେଓଗାଁ,୪।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ଼ଠାରେ କଲ୍ୟାଣମଣ୍ଡପଠାରେ ମହାଶକ୍ତି ଫାଉଣ୍ଡେଶନ ଆନୁକୂଲ୍ୟରେ କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୃହତ୍ ଉଠାଣଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନା ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆୟୋଜନକ୍ରମେ ମହାଶକ୍ତି ଫାଉଣ୍ଡେଶନର ବ୍ଲକ ସଂଯୋଜକ ବୈକୁଣ୍ଠ କ୍ଷେତିଙ୍କ ପରିଚାଳନାରେ ଏହି ସମ୍ମିଳନୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଜନା ଅଧିକାରୀ ସୁଧାକର ନନ୍ଦ, ଜିଲାସ୍ତରୀୟ ପ୍ରବନ୍ଧକ ସୂର୍ଯ୍ୟକୁମାର ଦାଶ, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ବୀଣାପାଣି ବିଶ୍ୱାଳ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ଜ୍ୟୋତ୍ସ୍ନାରାଣୀ ଛୁରା, ଆରତୀ ସାହୁ, ତପସ୍ୱିନୀ ନାୟକ, ସ୍ମିତାଶ୍ରୀ ହୋତା ଯୋଗଦେଇଥିଲେ। ଚାଷୀମାନଙ୍କ ସହ କ୍ରେତା ମାନଙ୍କ ସୁସମ୍ପର୍କ, ବଜାର ଜ୍ଞାନ ବୃଦ୍ଧି, ଉତ୍ପାଦନର ଉଚିତ ମୂଲ୍ୟ କେମିତି ମିଳିପାରିବ ସେ ଉପରେ ଆଲୋଚନା କରାଯାଇଥିଲା।

# ବାଦ୍ ପଡ଼ିବେ ଭୀମଭୋଇ ମେଡିକାଲ ଛାତ୍ରୀଛାତ୍ର

**ଓପିଏସ୍‌ସି ଡାକ୍ତରୀ ପରୀକ୍ଷା**

**■ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ମେଡିକାଲ କଲେଜ ଛାତ୍ର**

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତବର୍ଷ ଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଡାକ୍ତରୀ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଉକ୍ତ ପଦବୀ ପାଇଁ ଫର୍ମ ପୂରଣର ଅବଧି ଗତ ମାର୍ଚ୍ଚ ମାସ ୨୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୨୪ ଏହାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ଏହି ବିଜ୍ଞପ୍ତି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଆବେଦନର ଯେଉଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି, ସେଥିରେ ଭୀମଭୋଇ ମେଡିକାଲ କଲେଜର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ ନାହିଁ ବୋଲି ଭୀମଭୋଇ ହାଉସ ସର୍ଜନ ୟୁନିୟନ ପକ୍ଷରୁ କୁହାଯାଇଛି। ଏହାବାଦ ବୁର୍ଲାସ୍ଥିତ ଭିମସାର ଓ ରାଉରକେଲା ହାଇଟେକ୍‌ର ଛାତ୍ରୀଛାତ୍ରମାନେ ମଧ୍ୟ ଏଥିରୁ ବାଦ ପଡିବେ ବୋଲି କୁହାଯାଇଛି ।

ସେମାନେ ଜଣାଇଛନ୍ତି ଯେ, ଭୀମଭୋଇ ମେଡିକାଲ କଲେଜ ଓ ରାଉରକେଲା ହାଇଟେକ କଲେଜର ହାଉସ ସର୍ଜନସିପ୍ ଟ୍ରେନିଂ ଏପ୍ରିଲ ୨୧ରେ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ବୁର୍ଲା ଭିମସାରର ଏପ୍ରିଲ ୨୫ରେ ସରିବ। ଟ୍ରେନିଂ ସମ୍ପୂର୍ଣ୍ଣ ହେଉଥିଲେ ସୁଦ୍ଧା ଉପରୋକ୍ତ ପଦବୀ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଓସିଏମଆର୍‌ର ପର୍ମାନେଣ୍ଟ ରେଜିଷ୍ଟ୍ରେଶନ ଥିବା ନିହାତି ଆବଶ୍ୟକ । ଆହୁରି ରେଜିଷ୍ଟ୍ରେଶନ ପାଇଁ ଅନ୍ତତଃ ୭ରୁ ୧୦ ଦିନ ସମୟ ଲାଗିଥାଏ । ଏଭଳି କ୍ଷେତ୍ରରେ ଭୀମଭୋଇ ମେଡିକାଲ ଓ ହାଇଟେକ୍‌ର ୨୧ରେ ଟ୍ରେନିଂ ସମ୍ପୂର୍ଣ୍ଣ ହେଉଥିଲେ ସୁଦ୍ଧା ଅବଧି ମୁତାବକ ଏପ୍ରିଲ ୨୫ ତାରିଖ ସୁଦ୍ଧା ସେମାନେ ଓସିଏମଆର ରେଜିଷ୍ଟ୍ରେଶନ ପାଇବା ଆଶା ଖୁବ କ୍ଷୀଣ । ସେହିପରି ଭିମସାରର ଟ୍ରେନିଂ ଆସନ୍ତା ୨୫ରେ ସମ୍ପୂର୍ଣ୍ଣ ହେଉଥିବା ଯୋଗୁ ସେମାନେ ପଦବୀ ପାଇବା ଏକ ରକମ ଅସମ୍ଭବ ହୋଇପଡ଼ିଛି । ଏହି ସମସ୍ୟାକୁ ନେଇ ଭୀମଭୋଇ ମେଡିକାଲ ଓ ଭିମସାରର ହାଉସ ସର୍ଜନ ୟୁନିୟନ ଗତ ୩୦ ତାରିଖ ଦିନ ବଲାଙ୍ଗୀର ଭୀମଭୋଇ ମେଡିକାଲ ଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ଏଯାଏ ଫର୍ମ ପୂରଣ ଅବଧି ବଢ଼ା ଯାଇ ନ ଥିବା ବେଳେ ସମୁଦାୟ ୪୦୦ ଜଣ ଡାକ୍ତରଙ୍କ ଭବିଷ୍ୟତ ଅନ୍ଧାରରେ ଥିବା ଭୀମଭୋଇ ମେଡିକାଲ ହାଉସ ସର୍ଜନ ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ୟୁନିୟନ ପକ୍ଷରୁ ଆବେଦନ ଶେଷ ତାରିଖ ଆଉ ମାସେ କାଳ ଘୁଞ୍ଚାଇ ଦେବାକୁ ଅନୁରୋଧ କରାଯାଇଛି।




ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଭୀମଭୋଇ ମେଡିକାଲ ଛାତ୍ରୀଛାତ୍ରମାନେ ଦାବିପତ୍ର ଦେଉଛନ୍ତି।

# ୮୬ ଭୂମିହୀନଙ୍କ ଜମି ଚିହ୍ନଟ



ପତ୍ରାପାଲି ଖେଳପଡିଆ ନିକଟରେ ଭୂମିହୀନଙ୍କ ପାଇଁ ଜମି ଚିହ୍ନଟ କରାଯାଉଛି।

ଲୋଇସିଂହା,୪।୪(ସୁଶାନ୍ତ ବାରିକ)

ଶୁକ୍ରବାର ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି । ବଲାଙ୍ଗୀର ଜିଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଲୋଇସିଂହା ପଞ୍ଚାୟତର ପଟ୍ଟା ପାଉଥିବା ୮୬ ଜଣ ଭୂମିହୀନଙ୍କ ଜମି ଚିହ୍ନଟ କରାଯାଇଛି। ବଲାଙ୍ଗୀର ସଦର ଏସଡିପିଓ, ଗ୍ରାମ୍ୟ ଥାନା ଅଧିକାରୀ ଯାଜ୍ଞସେନୀ ନାୟକ, ଲୋଇସିଂହା ଓ ଆଗଲପୁର ବ୍ଲକ ତହସିଲଦାର ଏବଂ ରାଜସ୍ୱ କର୍ମଚାରୀଙ୍କ ଉପସ୍ଥିତିରେ ଲୋଇସିଂହା ପଦ୍ମପୁର ରାସ୍ତାର ପତ୍ରାପାଲି ଖେଳପଡିଆ ନିକଟରେ ବାସପଯୋଗୀ ଜମି ଚିହ୍ନଟ କରାଯାଇଛି। ଜମି ଚିହ୍ନଟ ସ୍ଥାନରେ ପତ୍ରାପାଲି, ଜଗୁମୁଣ୍ଡା ଆଦି ଅଞ୍ଚଳର କ୍ରୀଡାବିତ୍ ଖେଳ ଅଭ୍ୟାସ କରୁଥିବାରୁ ପୂର୍ବରୁ ପ୍ରତିବାଦ କରିବାକୁ ଆଗେଇ ଆସିଥିଲେ। ହେଲେ ରାଜସ୍ୱ ବିଭାଗ ପକ୍ଷରୁ ଖେଳପଡିଆ ପାଇଁ ବିକଳ୍ପ ସ୍ଥାନ ଦେବାକୁ ପ୍ରତିଶ୍ରୁତି ଦିଆଯିବା ପରେ କ୍ରୀଡାବିତ୍ ଓ ଗ୍ରାମବାସୀ ପ୍ରତିବାଦରୁ ଓହରିଥିଲେ। ଅପ୍ରୀତିକର ପରିସ୍ଥିତି ଏଡାଇବାକୁ ଯାଇ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରକାଶଥାଉ କି, ପଟ୍ଟା ପାଉଥିବା ଆଉ କେତେକ ବ୍ୟକ୍ତିଙ୍କ ଜମି ଚିହ୍ନଟରୁ ବଞ୍ଚିତ ହୋଇଛନ୍ତି।

# ପ୍ରାଣୀମିତ୍ରଙ୍କ ଚିକିତ୍ସାଳୟ,ଫାର୍ମ ପରିଦର୍ଶନ

ଲୋଇସିଂହା,୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଠାରେ ପ୍ରାଣୀମିତ୍ରମାନେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ନେଉଛନ୍ତି ତାଲିମ ନେଉଥିବା ୨୩ଜଣ ପ୍ରାଣୀମିତ୍ରଙ୍କ ଫାର୍ମ ଓ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀମିତ୍ରମାନେ ଲୋଇସିଂହା ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା ବେଳେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଆନନ୍ଦ ସାଗର ସେଠ, ପ୍ରାଣୀ ଚିକିତ୍ସକ ସଂଗ୍ରାମ ସିଂ ନାୟକ ଓ ଡା. ଅର୍ପିତା ନାୟକ ସେମାନଙ୍କୁ ଚିକିତ୍ସାଳୟ ବୁଲାଇ ଦେଖାଇଥିଲେ। ପରେ ଡା. ସେଠ ସେମାନଙ୍କୁ କୃତ୍ରିମ ପ୍ରଜନନ ଓ ଡା. ନାୟକ ଶଲ୍ୟ ଚିକିତ୍ସା ବିଷୟରେ ଜ୍ଞାନ ବର୍ଣ୍ଣନ କରିଥିଲେ। ଡା. ସନ୍ୟାସୀ ଶତପଥୀ ,ଡା.ସୁଭାବ୍ରତ ଦାସ ଓ ଡା. ରାଜା ଉଦୟଭାନୁ ପ୍ରମୁଖ ସହଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ପିପିଡାସ୍ଥିତ ଏକ ଗାଈ ଫାର୍ମ ବୁଲିବାକୁ ଯାଇ ଘାସଚାଷ ଓ ଆଶୁ ଚିକିତ୍ସା ଉପରେ ଜ୍ଞାନ ଆହରଣ କରିଥିଲେ। ଏହା ପୂର୍ବରୁ ହେଲ୍ପ ପ୍ରଶିକ୍ଷାର୍ଥୀଙ୍କ ସହାୟତାରେ ବଲାଙ୍ଗୀର କର୍ଗାଁ ଗ୍ରାମରେ ଏକ ଏମଭିୟୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ପ୍ରାଣୀ ଚିକିତ୍ସକ ମୋନାଲି ଦାସ ଟିକାକରଣ ଓ ପ୍ରାଣୀମାନଙ୍କ ଆଶୁ ଚିକିତ୍ସା ବାବଦରେ ପରାମର୍ଶ କରିଥିଲେ। ସ୍ୱୟଂ ସହାୟକ ମହିଳା ପ୍ରାଣୀମିତ୍ରମାନଙ୍କ ପାଇଁ ଏହା ଏକ ନୂତନ ଅନୁଭୂତି ଥିଲା । ଏହି ଶିବିରକୁ ଡା. ରାଜା ଉଦୟଭାନୁ ରାଉତ ଓ ଡା. ରୁଷଭ ମେହେର ତଦାରଖ କରିଥିଲେ।




ଲୋଇସିଂହା ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା ପ୍ରାଣୀମିତ୍ରମାନେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଦେଓଗାଁ,୪।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମମତା ମହାନ୍ତିଙ୍କ ସଭାପତିତ୍ୱରେ ତଥା ସିଆରସିସି ଜ୍ୟୋତିପ୍ରକାଶ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏବିଇଓ କବିରାଜ ମାଝୀ, ଦାଶରଥି ଥନାପତିଙ୍କ ସମେତ ୧୫ଜଣ ସିଆରସିସି ଯୋଗଦେଇ ଅବସର ନେଇଥିବା ମିଶ୍ରଙ୍କ ଚାକିରି ସମୟର ଅନୁଭୂତି ବଖାଣି ଥିଲେ । ସେ ଏକାଧାରରେ ଜଣେ ସୁସାହିତ୍ୟିକ, କବି ଭାବେ ବେଶ ପରିଚିତ ଥିବା ବେଳେ ରାଜ୍ୟ ସ୍ତରରେ ଆଦର୍ଶ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ତାଙ୍କ ରଚିତ ଶିଶୁଗଳ୍ପ ଫଳ ଚାଙ୍ଗୁଡି ପୁସ୍ତକକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ । ସିଆରସିସି ତପନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସୁଦପଡା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସନ୍ଥ ଚିନ୍ମୟ ଦାସଜୀ ମହାରାଜଙ୍କ ପ୍ରେରଣାରେ ଏବଂ ବରୁଣ କୁମାର ହେର୍ଣ୍ଣାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଏଥିରେ ପୂଜକ ଗୋକୁଳା ନନ୍ଦ ମିଶ୍ର, ନବୀନ ଚନ୍ଦ୍ର ହୋତା, ସମ୍ପାଦକ ସନ୍ତୋଷ ପଣ୍ଡା, ଉପସଭାପତି ବିଜୟ ମହାରଣା, କୋଷାଧକ୍ଷ ଶୁଭମ କେଶରୀ ପ୍ରଧାନ, ଉପଦେଷ୍ଟା ମଧୁସୂଦନ ହୋତା, ପ୍ରଦୀପ ପତି, ଅବନୀକାନ୍ତ ପ୍ରଧାନ, ଆର୍ତ୍ତତ୍ରାଣ ବାଗ, କୃଷ୍ଣଚନ୍ଦ୍ର ମେହେର, ରାଜ କୁମାର ନାୟକ ଉପସ୍ଥିତ ଥିଲେ। ସୁଦପଡା ହନୁମାନ ମନ୍ଦିରରେ ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହଯୋଗୀ ଦଣ୍ଡାସୀ, ଦୃଜ, ସୁରୁ, ମନୋଜ, ଘନଶ୍ୟାମ, ରାଜେଶ, ତରୁନ, ସୁନୀଲ, ଜିତୁ, ସନ୍ତୋଷ, ସୁବଳ, ଭୋଳା, ବୃନ୍ଦାବନ ଯୋଗ ଦେଇଥିଲେ।

# ବ୍ଲକ ଇସି ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଦେଓଗାଁ,୪।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଶୁକ୍ରବାର ଦେଓଗାଁ ବ୍ଲକ ଇସି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକର ୨୬ ପଞ୍ଚାୟତ ଅନ୍ତର୍ଗତ ଓଡିଶା ଜୀବିକା ମିଶନରେ କାର୍ଯ୍ୟରତ କାର୍ଯ୍ୟକାରିଣୀ ସଦସ୍ୟା(ଇ.ସି)ମାନେ ଚନ୍ଦ୍ରପୁର ଆମ୍ରକାନନଠାରେ ସଂଘ ସଭାପତି ଜାନକୀ ମେହେର ଓ ସମ୍ପାଦିକା ରଶ୍ମିତା ନିଆଲଙ୍କ ନେତୃତ୍ୱରେ ଏକତ୍ରିତ ହୋଇଥିଲେ। ସେଠାରେ ଇସି ସଦସ୍ୟାମାନଙ୍କୁ ବହିଷ୍କାର ନ କରି ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ଦାବି ଉପରେ ଆଲୋଚନା କରାଯାଇଥିଲା। ପରେ ସେଠାରୁ ଆସି ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଯେ, ସମସ୍ତ ଇସି ସଦସ୍ୟାଙ୍କୁ ପୁନର୍ଗଠନ ଆଳରେ ବାହାର କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଯାହାକୁ ନେଇ ଇସି ସଦସ୍ୟାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତତ୍କାଳୀନ ସରକାର ସମୟରେ ଋଣରେ ଆଣିଥିବା ସ୍କୁଟରର ଋଣଭାର ରହିଥିବା ବେଳେ ସରକାର ଏମାନଙ୍କୁ ବହିଷ୍କାର କରିବା ନିର୍ଦ୍ଦେଶ ସମସ୍ତଙ୍କୁ ବ୍ୟଥିତ କରିଛି। ଏଣୁ ଅତିକମରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାଳକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି ।

# ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ

ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୭ ତାରିଖ ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଗ୍ରହୀ ଜନସାଧାରଣ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ ବୋଲି କୁହାଯାଇଛି। ଏହାଛଡା ଅଣପଞ୍ଜୀକୃତ ଆବେଦନକାରୀମାନଙ୍କ ଅଭିଯୋଗପତ୍ରଗୁଡିକ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ। ସେହିପରି ଅତ୍ୟଧିକ ଖରାକୁ ଦୃଷ୍ଟିରେ ରଖି ଜନଶୁଣାଣି ନିମନ୍ତେ ପରବର୍ତ୍ତୀ ଆଦେଶ ଯାଏ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଛି। ତଦନୁସାରେ ଆଗାମୀ ୭ ତାରିଖରେ ସଦର ମହକୁମାରେ ହେବାକୁ ଥିବା ଜନଶୁଣାଣି ଜିଲା ପଞ୍ଚାୟତ ସଂଶୋଧନ କକ୍ଷରେ ସକାଳ ୭ଟାରେ ଅନୁଷ୍ଠିତ ହେବ। ସମସ୍ତ ଜନଶୁଣାଣି କେନ୍ଦ୍ରରେ ପର୍ଯ୍ୟାପ୍ତ ପାଣି, ଛାଇ ଆଦି ବ୍ୟବସ୍ଥା ନିମନ୍ତେ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ଆଦେଶ ଦେଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଣାଇଛନ୍ତି।

# ଖୋଲା କୂଅରୁ ପାଣି ସଂଗ୍ରହ କରୁଛନ୍ତି ମହିଳା

**■ଡମନିମାଲ ଗାଁରେ ପାନୀୟ ଜଳ ସମସ୍ୟା**

**■୪ ମାସ ହେଲା ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ**

ଖପ୍ରାଖୋଲ,୪।୪(ଅଭୟ ତ୍ରିପାଠୀ)

ସରକାର ପାନୀୟ ଜଳ ଯୋଗାଣ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରି ହର୍ ଘର ଜଳର ସ୍ଲୋଗାନ ଦେଉଛନ୍ତି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଡ଼ମନିମାଲ ଗାଁରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏହି ଗାଁର ଜନସଂଖ୍ୟା ପ୍ରାୟ ୬ ଶହ ହୋଇଥିବା ବେଳେ ଗାଁରେ ରହିଛି ଚାରୋଟି ନଳକୂଅ। ଖରାଦିନ ଯୋଗୁ ନଳକୂଅରୁ ଠିକ୍‌ରେ ପାଣି ବାହାରୁ ନାହିଁ। ଅପରପକ୍ଷରେ ଗାଁରେ ୫ ବର୍ଷ ଧରି ଚାଲିଥିବା ସୋଲାର ଜଳ ଯୋଗାଣ ପ୍ରକଳ୍ପ ୪ମାସ ହେଲା ଅଚଳ ହୋଇପଡିଛି। ମରାମତି ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ମହିଳାମାନେ ପାନୀୟ ଜଳ ପାଇଁ ଖୋଲା କୂଅ ଉପରେ ନିର୍ଭର କରୁଥିବା ଦେଖାଯାଉଛି। ସେହିପରି ଗାଁରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୁଇବର୍ଷ ହେଲା ଚାଲିଥିବା ଓଭର ହେଡ଼ ଟାଙ୍କି ଓ ପାଇପ ଲାଇନ କାମ ମନ୍ଥର ଗତିରେ ଚାଲିଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇବାର ଆଶା ଗ୍ରାମବାସୀଙ୍କ ମଉଳି ଯାଉଛି। ତୁରନ୍ତ ସୋଲାର ପ୍ରକଳ୍ପ ମରାମତି ସହ ଓଭର ହେଡ ଟ୍ୟାଙ୍କିରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ପାନୀୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ଯଥାଶୀଘ୍ର ସୋଲାର ପ୍ରକଳ୍ପ ମରାମତି କରାଯିବା ସହ ଓଭର ହେଡ୍ ପ୍ରକଳ୍ପ ଶେଷ ପାଇଁ ଠିକାଦାରଙ୍କୁ ତାଗିଦ କରାଯିବ ବୋଲି କହିଛନ୍ତି।



ମହିଳାମାନେ ପାଣି ନେବା ପାଇଁ ଭିଡ ଜମାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**CANCELLATION OF GENERAL POWER OF ATTORNEY**
General power of attorney in favour of SATYANRYAN BERIHA in Document No. 41622300594/2023 dt. 3.2.2023 is being cancelled with document No. 41622501047/2025 effective dt. 3.3.2025.

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**OFFICE OF THE DISTRICT PROJECT COORDINATOR SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୧୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ''ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ ''**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद
PR 349673 (Drinking Water and Sanitation) 25-26 (D)

## ୧୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଉଁଶୁଣୀ,(ଦେବାଶିଷ ନେପାକ):ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ଅଁଳାପାଲି ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଚଢାଉ କରି ୧୧ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାସୁଦେବ ମେହେର। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗୁରୁବାର ଅଁଳାପାଲି ଛକ ନିକଟରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ବାଉଁଶୁଣୀ ପୋଲିସ୍ ଚଢାଉ କରିଥିଲା।

**ସଂକ୍ଷେପରେ**

## ମେଣ୍ଡାମାଳ ସ୍କୁଲରେ ଶିକ୍ଷା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



ମେଣ୍ଡାମାଳ ସ୍କୁଲରେ ଶିକ୍ଷା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା।

ବୀରମହାରାଜପୁର,୪।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ରଥକୁ ନିଆରା ଢଙ୍ଗରେ ସ୍ୱାଗତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଫୁଲଜିନିଆ ମାସାତଙ୍କ ସମେତ ଶିକ୍ଷକ ପ୍ରଦୀପ କୁମାର ନାୟକ, ଅନୁଜ୍ କୁମାର ପ୍ରଧାନ, ପ୍ରତିଭା ଭୋଇ ଓ ଶୁଭେନ୍ଦୁ ମେହେର୍ଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସ୍ୱାଗତ ଜଣାଥିଲେ। ଶିକ୍ଷା ରଥକୁ ସ୍ୱାଗତ ଜଣାଇ ବିଦ୍ୟାଳୟର ଛାତ୍ରୀମାନେ ସଚେତନ ଧର୍ମୀ ନୃତ୍ୟ ପରିବେଷଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଗେଇବିରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅନୁପ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଆଲୁମିନି କମିଟିର ସଦସ୍ୟ ଅଜିତ ପ୍ରଧାନ, ସମ୍ମାନୀତ ଅତିଥିଭାବେ ଆଶିଷ କୁମାର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ କମିଟୀର ସଭାପତି ପୁରନ୍ଦର ଭୋସାଗର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ୍ର ପଣ୍ଡା ପରିଚାଳନା କରିବା ସହିତ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ଏହି ଅବସରରେ ଆଲୁମିନି କମିଟିର ସସସ୍ୟମାନଙ୍କୁ ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଦସ୍ୟା ଏବଂ ସଦସ୍ୟମାନେ ଉପୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଗତ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ ଅତିଥିମାନେ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ଷଣ୍ଢ, ଜୟପ୍ରକାଶ ପ୍ରଧାନ, ମୀନା ଷଣ୍ଢ, ରାମେଶରୀ ହୁଏ ଆଦି ସଭ୍ୟ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ହରିହର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆରେ ନାମଫଳକ ଲେଖିବାକୁ ପଦଯାତ୍ରା

ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସହଯୋଗରେ ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ-୨୦୨୫ ପାଳନ ଅବସରରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ସୁବର୍ଣ୍ଣପୁର, ବିନିକା ଓ ତରଭା ସହରରେ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ନିଜ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ଓ ଓଡ଼ିଆ ଭାଷାର ସମ୍ମାନ ପାଇଁ ଏହି ପଦଯାତ୍ରା ହୋଇଥିଲା। ସମସ୍ତେ ଗର୍ବର ସହିତ ନିଜ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ପଦଯାତ୍ରାରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ ଅତିଥିଭାବେ ଯୋଗଦେଇ ସହର ପରିକ୍ରମା କରିଥିଲେ। ଏଥିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ପୌର ନିର୍ବାହୀ ଅଧିକାରୀ ରଶ୍ମି ମାଝୀ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ପୌର ପରିଷଦର କର୍ମଚାରୀମାନେ ଯୋଗ ଦେଇଥିଲେ। ବିନିକା ସହରରେ ଅନୁଷ୍ଠିତ ନାମଫଳକ ଅଭିଯାନ ଓ ସଚେତନ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବରେ ବିନିକା ଏନଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ ଓ ସମ୍ମାନିତ ଅତିଥି ଭାବରେ ବିନିକା ବିଡିଓ ମଣ୍ଟୁ ଖମାରୀ ଯୋଗଦାନ କରିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟର ବାଙ୍କା ବିହାରୀ ମହଲା, ବଲ୍ଲଭ ନାଗ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ରାଉଳ, ମୁରଲୀଧର ସାହୁ, ରମେଶ ନନ୍ଦ ଓ ଦେବରାଜ ବେହେରାଙ୍କ ସମେତ ବିନିକା ଏନ୍ଏସିର କର୍ମଚାରୀମାନେ ସାମିଲ ହୋଇଥିଲେ। ସେହିପରି ତରଭା ଠାରେ ଆୟୋଜିତ ପଦଯାତ୍ରାରେ ସହକାରୀ ଶ୍ରମ ଅଧିକାରୀ ସ୍ମିତା କୁମାରୀ ଦେବୀ, ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରମ କାର୍ଯ୍ୟାଳୟର ମଙ୍ଗଳ ସଂଯୋଜିକା ଅନିତା ନାଗ, ନାରାୟଣ ବଶିଙ୍କ ସହିତ ଶ୍ରମିକ ସଙ୍ଗଠନର କୁଶଳେଶ୍ୱର ସୁନା, ତ୍ରିନାଥ ସୁନା, ରଶ୍ମିତା ପଧାନ, ଅରୁଣ ବାଦୀ ଓ ତରଭା ଏନଏସି କର୍ମଚାରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ସୁବର୍ଣ୍ଣପୁର ସହରରେ ଅନୁଷ୍ଠିତ ପଦଯାତ୍ରା।

## ଗଛ କଟାକୁ ନେଇ ଗଣ୍ଡଗୋଳ ଘଟଣା: ଜଣେ କୋର୍ଟ ଚାଲାଣ

ବୀରମହାରାଜପୁର,୪।୪ (ଯୁଗଳ କିଶୋର ମିଶ୍ର)


ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା କେଲଗାଁଠାରେ ଗଛ କଟାକୁନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରରେ ପୋଲିସ ଜଣଙ୍କୁ ଶୁକ୍ରବାର ଗିରଫ କୋର୍ଟ ଚାଲାଣ କରିଛି। ସେ ହେଲେ କୁନା ପଣ୍ଡା। ସୂଚନା ଯେ, ଗତ ୨ ତାରିଖରେ କେଲଗାଁର ପ୍ରମୋଦ କୁମାର ରଥ ଓ କୁନା ପଣ୍ଡାଙ୍କ ମଧ୍ୟରେ ଗଛ କଟାକୁ ନେଇ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ କୁନା ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ପ୍ରମୋଦଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ହୋଇଥିଲା। ଏ ନେଇ ପ୍ରମୋଦ ସୁବଳୟା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୪୦/୨୫) ରୁଜୁ କରି ଏସ୍ଆଇ ପ୍ରୀୟୁଶ ରଞ୍ଜନ ନାଏକ ତଦନ୍ତ କରି ଶୁକ୍ରବାର କୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅପରପକ୍ଷରେ କୁନା ପଣ୍ଡାଙ୍କ ସ୍ତ୍ରୀ ଅମିତା ପଣ୍ଡା ପ୍ରମୋଦ କୁମାର ରଥ ମୋତେ ଓ ମୋ ସ୍ୱାମୀଙ୍କୁ ମାରପିଟ୍ କରିଛନ୍ତି ବୋଲି ସୁବଳୟା ଥାନାରେ ପାଲଟ ଅଭିଯୋଗ କରିଥିଲେ। ଅମିତାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୪୨/୨୫) ରୁଜୁ କରି ଏଏସ୍ଆଇ ରବୀନ୍ଦ୍ର କୁମାର ମହାନ୍ତି ଅଧିକ ତଦନ୍ତ ଚଳାଇଛନ୍ତି।

## ହରିଣାପାଲି ସ୍କୁଲରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ

ଅମରପାଲି,୪।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଏ ପଞ୍ଚାୟତ ଅନ୍ତର୍ଗତ ହରିଣାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୁବ୍ରତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚମ ଶ୍ରେଣୀର ଛାତ୍ର ସୁବ୍ରତ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ସହିତ ୨୦୨୪-୨୫ ଶିକ୍ଷାବର୍ଷର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଷଷ୍ଠ ଶ୍ରେଣୀର ଛାତ୍ର ତ୍ରୟମ୍ବକ ପଧାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସ୍କୁଲରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଯୋଗଦାନ କରି ଉଭୟ କୃତି ପ୍ରତିଭାଙ୍କୁ ମାନପତ୍ର ସହ ମେଡାଲ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାସ, ସି.ଆର.ସି.ସି. ଶୁଧାଂଶୁ ଶେଖର ଲୁହା, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଗୋପାଳ ନାଏକ, ୱାର୍ଡ ମେମ୍ବର ଲଳିତା ଜଗତ, ପୂର୍ବତନ ୱାର୍ଡ ସଭ୍ୟ କୃଷ୍ଣଚନ୍ଦ୍ର ପଧାନ, ପ୍ରଧାନ ଶିକ୍ଷକ ମକୁନ୍ଦ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଜନ୍ମେଜୟ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମାଶ୍ରିତାସୁଧା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଟି ଓ ଜିଏସ୍ଟି କମିଶନରଙ୍କ ଜିଲା ସଂଗ୍ରହାଳୟ ପରିଦର୍ଶନ



ସଂଗ୍ରହାଳୟ ସମ୍ମୁଖରେ ଉପସ୍ଥିତ କମିଶନର ଓ ଅନ୍ୟ ଅଧିକାରୀ।

ବୌଦ୍ଧ,୪।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଗସ୍ତରେ ଥିବା ରାଜ୍ୟ ସିଟି ଓ ଜିଏସ୍ଟି କମିଶନର ଜାମିନୀ ଷଡଙ୍ଗୀ ଶୁକ୍ରବାର ଜିଲା ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସଂଗ୍ରହାଳୟଠାରେ ସେ ସଂଗୃହୀତ ପ୍ରାଚୀନ ସାମଗ୍ରୀଗୁଡିକ ଦେଖିଥିଲେ। ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ସ୍ଥପତି ସୁମନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ବିନିକା,୪।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଝୁବା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାପତି ସଞ୍ଜୀବ ମିଶ୍ର, ସମ୍ପାଦକ ସଞ୍ଜୀବ ସାହୁଙ୍କ ଅଧକତାରେ ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଚବିଶ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହେଉଥିବାରୁ ଶୁକ୍ରବାର ଅପରାହ୍ନ ୫ରେ ଏକ କଳସ ଶୋଭାଯାତ୍ରା ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଘାଟରୁ ଶତାଧିକ ମହିଳା ଗ୍ରାମ ପରିଭ୍ରମଣ କରି ନାମ ମଣ୍ଡପ ନିକଟରେ ପହଞ୍ଚି ରୀତି ନୀତି ମତେ ପୂଜା ଅର୍ଚ୍ଚନା କରି କଳସ ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂଜକଭାବେ ଆଦିତ୍ୟ ପାଢ଼ୀ, ଶିବ ନାରୟଣ ନାୟକ ଯୋଗ ଦେଇଥିବାବେଳେ କର୍ତ୍ତା ଭାବେ ବିକାଶ ମେସୂଆ ଓ ତାଙ୍କ ଧର୍ମପତ୍ନୀ ସୁନୀତା ମେଶୁଆ ଯୋଗଦେଇଥିଲେ।

## ଓଡ଼ିଆରେ ନାମ ଫଳକ ଅଭିଯାନ ପଦଯାତ୍ରା

ବିନିକା,୪।୪(ରାମ ଗୋପାଳ ବାଘ)

ବିନିକା ବିଜ୍ଞାପିତ ଅଞ୍ଚଳରେ ପରିଷଦ ଓ ଶ୍ରମ ବିଭାଗ ବିନିକା ସୁବର୍ଣ୍ଣପୁର ଓ ଜିଲା ପ୍ରଶାସନର ମିଳିତ ଅନୁକୂଲ୍ୟରେ ଓଡିଶା ପକ୍ଷ ପାଳନ ଅବସରରେ ଶୁକ୍ରବାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ସହର ପରିକ୍ରମା କରି ସଚେତନତା ପଦଯାତ୍ରା କରାଯାଇଥିଲା। ପଦଯାତ୍ରାରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, ମୁଖ୍ୟ ଅତିଥି କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଣ୍ଟୁ ଖମାରୀ ସମ୍ମାନୀତ ଅତିଥିଭାବରେ ଯୋଗଦେଇଥିଲେ। ତାଙ୍କ ସହିତ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ବାଙ୍କା ବିହାରୀ ମହଲା, ବଲ୍ଲଭ ନାଗ, କାଉନସିଲର ବିଜୟ ବରାଇଙ୍କ ସହିତ ବିଭିନ୍ନ ଟ୍ରେଡ ୟୁନିୟନର କର୍ମକର୍ତ୍ତାଙ୍କ ସମେତ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର କର୍ମଚାରୀମାନେ ମଧ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**CANCELLATION OF GENERAL POWER OF ATTORNEY**
General power of attorney in favour of SATYANRYAN BERIHA in Document No. 41622300594/2023 dt. 3.2.2023 is being cancelled with document No. 41622501047/2025 effective dt. 3.3.2025.

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ୨ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୀରମହାରାଜପୁର,୪।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କୋଟସମଲାଏ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହରିଣାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀର ୨ଛାତ୍ରଙ୍କୁ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ସୁବ୍ରତ ବାରିକ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପୂର୍ବରୁ ୨୦୨୩-୨୪ ଶିକ୍ଷାବର୍ଷର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ତ୍ରୟମ୍ବକ ପଧାନଙ୍କୁ ବୁଧବାର ଓଡିଶା ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ପ୍ରବେଶ ଉତ୍ସବ ଅବସରରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଯୋଗଦାନ କରି ଉଭୟ କୃତୀ ଛାତ୍ରଙ୍କୁ ମାନପତ୍ର ସହ ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାସ, ସିଆର୍‌ସିସି ଶୁଧାଂଶୁ ଶେଖର ଲୁହା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗୋପାଳ ନାଏକ, ୱାର୍ଡମେମ୍ବର ଲଳିତା ଜଗତ, ପ୍ରଧାନ ଶିକ୍ଷକ ମକୁନ୍ଦ ଧରୁଆ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଜନ୍ମେଜୟ ବିଶି। ଶିକ୍ଷୟିତ୍ରୀ ମାଶ୍ରିତାସୁଧା ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



୨ଛାତ୍ର ସୁବ୍ରତ ବାରିକ ଓ ତ୍ରୟମ୍ବକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୨ କୁଇଣ୍ଟାଲ ଗଞ୍ଜେଇ ସହ କାର୍, ବାଇକ୍ ଜବତ, ୩ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ, କାର୍ ଓ ବାଇକ୍ ।

ବୌଦ୍ଧ,୪।୪(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ବଙ୍କାପଡା ଛକରେ ଗତ ଗୁରୁବାର ଚଢାଉ କରି ୨ କୁଇଣ୍ଟାଲ ଗଞ୍ଜେଇ ସହ କାର୍ ଓ ବାଇକ୍ ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟୁଆଣି ଗ୍ରାମର ଜିତେନ୍ଦ୍ର ମହାକୁଲ (୨୮), ବନ୍ଧାପଥର ଗ୍ରାମର ନୀଳାଞ୍ଚଳ ଘିବେଲା (୨୬) ଓ ବଡବଙ୍କାପଡା ଗ୍ରାମର ଦୁର୍ଯ୍ୟୋଧନ ବିଶି (୪୮)। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବାବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ଏକ କାର୍ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବୌଦ୍ଧ ପୋଲିସ୍ ଟିମ୍ ବଙ୍କାପଡା ଛକରେ ଚଢାଉ କରିଥିଲା। ଘଟଣାସ୍ଥଳରେ ଏକ କାର୍ (ନଂ.ଓଡି୦୨ସିଏଲ/୨୨୩୬)ରେ ୨ ଜଣ ବସିଥିବା ବେଳେ କାର୍‌ଟି ଏକ କପଡା ଦ୍ୱାରା ଘୋଡାଯାଇଥିଲା। କାର ପାଖରେ ଆଉ ଜଣେ ବ୍ୟକ୍ତି ବାଇକ୍ ଧରି ଛିଡା ହୋଇଥିଲେ। ସନ୍ଦେହରେ ପୋଲିସ ଯାଞ୍ଚ କରିବାରୁ କାର୍‌ରୁ ୮ଟି ଜରି ବସ୍ତାରେ ଗଞ୍ଜେଇ ରହିଥିବା ଦେଖିବାକୁ ପାଇଥିଲା। ଓଜନ କରିବାରୁ ଗଞ୍ଜେଇର ଓଜନ ୨କୁଇଣ୍ଟାଲ ୨ କେଜି ହୋଇଥିଲା। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୧୮୬/୨୫) ରୁଜୁ ହୋଇଛି।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍ଆର୍/୩/(୧୦୬)/ଏମ୍ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍ଭି ଭୁପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପି ପୋର୍ଟାଲ "**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1, धनबाद
PR 349673 (Drinking Water and Sanitation) 25-26 (D)

## ଓଲଟିଲା ପାଉଁଶ ବୋଝେଇ ହାଇୱା


ବଡ଼ଗାଁ,୪।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ରୁ ରାଉରକେଲା ପଟକୁ ଯାଉଥିବା ଏକ ପାଉଁଶ ବୋଝେଇ ହାଇୱା ଗାଡ଼ି ଗୁରୁବାର ବିଳମ୍ବିତ ରାତିରେ ବଡ଼ଗାଁ ଥାନା ଅନ୍ତର୍ଗତ ସେମେଲବାହାଲ ନିକଟରେ ଓଲଟି ପଡ଼ିଛି। ଗାଡ଼ିର ହେଲପର ଓ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବଡ଼ଗାଁ ଆଇଆଇସି ବାଲୁଙ୍କେଶ୍ୱର ନାଏକ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରକାଶଯୋଗ୍ୟ, ସୁନ୍ଦରଗଡ଼ ରାଉରକେଲା ବିଜୁ ଏକ୍ସପ୍ରେସୱେ ଉପରେ ଓଭରଲୋଡ ପାଉଁଶ ବୋଝେଇ ହାଇୱା ଗାଡ଼ି ବହୁ ସଂଖ୍ୟକ ଯାତାୟାତ କରୁଛି। ଏହି ଗାଡ଼ି ଗୁଡିକ ଯାତାୟାତ ସମୟରେ ରାସ୍ତାରେ ପାଉଁଶ ଉଡୁଥିବା ଯୋଗୁ ଦୁର୍ଘଟଣାର ସମ୍ଭାବନା ରହୁଛି। ଏଥିସହିତ ରାଜପଥରେ ବାୟୁ ଓ କନିକା ପ୍ରଦୂଷଣ ବହୁ ମାତ୍ରରେ ବଢୁଛି । ଏଥିପ୍ରତି ସୁନ୍ଦରଗଡ଼ ଆରଟିଓ ଏବଂ ବଡ଼ଗାଁ ପୋଲିସ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଙ୍ଗଲ ଭିତରେ କୋଇଲା ଖଣି ଠାବ

- ବେଧଡ଼କ ଚାଲିଥିଲା କୋଇଲା ଖନନ
- ଚଢ଼ାଉ କଲା ପ୍ରଶାସନ
- କାହା ଛତ୍ରଛାୟାରେ ଚାଲିଛି ଚୋରି

ସୁନ୍ଦରଗଡ଼,୪।୪(ଜୟ ନାରାୟଣ ମେଣ୍ଟୁଲି)



ଜଙ୍ଗଲରେ ଥିବା କୋଇଲା ଖଣି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଗୋପାଳପୁର ଫରେଷ୍ଟ ରେଞ୍ଜ ଅଧୀନ କୁଲାପଡ଼ା ଓ ତେଲେନ ଡିହି ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ କୋଇଲା ଖଣି ଉପରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଖନନ କରି ଚାଲାଣ ପାଇଁ ଗଚ୍ଛିତଥିବା କୋଇଲା ଜବତ ହୋଇଛି। ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍‌ରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ହେମଗିର ତହସିଲଦାର ସାରିକା ରାଣୀ ଢମେଲ ଓ ହେମଗିର ଫରେଷ୍ଟ ରେଞ୍ଜ ଅଧିକାରୀ ପ୍ରକାଶ ନାଏକ ଏହି ଚଢ଼ାଉରେ ସାମିଲ ଥିଲେ। ଚଡାଉ ବେଳେ ବେଆଇନ ଖଣି ପାଖରେ କେହି ନ ଥିବା ବେଳେ ଖଣି ଖନନ କାର୍ଯ୍ୟ ପାଇଁ ମାଫିଆମାନେ ତିଆରି କରିଥିବା ଅସ୍ଥାୟୀ କ୍ୟାମ୍ପଗୁଡିକ ଭାଙ୍ଗିଦିଆଯାଇଛି।

ବସୁନ୍ଧରା ଓ ଚତୁଃଧାରା ନଦୀ ପାର୍ଶ୍ୱରେ ଉକ୍ତ ଜଙ୍ଗଲ ରହିଛି। ଏହି ଜଙ୍ଗଲ ମଧ୍ୟରେ ରହିଥିବା ବେଆଇନ କୋଇଲା ଖଣି ଠାବ ହୋଇଛି। ଖଣି ମାଫିଆମାନେ ଜେସିବି ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଏହି ସ୍ଥାନରୁ ବେଧଡ଼କ କୋଇଲା ଖନନ କରୁଥିଲେ। ପରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାରେ ଏହି କୋଇଲା ବିକ୍ରି କରି ମାଫିଆମାନେ ବେଶ୍ ଲାଭବାନ ହେଉଛନ୍ତି। ହେଲେ କାହା ଛତ୍ରଛାୟା ତଳେ ଏହିଭଳି କୋଇଲାଚୋରି ଚାଲୁଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦୀର୍ଘ ବର୍ଷ ଧରି ଏହି ବେଆଇନ କୋଇଲା ଖଣି ଚାଲୁଥିଲେ ମଧ ଖଣି ବିଭାଗ, ରାଜସ୍ୱ ବିଭାଗ, ପୋଲିସ କିମ୍ବା ଜଙ୍ଗଲ ବିଭାଗ ପାଖରେ କିଭଳି ଖବର ନ ଥିଲା। ସେଇ ନେଇ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ସମ୍ପର୍କରେ ସଦର ଉପଜିଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, କୁଲାପଡ଼ା ଓ ତେଲେନଡିହି ଜଙ୍ଗଲ ମଧ୍ୟରେ ଏହି ବେଆଇନ ଖଣି ଖନନ ହୋଇଛି। ୫କିଲୋମିଟର ବ୍ୟାପୀ ବିଭିନ୍ନ ସ୍ଥାନରେ ମାଟି ଖୋଳି କୋଇଲା ଖନନ କରାଯାଇ ଚାଲାଣ ପାଇଁ ବିଭିନ୍ନ ସ୍ଥାନରେ ଗଦା ହୋଇଥିଲା। ଏହି କୋଇଲା ସବୁ ଜବତ କରାଯାଇ ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚିତ କରାଯାଇଛି। ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ ମୀରା କହିଛନ୍ତି, ଏହି ସ୍ଥାନଗୁଡ଼ିକ ରେଭେନ୍ୟୁ ଫରେଷ୍ଟ ଏରିଆରେ ଆସୁଛି। ଗତ ଏକ ବର୍ଷ ପୂର୍ବରୁ ଜଙ୍ଗଲରେ ଏଭଳି ବେଆଇନ କୋଇଲା ଖଣି ଖନନ ହେଉଥିବା ନେଇ ଜଙ୍ଗଲ ବିଭାଗ ପକ୍ଷରୁ ଗୋପାଳପୁର ରେଞ୍ଜ ଅଧିକାରୀ ହେମଗିର ତହସିଲଦାରଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ହେଲେ ରାଜସ୍ୱ ବିଭାଗ କାହା ଚାପରେ ଚୁପ ରହିଥିଲା ତାହା ସନ୍ଦେହ ଘେରକୁ ଆସିଛି। ହେଲେ କାହା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସଦର ଉପଜିଲାପାଳ ସରାବୁ କହିଛନ୍ତି।

## ରାମନବମୀ ଅବସରରେ ଅଖଣ୍ଡ କୀର୍ତ୍ତନ ଆୟୋଜନ



ରାମନବମୀ ଅବସରରେ କୀର୍ତ୍ତନ କରାଯାଉଛି।

ବନ୍ଧମୁଣ୍ଡା,୪।୪(ସୁବ୍ରତ ଦେ)

ରାମନବମୀ ଅବସରରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ହନୁମାନ ମନ୍ଦିରଠାରେ ଏକ ଅଷ୍ଟ ପ୍ରହରୀ ନାମ କୀର୍ତ୍ତନର ଆୟୋଜନ କରାଯାଇଥିଲା। ଶୁକ୍ରବାର ମନ୍ଦିର ପରିସରରେ ମନ୍ଦିର କମିଟି ଦ୍ୱାରା ଏହି କୀର୍ତ୍ତନ ଆରମ୍ଭ ହୋଇଥିଲା। ୨୪ ଘଣ୍ଟା ଧରି ନିରନ୍ତର ଭାବେ ଚାଲିଥିବା କୀର୍ତ୍ତନରେ ହରେ-ରାମ, ହରେ କୃଷ୍ଣ, ରାମ-ରାମ, ହରେ-ହରେ ନାମରେ ମନ୍ଦିରର ପରିବେଶ ଭକ୍ତିମୟ ହୋଇ ଉଠିଥିଲା। ଏହି ଅବସରରେ ଦିନସାରା ମନ୍ଦିରରେ ଭକ୍ତମାନଙ୍କ ସମାବେଶ ଦେଖିବାକୁ ମିଳିଥିଲା। ବହୁ ସଂଖ୍ୟକ ଲୋକ ମନ୍ଦିରରେ ପହଞ୍ଚି ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଉପସ୍ଥିତ ମନ୍ଦିର କମିଟିର ସଦସ୍ୟମାନେ କହିଥିଲେ ଯେ ଚୈତ୍ର ମାସକୁ ପବିତ୍ର ଭାବରେ ବିବେଚନା କରାଯାଇଥାଏ। ଏହି ମାସରେ ଛଠ ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏବଂ ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଇଥାଏ। ଏପରି ପରିସ୍ଥିତିରେ ଅଷ୍ଟ ପ୍ରହରୀ କୀର୍ତ୍ତନ ଆୟୋଜନ କରିବା ଦ୍ୱାରା ସକାରାତ୍ମକ ଶକ୍ତିର ପ୍ରବାହ ହୁଏ। ପାରିବାରରେ ଲୋକଙ୍କ ସମସ୍ତ କଷ୍ଟ ଏବଂ ଦୁଃଖ ଦୂର ହୋଇଯାଏ। କାର୍ଯ୍ୟକ୍ରମର ଆୟୋଜନରେ ମନ୍ଦିର କମିଟିର ଟି ବାଲାଜୀ ଦାଶ, ରାକେଶ ସାରଙ୍ଗୀ, ସଚିନ ସାରଙ୍ଗୀ, ସୁରଜ ରାମ, ହେପି ସାମନ୍ତରାୟ, ଅନିଲ ଯାଦବ, ଅଜିତ ସିଂ, ସୋନାର ଏକ୍କା, ବିଶ୍ୱନାଥ ବିଶ୍ୱକର୍ମା ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ସିଙ୍ଗାରମୁଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ବଡ଼ଗାଁ, ୪।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ମଧ୍ୟାହ୍ନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶଶୀଧର ଶୂନ୍ୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଇଓ ଅମୁଲ୍ୟ କୁମାର ପଧାନ ମୁଖ୍ୟ ଅତିଥି ଭାବରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭିନ୍ନକ୍ଷମ ଶିକ୍ଷା ଜିଲା ସହ ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଶ୍ମୀରଞ୍ଜନ ରାଉତ, ବଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ଶାନ୍ତି ମୁନି ସୁରେଖା ହରୋ, ବଡ଼ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା, ବରଙ୍ଗାକଛାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ରୁନଗାଁ ସରପଞ୍ଚ ଆସିସାନ କେରକେଟା, ପୂର୍ବତନ ପ୍ରଧାନ ଶିକ୍ଷକ ରାମେଶ୍ୱର ରାୟ, ନିହାର ରଞ୍ଜନ ସାହୁ, ସଙ୍କୁନୀ ସୁନ୍ୟାନୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚତୁର୍ଭୁଜ ରାଉଡିଆ, ସାହାଜବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଟିକେଶର ସାହୁ, ବଡ଼ଗାଁ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ପଟେଲ, ବାମଡ଼େରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଲିଭନୁସ କେରକେଟା, ବଡ଼ଗାଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ବିଦ୍ୟାଳୟର ପ୍ରତିଷ୍ଠାତା ଅମ୍ରିତ ଲାକ୍ରା ପ୍ରମୁଖ ବ୍ୟକ୍ତି ମାନେ ଯୋଗଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। ଶିକ୍ଷୟିତ୍ରୀ ଅନ୍ୱେଷା ଦାସ ସଭା ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମିନୀ ମୁଦଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆରେ ନାମଫଳକ ପାଇଁ ସଚେତନତା ପଦଯାତ୍ରା

ସୁନ୍ଦରଗଡ଼, ୪।୪(ଜୟ ନାରାୟଣ ମେଣ୍ଟୁଲି)




ଓଡ଼ିଆରେ ନାମଫଳକ ପାଇଁ ବାହାରିଥିବା ସଚେତନତା ପଦଯାତ୍ରା ।

ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିବସରେ ଶୁକ୍ରବାର ଜିଲାରେ ଓଡ଼ିଆରେ ନାମଫଳକ ଲେଖାଯିବା ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗ ଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସମସ୍ତ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନର ନାମ ଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବାକୁ ଜନ ସଚେତନତା ସୃଷ୍ଟି କରିଥିଲା। ସେହିଭଳି ଏହି ନିୟମର ଖିଲାପ କଲେ ଥିବା ଜରିମାନା ସମ୍ପର୍କରେ ମଧ ସଚେତନତା କରାଯାଇଥିଲା। ଏହି ଶୋଭାଯାତ୍ରାରେ ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ସହକାରୀ ଶ୍ରମ ଅଧିକାରୀ ଗୌରହରି ତାଣ୍ଡି ସୁନ୍ଦରଗଡ଼ ଅନ୍ୟାନ୍ୟ କର୍ମଚାରୀ, ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନ, ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସେହିଭଳି ରାଉରକେଲା ମହାନଗର ନିଗମ ତଥା ଅନ୍ୟାନ୍ୟ ଅଞ୍ଚଳରେ ମଧ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବୌଦ୍ଧରେ ଅଷ୍ଟଶମ୍ଭୁ ମହାମିଳନ

ବୌଦ୍ଧ,୪।୪(ଅଜିତ କୁମାର ବାରିକ)

ବୌଦ୍ଧ ସହରରେ ଶୁକ୍ରବାର ଅଷ୍ଟଶମ୍ଭୁ ପରିଚାଳନା କମିଟିପକ୍ଷରୁ ଅଷ୍ଟଶମ୍ଭୁ ଦଣ୍ଡ ମିଳନ କରାଯାଇଥିଲା। ଏହି ମିଳନରେ ମର୍ଜାକୁଦର ବାବା ଗୁପ୍ତେଶ୍ୱର, ସିଦ୍ଧପୁରର ବାବା ସିଦ୍ଧେଶ୍ୱର, ଗୁଟୁସିଙ୍ଗାର ବାବା ସପ୍ତେଶ୍ୱର, ପଳାସର ବାବା ଧବଳେଶ୍ୱର, ସରସରାରା ବାବା ବୈଦ୍ୟନାଥ, ଗମ୍ଭାରିପଦର ବାବା କପିଳେଶ୍ୱର ଭାଗ ନେଇଥିଲେ।

**CANCELLATION OF GENERAL POWER OF ATTORNEY**
General power of attorney in favour of SATYANRYAN BERIHA in Document No. 41622300594/2023 dt. 3.2.2023 is being cancelled with document No. 41622501047/ 2025 effective dt. 3.3.2025.

## ଆମ ପୋଷାକ ଆମ ପରିଚୟ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଲହୁଣୀପଡ଼ା,୪।୪(ଦାଶରଥି ପଣ୍ଡା)

### ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ

'ଓଡ଼ିଆ ପକ୍ଷ' ପାଳନରେ ଗୁରୁବାର ଲହୁଣୀପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପାରମ୍ପରିକ ପୋଷାକ ପରିଧାନ କରାଯାଇଥିବା ଜଣାପଡିଛି। ଏହି ଅବସରରେ ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅନୁରାଗ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଯାଉର ଓରାମ, ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, ବରିଷ୍ଠ କିରାଣୀ ମନୋଜ କୁମାର ପଟେଲ ଯୋଗାଣ ଅଧିକାରୀ ଶ୍ୟାମ ମାଝୀ, କୋଷାଧ୍ୟକ୍ଷ ଦେବରାଜ ମାହାନ୍ତଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହିତ 'ଆମ ପୋଷାକ ଆମ ପରିଚୟ' ସ୍ଲୋଗାନ ଦିଆଯାଇଥିବା ଜଣାପଡ଼ିଛି।

## ବିଦ୍ୟାଠାରୁ ବଡ଼ କୌଣସି ସମ୍ପତ୍ତି ନାହିଁ

### କନ୍ୟାଶ୍ରମ ପ୍ରବେଶ ଉତ୍ସବ

ବଡ଼ଗାଁ.୪।୪(ଅଶୋକ ଷଡ଼ଙ୍ଗୀ):



ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡ଼ାଲଗା ଗ୍ରାମ ସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ କନ୍ୟାଶ୍ରମ ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗତ ୪ ବର୍ଷ ହେଲା ଶତ ପ୍ରତିଶତ ପରୀକ୍ଷା ଫଳ ଯୋଗୁ ଅଭିଭାବକ ମାନେ ଏହି ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ୧୮୪ ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୬୦ ଜଣଙ୍କୁ ଚୟନ କରି ନାମ ଲେଖାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହି ଛାତ୍ରୀମାନଙ୍କ ପାଇଁ ସ୍କୁଲ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତୁଡ଼ାଲାଗା ସରପଞ୍ଚ ସୁଦୀପ ବାଡ଼ା, ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଦିଲୀପ କୁମାର ମାଝୀ, ସିଆରସିସି ଏରେନ କୁଜୁର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଲାଙ୍କୁ ସ୍କୁଲ ବ୍ୟାଗ ଓ ଶିକ୍ଷଣ ସାମଗ୍ରୀ ଦିଆଯାଇଥିଲା। ବ୍ଲକ ଅଧାକ୍ଷା ଦୁଲାରୀ, ସୋରେଙ୍ଗ କହିଥିଲେ, ପୂର୍ବରୁ ଏଭଳି କାର୍ଯ୍ୟକ୍ରମ ହେଉନଥିଲା। ସରକାର ଛୋଟ ପିଲାଙ୍କ ବିଭିନ୍ନ ଯୋଜନା କରିଛନ୍ତି। ତେଣୁ ସମସ୍ତେ କିପରି ପଢି ପାରିବେ ସେଥିପ୍ରତି ଅଭିଭାବକ ମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ କହିଥିଲେ, ବିଦ୍ୟା ଅଟଇ ମହାଧାନ, ରକ୍ତ ଦାନ ମହାପୂଣ୍ୟ। ସେ ପିଲାଙ୍କୁ ଉତ୍ସାହିତ କରି ବିଦ୍ୟାଠାରୁ କୌଣସି ବଡ ସମ୍ପତ୍ତି ନାହିଁ ବୋଲି କହିଥିଲେ। ସେ ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ - 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍‌-୭୨, ୟୁନିଟ୍‌-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୦୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍‌/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ "**https://eprocure.gov.in/eprocure/app**"ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

# ରାମନବମୀ ଅବସରରେ ଦୀପାଳି-ଦୁର୍ଗେଶଙ୍କ ମଧ୍ୟରେ ପୋଷ୍ଟର ଲଢ଼େଇ

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)



ବେହେରାମାଲ ପୁରୁଣା ବସଷ୍ଟାଣ୍ଡରେ ଲାଗିଥିବା ପୋଷ୍ଟର।

ଝାରସୁଗୁଡ଼ା ସହରରେ ଦେଶର ପ୍ରାୟ ସବୁ ରାଜ୍ୟର ଲୋକ ରହୁଥିବାରୁ ସହରରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ଧୁମଧାମରେ ପାଳନ କରାଯାଏ। ସେଥିମଧ୍ୟରୁ ରାମନବମୀ ଏକ ପର୍ବ, ଯାହା ଏଠାରେ ସ୍ୱତନ୍ତ୍ର ଭାବେ ପାଳନ ହୁଏ। ଏହି ବର୍ଷ ରାମ ନବମୀ ପାଳନର ପରିବେଶ ଏକ ଭିନ୍ନ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ୩ରୁ ୪ ଦିନ ହେବ ଝାରସୁଗୁଡ଼ା ସହର ସାରା ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ପୁଅ ତଥା ଯୁବ ନେତା ଦୁର୍ଗେଶ ମହାନ୍ତିଙ୍କ ଫଟୋ ଆଉ କେତେକ ସ୍ଥାନରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ତଥା ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଲକା ମହାନ୍ତିଙ୍କ ସହ ଫଟୋ ଲଗାଯାଇଥିଲା। ଏହାକୁ ନେଇ ଝାରସୁଗୁଡ଼ାରେ ଦୁର୍ଗେଶ ମହାନ୍ତିଙ୍କ ରାଜନୀତି କ୍ୟାରିୟର ଆରମ୍ଭ ହେବା କଥା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ସକାଳୁ ଝାରସୁଗୁଡ଼ା ସହରରେ ନବ ଦାସଙ୍କ ଝିଅ ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କ ଫଟୋ ସହିତ କେତେକ ସ୍ଥାନରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଫଟୋ ସହରର ଗଳିକନ୍ଦିରେ ଲଗାଯାଇଥିବା ଦେଖିବାକୁ ମିଳିଛି। ଝାରସୁଗୁଡ଼ା ରାଜନୈତିକ ବିଶେଷଜ୍ଞଙ୍କ ମତରେ ଝାରସୁଗୁଡ଼ାରେ କିଛି ଦିନ ମଧ୍ୟରେ ସେହି ପୁରୁଣା କଥା ପୁଣି ଦେଖିବାକୁ ମିଳିବ ବୋଲି କହିଛନ୍ତି। ଯେପରି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କିଶୋର ମହାନ୍ତି ଓ ନବ ଦାସଙ୍କ ବିଷୟରେ ଝାରସୁଗୁଡ଼ା କାହିଁକି ସାରା ଓଡ଼ିଶାବାସୀଙ୍କୁ ବେଶ୍ ଜଣାଥିଲା। କିଛିଦିନ ହେବ ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଦିନଠାରୁ ହିଁ ମହାନ୍ତି ଓ ଦାସ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହେବାର ଆଭାସ ମିଳିସାରିଲାଣି। ଏହା ସହିତ ଝାରସୁଗୁଡ଼ା ଜିଲ୍ଲା ବିଜେଡି ଭିତରେ ନବ ଦାସ ଓ କିଶୋର ମହାନ୍ତିଙ୍କ ଅନୁଗତଙ୍କ ମଧ୍ୟରେ ମଧ୍ୟ ଅହି ନକୁଳ ସମ୍ପର୍କ ଥିବା ଗତ ସାଧାରଣ ନିର୍ବାଚନଠାରୁ ଜଣା ପଡିସାରିଲାଣି। ଏହିପରି ସ୍ଥଳେ ଝାରସୁଗୁଡ଼ା ୨ ନିର୍ବାଚନ ମଣ୍ଡଳୀରେ ଜିତିଥିବା ୨ ଭାଜପା ବିଧାୟକ ବିଜେଡିର ମହାନ୍ତି ଓ ଦାସ ପରିବାରଠାରୁ କେଉଁ ରାଜନୈତିକ ଫାଇଦା ନେବା କଥା ଜିଲ୍ଲା ସହିତ ସାରା ରାଜ୍ୟରେ ଆଗରୁ ମଧ୍ୟ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଏବେ ଦେଖାଦେଉଥିବା ସ୍ଥିତି ପୋଷ୍ଟରର ଲଢ଼େଇ ନା ଆଗକୁ ରାଜନୈତିକ ମଇଦାନରେ ଲଢ଼େଇ ହେବ, ତାହା ଦେଖିବାକୁ ବାକି ରହିଲା।

## ଗୌରୀ ଶଙ୍କର ପାଣିଗ୍ରାହୀ ଜୟନ୍ତୀ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗାଳ୍ପିକ ସ୍ୱର୍ଗତ ଗୌରୀଶଙ୍କର ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନ ପ୍ରଶାନ୍ତ ମହାନ୍ତି ପ୍ରେକ୍ଷାଳୟରେ ଏକ ସାହିତ୍ୟ ଆସର, ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ ସମାବେଶ ଅନୁଷ୍ଠିତ ହୋଇଥିଲା। ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱ ଓ ସମ୍ବଲପୁର ସାହିତ୍ୟ ସଂସଦର ସମ୍ପାଦକ ବେଣୁଧର ପଟେଲଙ୍କ ପରିଚାଳନାରେ ଉଦ୍‌ଘାଟକ ଭାବେ ପ୍ରଫୁଲ୍ଲ ଚନ୍ଦ୍ର ହୋତା, ମୁଖ୍ୟଅତିଥି ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଲକ୍ଷ୍ମୀ ନାରାୟଣ ପଣ୍ଡା, ପୁଷ୍ପାଳ ତ୍ରିପାଠୀ, ଦେବର୍ଷିନ ଠାକୁର ଓ ଭକ୍ତ ପ୍ରସାଦ ନନ୍ଦ ପ୍ରମୁଖ ସ୍ୱର୍ଗତ ଗୌରୀଶଙ୍କର ପାଣିଗ୍ରାହୀଙ୍କ ଜୀବନ ଓ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ସାହିତ୍ୟ ଆସରରେ କଳ୍ପନା ମହାପାତ୍ର, ସୁଷମା ପ୍ରଧାନ, ଲଳିତ ମୋହନ ଦେବର୍ତ୍ତା, ତପସ୍ୱିନୀ ନେପାକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କ୍ଷେତ୍ରମଣୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଝାରସୁଗୁଡ଼ା ସହରରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ


ପୋଲିସ ପକ୍ଷରୁ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ରାମ ନବମୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେଥିପାଇଁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ୬ଟାରେ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଟାଉନ ଥାନା ଅଧିକାରୀ ରଞ୍ଜନ ବରିହାଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଝାରସୁଗୁଡ଼ା ସହର ସରବାହାଲଠାରୁ ବେହେରାମାଲ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ନବମୀ ପାଇଁ ସହରକୁ କଡ଼ା ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ମଧ୍ୟରେ ରଖିବାକୁ ଝାରସୁଗୁଡ଼ା ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ପ୍ରୟାସ କରାଯାଇଛି।

## ଓଡ଼ିଆରେ ନାମଫଳକ ସଚେତନତା ଅଭିଯାନ


ଓଡ଼ିଆରେ ନାମ ଫଳକ କାର୍ଯ୍ୟକ୍ରମରେ ପଦଯାତ୍ରା।

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଆରେ ନାମଫଳକ ସଚେତନତା ଅଭିଯାନ ପରିପ୍ରେକ୍ଷୀରେ ଝାରସୁଗୁଡା ବେହେରାମାଲସ୍ଥିତ ଜିଲା କାର୍ଯ୍ୟାଳୟ ପରିସରରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା ଆୟୋଜିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଆନୁଷ୍ଠାନିକ ଭାବେ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଜିଲା ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ଓ ଜିଲା ଶ୍ରମ ଅଧିକାରୀ ସୁନିତା ଲାକ୍ରାଙ୍କ ପରିଚାଳନାରେ ପଦଯାତ୍ରାରେ ଛାତ୍ରୀଛାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଯୋଗଦେଇଥିଲେ। ଜିଲାର ସମସ୍ତ ଦୋକାନ, ବ୍ୟବସାୟିକ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଓ ଶିଳ୍ପାନୁଷ୍ଠାନଗୁଡିକ ନାମଫଳକ ଓଡ଼ିଆ ଭାଷାରେ ଲେଖିବା ଦିଗରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ଯତ୍ନବାନ ହେବାକୁ ଅତିଥିଗଣ ପରାମର୍ଶ ଦେଇଛନ୍ତି।

# ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଅଣତାଲିମ ଶିବିର

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହାଇସ୍କୁଲରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଜୁନିୟର ରେଡକ୍ରସ ପରାମର୍ଶଦାତା ଅଣତାଲିମ ଶିବିର ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଶିବିରକୁ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ଶକୁନ୍ତଳା ଟେଟେ, ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଲୀ ଲାକ୍ରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର, ଦେବଗଡ ଜିଲା ଯୁବ ରେଡକ୍ରସ ଅଫିସର ରଶ୍ମୀନ କୁମାର ଦାଶ, ରାଜ୍ୟସ୍ତରୀୟ ଯୁବ ରେଡକ୍ରସ କାଉନସିଲର ସର୍ବବିଦ୍ୟ ଶକ୍ତିମାନ ପ୍ରଧାନ ଓ ଅମିତ କୁମାର ସାହୁ ଉପସ୍ଥିତ ଥିଲେ। ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦ୍ୱିତୀୟ ଦିବସରେ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ରାଜ୍ୟସ୍ତରୀୟ ସାଧନ କର୍ମୀ ରବିଚନ୍ଦ୍ର ପଶାୟତ ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ରାଜ୍ୟସ୍ତରୀୟ ଫାଷ୍ଟଏଡ୍ ମାଷ୍ଟର ଟ୍ରେନର ରବି ନାରାୟଣ ଦାଶ ଯୋଗଦେଇ ପ୍ରାଥମିକ ଚିକିତ୍ସା ଉପରେ ବହୁ ଉପାଦେୟ ସୂଚନା ପ୍ରଦାନ କରିବାସହ ପ୍ରଶୀକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୬୦ଜଣରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ହାସଲ କରୁଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପ୍ରଶିକ୍ଷାର୍ଥୀମାନେ।

# ସଚେତନତା ରଥ ଶୁଭାରମ୍ଭ, ସଚେତନତା ରାଲି


ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)

## ଓଡ଼ିଆରେ ନାମ ଫଳକ ଅଭିଯାନ

ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଅଭିଯାନ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଜିଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବାହାରିଥିବା ସଚେତନତା ରଥ ଓ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ର ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ନିରାକରଣ ସଚେତନତା ରାଲି ସହରର ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ, ହୋଟେଲ ଯାଇ ଗୃହ ଆଗରେ ନାମ ଫଳକ ଓଡ଼ିଆରେ ଲେଖାଯିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏବଂ ଦୋକାନ କର୍ତ୍ତାମାନଙ୍କୁ ମିଷ୍ଟାନ ଖୁଆଇଥିଲେ। ଯଦି ନ ଲେଖନ୍ତି ଜରିମାନା ଦେବାକୁ ପଡିବ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଶ୍ରମ ବିଭାଗର ରତନ କୁମାର ରାଏ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ ସୁଦ୍ଧା ଦାବି ପୂରଣ ନ ହେଲେ ସାମୂହିକ ଛୁଟି ସହ ଅନଶନ

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଯୋଗାଣ ସହାୟକ ସଂଘ ଆସନ୍ତା ଏପ୍ରିଲ ୧୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସାମୂହିକ ଛୁଟି ସହ ଅନଶନ କରିବା ପାଇଁ ଜିଲାପାଳଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଦାବିପତ୍ର ପ୍ରଦାନ କରିଛନ୍ତି। ସଭାପତି ଉଲ୍ଲାସ ତ୍ରିପାଠୀ ଓ ସମ୍ପାଦକ ଯୁଗୁନୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଯୋଗାଣ ସହାୟକ ସଂଘ ଆସନ୍ତା ଏପ୍ରିଲ ୧୪ ତାରିଖ ସୁଦ୍ଧା ରଖିଥିବା ଦାବି ପୂରଣ ନ ହେଲେ ସାମୂହିକ ଛୁଟି ସହିତ ଏପ୍ରିଲ ୧୫ ତାରିଖରୁ ଅନଶନ କରିବା ପାଇଁ ଦାବିପତ୍ରରେ ଜଣାଇଛନ୍ତି। ସଂଘ ଅଭିଯୋଗ ଅନୁସାରେ ଗତ ୨୦୧୨ଠାରୁ ରାଜ୍ୟ ସରକାର ଆମର କୌଣସି କଥା ଶୁଣୁ ନାହାନ୍ତି।

**CANCELLATION OF GENERAL POWER OF ATTORNEY**
General power of attorney in favour of SATYANRYAN BERIHA in Document No. 41622300594/2023 dt. 3.2.2023 is being cancelled with document No. 41622501047/2025 effective dt. 3.3.2025.

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

# ଜିଲା ହକି ଆସୋସିଏଶନର ସମ୍ପାଦକ ହେଲେ ଅତିରିକ୍ତ ଜିଲାପାଳ

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ସଭାପତି ତଥା ଜିଲାପାଳ ଅବୋଲି ସୁନିଲ ନରୱଣେ ଅତିରିକ୍ତ ଜିଲାପାଳ (ସାଧାରଣ ପ୍ରଶାସନ) ବ୍ରଜବନ୍ଧୁ ଭୋଇଙ୍କୁ ଜିଲାର ହକି ଆସୋସିଏଶନ ନୂତନ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ପୂର୍ବରୁ ଜିଲାର ହକି ଆସୋସିଏଶନ ସମ୍ପାଦକ ଥିବା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ବଦଳି ହୋଇଛି। ଶୁକ୍ରବାର ଝାରସୁଗୁଡା ହକି ଆସୋସିଏଶନ ସଭ୍ୟ ପ୍ରଜ୍ୱଳ କୁମାର ପଟେଲ, ଅଶ୍ୱନୀ କୁମାର ପାଣ୍ଡେ, ହକି ଆସୋସିଏଶନ ଓଡିଶା ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରୀଡା ସଂ ସହସମ୍ପାଦକ କ୍ଲେମେନଟ ରୋନାଲର୍ଡ ପ୍ରମୁଖ ପୂର୍ବତନ ସମ୍ପାଦକ ନାୟକଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟୀ ସମ୍ବର୍ଦ୍ଧନା ଦେବା ସହିତ ନୂତନ ସମ୍ପାଦକ ଭୋଇଙ୍କୁ ସ୍ୱାଗତ କରିଥିଲେ।


ବ୍ରଜବନ୍ଧୁ ଭୋଇ।

# ସ୍ଥାୟୀ ନିଯୁକ୍ତି ଦାବିରେ ଜିଲା ଯୋଗାଣ ସଂଘର ସମୂହ ଛୁଟି ଆବେଦନ


ଜିଲା ଯୋଗାଣ ସଂଘର ସମୂହ ଛୁଟି ପାଇଁ ଆବେଦନ କରାଯାଉଛି।

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଯୋଗାଣ ସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ରାଜ୍ୟ ଯୋଗାଣ ସହାୟକ ସଂଘ ଆହ୍ୱାନକ୍ରମେ ଦେବଗଡ଼ ଜିଲାପାଳଙ୍କଠାରେ ସମୂହ ଛୁଟି ଆବେଦନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଦେବଗଡ଼ ଜିଲା ଯୋଗାଣ ସହାୟକ ସଂଘର ସଭାପତି କ୍ଷମାନିଧି ସାହୁ, ଉପସଭାପତି ସୁବ୍ରତ ଆଚର୍ଯ୍ୟ, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଓ କୋଷାଧ୍ୟକ୍ଷ ଦଶରଥ ପ୍ରଧାନଙ୍କ ନେତୃତ୍ୱରେ ଜିଲାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟରତ ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଜିଲାପାଳଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଏଥିସହ ଦେବଗଡ଼ ଜିଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ନିରୀକ୍ଷକ ଓ ବିଡିଓମାନଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରିଥିଲେ। ଶୁକ୍ରବାରଠାରୁ ଜିଲାର ଯୋଗାଣ ସହାୟକମାନେ ସମୂହ ଛୁଟିରେ ରହିଥିବା ବେଳେ ଆଗାମୀ ୧୦ ଦିନ ମଧ୍ୟରେ (୧୪ ତାରିଖ ମଧ୍ୟରେ) ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ୧୫ ତାରିଖରୁ ସେମାନେ ଆନ୍ଦୋଳନ ନିମନ୍ତେ ସପରିବାର ରାଜରାସ୍ତାକୁ ଓହ୍ଲାଇବେ ଓ ଭୁବନେଶ୍ୱରସ୍ଥିତ ଲୟର ପିଏମଜିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରମୁଖ ସଚିବଙ୍କୁ ଲିଖିତ ଚେତାବନୀ ଦିଆଯାଇଛି। ଶୁକ୍ରବାରଠାରୁ ଜିଲାର ଯୋଗାଣ ସହାୟକମାନେ ସମୂହ ଛୁଟିରେ ରହିଥିବାରୁ ପିଡିଏସ୍ ବଣ୍ଟନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ସୂଚନା ଯୋଗ୍ୟ ଯେ, ୨୦୧୨ରୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟରତ ଯୋଗାଣ ସହାୟକମାନେ ଦୀର୍ଘ ୧୩ ବର୍ଷ ଧରି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହ ସ୍ୱଚ୍ଛତାର ସହିତ ପିଡିଏସ୍ ସାମଗ୍ରୀ ବିତରଣ କରି ଆସୁଛନ୍ତି। ମାତ୍ର ସେମାନଙ୍କୁ ମାସିକ ମାତ୍ର ୮ ହଜାର ଟଙ୍କାର ପାରିଶ୍ରମିକ ପ୍ରଦାନ କରାଯାଉଛି, ଯାହାକି ଦିନ ମଜୁରିଆଙ୍କ ପାରିଶ୍ରମିକଠାରୁ ମଧ୍ୟ କମ୍ ରହିଛି। ଫଳରେ ଯୋଗାଣ ସହାୟକମାନଙ୍କ ନିଯୁକ୍ତିକୁ ସ୍ଥାୟୀ କର୍ମଚାରୀର ମାନ୍ୟତା ପ୍ରଦାନ ସାଙ୍ଗକୁ ସେମାନଙ୍କ ନାମରେ ଲାଇସେନ୍ସ ପ୍ରଦାନ କରିବାକୁ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଛି। ଏହା ସତ୍ତ୍ୱେ ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁ ନ ଥିବାରୁ ସଂଘ ପକ୍ଷରୁ ଏଭଳି କଠୋର ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) "ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୁପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ "**https://eprocure.gov.in/eprocure/app**"ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
**अति अल्पकालीन ई–प्रोक्योरमेंट निविदा सूचना**
**(प्रथम आमंत्रण)**
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

# ବର୍ଗର ସାମ୍ରାଜ୍ୟରେ ଓଡ଼ିଆ ଉଦ୍ୟୋଗୀ ବିରଜା

ଦେଶରେ ମ୍ୟାକ୍‌ଡୋନାଲ୍ଡସ୍, ଡୋମିନସ୍ ଏବଂ କେଏଫ୍‌ସି ଭଳି ଫାଷ୍ଟଫୁଡ୍ ବ୍ରାଣ୍ଡର ଚାହିଦା ରହିଥିବାବେଳେ ବର୍ଗର୍ ବଜାରରେ ହୋମଗ୍ରୋନ୍ ବ୍ରାଣ୍ଡ 'ବିଗିଜ୍ ବର୍ଗର୍' ନିଜର ସ୍ଥିତି ସୁଦୃଢ଼ କରିପାରିଛି। ଓଡ଼ିଆ ଉଦ୍ୟୋଗୀ ବିରଜା ରାଉତଙ୍କ ବର୍ଗର୍ ନିଶା ତାଙ୍କୁ ଏହି ବ୍ୟବସାୟିକ ସଫଳତା ଆଣିଦେଇଛି। କେନ୍ଦୁଝର ଜିଲାରେ ଜନ୍ମିତ ବିରଜା ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଶିକ୍ଷାଲାଭ କରିଛନ୍ତି। ପଢ଼ାସାରିବା ପରେ ଅନ୍ୟମାନଙ୍କ ପରି ସେ ମଧ୍ୟ ବେଙ୍ଗାଲୁରୁରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ୨୧ ବର୍ଷ ହୋଇଥିଲା ସେତେବେଳେ ସେ ପ୍ରଥମ ଥର ପାଇଁ ବର୍ଗର୍ ଚାଖିବାର ସୁଯୋଗ ପାଇଥିଲେ। ସେହି ବର୍ଗର୍ ଯେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା କେହି କେବେ ଚିନ୍ତା କରି ନ ଥିଲେ। ଇଣ୍ଟରନ୍ୟାଶନାଲ ଫାଷ୍ଟଫୁଡ୍ ଚେନ୍ ଦେଶରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ଭାରତୀୟ ଖାଦ୍ୟ ଶିଳ୍ପ ବିଶେଷକରି ଗରମେଟ୍, ଗ୍ରିଲଡ୍ ବର୍ଗର୍ କ୍ଷେତ୍ରରେ କୌଣସି ଭାରତୀୟ ବ୍ରାଣ୍ଡ ନ ଥିବା ସେ ହୃଦୟଙ୍ଗମ କରିଥିଲେ। ବର୍ଗର୍‌ର ଦେଶୀ ବିକଳ୍ପ ଭାବେ ହୋମଗ୍ରୋନ୍ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ପାଇଁ ସେ ସ୍ଥିର କରିଥିଲେ।

**ଏକ ସାଧାରଣ ପରିବାରରୁ 'ବିଗିଜ୍ ବର୍ଗର' ବ୍ରାଣ୍ଡ ପ୍ରତିଷ୍ଠା ପର୍ଯ୍ୟନ୍ତ ଓଡ଼ିଆ ପୁଅ ବିରଜା ରାଉତଙ୍କ ଯାତ୍ରା। ଏହି ଯାତ୍ରା କେବଳ ତାଙ୍କର ବ୍ୟବସାୟିକ ସଫଳତାକୁ ଦର୍ଶାଉନାହିଁ, ବରଂ ସୁଯୋଗର ସଦୁପଯୋଗ କରିବାର କଳା, ଆହ୍ୱାନର ମୁକାବିଲା କରିବା ସହ ସ୍ୱପ୍ନକୁ ସାକାର କରିବାର ପ୍ରୟାସକୁ ମଧ ଦର୍ଶାଉଛି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

## ଛୋଟ କିଓସ୍କରୁ ବିଗିଜ୍ ବର୍ଗର୍ ପାଲଟିଛି ନ୍ୟାଶନାଲ ଚେନ




ବିରଜା ୨୦୧୧ରେ ବିମର୍ ଫୁଡ୍ ଆଣ୍ଡ୍ ବେଭେରେଜସ୍ ପ୍ରାଇଭେଟ ଲିମିଟେଡ୍‌ର ମୂଳଦୂଆ ପକାଇଥିଲେ। ମାତ୍ର ୨୦ହଜାର ଟଙ୍କା ବିନିଯୋଗରେ ସେ ଏକ ଛୋଟ କିଓସ୍କରେ ବର୍ଗର ବ୍ୟବସାୟ ଆରମ୍ଭ କରିଥିଲେ। ବେଙ୍ଗାଲୁରରେ ନିଜ ଅଫିସ୍ ସାମନାରେ ସେ ଏହି କିଓସ୍କ ଖୋଲିଥିବାବେଳେ ଛୁଟିଦିନରେ ବିକ୍ରି ଆରମ୍ଭ କରିଥିଲେ। ସେହି ଛୋଟ କିଓସ୍କ ବର୍ତ୍ତମାନ ବାର୍ଷିକ ଶତାଧିକ କୋଟିର ବ୍ୟବସାୟର ରାସ୍ତା ଦେଖାଇଛି। ୨୦୧୬ରେ ସେ ଆଇଟି ଚାକରୀ ଛାଡ଼ି ବିଗିଜ୍ ବର୍ଗର୍‌କୁ ସମ୍ପ୍ରସାରଣ କରିବାର ନିଷ୍ପତ୍ତି ନେଇଥିଲେ। ଉତ୍ତମ ଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ଗ୍ରିଲଡ୍ ବର୍ଗର୍ ପ୍ରତି ପ୍ରତିବଦ୍ଧତା ହେତୁ ବ୍ରାଣ୍ଡ ଖୁବ୍‌ଶୀଘ୍ର ଲୋକପ୍ରିୟତା ହାସଲ କରିଥିଲା। ବଜାରରେ ମିଳୁଥିବା ଫ୍ରାଏଡ୍ ବର୍ଗର୍ ତୁଳନାରେ ଏହା ସ୍ୱାସ୍ଥ୍ୟକର ବିକଳ୍ପ ଭାବେ ବିବେଚିତ ହେଉଛି। ବର୍ତ୍ତମାନ ୧୬ ରାଜ୍ୟରେ ବିଗିଜ୍ ବର୍ଗରର ୧୫୦ରୁ ଅଧିକ ଆଉଟଲେଟ୍ ସହ ଏହି ବ୍ରାଣ୍ଡ ଦେଶର ସର୍ବବୃହତ୍ ହୋମଗ୍ରୋନ୍ ବର୍ଗର୍ ଚେନ୍ ପାଲଟିଛି।

BIGGIES BURGER

## ସ୍ମାର୍ଟ ବିଜ୍‌ନେସ ମଡେଲ୍

ବିରଜାଙ୍କ ସଫଳତା କେବଳ ତାଙ୍କ ବର୍ଗରରେ ନୁହେଁ, ବରଂ ତାଙ୍କର ବ୍ୟବସାୟିକ ପରିଯୋଜନାରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ଆଇଟି ପ୍ରଫେସନାଲ, ଆର୍ମି ଭେଟେରାନ୍, ସରକାରୀ କର୍ମଚାରୀଙ୍କୁ ବିଗିଜ୍ ବର୍ଗରର୍ ଫ୍ରାଞ୍ଚାଇଜ୍ ପ୍ରଦାନ କରିଛି। ଉତ୍ତମ ଗୁଣବତ୍ତାକୁ ସର୍ବାଗ୍ରେ ରଖୁଥିବା ବିଗିଜ୍ ବର୍ଗର୍ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ପୋଷଣଯୁକ୍ତ ଶୁଦ୍ଧ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ଉପରେ ବିଶ୍ୱାସ ରଖେ। ଫାଷ୍ଟଫୁଡ୍ ବ୍ରାଣ୍ଡଗୁଡ଼ିକ ମେଟ୍ରୋ ସହରରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ବିରଜା ଟାଏର-୨ ଓ ଟାଏର-୩ ସହରକୁ ଗୁରୁତ୍ୱ ଦେଇଥା'ନ୍ତି। ପ୍ରତି ତିନିମାସରେ ୨୫ ନୂଆ ଷ୍ଟୋର ଖୋଲିବାର ସେ ଲକ୍ଷ୍ୟ ରଖିଛନ୍ତି। ବର୍ଗର୍ ବ୍ୟତୀତ ବିଗ୍‌ଗାଏଜ୍ ୱିଙ୍ଗସ୍ ଆଣ୍ଡ୍ ବର୍ଗରସ୍ ନାମରେ ନୂଆ ଭେଞ୍ଚର ପ୍ରତିଷ୍ଠା କରି ବଗର୍ ସହ ଅନ୍ୟାନ୍ୟ ଖାଦ୍ୟ ଓ ପାନୀୟକୁ ସ୍ଥାନ ଦେଇଛନ୍ତି। ତାଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ମେଣ୍ଟାଇବାକୁ ରାସ୍ତା ପ୍ରଶସ୍ତ କରିଛି। ଦିନକୁ ଦିନ ବିଗିଜ୍ ବର୍ଗର ବ୍ୟବସାୟ ବିସ୍ତାର କରିଚାଲିଥିବାବେଳେ ଭାରତର ନିଜସ୍ୱ ବର୍ଗର୍‌କୁ ବିଶ୍ୱସ୍ତରରେ ପରିଚିତ କରାଇବା ବିରଜାଙ୍କ ଲକ୍ଷ୍ୟ ରହିଛି।

## ସାରା ଭାରତକୁ ଗର୍ବିତ କରିଛନ୍ତି ଓଡ଼ିଆ ଉଦ୍ୟୋଗୀ

କେନ୍ଦୁଝରରୁ ବେଙ୍ଗାଲୁରୁ ଏବଂ ଆଇଟି କ୍ଷେତ୍ରରୁ ଖାଦ୍ୟ ଶିଳ୍ପ ଯାଏ ବିରଜାଙ୍କ ଏହି ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶର ଯୁବଉଦ୍ୟୋଗୀଙ୍କୁ ସେ ସଫଳତାର ବାଟ ଦେଖାଇଛନ୍ତି। ଉତ୍ତମ ଭାବନା ସହ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ରହିଲେ ସବୁ କିଛି ସମ୍ଭବ କରିପାରେ ବୋଲି ବିରଜା ପ୍ରମାଣିତ କରିଛନ୍ତି।


ବିରଜା ରାଉତ

# ମାର୍ଚ୍ଚରେ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୪।୪

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ମାସିକ ଗାଡ଼ି ବିକ୍ରି ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀର ମୋଟ୍ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି ହୋଇଛି। ବିଶେଷକରି ଘରୋଇ ବଜାରରେ ୪,୦୧,୪୧୧ ୟୁନିଟ୍ ବିକ୍ରି ହୋଇଥିଲାବେଳେ ୨୬,୦୩୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ୍ ୫୮,୩୧,୧୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି, ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ୧୯% ଅଭିବୃଦ୍ଧି ହାସଲ କରିଛି। ଏଥିମଧ୍ୟରେ ୫୩,୨୬,୦୯୨ ୟୁନିଟ୍ ଘରୋଇ ବଜାରରେ ବିକ୍ରି ହୋଇଥିଲାବେଳେ ୫,୦୫,୦୧୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିଲା।

# ଆଜିଠାରୁ ରିଲାଏନ୍ସ ଡିଜିଟାଲର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'

ଭୁବନେଶ୍ୱର,୪।୪




ରିଲାଏନ୍ସ ଗ୍ରୁପ୍‌ର ସହାୟକ କମ୍ପାନୀ ତଥା ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ଏବଂ ସ୍ୱତନ୍ତ୍ର ସେଲ୍‌ସ ୨୦୨୫ ଏପ୍ରିଲ ୫ରୁ ଆରମ୍ଭ ହେଉଛି। ସେହିଭଳି ଭାରତର ସବୁଠାରୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ ଉପରେ କମ୍ପାନୀ ଅଗ୍ରଣୀ ବ୍ୟାଙ୍କ କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ପ୍ରାୟ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫରଗୁଡ଼ିକ ୨୦୨୫ ଏପ୍ରିଲ ୨୦ ପର୍ଯ୍ୟନ୍ତ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ରିଲାଏନ୍ସ ଡିଜିଟାଲ୍‌ର ଅଫ୍‌ଲାଇନ ଷ୍ଟୋର ଏବଂ ମାଇ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ reliance-digital.in ରେ ବୈଧ ରହିଛି। ସେହିପରି ସହଜ ଫାଇନାନ୍ସିଂ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତତମ ବିତରଣ ଏବଂ ସଂସ୍ଥାପନ ସହ ଭାରତ ପାଇଁ ଅପ୍‌ଗ୍ରେଡ୍ କରିବାର ଠିକ୍ ସମୟ ଆସିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ, ୪।୪: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୩୧(୯୩୦.୬୭) ପଏଣ୍ଟ ହ୍ରାସ ଘଟି ୭୫,୩୬୫(୭୫,୩୬୪.୬୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୬(୩୪୫.୬୫) ପଏଣ୍ଟ କମି ୨୨,୯୦୪(୨୨,୯୦୪.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ହ୍ରାସ ଘଟିଛି।

# ବିଜିୟୁ ୯ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୪

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୯ମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଅହମ୍ମଦାବାଦ ୟୁନିଭର୍ସିଟିର ଏକ୍‌ଜିକ୍ୟୁଟିଭ ପ୍ରୋଭୋଷ୍ଟ ଏବଂ ଆଇଆଇଏମ୍ ବାଙ୍ଗାଲୋର ଏବଂ ଆଇଆଇଏମ୍ ଅହମ୍ମଦାବାଦର ପୂର୍ବତନ ପ୍ରଫେସର ଦେବନାଥ ତିରୁପତି ପ୍ରତିଷ୍ଠା ଦିବସ ଉପରେ ନିଜର ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଦେଶରେ ଉଚ୍ଚଶିକ୍ଷାର ବିକାଶ ଉପରେ ବିସ୍ତୃତ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପୂର୍ବରୁ ଏବଂ ପରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ମଧ ଦେଶରେ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ବିର୍ଲା ପରିବାରର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ୟୁନିଭର୍ସିଟିର ପ୍ରତିଷ୍ଠାତାମାନଙ୍କର ପ୍ରଶଂସା କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ସହ ୟୁନିଭର୍ସିଟି ପରିବର୍ତ୍ତନଶୀଳ ଯାତ୍ରା ଉପରେ ଗୁରୁତ୍ୱାରୋପକରି ଏହାର ଅଭିବୃଦ୍ଧି ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜିୟୁ ପକ୍ଷରୁ ୪୧ ଜଣ ଫାକଲ୍ଟି ଏବଂ କର୍ମଚାରୀଙ୍କୁ ସେମାନଙ୍କର ଦୀର୍ଘ ୧୦ ବର୍ଷର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୟୁନିଭର୍ସିଟିର ମାଗାଜିନ୍ ଇନ୍ଦ୍ରଧନୁଷ୍‌ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଜିୟୁ ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜିୟୁ ପକ୍ଷରୁ ୪୧ଟି ବୃକ୍ଷରୋପଣ କରାଯାଇଥିଲା ଯାହା ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତର ପ୍ରତୀକ ଥିଲା। ଏହି ପ୍ରତିଷ୍ଠା ଦିବସ ସମାରୋହ ବିଜିୟୁର ସମୃଦ୍ଧ ଐତିହ୍ୟ, ଶୈକ୍ଷିକ ଉତ୍କର୍ଷ ଓ ଶିକ୍ଷାଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ବିଏସ୍‌ଏସ୍‌ସିସିଆର୍‌ଆଇର ପ୍ରଥମ ବାର୍ଷିକୀ ଉତ୍ସବ



ଖବରଦାତା ସମ୍ମିଳନୀକୁ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

- ସିସିଆର୍‌ଆଇର ସମ୍ପ୍ରସାରଣ
- ଖୁବ୍‌ଶୀଘ୍ର ବିଏମ୍‌ଟି ସେଣ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୪।୪ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ କ୍ୟାନ୍‌ସର ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍‌ସର ଫାଉଣ୍ଡେଶନ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରମୁଖ ୟୁନିଟ୍ ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ବା ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ପ୍ରଥମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇର କ୍ୟାନ୍‌ସର କେୟାର ଆଣ୍ଡ ରିସର୍ଚ୍ଚ ଇନ୍‌ଫ୍ରାଷ୍ଟ୍ରକ୍ଚର (ସିସିଆର୍‌ଆଇ)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଖୁବ୍‌ଶୀଘ୍ର ବିଏସ୍‌ଏସ୍‌ସିସିଆର୍‌ଆଇରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ (ବିଏମ୍‌ଟି) ସେଣ୍ଟରର ଶୁଭାରମ୍ଭ କରାଯାଉଛି ବୋଲି ଚିକିତ୍ସାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ ପ୍ରେସ୍‌କ୍ଲବରେ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଏସ୍‌ଏସ୍‌ସିସିଆର୍‌ଆଇର ବରିଷ୍ଠ ଅଧିକାରୀ ନାଗରାଜଙ୍କ ସମେତ ଡା. ଲଲାଟେନ୍ଦୁ ଷଡଙ୍ଗୀ, ଡା. ବି.ଏସ୍. ଶ୍ରୀନାଥ ଏବଂ ଡା. ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆମେ ନିକଟରେ ପ୍ରଥମ ପୂର୍ତ୍ତି ଉତ୍ସବ ପାଳନ କରିଛୁ। ଏହି ବର୍ଷକ ମଧ୍ୟରେ ଆମେ ଅନେକ ଉପଲବ୍ଧ ହାସଲ ସହ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ବର୍ଷକ ମଧ୍ୟରେ ଆମେ ୫୦୦୦ରୁ ଅଧିକ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ଓ ସେବା ଯୋଗାଇଦେଇଛୁ। ଆଗାମୀ ଦିନରେ ଆମେ ନୂଆ ନୂଆ ସେବା ଓ ସୁବିଧା ମଧ ଉପଲବ୍ଧ କରାଇବୁ। ଫଳରେ ଓଡ଼ିଶା ଓ ଓଡ଼ିଶା ନିକଟବର୍ତ୍ତୀ ରାଜ୍ୟର ରୋଗୀ ବାହାର ରାଜ୍ୟକୁ ଆଉ ଯାଇ ଅତିରିକ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ସମସ୍ୟାରେ ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରୟାସ ଆରମ୍ଭ କରିଛୁ।

# ବଲାଙ୍ଗୀରରେ ଆକାଶର ନୂତନ ଶାଖା


ମୁଖ୍ୟଅତିଥି ପୌରାଧକ୍ଷା ଲିକା ସାହୁ ଆକାଶର ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ (ଆକାଶ)ର ନୂତ ଶାଖା ବଲାଙ୍ଗୀର ଠାରେ ଆରମ୍ଭ ହୋଇଛି। ପୌରାଧକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆକାଶର ଏକାଡେମିକ୍ ଡାଇରେକ୍ଟର ରାଜୀବ ନୟନଙ୍କ ସମେତ ଅଜୟ ଦାସ, ପ୍ରଭାତ କୁମାର ଛତୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମେଡିକାଲ, ଆଇଆଇଟି, ଜେଇଇ ପରୀକ୍ଷା ପାଇଁ କୋଚିଂ ଦିଆଯିବା ସହ ଷଷ୍ଠରୁ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଫାଉଣ୍ଡେଶନ୍ କୋର୍ସ କୋଚିଂ ଆରମ୍ଭ କରାଯିବ।

# ଜେଏସ୍‌ଏଲ୍‌ରେ ପରିବେଶ ମାସ ପାଳିତ

ଭୁବନେଶ୍ୱର,୪।୪




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ପ୍ଲାଣ୍ଟ ପରିସରରେ ପରିବେଶ ମାସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍ ପକ୍ଷରୁ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ, ବିଶ୍ୱ ଜଳ ଦିବସ ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ ଅନ୍ତର୍ଭୁକ୍ତ ରହିଥିଲ। ଏପରିକି କମ୍ପାନୀର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୂଳ ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ଚାରା ବଣ୍ଟନ ଅଭିଯାନ ସହ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସ୍‌ଏଲ୍ ପ୍ଲାଣ୍ଟ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ମଧ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧିକରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ। ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ଜେଏସ୍‌ଏଲ୍‌ର ଏନ୍‌ଜିଓ ସହଭାଗୀ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା।

ଏହି ଅବସରରେ ଯାଜପୁରର ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ପରିବେଶଗତ ସ୍ଥିରତା ପ୍ରତି ଧ୍ୟାନ ଆମ କାର୍ଯ୍ୟର ମୂଳ ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଏବଂ ଆମେ ଆମର ପରିବେଶ ଗତ ପ୍ରଭାବ ହ୍ରାସ କରିବାକୁ ପ୍ରତିବଦ୍ଧ ରହିଛୁ।

# ଆଇଟିଏସ୍ ଜରିଆରେ ୬୦%ରୁ ଅଧିକ ମାଲ ପରିବହନ

ଭୁବନେଶ୍ୱର,୪।୪




ମାଲ ପରିବହନ କ୍ଷେତ୍ରରେ ଟ୍ରକ୍‌ର ଆବଶ୍ୟକତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଇଣ୍ଡିଆନ ଟ୍ରକିଂ ସେକ୍ଟର (ଆଇଟିଏସ୍)ର ଆବଶ୍ୟକତା ବର୍ତ୍ତମାନ ମଧ ପୂର୍ବପରି ବଳବତ୍ତର ରହିଛି। ଭାରତର ଟ୍ରକ୍ ଉପଯୋଗୀ କ୍ଷେତ୍ର ଦେଶର ୬୦%ରୁ ଅଧିକ ମାଲ ପରିବହନ ସହ ଦ୍ରୁତ ବିସ୍ତାର ପାଇଁ ପ୍ରସ୍ତୁତ ମଧ ହେଉଛି। ସେହିଭଳି ନୀତି ଆୟୋଗର ତଥ୍ୟ ଅନୁଯାୟୀ ୨୦୫୦ ମଧ୍ୟରେ ମାଲ ପରିବହନର ଚାହିଦା ଚତୁର୍ଦ୍ଦିଗରେ ବ୍ୟାପିବାର ଯଥେଷ୍ଟ ଆଶା କରାଯାଉଛି, ଯେହେତୁ ଟ୍ରକ୍ ସଂଖ୍ୟା ୨୦୨୨ ବର୍ଷର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏପରିକି ଅର୍ଥନୈତିକ ବିକାଶରେ ଏହି ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ଘର୍ଷଣଜନିତ ବୃଦ୍ଧି ପାଇଁ ଚିନ୍ତାର କାରଣ ହୋଇଛି, ଯେହେତୁ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣରେ ଟ୍ରକ୍‌ଗୁଡ଼ିକର ସ୍ଥିତି ତୃତୀୟ ସ୍ଥାନରେ ରହିଛି।

ସେହିପରି ମାଲ ପରିବହନର ଚାହିଦା ୨୦୫୦ ବେଳକୁ ଚତୁର୍ଦ୍ଦିଗରେ ବ୍ୟାପକ ହେବା ସହିତ ଟ୍ରକ୍ ସଂଖ୍ୟା ୨୦୨୨ର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ବୃଦ୍ଧି ଆଶା ରହିଛି। ତଥ୍ୟ ମୁତାବକ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣର ସ୍ଥିତି ତୃତୀୟ ସ୍ଥାନରେ ଥିବାବେଳେ ଅଣକାର୍ବନୀକରଣକୁ ବ୍ୟବସାୟିକ ଭାବେ ତଥା ପରିବେଶ ଅଗ୍ରାଧିକାର ଭିତ୍ତିକ ଭାବରେ ପ୍ରସ୍ତୁତ କରାଯାଉଛି।

ଏ ସମ୍ପର୍କରେ ଟାଟା ମୋଟର୍ସର ଉପାଧକ୍ଷ ଏବଂ ବାଣିଜ୍ୟିକ ମୁଖ୍ୟ (ଟ୍ରକ୍ସ) ରାଜେଶ କୌଲ କହିଛନ୍ତି, ବିବିଧ ଇନ୍ଧନ ରଣନୀତି ସହ ଟାଟା ମୋଟର୍ସ ଏହି ପରିବର୍ତ୍ତିତ ଧାରାକୁ ବଜାର ରଖିଛି। ଯେଉଁ ଦିଗରେ କାର୍ଯ୍ୟ କରିବାକୁ ଆମକୁ ଆହୁରି ଆଗକୁ ବଢ଼ାଇଛି, ସେଗୁଡ଼ିକ ହେଉଛି ସମନ୍ୱିତକାରୀ ବ୍ୟାଟେରି-ଇଲେକ୍ଟ୍ରିକ୍, ଏଲ୍‌ଏନ୍‌ଜି ଏବଂ ହାଇଡ୍ରୋଜେନ କ୍ଷମତାଶାଳୀ ଟ୍ରକ୍, ଯାହାକି ବିବିଧ କାର୍ଯ୍ୟକାରୀ ଆବଶ୍ୟକତାକୁ ପୂରଣ କରିପାରିବ। ଟ୍ରକ୍ କ୍ଷେତ୍ରରେ କେବଳ ଗୋଟିଏ ପରିସରକୁ ନେଇ କାର୍ଯ୍ୟ ସମ୍ପାଦନ ଯଥେଷ୍ଟ ନୁହେଁ। ସଂକ୍ଷିପ୍ତ ରହଣି କାର୍ଯ୍ୟକାରିତା ପାଇଁ ଏହାକୁ ବ୍ୟବହାର କରାଯିବ। ଯେହେତୁ ବ୍ୟାଟେରି ପରିଚାଳିତ ବୈଦ୍ୟୁତିକ ଟ୍ରକ୍ ଆଦର୍ଶ, ସିଏନ୍‌ସି, ଏଲ୍‌ଏନ୍‌ଜି ତଥା ହାଇଡ୍ରୋଜେନ୍ ପ୍ରଦାନକାରୀ ସକ୍ଷମ ସମାଧାନ ଦୂର ରହଣି ମାଲ ପରିବହନ କାର୍ଯ୍ୟକାରିତା ପାଇଁ ସର୍ବୋତ୍କୃଷ୍ଟ ରହିଛି। ହାଇଡ୍ରୋଜେନ୍ କ୍ଷମତାଯୁକ୍ତ ଟ୍ରକ୍ ପ୍ରଣାଳୀ ବ୍ୟବସ୍ଥା ଲମ୍ବା ଅବଧି ଲକ୍ଷ୍ୟକୁ ଧରି ରଖିବା ସହିତ ବଡ଼ ଧରଣର ଗ୍ରହଣୀୟତା ଧୀର ମନ୍ଥର ହୋଇଛି। ଏଥିସହ ପ୍ରାକୃତିକ ଗ୍ୟାସ୍ ସମୂହ ଏବଂ ହାଇଡ୍ରୋଜେନ୍ ଇଣ୍ଟରନାଲ କମ୍ବସନ ଇଞ୍ଜିନ (ଏଚ୨-ଆଇସିଇ) ଜ୍ଞାନକୌଶଳ ଆଗାମୀ ଅବଧିରେ ପରିବର୍ତ୍ତନ ପାଇଁ ଯଥେଷ୍ଟ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ‘ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମ୍ବେଦନଶୀଳତା ଜରୁରୀ’

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଅନୁଷ୍ଠିତ ହେଉଛି ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍। ଏଥିରେ ଦେଶର ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ବାହାରୁ ସହଜ ମନେ ହେଉଥିଲେ ହେଁ ଏହି ଟୁର୍ଣ୍ଣାମେଣ୍ଟରେ ନିୟମ ଅନୁସାରେ ଗୋଟି ଚାଳନା ଏବଂ ଅନ୍ୟାନ୍ୟ ଔପଚାରିକତା ପୂରଣ କେତେ ଯେ କଷ୍ଟକର ତାହା କେବଳ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରିପାରିବ। ଏହି ଖେଳାଳିଙ୍କ ମଧ୍ୟରୁ ଅନେକେ


ଶିଳ୍ପୀ ସାହୁ

ଉଚ୍ଚଶିକ୍ଷିତ। ତେଣୁ ସେମାନଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଆବଶ୍ୟକ ବୋଲି ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ଚେୟାରପର୍ସନ ଶିଳ୍ପୀ ସାହୁ। ‘‘ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମସ୍ତେ ସମ୍ବେଦନଶୀଳ ହେବା ଆବଶ୍ୟକ। ଦୃଷ୍ଟିଶକ୍ତି ନ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି ପ୍ରମାଣିତ କରୁଛନ୍ତି। ଅନ୍ତର୍ଜାତୀୟ ଦୃଶ୍ୟପଟରେ ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରୁଛନ୍ତି। ଏଠାରେ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୪ ଖେଳାଳି ଏଥିରେ ଖେଳୁଛନ୍ତି। ସେମାନେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। ଦୟା ନୁହେଁ, ଦୃଷ୍ଟିବାଧିତ ପିଲାମାନଙ୍କୁ କିପରି ସମବେଦନା ଭାବ ଦେଖାଯିବା ଆବଶ୍ୟକ ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଆମେ ସ୍କୁଲ ପିଲାମାନଙ୍କୁ ଶିଖାଇବାକୁ ଚାହୁଁଛୁ। ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ ପକ୍ଷରୁ ଅନୁରୋଧ ମିଳିବା ପରେ ଆମେ ପ୍ରଥମଥର ଆମ ସ୍କୁଲରେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ନେଲୁ। ପାଠପଢ଼ା ସହ ସେମାନେ ଖେଳରେ ଯେ ଖୁବ୍ ପାରଙ୍ଗମ ତାହା ପ୍ରଦର୍ଶନ ମାଧ୍ୟମରେ ପ୍ରମାଣିତ କରିଛନ୍ତି’’ ବୋଲି ଶିଳ୍ପୀ ପ୍ରକାଶ କରିଛନ୍ତି।

### ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ

‘‘ସ୍କୁଲରେ ପିଲାମାନଙ୍କର ଅଲ୍‌ରାଉଣ୍ଡ ଅର୍ଥାତ୍ ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଫିଜିକାଲ ଫିଟ୍‌ନେସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସ୍କୁଲରେ ପିକେଲବଲ ଆରମ୍ଭ ହୋଇଯାଇଛି। ଇକ୍ୱେଷ୍ଟ୍ରେନ ସ୍ପୋର୍ଟ୍ସ ଆସନ୍ତା ବର୍ଷରୁ ଆରମ୍ଭ ହେବାକୁ ଯାଉଛି। ଏକ କ୍ରିକେଟ ଗ୍ରାଉଣ୍ଡ ଡେଭଲପ୍ କରାଯାଉଛି। ସେଠାରେ ଭଲ କୋଚ୍‌ଙ୍କ ମାଧ୍ୟମରେ ପିଲାଙ୍କୁ କୋଚିଂ ଦିଆଯିବ। ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ ଆଦି କ୍ରୀଡ଼ା ସହ ନବନିର୍ମିତ ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ କ୍ରୀଡ଼ା ମଧ୍ୟ ଆରମ୍ଭ ହୋଇଛି। ଫିଫା ସାର୍ଟିଫାଏଡ୍ ଫୁଟବଲ ପଡ଼ିଆ ଉପଲବ୍ଧ ଅଛି। ଓଡ଼ିଶା ଏଫ୍‌ସି ସହିତ ଟାଏଅପ୍ ହୋଇଥିବାରୁ ସେମାନଙ୍କ କୋଚ୍ ଆମ ସ୍କୁଲ ପିଲାଙ୍କ ସହ ବାହାର ପିଲାଙ୍କୁ ମଧ୍ୟ ଉନ୍ନତ ମାନର କୋଚିଂ ଦେଉଛନ୍ତି। ପିଲାମାନଙ୍କୁ ପାଠ ସହ ଗୋ ମାତା ପ୍ରତି ଯତ୍ନଶୀଳ ହେବା ପାଇଁ ଆମେ ଏକ ଗୋଶାଳା ଆରମ୍ଭ କରିବାକୁ ଯାଉଛୁ। ଏହାଦ୍ୱାରା ପଶୁମାନଙ୍କ ପ୍ରତି ମଧ୍ୟ ପିଲାମାନଙ୍କର ସହାନୁଭୂତି ବଢ଼ିବ। ମୋଟାମୋଟି ଭାବେ ପାଠପଢ଼ା ସହ କ୍ରୀଡ଼ାର ଏକୀକରଣକୁ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲରେ ଜାତୀୟ ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା


ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ଗୋଟି ଚାଳନା କରି ୬ଷ୍ଠ ରାଉଣ୍ଡ ମ୍ୟାଚର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ସମ୍ପ୍ରତି ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାଲିଥିବାବେଳେ ଶୁକ୍ରବାର ଜାତୀୟ ସ୍ତରର ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, କର୍ଣ୍ଣାଟକର କିଶନ ଗାଙ୍ଗୋଲି ଓ କୃଷ୍ଣ ଉଡୁପା, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ, ସ୍ୱପ୍ନିଲ ଶାହା, ବୈଶାଳୀ ସାଲୱାଙ୍କର, ଗୁଜରାଟର ଦର୍ଶନ ଇନାନି ଓ ମକୱାନା ଅଶ୍ୱିନ କେ.ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ‘‘ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ବୁଦ୍ଧି ପ୍ରକୃତ ପ୍ରେରଣାଦାୟକ। ଚେସ୍ ଏପରି ଏକ ଖେଳ, ଯେଉଁଥିରେ ରଣନୀତି, ଧୈର୍ଯ୍ୟ ଓ ଦୃଢ଼ତା ଆବଶ୍ୟକ ଥାଏ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଚାମ୍ପିୟନମାନେ ଏହାକୁ ବଜାୟ ରଖିଛନ୍ତି’’ ବୋଲି ଚନ୍ଦ୍ରଭାନୁ ପ୍ରକାଶ କରିଛନ୍ତି।

### ଇନାନୀ ଏକକ ଅଗ୍ରଣୀ

ପ୍ରତିଯୋଗିତାର ୬ ରାଉଣ୍ଡ ଶେଷସୁଦ୍ଧା ଗୁଜରାଟର ଇନାନୀ ଦର୍ଶନ ୫.୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ କର୍ଣ୍ଣାଟକର କିଶନ ଗାଙ୍ଗୋଲି ୫ ପଏଣ୍ଟ ଲେଖାଏଁ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଦୁଇ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୪.୫ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ ପଏଣ୍ଟ ପାଇ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଶୁଭେନ୍ଦୁ କୁମାର ପାତ୍ର ୩.୫ ଓ ଦୀପକ କୁମାର ଭୋଇ ୨ ପଏଣ୍ଟ ପାଇଛନ୍ତି।

# ନକ୍ ଆଉଟ କାର୍ଯ୍ୟସୂଚୀ ଘୋଷିତ

**କଳାହାଣ୍ଡି କପ୍ କ୍ରିକେଟ**

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

ଓସିଏ ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ୫୦ଓଭର ବିଶିଷ୍ଟ ତଥା ଦିନକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରଫାଇନାଲ ଏପ୍ରିଲ ୭ରେ ଡ୍ରିମ୍ କ୍ରିକେଟ ଗ୍ରାଉଣ୍ଡରେ [illegible] ଓ ଭୁବନେଶ୍ୱର ‘ବି’ ମଧ୍ୟରେ ଖେଳାଯିବ। ସେହିଦିନ କଟକ ‘ଏ’ ଓ ଭଦ୍ରକ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯିବ। ସେହିପରି ଏହି ଦିନ ବାରବାଟୀ ଷ୍ଟାଡିୟମରେ ତୃତୀୟ କ୍ୱାର୍ଟରଫାଇନାଲ ସୁନ୍ଦରଗଡ଼ ଓ ବାଲେଶ୍ୱର ମଧ୍ୟରେ ହେବ। ସନ୍ ସାଇନ୍ ଗ୍ରାଉଣ୍ଡରେ ରାଉରକେଲା ଓ ଭୁବନେଶ୍ୱର ‘ଏ’ ମଧ୍ୟରେ ୪ର୍ଥ କ୍ୱାର୍ଟରଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ଯାକ ସେମିଫାଇନାଲ ଏପ୍ରିଲ ୮ରେ ହେବ। ପ୍ରଥମଟି ରେଭେନ୍ସା ଗ୍ରାଉଣ୍ଡ-୧ରେ କ୍ୱାର୍ଟରଫାଇନାଲ ୧ ଓ ୩ରୁ ବିଜେତାଙ୍କ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟଟି ବାରବାଟୀ ଷ୍ଟାଡିୟମରେ ୨ୟ ଓ ୪ର୍ଥ କ୍ୱାର୍ଟରଫାଇନାଲ ବିଜେତାଙ୍କ ମଧ୍ୟରେ ଖେଳାଯିବ। ଏପ୍ରିଲ ୯ରେ ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଜଗମୋହନ ଉପସଭାପତି ନିର୍ବାଚିତ


ଓସିଏ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ଗହଣରେ ନବନିର୍ବାଚିତ ଉପସଭାପତି ଜଗମୋହନ ପଟ୍ଟନାୟକ।

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

କଟକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗମୋହନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା କହିବାକୁ ଗଲେ ଏପ୍ରିଲ ୪ରେ ଶେଷ ହୋଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତି (ସଭାପତି), ସଞ୍ଜୟ ବେହେରା (ସମ୍ପାଦକ), ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ) ଓ ବିକାଶ ପ୍ରଧାନ (କୋଷାଧ୍ୟକ୍ଷ)ଙ୍କ ସମେତ ଓସିଏର ସମସ୍ତ ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ।

# କିଟ୍ ମହିଳା କ୍ରିକେଟ ଦଳ କ୍ୱାର୍ଟରରେ


ଅଫିସିଆଲଙ୍କ ସହ କିଟ୍ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

କିଟ୍ ବିଶ୍ୱବିଦ୍ୟାଳୟ ଏଠାରେ ଚାଲିଥିବା ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଥମ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଏହି ଦଳ ୨୩ ରନରେ ଶିବାଜୀ ୟୁନିଭର୍ସିଟିକୁ ହରାଇ ଦେଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହାୟତାରେ କିଟ୍ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତା ଏପ୍ରିଲ ୧୧ରେ ଶେଷ ହେବ। ଏଥିରେ ଦେଶର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଗୋଟିଏ ଓଭରରେ ଦୁଇ ହାତରେ ବୋଲିଂ

**ନୂଆଦିଲ୍ଲୀ,୪।୪:** ଶ୍ରୀଲଙ୍କାର କାମିଣ୍ଡୁ ମେଣ୍ଡିସ ଗୁରୁବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ପାଇଁ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ପ୍ରଥମ ଆଇପିଏଲ୍ ମ୍ୟାଚରେ ସେ ଦୁଇ ହାତରେ ସ୍ପିନ ବୋଲିଂ କରିବାର ଦକ୍ଷତା ଦ୍ୱାରା ଉଭୟ ବ୍ୟାଟର ଓ ଫ୍ୟାନ୍ସଙ୍କୁ ଚକିତ କରିଛନ୍ତି। କେକେଆର୍ ଇନିଂସର ୧୩ତମ ଓଭରରେ ବୋଲିଂ କରିବାକୁ ଆସିଥିବା କାମିଣ୍ଡୁ ଡାହାଣ ହାତୀ ବ୍ୟାଟର ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ବାମହାତୀ ଅର୍ଥଡକ୍ସ ସ୍ପିନ ବୋଲିଂ କରିଥିଲେ। ରଘୁବଂଶୀ ପ୍ରଥମ ବଲରେ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ବଲ ଖେଳିବାକୁ ବାମହାତୀ ବ୍ୟାଟର ଭେଙ୍କଟେଶ ଆୟାର ଷ୍ଟ୍ରାଇକ୍‌କୁ ଆସିଥିଲେ। ଏହା ଦେଖି କାମିଣ୍ଡୁ ଡାହାଣ ହାତୀ ଅଫ ସ୍ପିନ ବୋଲିଂ କରିଥିଲେ। ଓଭରର ତୃତୀୟ ବଲରେ ଅର୍ଦ୍ଧଶତକ କରିଥିବା ରଘୁବଂଶୀଙ୍କୁ ଆଉଟ୍ କରି ତାଙ୍କ ଆଇପିଏଲ୍ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ନୂଆ ବ୍ୟାଟର ରିଙ୍କୁ ସିଂଙ୍କୁ ସେ ପୁଣି ଡାହାଣ ହାତରେ ଅଫ ସ୍ପିନ ବୋଲିଂ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମେଣ୍ଡିସ ଟେଷ୍ଟ ଇତିହାସର ପ୍ରଥମ କ୍ରିକେଟର ଭାବେ ପ୍ରଥମ ୮ ଟେଷ୍ଟରେ ପ୍ରତ୍ୟେକ ଥର ଅର୍ଦ୍ଧଶତକ ହାସଲ କରିଥିଲେ।

No.C-14

**CUTTACK MUNICIPAL CORPORATION**

**“e” PROCUREMENT NOTICE**

**Tender ID : 2025_ORULB_112127**

**Bid Reference No. MC(CMC)CTC_Div-I_No.1/2025-26**

**Tender Call Notice No. 4494 (PW) Date : 02.04.2025**

Name of Works : Civil Works
No. of Works : 14 Nos.
Bid Value : Rs.2.46 Lakh to Rs.47.41 Lakh
Period of Completion : One Calendar Month to Three Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on dt.04.04.2025 | 5.00 P.M. on dt.16.04.2025 | 11.00 A.M. on dt.21.04.2025 |

Tender Details : Can be seen from the procurement portal : www.tendersorissa.gov.in

Executive Engineer
City Div-I

OIPR-13031/11/0161/2425

**OCAC** ODISHA COMPUTER APPLICATION CENTRE
**EXPRESSION OF INTEREST**
Enq.No.:-OCAC-SEGP-INFRA-0035-2025-25043

**No.U-01:** Odisha Computer Application Centre (OCAC) invites Expression of Interest (EOI) from prospective bidders (‘Bidders’) for the setting up of an AI Lab for training and knowledge management at Gopabandhu Academy of Administration(GAA) in Odisha. For details please visit websites www.ocac.in & www.odisha.gov.in.

The bid shall be submitted in electronic mode only in the portal **https://enivida.odisha.gov.in** latest by **21.04.2025, 12.00 Noon.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

OIPR-16003/11/0074/2425

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

**No.g-01:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା ୧୮.୦୧.୨୦୨୫ ରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ଆଇ.ବି. ରୋଡ୍ ବଉଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଘରର ଶିଡି ପାହାଚରେ ଏକ ନବଜାତ ଶିଶୁପୁତ୍ର ପଡ଼ିଥିବାର ଉକ୍ତ ଘରେ ଭଡ଼ାରେ ରହୁଥିବା ଲୋକମାନେ ଦେଖିବାକୁ ପାଇଥିଲେ । ସେମାନେ ଘର ମାଲିକଙ୍କୁ ଫୋନ୍ ଯୋଗେ ଏ ସମ୍ପର୍କରେ ଜଣାଇବା ପରେ ଉକ୍ତ ଘର ମାଲିକ ଜଗତପୁର ଥାନାକୁ ଖବର ଦେଇଥିଲେ । ଏହାସହିତ ସେ ଶିଶୁଟିକୁ କଟକସ୍ଥିତ ବଡ଼ ଡାକ୍ତରଖାନାର



ଏସ୍.ଏନ୍.ସି.ୟୁ. ୱାର୍ଡରେ ଚିକିତ୍ସା ପାଇଁ ପ୍ରବେଶ କରାଇଥିଲେ । ଶିଶୁଟି ୧୮.୦୧.୨୦୨୫ ଠାରୁ ୦୩.୦୨.୨୦୨୫ ରିଖ ପର୍ଯ୍ୟନ୍ତ ଚିକିତ୍ସା ଅବସ୍ଥାରେ ଥିଲା । ଏହି ବାବଦରେ ବଡ଼ ଡାକ୍ତରଖାନା ଅଧକ୍ଷ ଶିଶୁ ମଙ୍ଗଳ କମିଟି, କଟକଙ୍କୁ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ଜଣାଇଥିଲେ । ଶିଶୁଟି ବର୍ତ୍ତମାନ ସୁସ୍ଥ ହୋଇ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୦୨୬/୨୦୨୫, ତା ୦୩.୦୨.୨୦୨୫ ରିଖଠାରୁ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି । ଏହି ଶିଶୁଟିର ନାମ ସାଇସ୍ମୃତି । ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ୱା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକଟୋରିଏଟ୍ କ୍ୟାମ୍ପସ୍, କଟକ – ୭୫୩୦୦୨ କିମ୍ୱା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧ – ୨୫୦୯୦୦୯ କିମ୍ୱା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ – ୭୫୪୦୭୧, ଫୋନ୍ ନଂ.– ୯୭୭୭୬୪୪୦୬ କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ପରନ୍ତୁ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ – ୨୦୧୫ (ସଂଶୋଧିତ – ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

OIPR-33038/11/0018/2425

**DHARANIDHAR UNIVERSITY, KEONJHAR**

**Letter No.1051 / Dt. 03.04.2025**

**Advertisement**

**No.CAD-18** : Sealed tenders are invited from the Registered Man Power Service Providers/ Agencies through Registered/ Speed Post for providing man powers in Group D category under outsourcing mode for a period of one year from 01.05.2025 to 30.04.2026 at Dharanidhar University. The details of advertisement is available in our website https://dduniversity.ac.in.

The University authority reserves the right to cancel the advertisement at any time without assigning any reason thereof.

Last date : 22.04.2025 by 5.00 P.M.

Sd./- Registrar
Dharanidhar University, Keonjhar

OIPR-11126/11/0010/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No.O-07:

**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/42-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 42-2024-25/BPR | Road Works under MMSY-TRIP | 02 Nos. | From Rs.506.27 Lakhs to Rs.802.93 Lakhs | “A” Class, “Special” Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/42-2024-25/BPR | 11.04.2025 at 10.00 A.M. | 25.04.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

OIPR-25071/11/0078/2425
Sd./- Chief Construction Engineer, R.W.Circle, Berhampur

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

**ବିଜ୍ଞାପନ**

| | | | |
|---|---|---|---|
| କନେଷ୍ଟେବଳ ନମ୍ବର | - ୭୩୩ ସନାତନ ବେହେରା | | |
| ପିତା | - ହାଡ଼ିବନ୍ଧୁ ବେହେରା | ଥାନା | - ଫତେଗଡ଼ |
| ଗ୍ରାମ | - କୁଆହରା | ଜିଲ୍ଲା | - ନୟାଗଡ଼ |
| ପୋଷ୍ଟ | - ଜଗନ୍ନାଥ ପ୍ରସାଦ | ପିନ୍ | - ୭୫୨୦୭୭ |

**No.D-04:-** ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କ ବିରୁଦ୍ଧରେ ଚାଲୁଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ରେ ଆପଣଙ୍କୁ କାହିଁକି ଚାକିରିରୁ ବରଖାସ୍ତ କରାନଯିବ, ସେ ସମ୍ବନ୍ଧରେ ଲିଖିତ ଆକାରରେ ଜଣାଇବା ନିମନ୍ତେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ମେମୋ ସଂଖ୍ୟା ୧୩୦/ଓ.ଶି.ସୁ.ବ. (ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ) ତା.୨୭.୦୧.୨୦୨୫ ରିଖରେ ଆପଣଙ୍କ ଘରୋଇ ଠିକଣାରେ ଆପଣଙ୍କୁ ହସ୍ତାନ୍ତର ନିମନ୍ତେ ଏକ ସ୍ୱତନ୍ତ୍ର ପତ୍ରବାହକ ମାଧ୍ୟମରେ ପଠାଯାଇଥିଲା । ଆପଣ ସ୍ୱବାସ ଗୃହରେ ଅନୁପସ୍ଥିତ ରହିବା କାରଣରୁ ନୋଟିସକୁ ପତ୍ରବାହକ ଆପଣଙ୍କ ପିତାଙ୍କୁ ହସ୍ତାନ୍ତର କରି ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟକୁ ଫେରିଆସିଥିଲେ । ପୁନର୍ବାର ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଭାରତୀୟ ଡାକ ସେବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତା. ୧୦.୦୨.୨୦୨୫ ରିଖରେ ପ୍ରେରିତ ହୋଇଥିଲା । କିନ୍ତୁ ଆପଣ ଉକ୍ତ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଗ୍ରହଣ କରିବା ସତ୍ତ୍ୱେ ଆପଣଙ୍କ ପକ୍ଷରେ ଲିଖିତ ଆକାରରେ କୌଣସି ଉତ୍ତର ଦେଲେ ନାହିଁ କି, ନିଜ ଚାକିରିରେ ମଧ୍ୟ ଏପର୍ଯ୍ୟନ୍ତ ଯୋଗଦେଲେନାହିଁ ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୦୭ (ସାତ) ଦିନ ମଧ୍ୟରେ ଆପଣ ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟରେ ଆସି ଯୋଗଦାନ କରିବା ସହିତ ଆପଣଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ସମ୍ବନ୍ଧରେ ଆପଣଙ୍କ ସପକ୍ଷରେ ଲିଖିତ ଆକାରରେ ଦାଖଲ କରିବେ । ଏଥିରେ ତ୍ରୁଟି କଲେ ଏକତରଫା ଭାବେ ଆପଣଙ୍କୁ ‘‘ଚାକିରିରୁ ବରଖାସ୍ତ’’ କରାଯିବ ।

ସ୍ୱା./- ଦୁର୍ଗପତି (ଏସ୍.ଏ.ଜି.)
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0074/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.e-tender//1213//RWC//BAM//Dated 03.04.25

No.O-11:

**1st Corrigendum to Bid Identification No.Online Tender/39-2024-25/BPR**

1) The partial modification of Buildings works vide above Identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.04.2025 to 24.04.2025 upto 5.30 PM instead of 27.03.2025 to 10.04.2025 upto 5.30 P.M. |
| 2 | Last Date & Time of seeking tender clarification | :: | 22.04.2025 at 5.30 PM instead of 08.04.2025 at 5.30 P.M. |
| 3 | Date of opening of Technical Bid | :: | 25.04.2025 at 11.00 AM instead of 11.04.2025 at 11.00 AM |
| 4 | Date of opening of Financial Bid | :: | Will be intimated later on. |

All other contents will remain unchanged.

OIPR-25071/11/0082/2425
Sd./- Chief Construction Engineer, R.W.Circle, Berhampur

**ODISHA CONSTRUCTION CORPORATION LTD.**
(A Government of Odisha undertaking)
**OFFICE OF SENIOR MANAGER (MECH.)**
**KANUPUR GATE ERECTION PROJECT, BASUDEVPUR, KEONJHAR**
Qtr No.-D1, Kanupur Irrigation Colony, Basudevpur, Keonjhar - 758047, E-Mail : smmechkanupur@gmail.com

**Tender Call Notice No. : OCCL/KGEP/05/2024-25 Dated. 02.04.2025**

**No.CAD-11** : Name of work : Electrical arrangement for power supply to all 04 Nos. of Head Regulator Service gates and hoisting arrangements at Kanupur Gate Erection Project, Basudevpur, Keonjhar as per the direction of Engineer-in-Charge.
Total No. of work : 01 (One)
Period of completion : 30 (Thirty) Days.

| Tendering Officer | Bid Identification No. | Cost of bid Document (including GST) (in Rs) | Availability of Tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project, Basudevpur, Keonjhar | OCCL/ KGEP/05/2024-25 Dated. 02.04.2025 | 4,720/- (Non-refundable) | From 03.04.2025, 10.00 A.M. to 10.04.2025, 3.00 P.M. | Upto 10.04.2025, 3.00 P.M. | EHT/ELT (M.V) License Job-worker enlisted in OCCL |

Date of opening of the Bid : 10.04.2005 at 4.00 P.M.
Further details can be seen from the OCCL website www.odishaconstruction.com

Sd./- Senior Manager (Mech.)
Kanupur Gate Erection Project, Basudevpur, Keonjhar

OIPR-32543/11/0003/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଙ୍ଗୀତ, ନୃତ୍ୟରେ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ନାଟ୍ୟ ସଂସଦ ଚିରନ୍ତନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନିକା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରର ସଙ୍ଗୀତ ଏବଂ ନୃତ୍ୟ ମାଧମରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ହୃଷୀକେଶ ପାତ୍ର ଏହାକୁ ଉଦଘାଟନ କରି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ଼ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।



## 'ଖତ୍‌ରୋଁ କା ଖିଲାଡି ୧୫'
# ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ଯଟିଭି ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଷ୍ଟଣ୍ଟ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌କୁ ନେଇ କାଉଣ୍ଟଡାଉନ ଆରମ୍ଭ ହୋଇଛି। ପ୍ରତିଥର ପରି ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟି ଚଳିତ ଥର ମଧ୍ୟ ଏହି ଶୋ'କୁ ହୋଷ୍ଟ କରିବେ। ତେବେ ଚଳିତ ସିଜନ୍‌ର ଅଂଶଗ୍ରହଣକାରୀଙ୍କୁ ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ନିକଟରେ ସାମ୍ନାକୁ ଆସିଥିବା ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଅଭିନେତ୍ରୀ ମଲ୍ଲିକା ଶେରାୱତ ଓ ଅଭିନେତା ସିଦ୍ଧାର୍ଥ ମାଲ୍ୟା ଅଂଶଗ୍ରହଣ କରିପାରନ୍ତି। ଟେଲି ମସାଲାର ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଭାଗନେବା ପାଇଁ ନିକଟରେ ଏହାର ନିର୍ମାତାଙ୍କ ପକ୍ଷରୁ ମଲ୍ଲିକାଙ୍କୁ ଅନୁରୋଧ କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ମଲ୍ଲିକାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ସେହିପରି ଏହି ଶୋ'ରେ ଭାଗନେବାକୁ ସିଦ୍ଧାର୍ଥଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। 'ଖତ୍‌ରୋଁ କା ଖିଲାଡି'ର ୧୪ଶ ସଂସ୍କରଣ ୨୦୨୪ ଜୁଲାଇ ୨୭ରୁ ଆରମ୍ଭ ହୋଇ ସେହିବର୍ଷ ୨୯ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଏଥିରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଗତ କିଛିବର୍ଷ ହେବ ମଲ୍ଲିକା ଖୁବ୍ କମ୍ ଫିଲ୍ମରେ ନଜରକୁ ଆସିଛନ୍ତି। ୨୦୨୪ରେ ରିଲିଜ୍ ହୋଇଥିବା ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ତୃପ୍ତି ଡିମରିଙ୍କ ଫିଲ୍ମ 'ଭିକି ବିଦ୍ୟା କା ୱ ୱାଲା ଭିଡିଓ'ରେ ମଲ୍ଲିକାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।


## ଜନ୍ମଦିନର ଶୁଭେଚ୍ଛା



ଶ୍ରୀ ହରି ନାରାୟଣ ବେବର୍ତ୍ତା
(Rly. Retd.)
Secretary Public Relation AICGPA-Cuttack
ସଭାପତି, ମା ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ
ପାଟରା ସାହି, କଟକ, ମୋ- ୯୪୩୭୦୪୮୨୧୨
ଅଜା, ଆଜି ତୁମର ଜନ୍ମଦିନ। ମୁଁ ଓ ଆଈ ବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମେ ଦୀର୍ଘାୟୁ ରୁହ ସ୍ୱାସ୍ଥ୍ୟବାନ ରୁହ। ଆଜି ତୁମେ ୭୩ବର୍ଷରେ ପଦାର୍ପଣ କରୁଛ।
ଶୁଭେଚ୍ଛା ସହ: ନାତି- ସାତ୍ୱିକ ସେନାପତି, ଧର୍ମପତ୍ନୀ- ଭାରତୀ ବେବର୍ତ୍ତା
ଧ-୦୪୪


# ବଢ଼ିଲା ଆପରାଧିକ ତଦନ୍ତ ଖର୍ଚ୍ଚ

**ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)**

ରାଜ୍ୟ ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାର ଆପରାଧିକ ମାମଲାର ତଦନ୍ତ ଖର୍ଚ୍ଚକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବୃଦ୍ଧି କରାଯାଇଛି। ଶୁକ୍ରବାର ଏନେଇ ଅର୍ଥ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି, 'ତଦନ୍ତ ପାଣ୍ଠି'ରୁ ବିଭିନ୍ନ ପ୍ରକାର ଆପରାଧିକ ତଦନ୍ତ ଲାଗି ଖର୍ଚ୍ଚ ହେଉଥିବା ଅର୍ଥରାଶିକୁ ସଂଶୋଧିତ କରାଯାଇଛି। ରାଜ୍ୟ ଭିତରେ ହେଉ କିମ୍ବା ବାହାରେ ହତ୍ୟା ମାମଲାରେ ତଦନ୍ତ ବେଳେ ମୃତ ଶରୀରକୁ ନେବା ଆଣିବା ଏବଂ ଏହାର ବ୍ୟବଚ୍ଛେଦ ସହିତ ପ୍ୟାକିଂ କରିବା ଓ ସାଇଣ୍ଟିଫିକ୍ ଟିମ୍ ଗସ୍ତ କରି ଛାନଭିନ୍ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ପ୍ରତ୍ୟେକ ମାମଲାରେ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

ସେହିପରି ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ତଦନ୍ତ ଲାଗି ଆଣିବା ଓ ଅନ୍ୟାନ୍ୟ ଅନୁସନ୍ଧାନ ପାଇଁ ୩୭ହଜାର ଟଙ୍କା ଖର୍ଚ୍ଚର ପ୍ରାବଧାନ କରାଯାଇଥିବାବେଳେ ରାଜ୍ୟ ଭିତରେ ଅଭିଯୁକ୍ତଙ୍କ ଲାଗି ୧୮ ହଜାର ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ଅଭିଯୁକ୍ତ ଏବଂ ଏତଲାକାରୀଙ୍କୁ ନେବା ଆଣିବା ସହିତ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଶାଶ୍ୱତ ଦର୍ଶାଇଛନ୍ତି ଯେ, ଅପହରଣ କ୍ଷେତ୍ରରେ ରାଜ୍ୟ ବାହାରେ ଅଭିଯୁକ୍ତଙ୍କୁ ନେବା ଆଣିବା ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା କାର୍ଯ୍ୟକ୍ରମ ବାବଦକୁ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇପାରିବ। ମାତ୍ର ରାଜ୍ୟ ବାହାରେ ଏହି ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଅପମୃତ୍ୟୁ ମାମଲାରେ ଉଭୟ ରାଜ୍ୟ ଭିତରେ ଓ ବାହାରେ ତଦନ୍ତ ଲାଗି ୧୩ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ରହିଥିବାବେଳେ ସାଇବର ଅପରାଧ କ୍ଷେତ୍ରରେ ଏହାର ପରିମାଣ ରାଜ୍ୟ ବାହାର ପାଇଁ ୪୫ହଜାର ଟଙ୍କା ଏବଂ ରାଜ୍ୟ ଭିତରେ ତଦନ୍ତ ଲାଗି ୨୫ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ନିଶା କାରବାର ଓ ଅସ୍ତ୍ରଶସ୍ତ୍ର କାରବାର ମାମଲାରେ ରାଜ୍ୟ ବାହାରେ ତଦନ୍ତ ଲାଗି ୩୫ହଜାର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟ ଭିତର ଲାଗି ୧୫ହଜାର ଟଙ୍କା ରହିଛି।

# ଦୁଗ୍ଧ ଚାଷୀଙ୍କ ପାଇଁ ଜୀବନ ବୀମା କଲା ଓମ୍‌ଫେଡ୍

**ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)**

ଓମଫେଡ୍‌ର ୧୧୪ତମ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡକୁ ଦୁଗ୍ଧ ଯୋଗାଉଥିବା ଚାଷୀଙ୍କୁ ଦୁର୍ଘଟଣାଜନିତ ବୀମା ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟର ୨.୫ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ। ଚାଷୀଙ୍କ ବୀମା ପ୍ରିମିୟମ ଓମ୍‌ଫେଡ ଦେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଅବସରରେ ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦର ବୃଦ୍ଧି କରିବା ପାଇଁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଯାଇଥିଲା। ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ କରିବା ଏବଂ ସଂଗ୍ରହ ପରିମାଣ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏବେ ଦୈନିକ ୫ଲକ୍ଷ ୪୦ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପରିମାଣ ୬ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ପ୍ରତ୍ୟେକ ସୋସାଇଟିକୁ ଅତ୍ୟାଧୁନିକ ପରୀକ୍ଷା ଯନ୍ତ୍ର ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ସୋଲାର ପ୍ଲାଣ୍ଟ ଓ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି କୁଲାଙ୍ଗେ ସୂଚନା ଦେଇଥିଲେ। ଓମ୍‌ଫେଡ ଅଧକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗଦେଇଥିଲେ।


# Classified Everyday
**0674-2580101, 9692975378**



## AUTOMOBILE
## SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254




## REAL ESTATE
## SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

Independent house valued 1.5 crore near K.E.C, Uttara Square, Bhubaneswar. Call- 8917520527. D-015

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**Newly opened spa in puri. Professional body massage available. 9861984834.** D-3394

All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 04.04.2025, I, Trilochan Barik, At/P.O.- Dhanitri, P.S.- Konark, Dist.- Puri, Odisha, PIN- 752111 declare that I have changed my daughter's name from Barik Priyanka Trilochan to Priyanka Barik. Henceforth, my daughter shall be known as Priyanka Barik for all purposes. D-030

By virtue of an affidavit (No.-2284) dated 02.04.2025 sworn before the Executive Magistrate, Angul, I, Khirod Kumar Sahu, S/o- Keshab Sahu, R/o- Paranga, P.O.- Paranga, P.S.- Nisha, Dist.- Angul, PIN- 759143, declare that I have changed my minor daughter's name from AUROSHREE SAHOO to OURASHREEE SAHU. Henceforth, she shall be known as OURASHREE SAHU for all future purposes.
Khirod Kumar Sahu D-029

I, Smt. Lili Pradhan, W/o- Gundicha Pradhan, Vill/ P.O.- Pipalbahal, P.S.- Bagdia, Dist.- Angul, Odisha, affidavit No.- 498, dated 03.04.2025 sworn before the Executive Magistrate, Chhendipada. I have changed my old name Nilima Pradhan to Lili Pradhan. Lili & Nilima is one & same Person. Henceforth, shall be known as Lili Pradhan for all future purposes. D- 028

I, Tangudu Sneha Patra, D/o- Prasanta Kumar Patra, R/o- Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh, declare by this affidavit No.-2580 dated 03.04.2025 that now onwards I shall be known as Sneha Patra for all future purposes. D-037

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Notary Public, Patnagarh bearing No.- 7083, on dtd 28.10.2024, that before my marriage I known as "Ayshmati Nag, D/o- Duryodhan Nag" which is mentioned in my S.B. Account of Bank of Baroda, Kantabanji Branch and after marriage to Satrughan Karuan of Village- Bharuapali, P.S.- Belpada, Dist.- Balangir, I known as Ashmati Karuan which is also mentioned in my Aadhaar card where as Ashmati Karuan, W/o- Shatrughan Karuan and Ayshmati Nag, D/o- Duryadhan Nag is same and one person. D-036

By virtue of an affidavit sworn before the Notary Public, Bhubaneswar, dated-02.04.2025, I, Rozalin Sukla, Address: At- Plot No.-748/9056, Lane-2, Puri Canal Road, Bharat Villa, P.O.- Balianta, Dist.-Khorda, PIN-752101, Odisha declare that I have changed my name from Rozalin Pani to Rozalin Sukla. Henceforth, I shall be known as Rozalin Sukla for all future purposes. D-76807

I, Samar Kumar Behera, S/o- Siba Behera, DOB- 12.05.1988, R/o. Village- Mahulburi, P.O.- Karadi, Dist.- Boudh declare by this affidavit No.-224, date 12.2.25 that now onwards I shall be known as Sartha Mahanandia, S/o- Siba Mahanandia and DOB- 12.05.1987 for all future purposes. D-038

I, Nibedita Mahapatra, W/o- Suresh Kumar Swain, resident of Duplex No.-4, Arya Home, Tankapani Road, Vill- Alarpur, P.O.- Rangabazar, Garasrirampur, Dist.- Khurda, Odisha, PIN- 752100 declare by this affidavit No.-11165, dated 26.03.2025 that now onwards I shall be known as Nibedita Mohapatra for all future purposes. D-042

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Sworn before the Notary Public, Patnagarh, date- 11.12.2024, I, Pramita Gadtya, Ro/ P.O.- Gambhari, P.S.- Khaprakhol, Block- Belpada, Dist.-Balangir, PIN-767027, declare by the affidavit Sl. No.- 8229, I have changed my old name from Pratima Gadtya to new name Pramita Gadtya. Henceforth, I shall be known as Pramita Gadtya for all future purposes. D-031

By virtue of an affidavit sworn before Executive Magistrate, Bhubaneswar, on dtd 28.03.2025, Vide Sl No.- 111, I, Runi Seth, Wife of Sanatan Seth, permanent resident of At/ P.O.- Alipingal, P.S.- Nimapada, Dist.- Puri, Odisha- 752106, declare that I have changed my daughter's name from SAI SRADHA NAYAK (old name) to SAI SRADHA SETH (new name). Henceforth, my daughter shall be known as SAI SRADHA SETH (new name) for all purposes.
SAI SRADHA SETH
Signature of Applicant
Runi Seth D-034

I, AMARJIT, S/O- Late Gokulananda Sahu resident of At/PO/PS- Nihalprasad, Dist- Dhenkanal, Odisha- 759016 declare by this affidavit No.62, dtd.04.04.2025 that now onwards I shall be known as AMARJIT SAHU for all future purposes.

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 66 of 2024
India Financial Association of Seventh day Adventist represented by Mr. Sudhir Tigga, Principal of SDA English School, Binjipali ....Petitioner
Vrs
Ebenezar Barla others ....Opposite Parties
To,
(1) Ebenezar Barla, (2) Geralad Barla, (3) Mervis Barla, (4) Susan Barla, sons of Late Jyotish Barla and grand sons of Late Jai Mashi Barla, (5) Babula Barla, (6) Palit Barla, sons of Late Nelson Barla and grand sons of Late Jai Mashi Barla, (7) Suman Barla, (8) Priyanka Barla, (9) Sweet Barla, son and daughter of Late Rolen Barla and grand son and daughter of Late Bijay Barla and great grand son of Late Jai Mshi Barla, (10) Rolen Barla, (11) Arnes Barla, (12) Molina Barla, son and daughter of Elin Barla and grand son and daughter of Kalyan Barla and great grand son and daughter of Late Manmasi Barla, (13) Ismail Barla son of Elizabeth Barla and grand son of Kaliana Barla and great grand son of Manmasi Barla, (14) Jab Barla son of Kalian Barla and grand son of Manmasi Barla, (15) Subasini Soren daughter of William Barla, all are by caste: Christian, Resident of Binjipali, P.S.- Katarbaga, Tah- Rengali, District.- Sambalpur, (16) Tahasildar, Rengali Sambalpur.
Opposite Parties
NOTICE UNDER ORDER 5 RULE 20 C.P.C
TAKE NOTICE
THAT the above named petitioner has instituted this case against you for recording of the case land in favour of the petitioner and you have left the address without instructions for which notice Could not be served upon you. You are hereby directed to appear in person or by a pleader on 21 day of 04 2025 at 10 AM/PM to answer the claim. In default of your appearance, on the above mentioned date, the case will be determined in your absence.
Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur D-4909

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 52 Of 2023
Gani Chetty Krishna Murty .....Petitioner
Versus
Dinabandhu Pati & Others ....Opposite Parties
To,
(1) Dinabandhu Pati, Son of Late Satyananda Pati, (2) Nirmal Chandra Pati, Son of Dinabandhu Pati, (3) Arbind Chandra Pati, Son of Dinabandhu Pati, (4) Arundhati Pati, Daughter of Dinabandhu Pati, (5) Digambar Pati, Son of Late Satyananda Pati, (6) Anand Chandra Pati, Son of Digambar Pati, (7) Sashi Bhusan Pati, Son of Digambar Pati, (8) Nalini Pati, Daughter of Digambar Pati, (9) Nirabini Pati, Daughter of Digambar Pati, (10) Saudamini Pati, Daughter of Digambar Pati & (11) Daitari Pati, Son of Late Satyananda Pati.
All are by Caste: Brahmin, Resident of Senhapali, P.O.- Chaurpur, P.S.- Burla, Tahasil and District.- Sambalpur.
...Opposite Parties
NOTICE UNDER ORDER 5 RULE 20 C.P.C.
TAKE NOTICE
THAT the above named petitioner has instituted this case against you for recording of the case land in favour of the petitioner and you have left the address without instruction for which notice Could not be served upon you. You are hereby directed to appear in person or by a pleader on 21 day of 04, 2025 at 10A.M./ P.M. to answer the claim. In default of your appearance, on the above mentioned date, the case will be determined in your absence.
Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur D-040

# ରମାକାନ୍ତ ରଥଙ୍କ ପ୍ରଥମ ଗଳ୍ପ

## ଅବଲୋକନ



ଫଣୀନ୍ଦ୍ର ଭୂଷଣ ନନ୍ଦ

ରମାକାନ୍ତ ରଥ (୧୩ ଡିସେମ୍ବର ୧୯୩୪-୧୬ ମାର୍ଚ୍ଚ ୨୦୨୫) ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି। ପ୍ରାକୃତିକ ଓଡ଼ିଶାର ଜହ୍ନ ଆଲୁଅ, ଅସରନ୍ତି ପାହାଡ଼, ପରିବ୍ୟାପ୍ତ ସମୁଦ୍ର ମଧ୍ୟରେ ବିଛାଡ଼ି ହୋଇଥିବା ବୈଚିତ୍ର୍ୟମୟ ଅନ୍ଧାର ଭିତରେ ଦିଶୁଥିବା ଆକାଶର ଦୃଶ୍ୟ ହିଁ ତାଙ୍କର ସାରସ୍ୱତ ସୃଷ୍ଟି। କବିତା ଲେଖି ସେ ଯେତିକି ଚର୍ଚ୍ଚିତ, ସେ ତୁଳନାରେ ଗଳ୍ପସୃଷ୍ଟି ତାଙ୍କର ପାଠକୀୟ ସମ୍ବେଦନା ଆକର୍ଷଣରେ ସଫଳ ହୋଇନାହିଁ। ଏହାର ମୁଖ୍ୟ କାରଣ- ଗଳ୍ପଗୁଡ଼ିକର ଅପ୍ରାପ୍ତି ଏବଂ ଏହାର ନିରପେକ୍ଷ ବିଶ୍ଳେଷଣ। ତାଙ୍କ କବିତ୍ୱର ପରାକାଷ୍ଠା ଗାଳ୍ପିକର ଔଜ୍ଜ୍ୱଲ୍ୟକୁ ସ୍ତିମିତ କରିଦେଇଛି। ଓଡ଼ିଆ କବିତାର ଜଣେ ଅବିସ୍ମରଣୀୟ କବିଭାବେ ସେ ସର୍ବସ୍ୱୀକୃତ। ତାଙ୍କର ସାରସ୍ୱତ ସାଧନା ପ୍ରାୟ ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଆରମ୍ଭ ହୋଇଛି। ସେ ସ୍କୁଲ ଓ କଲେଜରେ ଅଧ୍ୟୟନ କଲାବେଳେ ସାରସ୍ୱତ ସୃଷ୍ଟି ପ୍ରତି ମନୋନିବେଶ କରିଛନ୍ତି। ୧୯୬୨ରେ ତାଙ୍କର କବିତା ସଂକଳନ 'କେତେଦିନର' ପ୍ରକାଶ ପାଇ ଓଡ଼ିଆ ପାଠକଙ୍କୁ ମୁଗ୍ଧ ଚକିତ କରିଥିଲା। ତାଙ୍କ କାବ୍ୟସ୍ୱରର ସ୍ୱକୀୟତା ତୀବ୍ର ଓ ଦାର୍ଶନିକ ନିର୍ଲିପ୍ତତାରେ କାବ୍ୟ ପାଠକଙ୍କୁ ଆକୃଷ୍ଟ କରିଥିଲା।

ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ୨୦୦୨ରେ ଗ୍ରନ୍ଥାଳୟ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇ ଓଡ଼ିଆ ସାରସ୍ୱତ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅଜସ୍ର କଳାତ୍ମକ କବିତାର ସ୍ରଷ୍ଟା ରମାକାନ୍ତ ରଥଙ୍କ ଏହି ସଂକଳନରୁ ୧୫ଗୋଟି ଗଳ୍ପର ସ୍ୱାଦ ଓଡ଼ିଆ ପାଠକେ ଲାଭ କରିଥିଲେ। ତାଙ୍କର ଏହି ପ୍ରଥମ ଓ ଶେଷ ଗଳ୍ପ ସଂକଳନଟି ଯେଉଁପରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା, ସେତେ ପରିମାଣରେ ସମାଲୋଚକୀୟ ଦୃଷ୍ଟି ଆକର୍ଷଣ କରିପାରି ନ ଥିଲା। କାଁ ଭାଁ କେଉଁଠି ତାଙ୍କ ଗଳ୍ପ ରଚନାର ସୂଚନା ବ୍ୟତିରେକେ ତା'ର ସୃଷ୍ଟିଭୂମିର ନିବିଡ଼ ଅଧ୍ୟୟନ କୌଣସି ଆଲୋଚକ କରିଥିବାର ଏହି ଲେଖକର ଦୃଷ୍ଟିକୁ ଆସିନାହିଁ। ୧୯୫୧(?)ରୁ ଗଳ୍ପ ଲେଖା ଆରମ୍ଭ କରିଥିବା ଏହି କୃତବିଦ୍ୟ ସାଧକଙ୍କର ପ୍ରଥମ ଗଳ୍ପ ସଂକଳନ ୨୦୦୨ରେ ପ୍ରକାଶ ପାଏ। ଏହି ପୁସ୍ତକର ଭୂମିକା 'ଏ ବାଟ ଅମଡ଼ା ବାଟ'ରେ ରମାକାନ୍ତ ସ୍ୱୀକାର କରନ୍ତି, "ମୁଁ ଗଳ୍ପ ଲେଖକ ନୁହେଁ। କଲେଜ ମାଡ଼ିବାର କେତେଦିନ ପରେ ଲେଖିବା ଆରମ୍ଭ କଲି। ସେତେବେଳେ କବିତା ଓ ଗଳ୍ପ ଉଭୟ ଲେଖୁଥିଲି। ଦୁଇ-ତିନିବର୍ଷ ପରେ ମୋର ହୃଦବୋଧ ହେଲା ଯେ ଗୋଟିଏ ମାଧ୍ୟମ ପାଇଁ ବି ମୋର ସାମର୍ଥ୍ୟ ନାହିଁ। ଗୋଟିଏକୁ ନ ଛାଡ଼ିଲେ ମୋର ଅବସ୍ଥା ଦୁଇ ନାଆରେ ଗୋଡ଼ ରଖିଥିବା ଲୋକର ଅବସ୍ଥା ପରି ହେବ। x x x ବହୁତ ବର୍ଷର ବ୍ୟବଧାନ ପରେ, ୧୯୭୭ ମସିହାରେ, ଏ ସଂକଳନର ପ୍ରଥମ ଗଳ୍ପ (ମହିଷାସୁର ବଧ) ଲେଖିଲି। ତା'ପରେ, ମଝିରେ ମଝିରେ ଯେଉଁ କେତୋଟି ଗଳ୍ପ ଲେଖିଥିଲି ସେଗୁଡ଼ିକ ଏ ସଂକଳନର ଅନ୍ତର୍ଭୁକ୍ତ।" (ଏ ବାଟ ଅମଡ଼ା ବାଟ)

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ସମ୍ପାଦିତ 'ପ୍ରଜ୍ଞା' ଦୋଳ-୧୯୭୭ ସଂଖ୍ୟାରେ 'ମହିଷାସୁର ବଧ'କୁ ପ୍ରକାଶ କରି ସମ୍ପାଦକୀୟରେ ସ୍ୱୀକାର କରନ୍ତି, "x x x ଏହି ସଂଖ୍ୟାରେ ଆମେ କବି ରମାକାନ୍ତଙ୍କର ଗୋଟିଏ ଗଳ୍ପ ପ୍ରକାଶ କରୁଛୁ। ଏଇଟି ତାଙ୍କର ପ୍ରଥମ ଗଳ୍ପ। କବି ଭାବରେ ରମାକାନ୍ତଙ୍କର ଦକ୍ଷତା ଏହି ଗଳ୍ପରେ ଅତୁଟ ରହିଛି ବୋଲି ଆମର ବିଶ୍ୱାସ। ଆଶା ରମାକାନ୍ତଙ୍କର ଗୁଣମୁଗ୍ଧ ପାଠକମାନେ ଏହି ଗଳ୍ପରେ ତାଙ୍କର ଏକ ନୂତନ ଦିଗ ଆବିଷ୍କାର କରି ଆନନ୍ଦିତ ହେବେ।" (ସମ୍ପାଦକୀୟ) ଏହି ଦୁଇଟି ଘୋଷଣାରୁ ଜଣାଯାଏ, ରମାକାନ୍ତ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ଗଳ୍ପ 'ମହିଷାସୁର ବଧ'କୁ ୧୯୭୭ରେ ଲେଖିଥିଲେ। ଯତୀନ୍ଦ୍ର ମୋହନଙ୍କ ସମ୍ପାଦକୀୟରେ କିନ୍ତୁ 'ମହିଷାସୁର ବଧ'କୁ ରମାକାନ୍ତଙ୍କର ପ୍ରଥମ ଗଳ୍ପ ବୋଲି ଘୋଷଣା କରାଯାଇଛି।

ରମାକାନ୍ତଙ୍କର 'ମହିଷାସୁର ବଧ' ସମେତ ୧୫ଗୋଟି ଗଳ୍ପ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ସଂସ୍କରଣ ୨୦୦୨ରେ ସ୍ଥାନିତ ହୋଇଛି। ଏଥିରେ ମହିଷାସୁର ବଧ, ଗୁରୁ, ସ୍ୱାଧୀନ ଚିନ୍ତା, କସ୍ତୁରୀମୃଗ, ରକ୍ଷୀ, ମିତ୍ର, କର୍ମବନ୍ଧନ, ଉତ୍ସର୍ଗପତ୍ର, ଝିଅ, ସୁନାହାର, ସୁପ୍ରଭା, ଜୀବନଦାନ, ଏକପାଖିଆ ବାଟ, ମେଘ ଓ ବିଦାୟ ଗଳ୍ପ ଅନ୍ତର୍ଭୁକ୍ତ। ୨୦୧୬ରେ କଟକର ଅଗ୍ରଦୂତ ପ୍ରକାଶନ ସଂସ୍ଥା ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରି ସେଥିରେ ୨୧ଗୋଟି ଗଳ୍ପ ସ୍ଥାନିତ କରନ୍ତି। ପ୍ରଥମ ସଂସ୍କରଣରେ ପ୍ରକାଶିତ ୧୫ଟି ଗଳ୍ପ ସହିତ ନୂତନ ଭାବରେ ୬ଗୋଟି ନୂଆ









ଗଳ୍ପ ସଂଯୋଜିତ ହୋଇଛି। ସେଗୁଡ଼ିକ ହେଲା- ତୁ ଥା' ମୁଁ ଯାଉଚି ଚାଲି, ଦୂରରୁ ଦୂରରୁ, ମିଛୋଇ, ପ୍ରେମିକ, ପ୍ରେମିକା, ଚାରୁବାଳା ପ୍ରଭୃତି। ୨୦୨୩ରେ ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ସଂକଳନ ପ୍ରକାଶ କରିଛନ୍ତି, ଯେଉଁଥିରେ ପ୍ରଥମ ସଂସ୍କରଣର ୧୫ଗୋଟି ଗଳ୍ପ ସ୍ଥାନିତ ହୋଇଛି। ଏ ତିନୋଟି ସଂସ୍କରଣର ପ୍ରକାଶକ୍ରମ ଓ ସ୍ଥାନିତ ଗଳ୍ପକୁ ନେଇ ପାଠକ ମନରେ ଅନେକ ଦ୍ୱିଧା ସୃଷ୍ଟି ହୋଇଥାଏ। ଏତଦ୍‌ଭିନ୍ନ ଫେସ୍‌ବୁକ୍ ମାଧ୍ୟମରେ ଅନେକ ଆଲୋଚକ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରଦାନ କରି ଏ ପ୍ରସଙ୍ଗକୁ ଆହୁରି ରହସ୍ୟମୟ କରିଦିଅନ୍ତି। ସେ ଯାହାହେଉ, ଏହି ତିନୋଟି ସଂସ୍କରଣ କ୍ରମରେ ଆମେ ନିଶ୍ଚିତ ହେବା ଯେ ରମାକାନ୍ତ ରଥଙ୍କର ଗଳ୍ପ ସଂଖ୍ୟା ୨୨। ତିନୋଟିଯାକ ସଂସ୍କରଣରେ ରମାକାନ୍ତଙ୍କର ସେହି ସମାନ ଭୂମିକାକୁ ସ୍ଥାନିତ କରାଯିବା ଛଡ଼ା ଗଳ୍ପ ଓ ପ୍ରକାଶନ ସମ୍ପର୍କରେ ଅନ୍ୟ କୌଣସି ସୂଚନା ପ୍ରକାଶକମାନେ ଦେଇନାହାନ୍ତି।

ରମାକାନ୍ତ ପୁସ୍ତକର ଭୂମିକାରେ ଏ ସଂକଳନର ପ୍ରଥମ ଗଳ୍ପରୂପେ 'ମହିଷାସୁର ବଧ'କୁ ସ୍ୱୀକାର କରିଥିବା ଏବଂ ଯତୀନ୍ଦ୍ର ମୋହନ ମହାନ୍ତି ଏହାକୁ ତାଙ୍କର ପ୍ରଥମ ଗଳ୍ପଭାବେ ଘୋଷଣା କରିବା ଓଡ଼ିଆ ପାଠକଙ୍କୁ ବିଭ୍ରାନ୍ତ କରିଥାଏ। ଏଠାରେ ରମାକାନ୍ତ ରଥଙ୍କର ସମୟାନୁକ୍ରମେ ପ୍ରକାଶିତ କିଛି ପ୍ରାରମ୍ଭିକ ଗଳ୍ପ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଉଛି।

ରମାକାନ୍ତ ରଥଙ୍କର ଏ ଲେଖକର ଦୃଷ୍ଟିକୁ ଆସିଥିବା ପ୍ରଥମ ଗଳ୍ପ ହେଲା ୧୯୫୧ ଡିସେମ୍ବର 'ଡଗର'ରେ ପ୍ରକାଶିତ 'ସିଷ୍ଟର' ଗଳ୍ପ। ଏତଦ୍‌ଭିନ୍ନ ସେହି 'ଡଗର'ରେ ୧୯୫୨ରେ ପ୍ରକାଶିତ ସହାନୁଭୂତି, ପ୍ରେମର ବୀଜସୂତ୍ର, ଲିଚେଷ୍ଟରର ହତଭାଗା ଯୁବକ ପ୍ରଭୃତି ଗଳ୍ପ ପ୍ରକାଶିତ। 'ଆସନ୍ତାକାଲି' ପତ୍ରିକାରେ ୧୯୫୧ ମସିହାର ବିଭିନ୍ନ ସଂଖ୍ୟାରେ ତାଙ୍କର କେତୋଟି ଗଳ୍ପ ପ୍ରକାଶିତ। ୧୯୭୭ ଏପ୍ରିଲ୍, ମେ ଓ ଜୁନ୍ ସଂଖ୍ୟା ସମାବେଶରେ ତାଙ୍କର 'ଏକ ସ୍ମରଣୀୟ ଦିବସ' ଗଳ୍ପ ପ୍ରକାଶିତ। ୧୯୮୦ ପାଞ୍ଚଜନ୍ୟ ରଥଯାତ୍ରା ବିଶେଷାଙ୍କରେ 'ଗଛ' ଶୀର୍ଷକରେ ତାଙ୍କର ଦୁଇଟି ଗଳ୍ପ ପ୍ରକାଶିତ। ଏ ସମସ୍ତଙ୍କୁ ତାଲିକାଭୁକ୍ତ କଲେ 'ମହିଷାସୁର ବଧ' (୧୯୭୭) ପୂର୍ବରୁ ରମାକାନ୍ତଙ୍କର ପ୍ରାୟ ୧୦ଗୋଟି ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ୧୯୫୧ରୁ ମୃତ୍ୟୁ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିବା ରମାକାନ୍ତଙ୍କ ଲେଖନୀରେ କେତେ ଯେ ଗଳ୍ପ ପ୍ରକାଶ ପାଇଥିବ ତା'ର ସୁମାରି କରିବା କଷ୍ଟସାଧ୍ୟ।

ରମାକାନ୍ତ ରଥଙ୍କ କବିତାର ସୃଷ୍ଟିଭୂମି ଭାବରେ ଗଳ୍ପଗୁଡ଼ିକୁ ଗ୍ରହଣ କରିନେବା ସର୍ବାଦୌ କର୍ତ୍ତବ୍ୟ। ତାଙ୍କ ଗଳ୍ପର ଆବେଦନ ଖୁବ୍ ତୀବ୍ର ଏବଂ ପ୍ରାଣବନ୍ତ। ତାଙ୍କ ଗଳ୍ପରେ ଜୀବନପ୍ରତି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇବା ସହିତ ମାନସିକ ଚେତନାର ଚିତ୍ରମୟ ଅନ୍ଧାରିଗୁହାର ଆବିଷ୍କାର ଜଳଜଳ ହୋଇ ଦିଶିଥାଏ। ତାଙ୍କ ଗଳ୍ପରୁ ମୃତ୍ୟୁଚେତନା, ଅନ୍ଧାର ପ୍ରତି ପ୍ରେମ ଏବଂ ମାନବୀୟ ମାନସମନ୍ଥନର ଅପରୂପ ଔଜ୍ଜ୍ୱଲ୍ୟ ବିଚ୍ଛୁରିତ ହୋଇଥାଏ। ତାଙ୍କର କାବ୍ୟିକ ଠାଣି ଓ ଉତ୍କର୍ଷ ଗଳ୍ପର ବର୍ଣ୍ଣନାଭୂମିରେ ଦେଖାଦେଇଥାଏ। ତାଙ୍କ ଗଳ୍ପ ଓ କବିତାର ଆପେକ୍ଷିକ ତୁଳନା ଏକ ଭିନ୍ନ ପ୍ରସଙ୍ଗର ଅପେକ୍ଷା ରଖେ। ମାନବ ବ୍ୟକ୍ତିତ୍ୱର ବିଭିନ୍ନ ସ୍ତରର ଚିତ୍ରମୟ ଅଭିବ୍ୟକ୍ତି, ଅନୁଭୂତିର ବିଶ୍ଳେଷଣାତ୍ମକ ଅଭିବ୍ୟଞ୍ଜନା ତାଙ୍କ ଗଳ୍ପ ଓ କବିତାରେ ସମପରିମାଣରେ ଉପଲବ୍ଧ। ତାଙ୍କର ଗଳ୍ପଗୁଡ଼ିକ କବିତା ପରି ସୁଖପାଠ୍ୟ ଓ ମହନୀୟ ଆବେଗର ସାର୍ଥକ ଚିତ୍ରଲିପି। ଏଠାରେ କେବଳ ତାଙ୍କର ଏହି ଲେଖକ ଦ୍ୱାରା ଆବିଷ୍କୃତ ପ୍ରଥମ ଗଳ୍ପ 'ସିଷ୍ଟର' ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଉଛି। 'ସିଷ୍ଟର' ଗଳ୍ପର ନାୟିକା ମେରୀ ଡଗୁଲାସ୍ ଡାକ୍ତରଖାନାରେ ନର୍ସ କାମ କରନ୍ତି। ଆହତ ଓ ରୋଗଗ୍ରସ୍ତ ରୋଗୀମାନଙ୍କୁ ଚିକିତ୍ସା କରିବା, ସମବେଦନା ଜଣାଇବା ଏବଂ ମୃତ୍ୟୁମୁଖୀ ରୋଗୀଙ୍କୁ ଜୀବନର ଅପୂର୍ବ ଆସ୍ୱାଦ ଆଣିଦେବା ମେରୀ ଡଗୁଲାସ୍‌ଙ୍କର ପରମ କର୍ତ୍ତବ୍ୟ। ନିଜ ଜଞ୍ଜାଳଗ୍ରସ୍ତ ଜୀବନ ଭିତରେ ଏବଂ ଡାକ୍ତରଖାନାର ତମସାଚ୍ଛନ୍ନ ନିର୍ଜନତା ଭିତରେ ଜଣେ ରୋଗୀ ନିଜର ନବଜାତ ଶିଶୁଟିକୁ ଆଗ୍ରହରେ ଛାତିକୁ କୋଳେଇ ନେଇଛି। ସେହି ଜନନୀ ଓ ଶିଶୁଟିର ଦୃଶ୍ୟ ସିଷ୍ଟରଙ୍କ ମନକୁ ଆନମନା କରିଛି। ତାଙ୍କ ମଧ୍ୟରେ ନାରୀତ୍ୱର ସ୍ୱାଭାବିକ ଶିହରଣ ପ୍ରକାଶ ପାଇଛି। ହୃଦୟର ନିଭୃତତମ ବୁଭୁକ୍ଷା ପ୍ରବଳତମ ହୋଇଛି। ସେ ଡକ୍ଟର ମହେନ୍ଦ୍ରଙ୍କଠାରୁ ଗୋଟିଏ ସନ୍ତାନ ସୃଷ୍ଟି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏମିତି ଏକ ରହସ୍ୟମୟ ପୃଷ୍ଠଭୂମିରେ 'ସିଷ୍ଟର' ଗଳ୍ପ ପରିକଳ୍ପିତ ଓ ସିଦ୍ଧିପ୍ରାପ୍ତ। ରମାକାନ୍ତ ରଥଙ୍କର ଅନ୍ୟ କୌଣସି ପ୍ରାରମ୍ଭିକ ଗଳ୍ପ ଆବିଷ୍କାର ନ ହେବା ପର୍ଯ୍ୟନ୍ତ 'ମହିଷାସୁର ବଧ' ନୁହେଁ ବରଂ 'ସିଷ୍ଟର' ଗଳ୍ପକୁ ତାଙ୍କ ପ୍ରଥମ ଗଳ୍ପର ମାନ୍ୟତା ଦିଆଯାଇପାରେ।

ମୋ: ୯୪୩୭୨୫୬୧୭୬

## କବିତା

### ହୁଅନ୍ତା କି

ଶ୍ରୀଧର ପଟ୍ଟନାୟକ

ଏମିତି ବି ହୁଅନ୍ତା କି,
ଘଣ୍ଟା କଣ୍ଟା ପଛକୁ ଘୂରନ୍ତା
ପୁଣି ଫେରିଆସନ୍ତା ସେଇ ପିଲାବେଳ
ପ୍ରଜାପତି ଧରି ବୁଲନ୍ତି ବଗିଚାରେ,
ମନ କିନ୍ତୁ ଉଡ଼ିବୁଲନ୍ତା ନୀଳ ଆକାଶରେ !

ଏଇ ରିମ୍‌ଝିମ୍ ବର୍ଷାରେ,
ଓଦା ନ ହେବାର ଫତୱାରେ ବି
ବାପାଙ୍କ ହାତ ତିଆରି କାଗଜଡଙ୍ଗା
ଲଙ୍ଗର ପକାଇ ହାତ ଠାରି ଡାକନ୍ତା
ଗାଁ ଦାଣ୍ଡର ପାଣି ସୁଅରେ !

ସକାଳୁଆ ଚୁଡ଼ା ମୁଢ଼ି,
ଦି' ବେଳା ପାଠପଢ଼ା, ଗପଶୁଣା,
ସଂଧ୍ୟାର ଖେଳକୁଦ, ରବିବାର
ଚନ୍ଦ୍ରକାନ୍ତା,
ରେଡିଓରୁ କୋଠ ଭୋଗଖିଆ
ଶୁଣି ଶୁଣି ସମୟ ବିତିଯାଆନ୍ତା
ଖୁସି ମଉଜରେ !

ଆଉ ବେଳ କାହିଁ ଯେ,
ପରୀ କଥା ଶୁଣି ଶୁଣାଇବାକୁ,
ଘଣ୍ଟା କଣ୍ଟା ଘୂରୁଛି ତୀବ୍ର ବେଗରେ,
ଭଙ୍ଗା ଆଇନାଟା ଦେଖାଇଲା ବୟସ
ହାଉଲେ ହାଉଲେ ଦୁଇ ଦିନ ତଳେ !

ମୁହଁରେ ରଙ୍ଗ ମାଖୁଥିଲି,
ଦୁଇକେରା ଶୁଭ୍ର କେଶ ହସୁଥିଲା ;
ଗଣ୍ଡିହୀନ ବେଲାଳସେନର
ମୁଣ୍ଡ ଉପରେ !

ମୋ: ୮୨୪୯୧୨୧୦୬୦

### ସମ୍ପର୍କ

ଦୀପ୍ତି ମିଶ୍ର

ସମ୍ପର୍କ...
କେବେ ସ୍ୱପ୍ନାବିଷ୍ଟ ମଧୁର ରାତ୍ରିରେ
ଚନ୍ଦ୍ରମାର ଶୀତଳତାରେ ଭିଜା
ମୁଠାଏ ଅନୁରାଗର ବର୍ଷା,
କେବେ ପୁଣି ବିନିଦ୍ର
ରଜନୀରେ ଦୁଇ ନୀରବ
ହୃଦୟ ମଧ୍ୟରୁ ଝରି ଆସୁଥିବା
ମୁଗ୍ଧା ଶ୍ରାବଣୀର ଭାଷା...

ସମ୍ପର୍କ...
କେବେ ଭାବାବେଗର
ଶବ୍ଦାବଳୀରେ ଗୁନ୍ଥା
ଫୁଲାଏ ବଚୁରା ସ୍ନେହ,
କେବେ ପୁଣି ଆତ୍ମୀୟତାର
ନିଭୃତ କୋଣରୁ
ନିଗିଡ଼ି ପଡୁଥିବା ବୁନ୍ଦାଏ ଲୁହ...

ମୋ: ୯୪୩୮୪୦୪୩୦୮

### ମିଛେଇ ପ୍ରେମିକା

ନରେଶ ମଣ୍ଡଳ

ସାରା ଆକାଶରେ
ଲୋଟିଛି ଦେଖୁଛ
ମାୟା ମେଘର ଫର୍ଦ୍ଦ

କୁଆଁରୀ ବୋହୂଟା ତରତର ହୁଏ
ମାଡ଼ି ଆସିଲାଣି
ଛାୟା ଆଲୁଅରେ
ନମ୍ର ଗୋଧୂଳି ସଞ୍ଜ

ରାତିର ଗଭାରେ
ବାରି ହୋଇଯାଏ
ଉଛୁଳା ଆବେଗ ଗନ୍ଧ

ସବୁ ସ୍ମୃତି ତା'ର
ମାୟାରେ ବୁଡ଼ିଛି
ଖୋଜୁଛି ସେ ଏଠିସେଠି
ଉଚ୍ଛନ୍ନ ମୁକୁଳା ଛନ୍ଦ।

ମୋ: ୯୪୩୮୩୨୧୪୫୪

#### ଗୀତି-କବିତା

### ପେନ୍ଥାଏ ପ୍ରୀତିଫୁଲ

ସୁଜିତ୍ କୁମାର ମିଶ୍ର

ବାସହୀନ ଏଇ ପ୍ରେମିକ ଜୀବନ
ଗିରିଷମ ତାତି ପରି,
ପ୍ରୀତିଫୁଲେ ତମ ସଜାଇଲେ ମୋତେ
ହୁଅନ୍ତି ଶ୍ରାବଣପୁରୀ।

ତମେ ଶ୍ରାବଣରେ ଭିଜା ମନ ମୁଁ ଯେ
ଶିହରିତ ସ୍ୱପ୍ନ ଗୀତି,
ତମ ବିନା ସବୁ ମଧୁର ଆବେଗ
ମିଛିମିଛି ମେଘରାତି।

ଛାତି ତଳେ ତମ ଲୁଚିଛି ଯାହା ବି
ଖାଲି ମେଞ୍ଚା ମେଞ୍ଚା ଲୁହ,
ସେସବୁ ମୋ' ପାଇଁ ନିର୍ମମ ଯାତନା
କେବେ ପୁଣି ମିଠା ମୋହ।

ବାରମ୍ବାର ତମେ ହୁଅ ଯେବେ ଏଠି
ହୃଦେ ବିରହିଣୀ ରାଧା,
ମନ ଯମୁନା ମୋ' ମୌନଗୀତ ସୁରେ
ଉଚ୍ଛୁଳେ ଲଘି ସେ ବାଧା।

କଥାରେ ତମର ମିଠା କଳରବ
ମୋ' ପାଇଁ କାଉଁରୀ ପ୍ରୀତି,
ବୋଧେ ସେଥିପାଇଁ ଚାହୁଁ ଚାହୁଁ ମୁହିଁ
ଛୁଏଁ ତମ ଉପସ୍ଥିତି।

ନଦିଅ ପଛକେ ନୀଳ ଜହ୍ନରାତି
ଅବା ନୀଳ ଶାଢ଼ି ଭାବ,
କିନ୍ତୁ ତମ ଲୁହ ମୋ' ସାଥିରେ ଥିଲେ
ଲକ୍ଷେ ପଦ୍ମ ବଇଭବ।


ଜାଣତରେ ଅବା ଅଜାଣତେ ମୋର
ଏକ ହିଁ ଚାହାଣି ତମେ,
ସେଇଠୁ ଲମ୍ବିଛି ଆମ ଏ କାହାଣୀ
କୋହର କଦମ୍ବ ବନେ।

ମୋ: ୭୬୮୩୮୬୭୭୪୨

## ପୁସ୍ତକ ପରିଚୟ

### ବ୍ରହ୍ମାଙ୍କ ନିଦ୍ରାଭଙ୍ଗ

**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୫/-






ଆଲୋଚ୍ୟ ଗଳ୍ପ ସଂକଳନରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। 'ଉପକ୍ରମଣିକା'ରେ ଗାଳ୍ପିକ ଲେଖିଛନ୍ତି: "ଗୀତାନୁସାରେ ବ୍ରହ୍ମାଙ୍କ ଦିନ ଓ ରାତି ମିଶିଲେ ଗୋଟିଏ କଳ୍ପ ସୃଷ୍ଟି ହୁଏ। ବ୍ରହ୍ମାଙ୍କ ଦିନରେ ସୃଷ୍ଟିର ଉନ୍ମେଷ ଓ ଜୀବନ ସଞ୍ଚାର ହୁଏ। ରାତିରେ ଏହି ସୃଷ୍ଟିର ବିଲୟ ବା ବିନାଶ ଘଟିଥାଏ। × × ବ୍ରହ୍ମାଙ୍କ ଚେତନ ଅବସ୍ଥା × × ଦୃଶ୍ୟମାନ ଓ ଅଦୃଶ୍ୟ ବାସ୍ତବତାର ପ୍ରତିଫଳନ। ଏହା ମଣିଷର କ୍ଷଣଭଙ୍ଗୁର ସଂସାରର ଧନ ସମ୍ପତ୍ତି, କ୍ଷମତା ଓ ପଦପଦବୀ ମୋହରୁ ମୁକ୍ତ ହୋଇ ଏକ ଅନ୍ତହୀନ, ନିରନ୍ତର ଜୀବନର ସତ୍ୟ ଦିଗରେ ଅନୁଧାବନ କରାଏ।" ସୁତରାଂ ରମେଶଙ୍କ ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ଜୀବନର ଏହି ଅଳୀକତାକୁ ଦୃଷ୍ଟିରେ ରଖି ଜୀବନାନୁଭୂତିର ସ୍ୱରୂପ ପ୍ରଦର୍ଶିତ ହୋଇଛି। ବହିରେ ଥିବା 'ସ୍ମୃତିରେଖାର ପେଡ଼ି', 'ଉତ୍ତରାଧିକାରୀ', 'ପଶ୍ଚିମ ଦୁଆର', 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ', 'ସାଆନ୍ତାଣୀଙ୍କ ନିଜଲୋକ', 'ଫାଳେ ନଦୀ, ଫୁଳାଏ ମାଟି', 'ଢୋକେ ପିଇ, ଦଣ୍ଡେ ଜିଇଁ', 'ଶ୍ୟାମଳୀର ରାତି', 'ଲକ୍ଷ୍ମୀ-ବିଷ୍ଣୁ ସମ୍ବାଦ' ଓ 'ରେବତୀ ସହ କିଛି ବର୍ଷ' ଆଦି ଗଳ୍ପଗୁଡ଼ିକ ଆକାରରେ ମଧ୍ୟମ ଧରଣର, ଅଥଚ ଆବେଦନରେ ଅନ୍ତଃସ୍ପର୍ଶୀ। 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ' ପୁସ୍ତକର ଶୀର୍ଷକ ଗଳ୍ପଟି ବ୍ୟଙ୍ଗାତ୍ମକ, ଯହିଁରେ ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାକୁ ବିଦ୍ରୂପ କରାଯାଇଛି, ତାହା ପୁଣି ଅତି ସଫଳ ଢଙ୍ଗରେ। ଗଳ୍ପର ଆରମ୍ଭ ବାକ୍ୟ 'ସୂର୍ଯ୍ୟୋଦୟର ଦ୍ୱିତୀୟ ପ୍ରହରରେ ନିଦରୁ ଉଠିଲା ରାଜା' ଓ ଶେଷ ବାକ୍ୟ "ବ୍ରହ୍ମା ନିଦରୁ ଉଠିଲେ ଓ ଉଚ୍ଚାରଣ କଲେ: ଦା... ବତ୍ତା .... ଦୟାଧ୍ୱାମ୍, ଦମ୍ୟତା..."। ଏଇଥିରେ ଅଛି ଗଳ୍ପାଭିବ୍ୟକ୍ତିର ମଞ୍ଜି। ଆଶା ପୁସ୍ତକଟି ପାଠକ ମନ ଓ ଚେତନାକୁ ସାର୍ଥକ କରିବ।

### ଜହ୍ନରାତିର ଛାଇ

**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୫/-





'ଉତ୍ସର୍ଗ'ରେ କବି ତାଙ୍କ ସମଗ୍ର କବିତା (ଯାହା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ)ର ସାରମର୍ମକୁ ଉଜାଗର କରିଛନ୍ତି ଏହିପରି: "ଅନୁଭବ କରିଥିବା ଅନେକ ପ୍ରେମ, ଯାହା ତମାମ ଜୀବନ କାଳ ଭିତରେ ଅପ୍ରକାଶ ରହିଯାଏ ଓ ପାଇଥିବାର ହିସାବରେ ବି ଆସିପାରେ ନାହିଁ, ସେହିସବୁ ଅମୃତ ମୁହୂର୍ତ୍ତ ଓ ଅମର୍ତ୍ତ୍ୟ ପ୍ରେମିକାଙ୍କର ଚରଣ ବନ୍ଦନାରେ ମୋର ଏ ପ୍ରେମର କବିତା"। 'ମୁଖବନ୍ଧ'ରେ ପୁଣି କହନ୍ତି: "ଏଇ ସବୁ ପ୍ରେମ ବାରମ୍ବାର ଆସିଛନ୍ତି ମୋ' ଦୁଆରକୁ ଓ ଅନେକ ଅନେକ ଅପେକ୍ଷା ପରେ ପୁଣି ଫେରି ଯାଇଛନ୍ତି ସେମାନଙ୍କ ସଂସାରକୁ। ଭୁଲିନାହିଁ ସେମାନଙ୍କୁ ମୁଁ। ସେଦିନ ବି ଆଜି ବି।" ସୁତରାଂ କବି ଓ ପ୍ରେମ ମଧ୍ୟରେ ନିଭୃତ, ଏପରିକି କେବେ କେବେ ପ୍ରକାଶ୍ୟ ସାକ୍ଷାତ୍‌କାର ଗ୍ରନ୍ଥସ୍ଥ କବିତାଗୁଡ଼ିକର ଉପଜୀବ୍ୟ। ଏଥିରେ ଥିବା 'ବୈଶାଖର ଜହ୍ନରାତି', 'ଶରତର ଜହ୍ନରାତି', 'ବସନ୍ତର ଜହ୍ନରାତି' ଓ 'ଶ୍ରାବଣର ଜହ୍ନରାତି', 'ଅମିଠା ଚାହା', 'ଚତୁର୍ଦ୍ଦଶୀର ଜହ୍ନ', 'ପଚାଶ ଫଗୁଣର ପ୍ରେମିକା', 'ଆସୁନାହଁ ତୁମେ ଜମା କେତେଦିନ ଧରି', 'ଜଙ୍ଗଲରେ ପ୍ରେମ', 'ତାରାଭରା ଆକାଶ ତଳେ ମହୁଲ ଫୁଲର ଖୁସ୍‌ବୁ', 'ବିଗତ ପ୍ରିୟାର ଗାଁ', 'ପୁରୀ ବେଳାଭୂମି', 'ତୁମ ପାଦଚିହ୍ନ ଚିହ୍ନି ଚିହ୍ନି', 'ଧୂପ' ଓ 'ଆମ ଗାଁ ଜହ୍ନରାତି' ଭଳି କବିତା ଅନୁଭବର ଏକ ଏକ ପବିତ୍ର ଦଲିଲ। ଅନେକ କବିତାରେ କବି ଗୀତି-ମାଧୁର୍ଯ୍ୟର ଯେଉଁ ଆବହ ତୋଳିଛନ୍ତି, ତାହା ଚିର ଅଭୁଲା। ଯଥା: "ଦେଇଗଲ ସିନା ପ୍ରୀତିର ବାରତା/ ଆଜି ମୋର ଏହି ମରମେ/ ତା' ନୀଳ ଆଖିର/ ଦରିଆରେ ବୁଡ଼ି/ ମରେ ମୁହିଁ ଆଜି ସରମେ।" (ଶ୍ରାବଣ ଗୋ ତୁମେ ସାକ୍ଷୀ)। ପୁସ୍ତକଟି ପ୍ରେମ ପରି ଶାଶ୍ୱତ, ଜୀବନ ପରି ଅଛିଣ୍ଡା।

## କାଳକାଳକୁ

"ବହି କିଛି କହିବାକୁ ଚାହେଁ
ତୁମ ପାଖରେ ରହିବାକୁ ଚାହେଁ
ତୁମେ କ'ଣ ଶୁଣିବ ନାହିଁ ବହିର କଥା?"

-ସଫଦର ହାସମୀ



**ସଫଦର ହାସମୀଙ୍କ** ଜନ୍ମ ୧୨ ଏପ୍ରିଲ୍ ୧୯୫୪ରେ ନୂଆଦିଲ୍ଲୀରେ ଓ ମୃତ୍ୟୁ ୨ ଜାନୁଆରୀ ୧୯୮୯ରେ, ମାତ୍ର ୩୪ ବର୍ଷ ବୟସରେ। ଭାରତର ଏହି ବାମପନ୍ଥୀ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପଥପାର୍ଶ୍ୱ ନାଟକ ରଚନା ଓ ଅଭିନୟ ପାଇଁ ଦେଶର କୋଣ ଅନୁକୋଣରେ ବିଖ୍ୟାତ। ସେ ଏକାଧାରରେ ଲେଖକ, ଅଭିନେତା ଓ ନାଟ୍ୟତତ୍ତ୍ୱ ବିଶାରଦ। ଆଜି ବି ତାଙ୍କୁ ଭାରତୀୟ ରାଜନୈତିକ ନାଟ୍ୟଧାରାର ଜଣେ ପ୍ରମୁଖ ସ୍ୱର ଭାବେ ଗଣାଯାଏ। 'ଜନନାଟ୍ୟମଞ୍ଚ'ର ସେ ଥିଲେ ପ୍ରତିଷ୍ଠାତା ସଭ୍ୟ। ୧୯୮୯ରେ ଝଣ୍ଡାପୁରରେ 'ହଲ୍ଲାବୋଲ' ନାଟକର ପଥପ୍ରାନ୍ତ ପରିବେଷଣ କାଳରେ ତାଙ୍କୁ ହତ୍ୟା କରାଯାଏ।

## ଲଘୁ ଗଳ୍ପ

# ଅପରାହ୍ନର ଅବସୋସ

ରାଜେଶ କୁମାର ବାରିକ

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି ବି କଟିଯାଇଛି। ହାତରେ ହାତପଙ୍ଖାଟିଏ ଧରି ବାରିପଟକୁ ଅମ୍ବିକା ଦେବୀ ଟିକେ ଗଛମୂଳକୁ ଯିବା ସମୟରେ ପଛ ପାଖରୁ ଡାକ ଶୁଭିଲା- ମାଆ! ମାଆ! ଇନ୍‌ଭର୍ଟରଟା ଅନ୍ କରିଦେଇଛି। ଆସନ୍ତୁ ଘର ଭିତରକୁ, ଏସିଟା ବି ଚାଲୁ କରିଦେବି। ତୁମେ ବାରିପଟକୁ ଆସିଥିଲ ବୋଲି ଯଦି ସାନବାବୁ ଜାଣିବେ ମୋର ଚାକିରି ପୂରା ଖାଇଯିବେ।

ଏକଥା ସାନବାବୁ ଜାଣିବେ କିପରି, ସିଏ ତୋତେ କେତେବେଳେ କହିଲା ମୁଁ କାଇଁ ଜାଣିପାରିଲି ନାହିଁ!

ତାଙ୍କୁ କିଏ କହିବ ବା! ଏଇ ଘରର ଚାରି ପାଖରେ କେମେରା ସବୁ ଖଞ୍ଜି ଦେଇଛନ୍ତି। ସେ କ'ଣ କେମେରାରୁ ଦେଖିପାରୁ ନ ଥିବେ। ଗତକାଲି ଫୋନ୍‌ରେ ଭିଡିଓ କରି କଥା ହେଉଥିଲେ। ବୋହୂମା', କୁନିଛୁଆ ସମସ୍ତେ କଥା ହେଉଥିଲେ। ବୋହୂମା' ଆଉ ସାନବାବୁଙ୍କର ସବୁବେଳେ ଖାଲି ଗୋଟିଏ କଥା ମା'ବାପାଙ୍କର ଯେପରି କିଛି ଅସୁବିଧା ନ ହୁଏ, ସବୁବେଳେ ଧ୍ୟାନ ଦେବୁ। ନ ହେଲେ ଜାଣିଥିବୁ ଆଉ...!

ସେମାନେ କେବେ ଆସିବେ କିଛି କହୁଥିଲେ କି? ଉତ୍ତର ମିଳିଲା ନାହିଁ। ଅମ୍ବିକା ଦେବୀ ଆଉ କିଛି କହିବା ପୂର୍ବରୁ ଶୁଣିବା ପାଇଁ କେହି ନ ଥିଲେ। ମନ ଭିତରର ଅସୁମାରି ପ୍ରଶ୍ନ ସବୁ ମନ ଭିତରେ ଖାଲି ଦବି ହୋଇ ରହିଯାଉଥାଏ। ହେଲେ ନିରୁପାୟ ଅମ୍ବିକା ଦେବୀ। କିଛି ଗୋଟିଏ ଶବ୍ଦ ଶୁଣି ହଠାତ୍ ଚମକି ପଡ଼ିଲେ, ଟିଭିର ସୁଇଚ୍‌ଟା ବୋଧେ ବନ୍ଦ ହୋଇ ନ ଥିଲା। ତା' ସାଙ୍ଗକୁ ଏ ପକ୍ଷାଘାତୀ ବୁଢ଼ାଟା ବିଛଣା ଉପରୁ ଆରମ୍ଭ କରିଦେଲା।

କେହି ଟିଭିଟା ବନ୍ଦ କରରେ, ଯେତେବେଳେ ଦେଖିବ ଦିନରାତି ଚବିଶ ଘଣ୍ଟା ଖାଲି ରାଉରାଉ ହେଉଛି।



ତାକୁ ତ ଟିକେ ଫୁର୍‌ସତ୍ ଦିଅ। ହେଇଟି ତୁମକୁ ଶୁଭୁଚି ନା ନାହିଁ। ପ୍ରଥମେ ଟିଭିଟା ବନ୍ଦ କରି ପାଣି ଗିଲାସେ ଆଣିଲ।

ଜୀବନର ଅପରାହ୍ନରେ ଛିଡ଼ା ହୋଇଥିବା ଅମ୍ବିକା ଦେବୀ କିଛି ବି ଭାବି ପାରୁ ନ ଥିଲେ। ଏଇ ଟିଭି ତ ତାଙ୍କର ଏକମାତ୍ର ବଞ୍ଚିବାର ସାହାରା। ସେତକ ବି... ଛାଡ଼। ଚାଳଛପରରୁ ଶାନ୍ତି ମିଳିଲା ନାହିଁ ବୋଲି ଏସି ରୁମ୍ ତିଆରି କରାଗଲା। ଗାଁ ସ୍କୁଲରେ ଭଲ ପାଠ ପଢ଼ାଯାଉନାହିଁ ଭାବି ବିଦେଶୀ ସ୍କୁଲରେ ପାଠ ପଢ଼ାଗଲା। ଖାସ୍ ସେଇଥିପାଇଁ ତ ପୁଅ ବିଦେଶରେ ଥାଇ ମା'ବାପାଙ୍କର ଯତ୍ନ ନେଉଛି। ତା'ର କୁଆଡ଼େ ସମୟ ନାହିଁ!

ଅମ୍ବିକା ଦେବୀ ସ୍ୱାମୀଙ୍କ ହାତକୁ ପାଣିଗିଲାସ ବଢ଼ାଇ ଦେଇ କହିବାକୁ ଆରମ୍ଭ କରିଦେଲେ। ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ପଇସା ରୋଜଗାର କଲ। ଛୁଆଟାକୁ ସମୟ ଦେଇପାରିଲ ନାହିଁ। ଏବେ ଛୁଆଟା ଗୋଟାପଣେ ତୁମରି ଗୁଣକୁ ଦେହରେ ଉତାରି ପକାଇଛି।

ଏସବୁ ତ ଖାଲି ତା'ରି ପାଇଁ ସାଇତି ରଖିଛି, ହେଲେ ସେ ମାନୁଛି କୋଉଠି। ପାକଳ ପତରଟିଏ, ଆଉବା କେତେଦିନ ଗଛଡାଳରେ ଝୁଲି ରହିବୁ। ଖାଲି ଟିକେ ପବନ ଲୋଡ଼ା। ଏଇ ଦେଖିପାରୁଛ, ପଶ୍ଚିମ ଆକାଶର ସୂର୍ଯ୍ୟକୁ, ପୂର୍ବାହ୍ନର ତେଜ ଆଉ ତା' ଦେହରେ ନାହିଁ ଅପରାହ୍ନରେ। ସିଏ ତ ପୁଣି କାଲି ସକାଳକୁ ଆସିଯିବ। ହେଲେ ଆମେ...! ଏତେ ପଇସା ଏତେ ସମ୍ମାନ ପାଖରେ ରଖି କରିବୁ କ'ଣ, ଯଦି ମରିବାବେଳକୁ ପୁଅ-ବୋହୂ, ନାତି-ନାତୁଣୀ ପାଖରେ ନ ରହିଲେ!

ଅମ୍ବିକା ଦେବୀ ନିଜ ପଣତରେ ସ୍ୱାମୀଙ୍କ ଲୁହକୁ ପୋଛି ଦେଇ କହିବାକୁ ଲାଗିଲେ- ହଁ, ଜୀବନରେ ଖାଲି ଏତିକି ତ ଅବସୋସ। ସେ କେବେ ପୂରା ହେବ ନାହିଁ।

ମୋ: ୯୯୯୮୬୨୨୩୩୬

# ଲକ୍ଷ୍ନୌର ଦ୍ୱିତୀୟ ବିଜୟ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଲକ୍ଷ୍ନୌ,୪।୪**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୧୨ ରନରେ ମୁମ୍ବାଇ ଇଣ୍ଡିଆ (ଏମ୍‌ଆଇ)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ଚତୁର୍ଥ ମ୍ୟାଚରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା ଚତୁର୍ଥ ମ୍ୟାଚରେ ତୃତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ମାର୍ଶ ୩୧ ବଲରେ ୬୦ (୯ ଚୌକା ଓ ୨ ଛକା), ଏଡେନ ମାର୍କରାମ ୩୮ ବଲରେ ୫୩ (୨ ଚୌକା ଓ ୪ ଛକା), ଆୟୁଷ ବଦୋନୀ ୧୯ ବଲରେ ୩୦ (୪ ଚୌକା) ଓ ଡେଭିଡ ମିଲର ୧୩ ବଲରେ ୨୭ (୩ ଚୌକା ଓ ୧ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ ପୁଥୁର ଓ ଅଶ୍ୱନୀ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ଖୁବ ଶସ୍ତାରେ ଦୁଇ ଓପନରଙ୍କୁ ହରାଇଥିଲା। ନମନ ଧିର ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ନମନ ୨୪ ବଲରେ ୪୬ (୪ ଚୌକା ଓ ୩ ଛକା) ରନ କରି ଆଉଟ ହୋଇଥିଲେ। ଏହାପରେ ତିଲକ ବର୍ମାଙ୍କ ସହ ମିଶି ସୂର୍ଯ୍ୟକୁମାର ଦଳୀୟ ସ୍କୋରରେ ପଞ୍ଚମ ଉଇକେଟ ପାଇଁ ୬୬ ରନ ଯୋଡ଼ିଥିଲେ। ସୂର୍ଯ୍ୟକୁମାର ୪୩ ବଲରେ ୯ ଚୌକା ଓ ୧ ଛକା ସହିତ ୬୭ ରନ କରି ଆଉଟ ହୋଇଥିବା ବେଳେ ତିଲକ ବର୍ମା ୨୩ ବଲରେ ୨୫ ରନ କରି ରିଟାୟର୍ଡ ଆଉଟ ହୋଇଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ୧୬ ବଲରେ ୨ ଚୌକା ଓ ୧ ଛକା ସହିତ ୨୮ ରନ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗଭେଶ ସିଂ ରାଠୀ, ଆଭେଶ ଖାନ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୩/୮ (ମିଚେଲ ମାର୍ଶ-୬୦, ଏଡେନ ମାର୍କରାମ-୫୩, ଆୟୁଷ ବଦୋନୀ-୩୦, ହାର୍ଦ୍ଦିକ ପାଣ୍ଡ୍ୟା-୫/୩୬, ଟ୍ରେଣ୍ଟ ବୋଲ୍ଟ-୧/୨୮, ବିଘ୍ନେଶ ପୁଥୁର-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୧/୫ (ସୂର୍ଯ୍ୟକୁମାର ଯାଦବ-୬୭, ନମନ ଧିର-୪୬, ହାର୍ଦ୍ଦିକ ପାଣ୍ଡ୍ୟା-୨୮, ଦିଗଭେଶ ସିଂ ରାଠୀ-୧/୨୧, ଆଭେଶ ଖାନ-୧/୪୦, ଶାର୍ଦ୍ଦୂଳ ଠାକୁର-୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ରାଜସ୍ଥାନ**

ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |



ପୁରୀରେ ଅନୁଷ୍ଠିତ ଜାତୀୟ ଖୋ ଖୋ ଚାମ୍ପିୟନସିପ୍‌ରେ ପୁରୁଷ ବିଭାଗ ଚାମ୍ପିୟନ ରେଲ୍‌ୱେ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ବିହାରରେ ଇସ୍ପୋର୍ଟ୍ସର ପଦାର୍ପଣ

**ନୂଆଦିଲ୍ଲୀ,୪।୪(ଏପି):** ଆସନ୍ତା ମେ' ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ବିହାରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ (କେଆଇୱାଇଜି)ରେ ଇସ୍ପୋର୍ଟ୍ସ ପଦାର୍ପଣ କରିବ। ତେବେ ଏହା ପ୍ରଦର୍ଶନୀ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ଖେଲୋ ଇଣ୍ଡିଆର ସପ୍ତମ ସଂସ୍କରଣ କେଆଇୱାଇଜି ୨୦୨୫ ବିହାରର ୫ଟି ସହର ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଶୁଟିଂ, ଜିମ୍ନାଷ୍ଟିକ୍ସ ଓ ସାଇକ୍ଲିଂର ଟ୍ରାକ ଇଭେଣ୍ଟ ହେବ। 'ବିହାରର ୫ଟି ସହରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ରେ ଇସ୍ପୋର୍ଟ୍ସ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ପଦାର୍ପଣ କରିବ। ଏହି ପ୍ରତିଯୋଗିତାରେ ୨୭ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଗୋଟିଏ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ଇସ୍ପୋର୍ଟ୍ସ ସାମିଲ ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାକର୍ତ୍ତା ଓ ପାଲେମ୍ବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଇସ୍ପୋର୍ଟ୍ସକୁ ଏକ ପ୍ରଦର୍ଶନୀ କ୍ରୀଡ଼ା ଭାବେ ସାମିଲ କରାଯାଇଥିଲା। ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଏକ ପଦକ ଇଭେଣ୍ଟ ଭାବେ ପଦାର୍ପଣ କରିଥିଲା।

## ହିତେଶ ଟାଇଟଲ ରାଉଣ୍ଡରେ

**ନୂଆଦିଲ୍ଲୀ, ୪।୪(ପି.ଟି.)**

ଜାତୀୟ ଚାମ୍ପିୟନ ହିତେଶ ଚଳିତ ବିଶ୍ୱ ବକ୍ସିଂ କପ୍ ବ୍ରାଜିଲ-୨୦୨୫ ଫାଇନାଲରେ ପ୍ରବେଶ କରିଛନ୍ତି। ୭୦ କେଜି ଶ୍ରେଣୀ ସେମିଫାଇନାଲ ବାଉଟ୍‌ରେ ସେ ଫ୍ରାନ୍ସର ମାକନ ଟ୍ରେଓରଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଭାରତୀୟ ବକ୍ସର ଆରମ୍ଭରୁ ଅଲିମ୍ପିଆନ୍ ଟ୍ରେଓରଙ୍କ ବିପକ୍ଷରେ ସତର୍କତା ରଣନୀତି ଅବଲମ୍ବନ କରିଥିଲେ। ପ୍ରତିଆକ୍ରମଣ ପାଇଁ ସେ ସୁଯୋଗ ଅପେକ୍ଷାରେ ରହୁଥିଲେ। ଟାଇଟଲ ମୁକାବିଲାରେ ସେ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଯଦୁମଣି ସିଂ ମାନ୍‌ଦେଙ୍ଗବାମ୍ ୨୨ ବର୍ଷରୁ କମ୍ ପୂର୍ବତନ ଏସିଆନ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଏସିଲ୍‌ବେକ୍ ଜଲିଲୋଭଙ୍କୁ ଭେଟିଥିଲେ। ୫୦ କେଜି ଶ୍ରେଣୀର ଏହି ବାଉଟ୍‌ରେ ସେ ୨-୩(ବିଭାଜିତ ରାୟ)ରେ ପରାଜିତ ହୋଇଥିଲେ।

## ଜୟସ୍ୱାଲଙ୍କୁ ରାହାନେ ଦଣ୍ଡିତ କରିବା ଭିଡିଓ ଭାଇରାଲ

**ନୂଆଦିଲ୍ଲୀ,୪।୪**

ସାଉଥ ଜୋନ ବିପକ୍ଷ ୨୦୨୨ ଦୁଲୀପ ଟ୍ରଫି ଫାଇନାଲରେ ଶୃଙ୍ଖଳାଗତ କାରଣରୁ ଯଶସ୍ୱୀ ଜୟସ୍ୱାଲଙ୍କୁ ୱେଷ୍ଟ ଜୋନ ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ ଦଣ୍ଡିତ କରିଥିଲେ। ମୁମ୍ବାଇ ଛାଡ଼ି ଆଗାମୀ ଘରୋଇ ସିଜନରେ ଗୋଆ ପାଇଁ ଖେଳିବାକୁ ନିଷ୍ପତ୍ତି ନେବା ପରେ ଉକ୍ତ ଘଟଣାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ୱେଷ୍ଟ ଜୋନ ପାଇଁ ରାହାନେଙ୍କ ନେତୃତ୍ୱରେ ଖେଳୁଥିବା ବେଳେ ଜୟସ୍ୱାଲ ପ୍ରତିପକ୍ଷ ସାଉଥ ଜୋନ ଦଳର ବ୍ୟାଟର ନିର୍ଦ୍ଦିଷ୍ଟ ଭାବେ ଟି ରବି ତେଜାଙ୍କୁ ଆଗ୍ରେସିଭ ସ୍ଲେଜିଂ କରିଥିଲେ। ଏଥିଯୋଗୁ ଅନ୍ତିମ ଇନିଂସର ୫୦ତମ ଓଭରରେ ଜୟସ୍ୱାଲ ଓ ତେଜାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବାଧ ହୋଇ ଫିଲ୍ଡିଂ ଦଳର ଅଧିନାୟକ ରାହାନେ ଓ ଫିଲ୍ଡ ଅମ୍ପାୟରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ରାହାନେ ୨୦ ବର୍ଷୀୟ ଜୟସ୍ୱାଲଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ଜୟସ୍ୱାଲ ସ୍ଲେଜିଂ ଜାରି ରଖିଥିଲେ। ଫଳରେ ରାହାନେ ବାଧ ହୋଇ ଜୟସ୍ୱାଲଙ୍କୁ ଗ୍ରାଉଣ୍ଡରୁ ବାହାରକୁ ପଠାଇ ଦେଇଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ